ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୩୦/୨୦୨୩ (୨୦ ପୃଷ୍ଠା) | Bhubaneswar, Thursday, November 30/2023 | Page 20 | ₹ 7.00
୫୦ଶ ଭାଗ ୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 7 | ମୂଲ୍ୟ₹୭/-



# ହଜିଯାଇଛି ପତରସୌରାଙ୍କ ଧୁଡୁକି ସ୍ୱର

ଆଦିବାସୀଙ୍କ କଳା ଓ ସଂସ୍କୃତିର ସମ୍ଭାର ହେଉଛି ଅବିଭକ୍ତ କୋରାପୁଟ ଜିଲା । ଏଠାରେ ଅନେକ ପ୍ରଜାତିର ଆଦିବାସୀ ବସବାସ କରନ୍ତି। ତେବେ ପ୍ରତ୍ୟେକ ଆଦିବାସୀଙ୍କ ସଂସ୍କୃତି ଓ ପରମ୍ପରା ନିଆରା । ପରିବର୍ତ୍ତିତ ପରିସ୍ଥିତିରେ ପ୍ରୋତ୍ସାହନ ଅଭାବରୁ ଅନେକ ଆଦିବାସୀ ସଂସ୍କୃତି ଓ ପରମ୍ପରା ଏବେ ବିଲୁପ୍ତ ହୋଇଗଲାଣି। ଏପରି ସ୍ଥିତିରେ ପହଞ୍ଚିଥିବା ଏକ ଆଦିବାସୀ ସଂସ୍କୃତି ଓ ପରମ୍ପରା ହେଉଛି ପତରସୌରାଙ୍କ ଧୁଡୁକି ନୃତ୍ୟ କଳା ।

ବୈପାରିଗୁଡ଼ା ବ୍ଲକ ଅନ୍ତର୍ଗତ ଦଶମନ୍ତପୁର ପଞ୍ଚାୟତର ପାହାଡ଼ ତଳି ଏକ ଗ୍ରାମ ହେଉଛି ପାଲ୍ଲିଗୁଡା । ଏଠାରେ ପତରସୌରା ଆଦିବାସୀ ଗୋଷ୍ଠୀର ପ୍ରାୟ ୧୫ ପରିବାର ରହନ୍ତି। ଏମାନଙ୍କ ସଂଖ୍ୟା ଅତି ବିରଳ । କୋରାପୁଟ ଜିଲାର ଅନ୍ୟ କେଉଁ ଅଞ୍ଚଳରେ ଏମାନେ ଦେଖାଯାଉ ନ ଥିବାବେଳେ ନବରଙ୍ଗପୁର ଜିଲାର ଖୁଣ୍ଟିଆ ଗ୍ରାମରେ ଅଳ୍ପସଂଖ୍ୟକ ଏହି ପରିବାର ରହୁଥିବା ଗ୍ରାମର ରାମଚନ୍ଦ୍ର ପତରସୌରା କହନ୍ତି। ଏମାନଙ୍କ ପାରମ୍ପରିକ କଳା ହେଉଛି ଧୁଡୁକି ନୃତ୍ୟ । ଧୁଡୁକି ଏକ ପାରମ୍ପରିକ ବାଦ୍ୟ ଯନ୍ତ୍ର। କିଆ କାଠର ଖୋଳ, ଛେଳି ଅଥବା ଗୋଧି ଛାଲ ଓ ସରୁ ତାରରେ ନିର୍ମିତ ହୋଇଥାଏ ଧୁଡୁକି ବାଦ୍ୟଯନ୍ତ୍ର। ପୁରୁଷମାନେ ଧୁଡୁକି ବଜାଉଥିବାବେଳେ ମହିଳାମାନେ ବିଭିନ୍ନ ପୌରାଣିକ ବିଷୟବସ୍ତୁକୁ ସୁଲଳିତ କଣ୍ଠରେ ଗାଇ ନୃତ୍ୟ ପରିବେଷଣ କରନ୍ତି। ଏହି କଳାକୁ ନେଇ ଜୟପୁର ରାଜ ପରିବାର ସହ ଥିଲା ପତରସୋରାଙ୍କ ଘନିଷ୍ଠ ସମ୍ପର୍କ। ରାଜାଙ୍କ ଦ୍ୱାରା ସେମାନଙ୍କ କଳାକୁ ମାନ୍ୟତା ମିଳିଥିଲା। ରଥଯାତ୍ରା, ଦଶହରା, ଚନ୍ଦନଯାତ୍ରା ସମୟରେ ରାଜାଙ୍କ ପକ୍ଷରୁ ସେମାନଙ୍କୁ ଡକାଯାଉଥିଲା। ଦଶହରା ଅବା ରଥଯାତ୍ରାରେ ନିମନ୍ତ୍ରିତ ଏହି ପତରସୌରାମାନେ ଆରମ୍ଭରୁ ଶେଷ ଯାଏ ଧୁଡୁକି ବଜାଇ ନୃତ୍ୟ ପରିବେଷଣ କରୁଥିଲେ। ରାଜା ସେମାନଙ୍କୁ ଯାହା ଦାନ ଦେଉଥିଲେ ସେଥିରେ ସେମାନେ ବର୍ଷଯାକ ଚଳିଯାଉଥିଲେ। ବର୍ତ୍ତମାନ ଜୟପୁରରେ ଯେଉଁଠି ବାଙ୍କମଠ ରହିଛି ସେହି ଜାଗାକୁ ମଧ୍ୟ ରାଜା ପତରସୌରାଙ୍କୁ ଦାନରେ ଦେଇଥିଲେ। ସେଠାରେ ସେମାନେ ଘର କରି ବସବାସ କରୁଥିଲେ। ରାଜାଙ୍କ ଶାସନ ଚାଲିଯିବା ପରେ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଦେବଦେବୀ ମନ୍ଦିର ଦେବୋତ୍ତର ବିଭାଗକୁ ଚାଲିଗଲା। ଦେବୋତ୍ତର ବିଭାଗ ପତରସୌରାଙ୍କୁ ଆଉ ଗୁରୁତ୍ୱ ନ ଦେବାରୁ ସେମାନେ ଜୟପୁର ଛାଡି ପାଲ୍ଲିଗୁଡା ଗ୍ରାମକୁ ଚାଲି ଯାଇଥିଲେ। ପାଲ୍ଲିଗୁଡାରେ ସେମାନେ ଗ୍ରାମକୁ ଗ୍ରାମ ବୁଲି ଧୁଡୁକି ବଜାଇ କଳା ପ୍ରଦର୍ଶନ କରି ଚଳୁଥିଲେ। ଏ ସମ୍ପର୍କରେ ଅନ୍ତିମ ପିଢ଼ିର କଳାକାର ଦୁଇ ଯମଜ ଭାଇ ଲବ ଓ କୁଶ କହନ୍ତି, ପରମ୍ପରା ଅନୁସାରେ ରଥଯାତ୍ରା ଓ ଦଶହରା ସମୟରେ ଦେବୋତ୍ତର ବିଭାଗ ପକ୍ଷରୁ ସେମାନଙ୍କୁ ନିମନ୍ତ୍ରଣ କରାଯାଉଥିଲା। ସେ ସମୟରେ ସେମାନେ ସେମାନଙ୍କ ବାପା ଓ ଜେଜେବାପାଙ୍କ ସହ ସେଠାକୁ ଯାଉଥିଲେ। ଫେରିବା ବେଳେ ସେମାନଙ୍କୁ ୧ କୁଇଣ୍ଟାଲ ଚାଉଳ, ଗୋଟିଏ ଛେଳି ଓ କିଛି ଅର୍ଥ ମିଳୁଥିଲା। ପରେ ଦେବୋତ୍ତର ବିଭାଗ ସେମାନଙ୍କୁ ହତାଦର କଲା। ପ୍ରାପ୍ୟ ତ ଦୂର କଥା, ସେମାନଙ୍କୁ ଆଉ ଦଶହରା ଓ ରଥଯାତ୍ରାକୁ ନିମନ୍ତ୍ରଣ ମଧ୍ୟ କରାଗଲା ନାହିଁ। ଅନେକ ସଂଘର୍ଷ କରି ମଧ୍ୟ ଉକ୍ତ କଳାକୁ ସେମାନେ ବଞ୍ଚାଇପାରିଲେ ନାହିଁ। ଫଳରେ ୧୫ ବର୍ଷ ତଳୁ ଧୁଡୁକି କଳା ସବୁଦିନ ପାଇଁ ମରିଗଲା ବୋଲି କହନ୍ତି ଲବ କୁଶ। ଏବେ ବୟସ ଅପରାହ୍ନରେ ଏହି ଦୁଇଭାଇ ଗୁପ୍ତେଶ୍ୱର ପୀଠରେ ବସି ଭିକ୍ଷା ମାଗି ଚଳୁଛନ୍ତି।

ରିପୋର୍ଟ–କଳ୍ପତରୁ ମହାନ୍ତି, ବୈପାରିଗୁଡ଼ା



ବହୁ ଦିନ ତଳୁ ଅବ୍ୟବହୃତ ହୋଇ ପଡ଼ି ରହିଥିବା ଧୁଡୁକି ବାଦ୍ୟକୁ ପ୍ରଦର୍ଶନ କରୁଛନ୍ତି ୨ ଯମଜ ଭାଇ ଲବ ଓ କୁଶ ।

ଅଭିନନ୍ଦନ
ଧରିତ୍ରୀ ସୁବର୍ଣ୍ଣ ଜୟନ୍ତୀ ଅବସରରେ ଚିଦାନନ୍ଦ ଯୋଗ ସଂସ୍କୃତ ସଂସ୍ଥାନର ଏମ୍.ଏ.ଇନ୍ ଯୋଗ ତରଫରୁ ଯାଜପୁର ଜିଲ୍ଲାର ଭଉଣୀଭାଇମାନଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ତତ୍ ସହିତ ନିଜକୁ ନିରୋଗ ଓ ସୁସ୍ଥ ରଖିବା ପାଇଁ ଯୋଗ ସଂସ୍ଥାନରେ ତା.୩୦.୧୧.୨୦୨୩ ସୁଦ୍ଧା ନାମ ଲେଖାଇବାର ସୁଯୋଗ ନେବାକୁ ଅନୁରୋଧ ।
ବନମାଳୀ ରଥ (ଲୌହ ମାନବ,ଓଡ଼ିଶା)
ଅଧ୍ୟକ୍ଷ, ଚିଦାନନ୍ଦ ଯୋଗ ସଂସ୍କୃତି ସଂସ୍ଥାନ
ଗରୁଆଳ,ମଧୁବନ,ରସୁଲପୁର ବ୍ଲକ, ଜିଲ୍ଲା–ଯାଜପୁର

ଅଭିନନ୍ଦନ
ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଅବସରରେ ଅନୁଷ୍ଠାନର ମଙ୍ଗଳ କାମନା କରିବା ସହ ୩୫ ନଂ ମଣ୍ଡଳସ୍ତରରେ ଭାଜପା ଦଳର ସଂଗଠନକୁ ମଜଭୁତ୍ କରିବା ପାଇଁ ତୃଣମୂଳ ସ୍ତରରୁ ପ୍ରୟାସ ଜାରି ରଖିଛି। ଏ ଦିଗରେ ଦଳୀୟ ନେତୃତ୍ୱର ସାହାଯ୍ୟ ଓ ସହଯୋଗ ମୋତେ ସାଂଗଠନିକ କାର୍ଯ୍ୟକୁ ଆଗେଇ ନେବାରେ ପ୍ରେରଣା ଯୋଗାଉଛି।
ଲକ୍ଷ୍ମୀଧର ପତି
ସଭାପତି ୩୫ ନଂ ମଣ୍ଡଳ
ରସୁଲପୁର ବ୍ଲକ, ଜିଲା–ଯାଜପୁର

ORISSA MACHINERY
(General Merchant & Govt. Order Supplier)
Mob. :- 9937316592, 9437167254
Sahoo Market, Kuakhia, Jajpur, Pin - 755009
-: Auth. Dealer :-
Kirloskar Brothers Ltd. & Lubi Company
-: Specialist in :-
All Model of Generator
-: Deals in :-
Kirloskar Silent D.G., Crompton Greaves Genrator, Diesel Engine Pumpset, R.C.M. Rice Huller Spare Parts, Vbelt, SKF Bearing, Solar Systems.
We Supplies of RWSS, OLIC & AGRO

ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅବସରରେ ବୁଣାକାରଜାତି ଓ ଧରିତ୍ରୀ ପରିବାରର ମଙ୍ଗଳ କାମନା କରୁଛୁ। ମହିଳାମାନଙ୍କୁ ଆଗକୁ ବଢ଼ିବାରେ ବୁଣାକାର ତନ୍ତଶାଳା ସହାୟକ ହେଉଛି। ପରିବାରର ଆର୍ଥିକ ସ୍ଥିତି ଓ ଭିତ୍ତିଭୂମିକୁ ସଜାଡ଼ିବାରେ ପ୍ରେରଣା ଯୋଗାଉଛି। ବୁଣାକାର ବୃତ୍ତି ନାନା ସମସ୍ୟା ଦେଇ ଗତି କରୁଛି। ସେ ଦିଗରେ ଉନ୍ନତି ଆଣିବାରେ ସରକାର ସହାୟକ ହେବାକୁ ନିବେଦନ କରୁଛୁ।
ମା’ ମଙ୍ଗଳା ମହିଳା ତନ୍ତୁବାୟ ସହଯୋଗ ସମିତି ଲିଃ
ଚକଗୋପାଳପୁର, ଗୋପାଳପୁର, ଯାଜପୁର
ଚାରିଆ ଦାସ – ସଭାନେତ୍ରୀ
ନିରୁପମା ଦାସ – ସମ୍ପାଦିକା

ଓଁ ନମୋ ଭଗବତେ ବାସୁଦେବାୟ
ଓଁ ଶ୍ରୀ ଶ୍ରୀ ଜଗନ୍ନାଥାୟ ନମଃ
ଓଁ ନମୋ ଭଗବତେ ବାସୁଦେବାୟ ଶ୍ରୀ ଜଗନ୍ନାଥ ସଂସ୍କୃତି ପରିଷଦ
ମହତାବନଗର, ଯାଜପୁର ରୋଡ଼
ଚତୁର୍ଥ ବାର୍ଷିକ ଭାଗବତ ସପ୍ତାହ
ତା. ୨୧.୧୧.୨୦୨୩ ରିଖ ଠାରୁ ତା. ୨୭. ୧୧.୨୦୨୩ ରିଖ ପର୍ଯ୍ୟନ୍ତ

ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।
ଶ୍ରୀମତୀ ଭାରତୀ ବିଶ୍ୱାଳ
୩୬ନଂ ଜୋନ୍ ଜିଲାପରିଷଦ ସଭ୍ୟା
ଯାଜପୁର

ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅବସରରେ ବୁଣାକାର ଜାତିର ମଙ୍ଗଳ କାମନା କରିବା ସଙ୍ଗେ ସଙ୍ଗେ ଗୋପାଳପୁର ଗାଁ ବୁଣାକାରମାନଙ୍କର ହାତ ତିଆରି ବସ୍ତ୍ର ସମଗ୍ର ବିଶ୍ୱରେ ଆଦୃତ ହୋଇପାରିଛି। ଗ୍ରାହକ, ବ୍ୟବସାୟୀ, ସମିତିମାନଙ୍କର ବିଶ୍ୱାସକୁ ଅତୁଟ ରଖିବା ଦିଗରେ ସମିତି ତା’ର ପ୍ରୟାସ ଜାରି ରଖିଛି। ଆପଣମାନଙ୍କର ସହଯୋଗ ଆମ୍ଭମାନଙ୍କୁ ଆଗକୁ ବଢ଼ିବାରେ ସହାୟକ ହେଉଛି।
ମହାବୀର ତନ୍ତୁବାୟ ସହଯୋଗ ସମିତି ଲିଃ
ମଝିସାହି, ଗୋପାଳପୁର, ଯାଜପୁର
ପୁରୁଷୋତ୍ତମ ଦାସ – ସଭାପତି
କୃଷ୍ଣଚନ୍ଦ୍ର ଦାସ – ସମ୍ପାଦକ

With Best Compliments From:
BATHROOM RENOVATION
hindware italian collection
ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅବସରରେ
Valid Till 30th Nov
OUR SERVICES
PRE & POST INSTALLATION SERVICE
WARRANTY FOR 10YRS*
ON NEW AND RENOVATION BATHROOM
Only From Hindware Authorised Dealers
ezycolour Home Solutions
asianpaints
waterproofing sollution
Professional Painters
Free site quotation by professional
SPECIAL DISCOUNT
M/s. SAHOO PAINTS & HARDWARE
SOUBHAGYA MARKET COMPLEX, MADHUBAN ROAD, KUAKHIA, JAJPUR, ODISHA -755009
Contact-9437168704 / 8908991009

ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅବସରରେ ଯାଜପୁର ଜିଲାର ଜନସାଧାରଣଙ୍କ ସୁଖ, ଶାନ୍ତି, ସମୃଦ୍ଧି, ପ୍ରଗତି କାମନା କରୁଅଛି। କଂଗ୍ରେସ ଦଳକୁ ତୃଣମୂଳସ୍ତରରୁ ସଂଗଠନକୁ ମଜଭୁତ କରିବା ପାଇଁ ପ୍ରୟାସ ଜାରି ରଖିଛି। ଦଳର ନୀତି ଆଦର୍ଶକୁ ଘରେ ଘରେ ପହଞ୍ଚାଇବା ପାଇଁ ମହିଳାମାନେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ନିବେଦନ କରୁଅଛି।
ଶ୍ରୀମତୀ ଆରତୀ ଦେଓ
ସଭାନେତ୍ରୀ, ଯାଜପୁର ଜିଲ୍ଲା ମହିଳା କଂଗ୍ରେସ

ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଧରିତ୍ରୀ ପରିବାରର ଉନ୍ନତି ଓ ପ୍ରଗତି କାମନା କରୁଛି। ବୁଣାକାର କୌଳିକ ବୃତ୍ତିକୁ ବଞ୍ଚାଇ ରଖିବା ଦିଗରେ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଛି। ସେମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ପାଇଁ ବୁଣାବୁଣି ଏକ ବଳିଷ୍ଠ ମାଧ୍ୟମ। ଆପଣମାନଙ୍କର ପ୍ରଶଂସା ଓ ପ୍ରୋତ୍ସାହନକୁ ପାଥେୟ କରି ଆମ୍ଭେ ଆଗକୁ ବଢୁଛୁ।
ପଦ୍ମାଳୟା ମହିଳା ତନ୍ତୁବାୟ ସହଯୋଗ ସମିତି ଲିଃ
ଚକଗୋପାଳପୁର, ଗୋପାଳପୁର, ଯାଜପୁର
ମମତା ଦାସ – ସଭାପତି
ପ୍ରାଣକୃଷ୍ଣ ଦତ୍ତ – ସମ୍ପାଦକ

କଲେଜ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନସେସ୍, ପୁରୀ ପରିବାର୍ ତରଫରୁ ଧରିତ୍ରୀ ର୍ ୫୦ତମ ସନକ୍ଷତ୍ର ଉତ୍ସବ ଅବସରରେ ପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥ ଙ୍କ ନିକଟରେ ଧରିତ୍ରୀ ର୍ ଉତ୍ତରୋତ୍ତର୍ ମଙ୍ଗଳ କାମନା କରୁଅଛୁ ।
With Best Compliments from :
College of Pharmaceutical Sciences, Puri
Puri-Konark Marine Drive Road, Baliguali, Puri-752004

ଶ୍ରୀବିଷ୍ଣୁ ତନ୍ତୁବାୟ ସହଯୋଗ ସମିତି ଲିଃ
ମଝିସାହି, ଗୋପାଳପୁର, ଯାଜପୁର
ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅବସରରେ ଗୋପାଳପୁରର ବୁଣାକାରମାନଙ୍କ ଉନ୍ନତି, ପ୍ରଗତି, ସମୃଦ୍ଧି କାମନା କରୁଅଛୁ। ବୁଣାକାରମାନଙ୍କକେକର କୌଳିକ ବୃତ୍ତିକୁ ବଞ୍ଚାଇ ରଖିବାରେ ଆପଣମାନଙ୍କର ସାହାଯ୍ୟ, ସହଯୋଗ ନିରନ୍ତର ଜାରି ରହୁ। ପ୍ରଭୁ ଶ୍ରୀଜଗନ୍ନାଥ ବୁଣାକାର ଜାତିର ମଙ୍ଗଳ କରନ୍ତୁ।
ମାନସ ରଞ୍ଜନ ଦାସ – ସମ୍ପାଦକ
ରମେଶ ଦାସ – ସଭାପତି

HONDA
Shine ର ସେହି ବିଶ୍ୱାସ ଏବେ 100cc ରେ
100 ରେ 100
₹66900/-
BOOK ONLINE NOW! CLICK BOOK RELAX
Authorised Main Dealer : Basanti Honda
AMD CHANDIKHOLE MOB - 9853086011, 13 | A.D BALICHANDRAPUR MOB- 7978417159 | ASC JARAKA MOB - 9583086016 | ASC CHHATIA MOB - 9937060963 | ASC RATNAGAIRI MOB - 9348230225 | ASC KANTAPADA MOB - 7978491997
ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅବସରରେ ଅଥରାଇଜ୍ଡ ମେନ୍ ଡିଲର ବାସନ୍ତି ହୋଣ୍ଡା ତରଫରୁ ସମସ୍ତ ବ୍ୟବସାୟୀ ଓ ଗ୍ରାହକ ବନ୍ଧୁମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରୁଅଛୁ।

ଧରିତ୍ରୀ 50 Years

# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୩୦/୨୦୨୩ Bhubaneswar, Thursday, November 30/2023




## ରାଜ୍ୟରେ କଳା କଲରାପତରିଆ ଠାବ

ଭୁବନେଶ୍ୱର, ୨୯।୧୧(ଅସମାପିକା ସାହୁ)

ରାଜ୍ୟରେ ପୁଣିଥରେ ଦେଖାଯାଇଛି କଳାବାଘ। ରାଜ୍ୟରେ ବାଘ ଗଣନା ଚାଲିଥିବାବେଳେ ଏହି ବାଘର ଫଟୋ କ୍ୟାମେରା ଟ୍ରାପ୍‌ରେ ଠାବ ହୋଇଥିବା ଜଣାପଡ଼ିଛି। ଏ ନେଇ ବୁଧବାର ପିସିସିଏଫ୍(ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ ଟୁଇଟ୍ କରି ସୂଚନା ଦେଇଛନ୍ତି। ଫଟୋରୁ ଏହା ଏକ କଳା ରଙ୍ଗର କଲରାପତରିଆ ବାଘ ବୋଲି ଜଣାପଡୁଛି। ତେବେ ଏହା କେନ୍ଦ୍ରୀୟ ଓଡ଼ିଶାର ଏକ ନିର୍ଦ୍ଦିଷ୍ଟ ଜଙ୍ଗଲରେ ଦେଖାଯାଇଥିବା ସୂଚନା ମିଳିଛି। ତେବେ କେଉଁ ଜଙ୍ଗଲରେ ଏହି ବିରଳ ବାଘ ରହିଥିବା ନେଇ ସ୍ପଷ୍ଟ ସୂଚନା ଦିଆଯାଇ ନ ଥିଲେ ମଧ୍ୟ ଏହା ସାତକୋଶିଆରେ ବୋଲି ଅନୁମାନ କରାଯାଉଛି। ଅନ୍ୟପଟେ ଏହି ଖବରକୁ ନେଇ ଚିନ୍ତାପ୍ରକଟ କରିଛନ୍ତି ବନ୍ୟପ୍ରାଣୀ ବିଶେଷଜ୍ଞ ଲାଲା ଏ. କେ. ସିଂ। ସେ କହିଛନ୍ତି, ପୂର୍ବରୁ ମଧ ☞ପୃଷ୍ଠା–୪

# ମୁଢ଼ି ବଞ୍ଚାଇଥିଲା ୧୦ ଦିନ

## ସୁଡ଼ଙ୍ଗ ଭିତର ଅନୁଭୂତି ବଖାଣିଲେ ଓଡ଼ିଆ ଶ୍ରମିକ

*ଆଶା ଆଶଙ୍କାରେ ବିତି ଚାଲିଥିଲା ଦିନ। ମାନସିକ ଦୁଶ୍ଚିନ୍ତା, ପରିବାର ଚିନ୍ତା ପ୍ରତି ମୁହୂର୍ତ୍ତରେ ବିଚଳିତ କରୁଥିଲା। ବିପଦରେ ଥାଇ ମଧ ସାହସ ଓ ଧୈର୍ଯ୍ୟ ହରାଇ ନ ଥିଲେ ୧୭ ଦିନ ଧରି ସୁଡ଼ଙ୍ଗ ଭିତରେ ଫସି ରହିଥିବା ଓଡ଼ିଆ ଶ୍ରମିକମାନେ। ମୟୂରଭଞ୍ଜର ପ୍ରିୟ ଖାଦ୍ୟ ମୁଢ଼ି ହିଁ ୧୦ ଦିନ କାଳ ସେମାନଙ୍କ ଜୀବନ ବଞ୍ଚାଇବାରେ ସହାୟ ହୋଇଥିଲା। ଏକାଠି ଥିବାରୁ ସମସ୍ତଙ୍କ ମନୋବଳ ଦୃଢ଼ ଥିଲା। ଏଭଳି କିଛି ରୋଚକ ଅନୁଭୂତି ବଖାଣିଛନ୍ତି ଉତ୍ତରାଖଣ୍ଡ ଉତ୍ତରକାଶୀରେ ସୁଡ଼ଙ୍ଗ ଭିତରେ ଫସି ରହି ମଙ୍ଗଳବାର ସୁରକ୍ଷିତ ଭାବେ ଉଦ୍ଧାର ହୋଇଥିବା ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ଚନ୍ଦନପୁର ପଞ୍ଚାୟତ ବେଢ଼ାକୁଦର ଗ୍ରାମର ଧୀରେନ ନାଏକ।*

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ବାଙ୍ଗିରିପୋଷି(ସଞ୍ଜୟ ଅଗ୍ରୱାଲ),୨୯।୧୧

ଓଡ଼ିଆ ଶ୍ରମିକ ଧୀରେନ ନାଏକ ଓ ଅନ୍ୟ ୪ ଓଡ଼ିଆଙ୍କ ସମେତ ମୋଟ ୪୧ ଶ୍ରମିକ ସୁଡ଼ଙ୍ଗ ଭିତରୁ ବାହାରକୁ ବାହାରିବା ପରେ ପୁନର୍ଜନ୍ମ ପାଇଥିବା ଅନୁଭବ କରିଛନ୍ତି। ବାହାରର ଆଲୋକ ଦେଖିବା ପରେ ଈଶ୍ୱରଙ୍କୁ ଧୀରେନ ଧନ୍ୟବାଦ ଜଣାଇଛନ୍ତି। ଧୀରେନ କହିଛନ୍ତି ଯେ, ସେ ଅନ୍ୟ ଶ୍ରମିକମାନଙ୍କ ସହ ନଭେମ୍ବର ୧୧ ତାରିଖ ରାତି ୮ଟାରେ ଡ୍ୟୁଟିକୁ ଯାଇଥିଲେ। ସୁଡ଼ଙ୍ଗର ୨ କି.ମି. ଦୂରରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ତହିଁ ପରଦିନ ଦୀପାବଳି ଥିବାରୁ ଶୀଘ୍ର କାମ ସାରି ସକାଳେ ଫେରିବାବେଳେ ବାଟ ବନ୍ଦ ହୋଇଯାଇଥିଲା। ସୁଡ଼ଙ୍ଗ ଭୁଶୁଡ଼ି ପଡ଼ିବା ଦେଖି ଅନ୍ଧାର ଭିତରେ ସେମାନେ ଜୀବନ ବଞ୍ଚାଇବାର ରାହା ଖୋଜିଥିଲେ। ଫୋନରେ ଯୋଗାଯୋଗ ସମ୍ଭବ ନ ଥିଲା। ୧୮ଘଣ୍ଟା ଧରି ପର୍ଯ୍ୟାପ୍ତ ଅମ୍ଳଜାନ ପାଇପାରି ନ ଥିଲେ। ତେବେ ଦୁର୍ଘଟଣା ପରେ ସୁଡ଼ଙ୍ଗ ☞ପୃଷ୍ଠା–୪



ଧୀରେନ ନାଏକ

# ବାତ୍ୟା ଭୟ: ୧ରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

ଭୁବନେଶ୍ୱର,୨୯।୧୧(ଅନିଲ ଦାସ)

### ୭ ଜିଲାପାଳଙ୍କୁ ସତର୍କ ରହିବାକୁ ପରାମର୍ଶ

ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଏବଂ ଦକ୍ଷିଣ ଆଣ୍ଡାମାନ ନିକଟବର୍ତ୍ତୀ ଅଞ୍ଚଳରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ବୁଧବାର ଅବପାତ (ଡିପ୍ରେସନ)ରେ ପରିଣତ ହୋଇଛି। ଏହା ଆହୁରି ଘନୀଭୂତ ହୋଇ ଗୁରୁବାର ଗଭୀର ଅବପାତ (ଡିପ୍ ଡିପ୍ରେସନ)ରେ ପରିଣତ ହେବ। ଏହାର ୪୮ ଘଣ୍ଟା ମଧ୍ୟରେ ଅର୍ଥାତ୍ ଡିସେମ୍ବର ୨ ତାରିଖ ବେଳକୁ ଅବପାତ ଉତ୍ତର-ପଶ୍ଚିମ ଦିଗକୁ ଗତି କରି ବାତ୍ୟାରେ ପରିଣତ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ସତର୍କ ରହିବା ପାଇଁ ଉପକୂଳବର୍ତ୍ତୀ ୭ ଜିଲାପାଳଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆର୍‌ସି) ପରାମର୍ଶ ଦେଇଛନ୍ତି। ଉକ୍ତ ଜିଲାଗୁଡ଼ିକ ହେଲା ଗଞ୍ଜାମ, ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ବାଲେଶ୍ୱର ଓ ଭଦ୍ରକ। ତେବେ ବାତ୍ୟାର ☞ପୃଷ୍ଠା–୪

# ଆଉ ୫ ବର୍ଷ ମାଗଣା ଶସ୍ୟ

ନୂଆଦିଲ୍ଲୀ,୨୯।୧୧

### କେନ୍ଦ୍ର କ୍ୟାବିନେଟ୍‌ର ନିଷ୍ପତ୍ତି

ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା (ପିଏମ୍‌ଜିକେଏୱାଇ)ରେ ଗରିବମାନଙ୍କୁ ମାଗଣାରେ ମାସକୁ ୫ କେ.ଜି. ଖାଦ୍ୟଶସ୍ୟ ବଣ୍ଟନ ବ୍ୟବସ୍ଥାକୁ ଆଉ ୫ ବର୍ଷ ପର୍ଯ୍ୟନ୍ତ ବଢ଼ାଯାଇଛି। ଅନ୍ତ୍ୟୋଦୟ ପରିବାରଗୁଡ଼ିକୁ ପ୍ରତିମାସ ୩୫ କେ.ଜି. ଖାଦ୍ୟଶସ୍ୟ ମିଳିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ଦେଶର ପ୍ରାୟ ୮୧.୩୫ କୋଟି ଗରିବ ଉପକୃତ ହେବେ ବୋଲି ବୁଧବାର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂ ଠାକୁର ସୂଚନା ଦେଇଛନ୍ତି। କୋଭିଡ୍-୧୯ ମହାମାରୀ ବେଳେ ଲକ୍‌ଡାଉନ୍ ଯୋଗୁ ଜୀବିକା ହରାଇଥିବା ଗରିବଙ୍କ ସୁବିଧା ପାଇଁ ୨୦୨୦ ଏପ୍ରିଲରେ ପିଏମ୍‌ଜିକେଏୱାଇ ଆରମ୍ଭ କରାଯାଇଥିଲା। ଏହି ଯୋଜନାରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ) ଅଧୀନରେ ହିତାଧିକାରୀଙ୍କୁ ପ୍ରତିମାସ ୫ କେ.ଜି. ଲେଖାଏ ଖାଦ୍ୟଶସ୍ୟ ଯୋଗାଣ ବ୍ୟବସ୍ଥା କରାଯାଇଥିଲା। ☞ପୃଷ୍ଠା–୪


ଆଜିର ସମ୍ପାଦକୀୟ

ଆଦିମାନବର କଥା








**ଆଜିର ମନ୍ତବ୍ୟ**

ନାଗରିକତ୍ୱ ସଂଶୋଧନ ଆଇନକୁ କେନ୍ଦ୍ର ସରକାର ନିଶ୍ଚିତ ଭାବେ କାର୍ଯ୍ୟକାରୀ କରିବେ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହାକୁ ବିରୋଧ କରୁଛନ୍ତି। କିନ୍ତୁ ସିଏଏକୁ କେହି ରୋକିପାରିବେ ନାହିଁ। **–ଅମିତ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଥୋଡ଼ା ଥୋଡ଼ା ଉପଦେଶ**
**ନବାତପଣ ସଙ୍ଗେ ସରି।**

ଜୋର କରି କାହା ଉପରେ ଅଧିକାର ସାବ୍ୟସ୍ତ କରିବା ଉଚିତ ହୋଇ ନ ଥାଏ। ଏଭଳି ଅଧିକାରକୁ ମଧ୍ୟ ଅନେକେ ସହଜରେ ଗ୍ରହଣ କରି ନ ଥାନ୍ତି। ତେବେ ଅଳ୍ପ ଅଳ୍ପ ଅଧିକାର ଗ୍ରହଣୀୟ ବା ସୁଖଦାୟକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଥାଳି ମାରିଦେଲେ**
**ଥାଳି ଚାଲିଯିବ।**

ସାଧାରଣତଃ ସଭାସମିତି ବା ମହୋତ୍ସବରେ ବହୁ ଲୋକଙ୍କ ସମାଗମ ଘଟିଥାଏ। ଏପରିସ୍ଥଳେ ବହୁ ଲୋକ ଏକାଠି ରୁଣ୍ଡ ହୋଇଯିବା ଫଳରେ ସେମାନଙ୍କ ମୁଣ୍ଡ ଗଣତି କରିବା ଅସମ୍ଭବ ହୋଇଯାଏ। ବହୁଲୋକ ଏକତ୍ର ଭିଡ଼ ଜମାଇବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଆଜି କୁଳପତି ସମ୍ମିଳନୀ

ଭୁବନେଶ୍ୱର, ୨୯।୧୧
(ଅସମାପିକା ସାହୁ)

ରାଜ୍ୟର ସବୁ ସରକାରୀ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ସମ୍ମିଳନୀ ଗୁରୁବାର ରାଜଭବନରେ ଅନୁଷ୍ଠିତ ହେବ। ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତି ରଘୁବର ଦାସ ଏଥିରେ ଯୋଗଦେଇ କୁଳପତିମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ। ପୂର୍ବାହ୍ନ ୧୧ଟା ୩୦ରେ ଆରମ୍ଭ ହେବାକୁ ଥିବା ଏହି ସମ୍ମିଳନୀରେ ଜାତୀୟ ଶିକ୍ଷାନୀତି ୨୦୨୦ର କାର୍ଯ୍ୟକାରିତା ନେଇ ଆଲୋଚନା ହେବ। ଏଥିସହ ପରୀକ୍ଷା ଆୟୋଜନ, ଫଳ ପ୍ରକାଶନ ଏବଂ ପ୍ରମାଣପତ୍ର ବିତରଣ ଆଦି ଉପରେ ଆଲୋଚନାରେ ମଧ୍ୟ ଗୁରୁତ୍ୱ ଦିଆଯିବ। ସେହିପରି ବିଶ୍ୱବିଦ୍ୟାଳୟରେ ଗବେଷଣା କାର୍ଯ୍ୟକ୍ରମ, ଶୈକ୍ଷିକ ପରିବେଶରେ ଉନ୍ନତି, ସିଏଏସ୍ ପ୍ରମୋଶନ୍ ଆୟୋଜନ ଆଦି ବିଷୟ ଉପରେ ଆଲୋଚନା କରାଯିବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶାର ନୂଆ ରାଜ୍ୟପାଳ ଭାବେ ରଘୁବର ଦାସ ଦାୟିତ୍ୱ ନେବା ପରେ ଏହା ତାଙ୍କର ପ୍ରଥମ କୁଳପତି ସମ୍ମିଳନୀ ହେବ।

# ୮୦% ଅର୍ଥ ଖର୍ଚ୍ଚ କରିଥିଲେ ଡିସେମ୍ବରରେ ମିଳିବ ଅତିରିକ୍ତ ଅନୁଦାନ

**ଗ୍ରାମ୍ୟ ଉନ୍ନୟନ ବିଭାଗର ସମୀକ୍ଷା ବୈଠକ**

ଭୁବନେଶ୍ୱର, ୨୯।୧୧
(ସୁନିତ୍ ମିଶ୍ର)

ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ସମସ୍ତ ଯୋଜନା ଓ ପ୍ରକଳ୍ପ ତ୍ୱରାନ୍ୱିତ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ କରିବା ସହ ଠିକ୍ ସମୟରେ ପ୍ରକଳ୍ପ ସମାପ୍ତକରି ସେଗୁଡିକର ରିପୋର୍ଟ ପ୍ରଦାନ କରିବାକୁ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ଅପରାହ୍ନରେ ଲୋକସେବା ଭବନସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗ ଓସ୍ୱାନ ହଲ୍‌ରେ ବିଭାଗର ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଏଥିରେ ଅଧ୍ୟକ୍ଷତା କରି କହିଛନ୍ତି, ବିଭାଗର ସମସ୍ତ କାର୍ଯ୍ୟ ଶୃଙ୍ଖଳିତ ହେବା ଆବଶ୍ୟକ। ଜଣେ ଅବସର ନେବାର ଅବ୍ୟବହିତ ପୂର୍ବରୁ ତାଙ୍କର ପେନ୍‌ସନ ସମ୍ବନ୍ଧୀୟ କାଗଜପତ୍ର ବିଭାଗରେ ପହଞ୍ଚିବା ଆବଶ୍ୟକ। ଅଦାଲତ ସମ୍ବନ୍ଧୀୟ କେସ୍‌ଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ସମାଧାନକରି କର୍ମଚାରୀମାନଙ୍କ ଗ୍ରାଚ୍ୟୁଟି, ପେନ୍‌ସନ ଆଦିକୁ ସହଜ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରୁ ଆସୁଥିବା ବିଭାଗ ସମ୍ବନ୍ଧୀୟ ସମସ୍ତ ଅଭିଯୋଗର ଯଥା ସମୟରେ ତ୍ୱରିତ ସମାଧାନପୂର୍ବକ ଅନୁପାଳନ ରିପୋର୍ଟ ବିଭାଗକୁ ପ୍ରଦାନ କରିବା ଜରୁରୀ ବୋଲି ସେ ପ୍ରକାଶ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭିନ୍ନ ପ୍ରକଳ୍ପର ସମୀକ୍ଷା ଅବସରରେ ସଞ୍ଜୟ ସିଂହ କହିଛନ୍ତି, ସଡ଼କ, ସେତୁ ଓ ଗୃହ ନିର୍ମାଣ କ୍ଷେତ୍ରରେ ବିଭାଗ ସମସ୍ତ ସର୍କଲକୁ ପର୍ଯ୍ୟାପ୍ତ ପାଣ୍ଠି ହସ୍ତାନ୍ତର କରିଛି। ଏଣୁ ଯେଉଁ ଡିଭିଜନଗୁଡ଼ିକ ସେମାନଙ୍କୁ ଦିଆଯାଇଥିବା ଅନୁଦାନର ୮୦ ପ୍ରତିଶତ ଅଦ୍ୟାବଧି ବ୍ୟୟ କରି ସାରିଛନ୍ତି । ସେମାନଙ୍କୁ ଅତିରିକ୍ତ ଅନୁଦାନ ଡିସେମ୍ବରରେ ଦିଆଯିବ। ୨୦୨୨–୨୩ ଏବଂ ୨୦୨୩–୨୪ ଆର୍ଥିକ ବର୍ଷରେ ହାତକୁ ନିଆଯାଇଥିବା ସମସ୍ତ ପ୍ରକଳ୍ପର ବାକି ରହିଥିବା ଡିପିଆର୍ ଫାଇନାଲ କରିବାକୁ ସେ ପରାମର୍ଶ ଦେଇଛନ୍ତି।




# ସ୍ୱାସ୍ଥ୍ୟ ସେବାରେ ଯୋଗଦେଲେ ୩,୭୩୨ ନର୍ସିଂ ଅଫିସର




**ମଦର ଟେରେସାଙ୍କ ଆଦର୍ଶକୁ ନେଇ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କର: ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର,୨୯।୧୧
(ଅନିଲ ଦାସ)

ରାଜ୍ୟର ବିଭିନ୍ନ ମେଡିକାଲ କଲେଜ ଓ ଡାକ୍ତରଖାନାରେ ବୁଧବାର ୩,୭୩୨ ଜଣ ନର୍ସିଂ ଅଫିସର ଯୋଗ ଦେଇଛନ୍ତି । ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ ନିଯୁକ୍ତି ପର୍ବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବାଗତ ନର୍ସିଂ ଅଫିସରଙ୍କୁ ପଣ୍ଡିତ ଗୋପବନ୍ଧୁ ଦାସ, ଫ୍ଲୋରେନ୍ସ ନାଇଟଙ୍ଗେଲ ଓ ମଦର ଟେରେସାଙ୍କ ପରି ସେବାର ପ୍ରତିମୂର୍ତ୍ତିମାନଙ୍କ ଆଦର୍ଶକୁ ଅନୁସରଣ କରିବା ପାଇଁ ପରାମର୍ଶ ଦେଇଛନ୍ତି । ନିଃସ୍ୱାର୍ଥପର ଭାବେ ନିଷ୍ଠାର ସହ ସେବାର ଏହି ମୂର୍ତ୍ତିମନ୍ତ ପ୍ରତୀକମାନଙ୍କ ଆଦର୍ଶରେ କାମ କଲେ, ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରୋଗୀ ସେବା ଭଳି ମହାନ୍ ସେବାରେ ଯୋଗ ଦେଇଥିବାରୁ ନୂଆ ଅଧିକାରୀମାନଙ୍କୁ ଓ ସେମାନଙ୍କ ପରିବାରକୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସ୍ୱାସ୍ଥ୍ୟ ସେବାର ମୂଳମନ୍ତ୍ର ହେଉଛି ପ୍ରତି ଜୀବନ ମୂଲ୍ୟବାନ। ଏ ଦିଗରେ ନର୍ସିଂ ଅଫିସରମାନଙ୍କ ଗୁରୁଦାୟିତ୍ୱ ରହିଛି। ପ୍ରତ୍ୟେକ ଲୋକ ଯେପରି ଉତ୍ତମ ସେବା ପାଇପାରିବେ, ସେ ଦାୟିତ୍ୱ ଆପଣମାନଙ୍କ। ଆପଣମାନେ ହିଁ ରୋଗୀ ଭିତରେ ଭରସା ସୃଷ୍ଟି କରିପାରିବେ। କରୋନା ସମୟରେ ଡାକ୍ତରମାନଙ୍କ ସହିତ ନର୍ସିଂ ଅଫିସରମାନେ ମଧ୍ୟ ବହୁତ ଭଲ କାମ କରିଛନ୍ତି। କୋଭିଡ୍ ପରିଚାଳନାର ସଫଳତାରେ ନର୍ସିଂ ଅଫିସରମାନଙ୍କ ବହୁତ ବଡ଼ ଭୂମିକା ଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି ଯେ ରାଜ୍ୟବାସୀଙ୍କୁ ପର୍ଯ୍ୟାପ୍ତ ଓ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ନୂତନ ମେଡିକାଲ କଲେଜ ପ୍ରତିଷ୍ଠା, ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ନୂତନ ନିଯୁକ୍ତି ଜରିଆରେ ସମସ୍ତଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନକୁ ସୁନିଶ୍ଚିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ୫–ଟି ତଥା ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ନବନିଯୁକ୍ତ ନର୍ସିଂ ଅଫିସରମାନଙ୍କ ସହ ମତବିନିମୟ କରି ଆପଣମାନେ ଆଜି ନୂଆ ଚାକିରିରେ ଯୋଗ ଦେଇ ଯେପରି ଖୁସି ଅଛନ୍ତି, ଆପଣମାନଙ୍କ ପାଖକୁ ଯେଉଁ ଲୋକ ଚିକିତ୍ସା ପାଇଁ ଆସିବେ, ସେମାନଙ୍କୁ ମଧ୍ୟ ଏପରି ଖୁସି ଦେବାକୁ ଉଦ୍ୟମ କରନ୍ତୁ। ସେମାନଙ୍କୁ ଭଲ ସେବା ଦିଅନ୍ତୁ । ଲୋକମାନେ ପୁଣ୍ୟ ପାଇଁ ମନ୍ଦିର ଯାଆନ୍ତି, କିନ୍ତୁ ଆପଣମାନେ ଏପରି ଚାକିରି ପାଇଛନ୍ତି ଯେଉଁଥିରେ ରୋଗୀ ସେବା ଜରିଆରେ ଆପଣ ଭାଗବାନଙ୍କ ଆଶୀର୍ବାଦ ପାଇବେ ଓ ପୁଣ୍ୟ ଅର୍ଜନ କରିବେ ବୋଲି ପାଣ୍ଡିଆନ ଆହ୍ୱାନ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ପି.କେ. ଜେନା କହିଛନ୍ତି ଯେ ୩,୭୩୨ ଜଣ ନର୍ସିଂ ଅଫିସରଙ୍କ ନୂଆ ନିଯୁକ୍ତି ଆମର ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ସହିତ ଆମର ଲକ୍ଷ୍ୟ ପୂରଣରେ ସହାୟକ ହେବ। ସମସ୍ତଙ୍କୁ ନିଷ୍ଠାର ସହ କାମ କରିବାକୁ ସେ ପରାମର୍ଶ ଦେଇଛନ୍ତି। ନୂତନ ଭାବେ ନିଯୁକ୍ତି ପାଇଥିବା ନର୍ସିଂ ଅଫିସରଙ୍କ ମଧ୍ୟରୁ ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜର ଲିପ୍ସା ନାୟକ, ମୟୂରଭଞ୍ଜର ଦିବ୍ୟଜ୍ୟୋତି ଖଣ୍ଡା ଏବଂ ପୁରୀ ଶ୍ରୀଜଗନ୍ନାଥ ମେଡିକାଲ କଲେଜର ମିତା ବହିଦାର ପ୍ରମୁଖ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତାର ସହ ଏବଂ ଖୁବ କମ୍ ସମୟ ମଧ୍ୟରେ ସେମାନଙ୍କ ନିଯୁକ୍ତି ପ୍ରକ୍ରିୟା ଶେଷ ହୋଇଥିବାରୁ ସେମାନେ ମୁଖ୍ୟମନ୍ତ୍ରୀ ଓ ୫–ଟି ଅଧ୍ୟକ୍ଷଙ୍କ ନିକଟରେ କୃତଜ୍ଞ। ମୁଖ୍ୟମନ୍ତ୍ରୀଙ୍କ 'ସୁସ୍ଥ ଓଡ଼ିଶା ସୁଖୀ ଓଡ଼ିଶା' ଗଠନ ପାଇଁ ସେମାନେ ସମର୍ପିତ ହୋଇ କାର୍ଯ୍ୟ କରିବେ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିବା ବେଳେ ନର୍ସିଂ ନିର୍ଦ୍ଦେଶକ ରାମଚନ୍ଦ୍ର ରାଉତ ଧନ୍ୟବାଦ ଦେଇଥିଲେ।

# ଓଡ଼ିଶା ମିଲେଟ୍‌ସ ମିଶନକୁ 'ଗ୍ଲୋବାଲ ମଡେଲ୍' ପୁରସ୍କାର

ଭୁବନେଶ୍ୱର, ୨୯।୧୧
(ବନ୍ଦନା ସେଠୀ)

ମିଲେଟ୍‌ସର ପ୍ରୋତ୍ସାହନ ପାଇଁ ଓଡ଼ିଶା ମିଲେଟ୍‌ସ ମିଶନକୁ 'ଗ୍ଲୋବାଲ ମଡେଲ୍' ପୁରସ୍କାର ମିଳିଛି। ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିଲେଟ୍‌ସ ରିସର୍ଚ୍ଚ ଦ୍ୱାରା ହାଇଦ୍ରାବାଦଠାରେ ଆୟୋଜିତ ଅନ୍ତରାଷ୍ଟ୍ରୀୟ ପୁଷ୍ଟିଶସ୍ୟ ସମ୍ମିଳନୀ ୫.୦ ଅବସରରେ ଓଡ଼ିଶାକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏଥିସହ ଏକ ଅଧିବେଶନରେ ସହ ଅଧ୍ୟକ୍ଷ ଭାବେ ନିଜର ବକ୍ତବ୍ୟ ରଖିଥିଲେ। ଓଡ଼ିଶା ମିଲେଟ୍‌ସ ମିଶନ୍ ବ୍ୟାପକ ଭାବେ ମିଲେଟ୍‌ସର ପୁନରୁଦ୍ଧାର କାର୍ଯ୍ୟ କରିଥିବାବେଳେ ଏହା ଅନ୍ୟ ରାଜ୍ୟ ଓ ବିଶ୍ୱପାଇଁ ଏକ ମଡେଲ କାର୍ଯ୍ୟକ୍ରମ ସାବ୍ୟସ୍ତ ହୋଇ ପାରିଛି ବୋଲି ଡ. ପାଢୀ କହିଥିଲେ। ନଭେମ୍ବର ୨୭ ଓ ୨୮ରେ ଏହି ଦୁଇଦିନିଆ ଅନ୍ତଃରାଷ୍ଟ୍ରୀୟ ପୁଷ୍ଟିଶସ୍ୟ ସମ୍ମିଳନୀ ୫.୦ ଆୟୋଜନ କରାଯାଇଥିଲା। ବିଷୟବସ୍ତୁ ଥିଲା 'ମେନ୍‌ଷ୍ଟ୍ରିମିଙ୍ଗ୍ ମିଲେଟ୍‌ସ ନାଓ ଆଣ୍ଡ୍ ବିୟଣ୍ଡ୍', ଯାହାକି ଆଜିର ଦିନରେ ଏହି ପ୍ରାଚୀନ ଶସ୍ୟର ମହତ୍ତ୍ୱକୁ ପ୍ରଦର୍ଶିତ କରୁଛି। ଏହି ସମ୍ମିଳନୀରେ ଏକାଧିକ ବୈଷୟିକ ଅଧିବେଶନ, ବୁଝାମଣାପତ୍ର ସ୍ୱାକ୍ଷର, ପୁସ୍ତିକା ଆଦି ପ୍ରକାଶ କରାଯାଇଥିଲା।


କଟକ ବାଲିଯାତ୍ରା ତଳପଡ଼ିଆ ପଲ୍ଲିଶ୍ରୀ ମେଳା ଷ୍ଟଲରେ ଖେଳନା ଓ ଗୃହସଜ୍ଜିତ ଉପକରଣ ଦେଖୁଥିବା ମହିଳା।


ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପାରିବାରିକ ଓ କର୍ମକ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଅନେକାଂଶରେ ଭଲ ରହିବ। ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ କ୍ଷେତ୍ରରେ ସାବଧାନ ନ ରହିଲେ କ୍ଷତିରେ ପଡ଼ିପାରନ୍ତି। ବନ୍ଧୁଙ୍କ ଅନୁରୋଧବଶତଃ ଦୂରଯାତ୍ରା କରିବାକୁ ପଡ଼ିପାରେ। ସାହିତ୍ୟ, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ** ସ୍ୱାସ୍ଥ୍ୟହାନି ସମ୍ପର୍କିତ ସମସ୍ୟା ଓ ପିଲାମାନଙ୍କ ବିବାହ ଚିନ୍ତାରେ ବ୍ୟସ୍ତତା ପରିଲକ୍ଷିତ ହେବ। ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି। ସଭାସମିତି, ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଆଗାମୀ ମାଙ୍ଗଳିକ କାମ ସକାଶେ ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି।

**ମିଥୁନ** ଭାବୁଥିବେ ଗୋଟିଏ କଥା, କଳାବେଳକୁ ଆଉ ଗୋଟିଏ କାମ କରିବାକୁ ବାଧହେବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ ନ କଲେ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। କିନ୍ତୁ ଆପଣ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବାରେ ସମର୍ଥ ହେବେ।

**କର୍କଟ** ଆଜି ଦ୍ୱନ୍ଦ୍ୱରେ ପଡ଼ି ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝିପାରିବେନି। ଆକସ୍ମିକ ଭାବେ ଆଶା କରୁଥିବା ଶୁଭଖବର ଶୁଣି ଖୁସିହେବେ। ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇବ, ଏଣୁ ସାବଧାନତା ଆବଶ୍ୟକ।

**ସିଂହ** କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କାର୍ଯ୍ୟ ସାଧନ କରିପାରନ୍ତି। ସାମାଜିକ ସ୍ତରରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ। ବ୍ୟବସାୟ ଓ ପରିବହନରେ ହଠାତ୍ କୌଣସି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**କନ୍ୟା** ପାରିବାରିକ ଜୀବନରେ ସ୍ନେହ, ଶ୍ରଦ୍ଧା ଓ ଆଦରର ଅଭାବ ଅନୁଭବ କରିବେ। କର୍ମକ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ସମ୍ଭାବନା ରହିଛି। କେତେକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିବାକୁ ଇଚ୍ଛା କରିବେ। ଘର ଲୋକମାନଙ୍କୁ ଉପେକ୍ଷା କରି ପରକଥାରେ ପଡ଼ି ଭୁଲ୍‌ମାର୍ଗ ଅନୁସରଣ କରି ଅନୁତାପ କରିବାକୁ ପଡ଼ିପାରେ।

**ତୁଳା** ଆଜି ବନ୍ଧୁଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇଯିବେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ। ପାରିବାରିକ ଅଶାନ୍ତି ହେତୁକ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବନାହିଁ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା** ପାରିବାରିକ କ୍ଷେତ୍ରରେ ବିଭିନ୍ନ ପ୍ରକାର ସମସ୍ୟା ବିଷୟରେ ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। କିନ୍ତୁ କଳା, ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡ଼ା ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ। ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହେବେ। ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାମ ହାସଲ କରିପାରିବେ ନାହିଁ।

**ଧନୁ** ଆଜି ପାରିବାରିକ, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କହିବା କାରଣରୁ ପରିବାରରେ କଳହ ଦେଖାଦେଇପାରେ। ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ ଏବଂ ମାଲିମକଦ୍ଦମାରେ ଆପୋଷ ସମାଧାନ ଘଟିବ। ଖଳଲୋକଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**ମକର** ଆଜି ଘରର କେତେକ ଅତ୍ୟାବଶ୍ୟକ ଜିନିଷ ଆଣିବାକୁ ବାଧହେବେ। କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖା ଦେଇଥିବା କାରଣରୁ ମନ ବିଚଳିତ ଅବଶ୍ୟ ରହିବ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। କେତେକ କ୍ଷେତ୍ରରେ କାରଣ ନ ଥାଇ ମଧ୍ୟ ଦୋଷୀ ସାବ୍ୟସ୍ତ ହୋଇପାରନ୍ତି।

**କୁମ୍ଭ** ଆଜି ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବନାହିଁ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ କିନ୍ତୁ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବ। ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ କିଛି ଅସୁବିଧା ହେବନାହିଁ।

**ମୀନ** ପାଖପଡ଼ୋଶୀଙ୍କ ସହ ଅର୍ଥ ସମ୍ପର୍କକୁ ନେଇ ବିବାଦଗ୍ରସ୍ତ ହେବେ। ନିଜ ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ହଠାତ୍ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ। କେତେକ କ୍ଷେତ୍ରରେ ଜିଦ୍‌ଖୋର ମନୋବୃତ୍ତି ଯୋଗୁ ହଇରାଣ ହୋଇପାରନ୍ତି।

ଆଜି ମାର୍ଗଶିର କୃଷ୍ଣ ତୃତୀୟା ଯୁକ୍ତ ଚତୁର୍ଥୀ ଗୁରୁବାର, ମାଣବସା ପ୍ରଥମ ପାଳି, ସାର୍ ଜଗଦୀଶ୍ ଚନ୍ଦ୍ର ବୋଷ୍‌ଙ୍କ ଜୟନ୍ତୀ, ନଭେମ୍ବର ୩୦ ତାରିଖ, ରାଶି ନକ୍ଷତ୍ର–ଆରଦ୍ରା/ମିଥୁନ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୦୭ମି. ଗତେ ୦୭।୩୫ମି. ମଧ୍ୟେ ଶୁଦ୍ଧ ଶୁଭବେଳା ॥ ଦିବା ଘ.୧୨।୫୬ମି. ଗତେ ଘ.୦୨।୧୮ମି. ମଧ୍ୟେ ରାହୁକାଳ ॥



'ଧରିତ୍ରୀ' ୫୦ ବର୍ଷରେ ପଦାର୍ପଣ କରିବା ଅବସରରେ ପ୍ରକାଶିତ 'ଜନ୍ମଦିନ ବିଶେଷାଙ୍କ'କୁ ବୁଧବାର ଧରିତ୍ରୀ ପରିବାର ସଦସ୍ୟଙ୍କ ଗହଣରେ ସମ୍ପାଦକ ତଥାଗତ ସତପଥୀ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଉନ୍ମୋଚନ କରୁଛନ୍ତି। (ଫଟୋ: ବିକାଶ ନାୟକ)

# ଯୁକ୍ତ୨ ଛାତ୍ରୀଛାତ୍ରଙ୍କୁ ମିଳିବ ଏନ୍‌ଇଇଟି, ଜେଇଇ କୋଚିଂ

**ଭୁବନେଶ୍ୱର, ୨୯।୧୧(ଅସମାପିକା ସାହୁ)**

ରାଜ୍ୟର ସମସ୍ତ ଯୁକ୍ତ୨ ଛାତ୍ରୀଛାତ୍ରଙ୍କୁ ନିଜ ସ୍କୁଲ୍‌ରେ ଏନ୍‌ଇଇଟି ଏବଂ ଜେଇଇ କୋଚିଂ ମିଳିବ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ମନୋଭାବ ଦୃଢ଼ କରିବା ପାଇଁ ରାଜ୍ୟ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବୁଧବାର ସମସ୍ତ ସରକାରୀ ଏବଂ ବେସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ସ୍କୁଲ ଅଧ୍ୟକ୍ଷଙ୍କୁ ଚିଠି ଲେଖାଯାଇଛି। ଅନ୍‌ଲାଇନ୍ ବା ଭର୍ଚୁଆଲରେ କୋଚିଂ ପାଇଁ ଯୋଜନା ହୋଇଛି। ତେଣୁ ସ୍ମାର୍ଟ ଟିଭି ସହ ତୁରନ୍ତ ସମସ୍ତ ବନ୍ଦୋବସ୍ତ କରିବା ପାଇଁ ଅଧ୍ୟକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ଅଧିକାଂଶ ଉଚ୍ଚ ମାଧ୍ୟମିକ ସ୍କୁଲ୍‌ରେ ସ୍ମାର୍ଟ କ୍ଲାସ୍‌ର ବିକାଶ ପାଇଁ ଯୋଜନା ଓ କାର୍ଯ୍ୟାନ୍ୱୟନ ବିଭାଗ ପକ୍ଷରୁ ସହାୟତା ପାଇସାରିଛନ୍ତି। ଯେଉଁ ସ୍କୁଲ୍ ଏହି ସହାୟତା ପାଇନାହାନ୍ତି ସେମାନେ ସାମ୍‌ସ ଆକାଉଣ୍ଟ କିମ୍ବା ସ୍କୁଲ୍‌ର ବିକାଶ ପାଇଁ ଦିଆଯାଇଥିବା ପାଣ୍ଠିରୁ ଏଥିଲାଗି ଅର୍ଥ ବିନିଯୋଗ କରାଯାଇପାରିବେ ବୋଲି କୁହାଯାଇଛି।

# କଏନ୍ ନେବାକୁ ମନା କରିପାରିବେନି ବ୍ୟାଙ୍କ

**ଭୁବନେଶ୍ୱର, ୨୯।୧୧(ଅନୁରାଧା ମହାରଣା)**

୫୦ ପଇସାଠାରୁ ଆରମ୍ଭ କରି ୨୦ ଟଙ୍କିଆ କଏନ ଯାଏ କୌଣସି ମୁଦ୍ରା ଅଚଳ ହୋଇନାହିଁ। କୌଣସି ବ୍ୟାଙ୍କ କଏନ୍ ନେବାକୁ ମନା କରିପାରିବେ ନାହିଁ। ତେବେ ସାଧାରଣ ଲୋକେ କଏନ୍ କାରବାରକୁ ନେଇ ଯେଉଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତାହା ଦୂର କରିବାକୁ ରାଜ୍ୟର ୩୧୪ ବ୍ଲକ୍‌ରେ କଏନ ଏକ୍ସଚେଞ୍ଜ ମେଳା ଅନୁଷ୍ଠିତ ହେବ। ଏହି ମେଳା ଡିସେମ୍ବର ପ୍ରଥମ ସପ୍ତାହରୁ ଆରମ୍ଭ ହୋଇ ୩ ମାସ ପର୍ଯ୍ୟନ୍ତ ଚାଲିବ। ୩ ମାସ ମଧ୍ୟରେ ସବୁ ବ୍ଲକ ମୁଖ୍ୟାଳୟ ଓ ବଜାର ଅଞ୍ଚଳରେ ଏହି କାର୍ଯ୍ୟକ୍ରମ କରାଯିବ। ଲୋକମାନେ କଏନ୍ ସହ ମଇଳା ଓ ଚିରାଫଟା ନୋଟ୍ ବଦଳାଇପାରିବେ ବୋଲି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ)ର ଆଞ୍ଚଳିକ ନିର୍ଦ୍ଦେଶକ ସାରଦା ପ୍ରସନ୍ନ ମହାନ୍ତି ସୂଚନା ଦେଇଛନ୍ତି। ବିଭିନ୍ନ ବ୍ୟାଙ୍କ ମାଧ୍ୟମରେ ଏହି କାର୍ଯ୍ୟକ୍ରମ କରାଯାଉଛି। କିନ୍ତୁ କେବଳ

## ୩୧୪ ବ୍ଲକ୍‌ରେ ହେବ କଏନ୍ ଏକ୍ସଚେଞ୍ଜ ମେଳା

କଟକ ଭୁବନେଶ୍ୱରରେ ଏହି ମେଳା କରିବା ଦ୍ୱାରା ବ୍ଲକ ସ୍ତରର ଲୋକମାନେ ଉପକୃତ ହୋଇପାରୁ ନାହାନ୍ତି। ତେଣୁ ବ୍ଲକ୍ ସ୍ତରରେ ଏହି କାର୍ଯ୍ୟକ୍ରମ କରିବାକୁ ଯୋଜନା ରହିଛି। ମେଳା ଆୟୋଜନ ପୂର୍ବରୁ ସଂପୃକ୍ତ ବ୍ଲକରେ ଏନେଇ ପ୍ରଚାରପ୍ରସାର କରାଯିବ। ତେବେ ଲୋକେ ଅଧିକ ସଚେତନ ହେବା ସହ କୌଣସି ଗୁଜବରେ ବିଶ୍ୱାସ ନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ସେହିଭଳି ରାଜ୍ୟର ଯେକୌଣସି ବ୍ୟାଙ୍କରେ ମଧ୍ୟ ଲୋକମାନେ ସେମାନଙ୍କ ପାଖରେ ଥିବା କଏନ ଜମା କରିପାରିବେ। କୌଣସି ବ୍ୟାଙ୍କ ମନା କଲେ ଆର୍‌ବିଆଇ ବ୍ୟାଙ୍କିଙ୍ଗ୍ ଅମ୍ବୁଡ୍ସମ୍ୟାନ୍‌ରେ ଗ୍ରାହକ ଅଭିଯୋଗ କରିପାରିବେ। ଏହି ଆଧାରରେ ସଂପୃକ୍ତ ବ୍ୟାଙ୍କ ଶାଖା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ମୁଦ୍ରା ପ୍ରଚଳନ ନେଇ କୌଣସି ଗୁଜବ ସୃଷ୍ଟି ନ କରିବାକୁ ୨୦୧୯ରେ ଆର୍‌ବିଆଇ ଜନସାଧାରଙ୍କୁ କହିଥିଲା। ତେଣୁ ୫୦ ପଇସା, ଟଙ୍କିକିଆ, ୨ ଟଙ୍କିଆ, ୫ ଟଙ୍କିଆ, ୧୦ଟଙ୍କିଆ ଓ ୨୦ ଟଙ୍କିଆ ପ୍ରଚଳନରେ କୌଣସି ପ୍ରତିବନ୍ଧକ ନରହିବା ଉଚିତ ବୋଲି ଆର୍‌ବିଆଇର ଆଞ୍ଚଳିକ ନିର୍ଦ୍ଦେଶକ ମହାନ୍ତି କହିଛନ୍ତି।

☞ପୃଷ୍ଠା-୪



> ଏକ ପୂର୍ଣ୍ଣ ପ୍ରାଣଶକ୍ତି ଓ ବୌଦ୍ଧିକ ବିକାଶ ବ୍ୟତୀତ, ଭାରତ ତା'ର ଆଧ୍ୟାତ୍ମିକ ପ୍ରବୃତ୍ତିକୁ ନେଇ ଯେତେ ଯାହା କରିଛି ସେତିକି ସେ କେବେ କରିପାରି ନ ଥାନ୍ତା। ଏପରି ଭାବିବା ବଡ ଭୁଲ ଯେ, ଏକ ଦରିଦ୍ର ଭୂମି ଉପରେ ଅର୍ଦ୍ଧମୃତ ଜୀବନ ଏବଂ ହତୋତ୍ସାହିତ ଭୟାକ୍ରାନ୍ତ ବୁଦ୍ଧିରେ ହିଁ ଆଧ୍ୟାତ୍ମିକତା ବିକଶିତ ହୋଇପାରେ। **-ଶ୍ରୀଅରବିନ୍ଦ**

# ଉଜ୍ଜ୍ୱଳ ଭବିଷ୍ୟତ ଦିଗରେ ଏକ ପ୍ରୟାସ

## ଭାରତର ଜି୨୦ ଅଧ୍ୟକ୍ଷତା ଏବଂ ଏକ ନୂତନ ବହୁପକ୍ଷବାଦର ପ୍ରାରମ୍ଭ



ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀ

ଭାରତ ଜି୨୦ ଅଧ୍ୟକ୍ଷତା ଗ୍ରହଣ କରିବାକୁ ଆଜି ୩୬୫ ଦିନ ପୂରିଛି। 'ବସୁଧୈବ କୁଟୁମ୍ବକମ'- 'ଏକ ପୃଥିବୀ, ଏକ ପରିବାର, ଏକ ଭବିଷ୍ୟତ'ର ଭାବନାକୁ ପ୍ରତିଫଳିତ କରିବା, ସଂକଳ୍ପବଦ୍ଧ ହେବା ଏବଂ ଏହାକୁ ପୁନର୍ଜୀବିତ କରିବା ପାଇଁ ବର୍ତ୍ତମାନ ଉପଯୁକ୍ତ ମୁହୂର୍ତ୍ତ ଉପନୀତ ହୋଇଛି।

ଗତ ବର୍ଷ ଯେତେବେଳେ ଆମେ ଏହି ଦାୟିତ୍ୱ ଗ୍ରହଣ କରିଥିଲୁ, ବିଶ୍ୱ ପରିଦୃଶ୍ୟ ବହୁମୁଖୀ ଆହ୍ୱାନର ସମ୍ମୁଖୀନ ହୋଇଥିଲା: କୋଭିଡ୍ -୧୯ ମହାମାରୀରୁ ପୁନରୁଦ୍ଧାର, ଜଳବାୟୁ ବିପଦ, ଆର୍ଥିକ ଅସ୍ଥିରତା ଏବଂ ବିକାଶଶୀଳ ରାଷ୍ଟ୍ରଗୁଡ଼ିକରେ ଋଣ ସଙ୍କଟ ସହ ହ୍ରାସ ପାଉଥିବା ବହୁପକ୍ଷବାଦ ଚିନ୍ତାର କାରଣ ପାଲଟିଥିଲା। ସଂଘର୍ଷ ଓ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ବିକାଶ ପାଇଁ ସହଯୋଗ କ୍ଷତିଗ୍ରସ୍ତ ହୋଇଛି, ପ୍ରଗତିରେ ବାଧା ସୃଷ୍ଟି ହୋଇଛି।

ଜି୨୦ ଅଧ୍ୟକ୍ଷତା ଗ୍ରହଣକରି ଭାରତ ବିଶ୍ୱକୁ ସ୍ଥିତାବସ୍ଥାର ବିକଳ୍ପ ପ୍ରଦାନ କରିବାକୁ ଚାହୁଁଥିଲା, ଯାହା ଜିଡିପି-କେନ୍ଦ୍ରିତ ଆଭିମୁଖ୍ୟରୁ ମାନବ-କେନ୍ଦ୍ରିତ ପ୍ରଗତିକୁ ପରିବର୍ତ୍ତିତ ହୋଇଥିଲା। କେଉଁ ସବୁ କାରଣ ଆମକୁ ବିଭାଜିତ କରୁଛି ତା' ବଦଳରେ ଆମକୁ କେଉଁ କାରଣ ଏକାଠି କରିଥାଏ ତାହା ବିଶ୍ୱକୁ ମନେପକାଇବାକୁ ଭାରତ ଲକ୍ଷ୍ୟ ରଖିଥିଲା। ଶେଷରେ, ଏକ ବିଶ୍ୱସ୍ତରୀୟ ବିଚାରବିମର୍ଶ ବିକଶିତ ହୋଇଥିଲା - ଅନେକଙ୍କ ଆକାଂକ୍ଷା ପାଇଁ ଅଳ୍ପ କିଛି ଲୋକଙ୍କ ସ୍ୱାର୍ଥ ବାଧହୋଇ ବାଟ ଛାଡ଼ିଥିଲା। ଏଥିପାଇଁ ବହୁପକ୍ଷବାଦର ମୌଳିକ ସଂସ୍କାର ଆବଶ୍ୟକ ଥିଲା ଯାହା ଆମେ ପୂର୍ବରୁ ଜାଣିଥିଲୁ।

ସମାବେଶୀ, ଉଚ୍ଚାକାଂକ୍ଷୀ, କାର୍ଯ୍ୟଭିତ୍ତିକ ଏବଂ ନିର୍ଣ୍ଣାୟକ - ଜି୨୦ ଅଧ୍ୟକ୍ଷ ଭାବରେ ଏହି ଚାରିଟି ଶବ୍ଦ ଆମର ଆଭିମୁଖ୍ୟକୁ ବ୍ୟାଖ୍ୟା କରିଥିଲା ଏବଂ ସମସ୍ତ ଜି୨୦ ସଦସ୍ୟଙ୍କ ଦ୍ୱାରା ସର୍ବସମ୍ମତିକ୍ରମେ ଗ୍ରହଣ କରାଯାଇଥିବା ନୂଆଦିଲ୍ଲୀ ନେତୃମଣ୍ଡଳୀଙ୍କ ଘୋଷଣାନାମା (ଏନ୍‌ଡିଏଲ୍‌ଡି) ଏହି ନୀତିଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଆମର ପ୍ରତିବଦ୍ଧତାର ପ୍ରମାଣ।

ଅନ୍ତର୍ଭୁକ୍ତୀକରଣ ଆମ ଅଧ୍ୟକ୍ଷତାର କେନ୍ଦ୍ରରେ ରହିଛି। ଆଫ୍ରିକୀୟ ସଂଘ (ଏୟୁ)କୁ ଜି୨୦ର ସ୍ଥାୟୀ ସଦସ୍ୟ ଭାବରେ ଅନ୍ତର୍ଭୁକ୍ତ କରିବା ଦ୍ୱାରା ୫୫ ଆଫ୍ରିକୀୟ ଦେଶ ଏହି ମଞ୍ଚରେ ସାମିଲ ହୋଇଥିଲେ ଏବଂ ବିଶ୍ୱ ଜନସଂଖ୍ୟାର ୮୦% କୁ ସାମିଲ କରିବା ପାଇଁ ଏହି ମଞ୍ଚକୁ ବିସ୍ତାର କରିଥିଲେ। ଏହି ସକ୍ରିୟ ଆଭିମୁଖ୍ୟ ବୈଶ୍ୱିକ ଆହ୍ୱାନ ଏବଂ ସୁଯୋଗ ଉପରେ ଅଧିକ ବ୍ୟାପକ ଆଲୋଚନାକୁ ପ୍ରୋତ୍ସାହିତ କରିଛି।

ଦୁଇଟି ସଂସ୍କରଣରେ ଭାରତ ପକ୍ଷରୁ ଆୟୋଜିତ ପ୍ରଥମ 'ଭଏସ୍ ଅଫ୍ ଦି ଗ୍ଲୋବାଲ ସାଉଥ ଶିଖର ସମ୍ମିଳନୀ' ବହୁପକ୍ଷବାଦର ଏକ ନୂତନ ପର୍ଯ୍ୟାୟର ଶୁଭାରମ୍ଭ କରିଛି। ଆନ୍ତର୍ଜାତିକ ଆଲୋଚନାରେ ଗ୍ଲୋବାଲ ସାଉଥ୍‌ର ଚିନ୍ତାକୁ ଭାରତ ମୁଖ୍ୟସ୍ରୋତରେ ସାମିଲ କରିଛି ଏବଂ ଏକ ଯୁଗ ଆରମ୍ଭ କରିଛି ଯେଉଁଠାରେ ବିକାଶଶୀଳ ଦେଶଗୁଡ଼ିକ ବିଶ୍ୱ ପରିଦୃଶ୍ୟକୁ ଆକାର ଦେବାରେ ଉପଯୁକ୍ତ ସ୍ଥାନ ଗ୍ରହଣ କରିବେ।

ଅନ୍ତର୍ଭୁକ୍ତୀକରଣ ମଧ୍ୟ ଜି୨୦ ପ୍ରତି ଭାରତର ଘରୋଇ ଆଭିମୁଖ୍ୟକୁ ପ୍ରୋତ୍ସାହିତ କରିଥିଲା ଏବଂ ଏହାକୁ ଏକ ପିପୁଲ୍ସ ପ୍ରେସିଡେନ୍ସିରେ ପରିଣତ କରିଥିଲା ଯାହା ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଅନୁରୂପ ହୋଇପାରିଛି। 'ଜନ ଭାଗୀଦାରି' କାର୍ଯ୍ୟକ୍ରମ ଜରିଆରେ ଜି୨୦ ପହଞ୍ଚିଛି ୧୪୦ କୋଟି ନାଗରିକଙ୍କ ନିକଟରେ, ଯେଉଁଥିରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଅଂଶୀଦାର ଭାବେ ସାମିଲ ହୋଇଛନ୍ତି। ଆହୁରି ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ରୂପରେ ଭାରତ ସୁନିଶ୍ଚିତ କରିଛି ଯେ ଜି୨୦ର ଉଦ୍ଦେଶ୍ୟ ଅନୁରୂପ ବ୍ୟାପକ ବିକାଶମୂଳକ ଲକ୍ଷ୍ୟ ପ୍ରତି ଆନ୍ତର୍ଜାତିକ ସମୁଦାୟର ଦୃଷ୍ଟି ଆକର୍ଷଣ କରିବା।

୨୦୩୦ ଏଜେଣ୍ଡାର ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରବିନ୍ଦୁରେ ଭାରତ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜି)ର ଅଗ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ଜି୨୦ କାର୍ଯ୍ୟଯୋଜନା ୨୦୨୩ ପ୍ରଦାନ କରିଛି। ସ୍ୱାସ୍ଥ୍ୟ, ଶିକ୍ଷା, ଲିଙ୍ଗଗତ ସମାନତା ଏବଂ ପରିବେଶ ସ୍ଥାୟିତ୍ୱ ସମେତ ପରସ୍ପର ସହ ଜଡ଼ିତ ପ୍ରସଙ୍ଗଗୁଡ଼ିକ ପାଇଁ ଏକ କାର୍ଯ୍ୟକାରିତାଭିତ୍ତିକ ଆଭିମୁଖ୍ୟ ଗ୍ରହଣ କରିଛି।

ଏହି ଅଗ୍ରଗତିର ଏକ ପ୍ରମୁଖ କ୍ଷେତ୍ର ହେଉଛି ସୁଦୃଢ଼ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି (ଡିପିଆଇ)। ଆଧାର, ୟୁପିଆଇ ଓ ଡିଜିଲକର ଭଳି ଡିଜିଟାଲ ଉଦ୍ଭାବନର ବୈପ୍ଲବିକ ପ୍ରଭାବ ପ୍ରତ୍ୟକ୍ଷ ଭାବେ ଦେଖିଥିବା ଭାରତ ଏଠାରେ ନିଜ ସୁପାରିସ କରିବାରେ ନିର୍ଣ୍ଣାୟକ ସାଜିଥିଲା। ଜି୨୦ ଜରିଆରେ ଆମେ ସଫଳତାର ସହ ଡିଜିଟାଲ ପବ୍ଲିକ ଇନ୍‌ଫ୍ରାଷ୍ଟ୍ରକଚର ରିପୋଜିଟୋରିକୁ ସମ୍ପୂର୍ଣ୍ଣ କରିଛୁ, ଯାହାକି ବିଶ୍ୱ ବୈଷୟିକ ସହଯୋଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ୧୬ଟି ଦେଶର ୫୦ରୁ ଅଧିକ ଡିପିଆଇଙ୍କୁ ନେଇ ଗଠିତ ଏହି ଭଣ୍ଡାର ଗ୍ଲୋବାଲ ସାଉଥ୍‌କୁ ଡିପିଆଇ ନିର୍ମାଣ, ଗ୍ରହଣ ଏବଂ ବିସ୍ତାର କରିବାରେ ସହାୟକ ହେବ।

ଆମର ଏକ ପୃଥିବୀ ପାଇଁ, ଆମେ ଜରୁରୀ, ସ୍ଥାୟୀ ଏବଂ ସମାନ ପରିବର୍ତ୍ତନ ସୃଷ୍ଟି କରିବା ଲାଗି ଉଚ୍ଚାକାଂକ୍ଷୀ ଏବଂ ସମାବେଶୀ ଲକ୍ଷ୍ୟ ପ୍ରଚଳନ କରିଛୁ। ଘୋଷଣାନାମାର 'ସବୁଜ ବିକାଶ ଚୁକ୍ତି' ସମ୍ପାଦିତ ହୋଇଛି। ନିଯୁକ୍ତି ଓ ପରିବେଶ ପରସ୍ପରର ଅନୁପୂରକ ହେବା, ଉପଭୋଗ ଜଳବାୟୁ ସଚେତନ ହେବା ଏବଂ ଉତ୍ପାଦନ ପୃଥିବୀ ଅନୁକୂଳ ହେବା ପାଇଁ ଏକ ବିସ୍ତୃତ ରୋଡ୍‌ମ୍ୟାପ ପ୍ରସ୍ତୁତ କରିବା ଜରିଆରେ କ୍ଷୁଧା ମୁକାବିଲା ଓ ପୃଥିବୀର ସୁରକ୍ଷା ମଧ୍ୟରେ ରହିଥିବା ଆହ୍ୱାନର ସମାଧାନ କରିବା ନିମନ୍ତେ ଏଥିରେ ଗୁରୁତ୍ୱ ଦିଆଯାଇଛି। ଏଥିସହ ଜି୨୦ ଘୋଷଣାନାମାରେ ୨୦୩୦ ସୁଦ୍ଧା ବିଶ୍ୱ ଅକ୍ଷୟ ଶକ୍ତି କ୍ଷମତାକୁ ତିନି ଗୁଣା ବୃଦ୍ଧି କରିବାକୁ କୁହାଯାଇଛି। ବିଶ୍ୱ ଜୈବ ଇନ୍ଧନ ମେଣ୍ଟ ପ୍ରତିଷ୍ଠା ଏବଂ ସବୁଜ ହାଇଡ୍ରୋଜେନ୍ ପାଇଁ ମିଳିତ ପ୍ରୟାସ ଏବଂ ଏକ ସ୍ୱଚ୍ଛ, ସବୁଜ ବିଶ୍ୱ ଗଠନ ପାଇଁ ଜି୨୦ର ଆକାଂକ୍ଷା ଅନସ୍ୱୀକାରଯୋଗ୍ୟ। ଏହା ସର୍ବଦା ଭାରତର ନୀତି ରହିଆସିଛି। ଦୀର୍ଘସ୍ଥାୟୀ ବିକାଶ ପାଇଁ ଜୀବନଶୈଳୀ (ଏଲ୍‌ଆଇଏଫ୍‌ଇ) ମାଧ୍ୟମରେ ବିଶ୍ୱ ଆମର ବହୁ ପୁରୁଣା ସ୍ଥାୟୀ ପରମ୍ପରାରୁ ଉପକୃତ ହୋଇପାରିବ।

ଏହାବ୍ୟତୀତ, ଏହି ଘୋଷଣାନାମା ଜଳବାୟୁ ନ୍ୟାୟ ଏବଂ ସମାନତା ପ୍ରତି ଆମର ପ୍ରତିବଦ୍ଧତାକୁ ସୂଚାଇ ଦେଇଛି ଏବଂ ଗ୍ଲୋବାଲ ନର୍ଥଠାରୁ ଯଥେଷ୍ଟ ଆର୍ଥିକ ଏବଂ ବୈଷୟିକ ସହାୟତା ପାଇଁ ଅନୁରୋଧ କରିଛି। ପ୍ରଥମ ଥର ପାଇଁ, ବିକାଶ ଅର୍ଥଯୋଗାଣର ପରିମାଣରେ ଆବଶ୍ୟକ ବୃଦ୍ଧି ଲାଗି ସ୍ୱୀକୃତି ମିଳିଛି, ଯାହା ବିଲିୟନ ଡଲାରରୁ ଟ୍ରିଲିୟନ ଡଲାରକୁ ବୃଦ୍ଧି ପାଇଛି। ଜି୨୦ ସ୍ୱୀକାର କରିଛି ଯେ ବିକାଶଶୀଳ ଦେଶଗୁଡ଼ିକ ୨୦୩୦ ସୁଦ୍ଧା ସେମାନଙ୍କର ଜାତୀୟ ସଂକଳ୍ପବଦ୍ଧତା ଅବଦାନ (ଏନ୍‌ଡିସି) ପୂରଣ କରିବା ପାଇଁ ୫.୯ ଟ୍ରିଲିୟନ ଡଲାର ଆବଶ୍ୟକ କରନ୍ତି।

ଆବଶ୍ୟକ ବିପୁଳ ସମ୍ବଳକୁ ଦୃଷ୍ଟିରେ ରଖି ଜି୨୦ ଉନ୍ନତ, ବୃହତ୍ ଏବଂ ଅଧିକ ପ୍ରଭାବଶାଳୀ ବହୁପାକ୍ଷିକ ବିକାଶ ବ୍ୟାଙ୍କର ଗଠନ ଉପରେ ଗୁରୁତ୍ୱାରୋପ କରିଥିଲା। ଏହା ସହ ଭାରତ ଜାତିସଂଘ ସଂସ୍କାର, ବିଶେଷକରି ଜାତିସଂଘ ନିରାପତ୍ତା ପରିଷଦ ଭଳି ପ୍ରମୁଖ ଅଙ୍ଗର ପୁନର୍ଗଠନରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛି, ଯାହା ଅଧିକ ସମାନ ବୈଶ୍ୱିକ ବ୍ୟବସ୍ଥା ସୁନିଶ୍ଚିତ କରିବ।

ଏହି ଘୋଷଣାନାମାରେ ଲିଙ୍ଗଗତ ସମାନତାକୁ ଗୁରୁତ୍ୱ ଦିଆଯାଇଛି, ଯାହା ଆସନ୍ତା ବର୍ଷ ମହିଳା ସଶକ୍ତୀକରଣ ଉପରେ ଏକ ସମର୍ପିତ କାର୍ଯ୍ୟକାରୀ ଗୋଷ୍ଠୀ ଗଠନ ସହିତ ସାକାର ରୂପ ନେବ। ଭାରତର ମହିଳା ସଂରକ୍ଷଣ ବିଲ୍ ୨୦୨୩, ଦେଶର ସଂସଦ ଏବଂ ରାଜ୍ୟ ବିଧାନସଭାରେ ଏକ ତୃତୀୟାଂଶ ଆସନ ମହିଳାଙ୍କ ପାଇଁ ସଂରକ୍ଷଣ କରିବ ଯାହାକି ମହିଳାଙ୍କ ନେତୃତ୍ୱାଧୀନ ବିକାଶ ପାଇଁ ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି।

ନୀତି ସମନ୍ୱୟ, ବିଶ୍ୱସନୀୟ ବାଣିଜ୍ୟ ଏବଂ ଉଚ୍ଚାକାଂକ୍ଷୀ ଜଳବାୟୁ କାର୍ଯ୍ୟ ଉପରେ ଗୁରୁତ୍ୱଦେଇ ଏହି ପ୍ରମୁଖ ପ୍ରାଥମିକତାଗୁଡ଼ିକରେ ସହଯୋଗର ଏକ ନୂତନ ଭାବନାକୁ ନୂଆଦିଲ୍ଲୀ ଘୋଷଣାନାମାରେ ପ୍ରତିଫଳିତ କରାଯାଇଛି। ଏହା ଗର୍ବର ବିଷୟ ଯେ ଆମ ଅଧ୍ୟକ୍ଷତା କାଳରେ ଜି୨୦ ୮୭ଟି ପରିଣାମ ବିଶିଷ୍ଟ ଏବଂ ୧୧୮ଟି ଗୃହୀତ ଦସ୍ତାବିଜ ହାସଲ କରିଛି, ଯାହା ଅତୀତ ତୁଳନାରେ ଉଲ୍ଲେଖନୀୟ ବୃଦ୍ଧି।

ଆମର ଜି୨୦ ଅଧ୍ୟକ୍ଷତା ସମୟରେ ଭାରତ ଭୂ-ରାଜନୈତିକ ପ୍ରସଙ୍ଗ ଏବଂ ଆର୍ଥିକ ଅଭିବୃଦ୍ଧି ଏବଂ ବିକାଶ ଏହାର ପ୍ରଭାବ ଉପରେ ଆଲୋଚନାର ନେତୃତ୍ୱ ନେଇଥିଲା। ଆତଙ୍କବାଦ ଏବଂ ସାଧାରଣ ନାଗରିକଙ୍କ ଅଯଥା ହତ୍ୟା ଗ୍ରହଣୀୟ ନୁହେଁ ଏବଂ ଆମକୁ ଶୂନ୍ୟ ସହନଶୀଳତା ନୀତି ସହିତ ଏହାର ସମାଧାନ କରିବାକୁ ହେବ। ଶତ୍ରୁତାକୁ ଛାଡ଼ି ମାନବିକତାକୁ ଆମେ ଗ୍ରହଣ କରିବା ଉଚିତ ଏବଂ ଏହା ଯୁଦ୍ଧର ଯୁଗ ନୁହେଁ ବୋଲି ଦୋହରାଇବା ଉଚିତ।

ମୁଁ ଆନନ୍ଦିତ ଯେ ଆମ ଅଧ୍ୟକ୍ଷତା କାଳରେ ଭାରତ ଅସାଧାରଣ ସଫଳତା ହାସଲ କରିଛି: ଏହା ବହୁପକ୍ଷବାଦକୁ ପୁନର୍ଜୀବିତ କରିଛି, ଗ୍ଲୋବାଲ ସାଉଥ୍‌ର ସ୍ୱରକୁ ବିସ୍ତାରକରି, ବିକାଶକୁ ପ୍ରୋତ୍ସାହିତ କରିଛି ଏବଂ ସବୁଠି ମହିଳା ସଶକ୍ତୀକରଣ ପାଇଁ ଲଢ଼େଇ କରିଛି।

ଯେତେବେଳେ ଆମେ ବ୍ରାଜିଲକୁ ଜି୨୦ ଅଧ୍ୟକ୍ଷତା ହସ୍ତାନ୍ତର କରୁଛୁ, ଆମର ଏହି ବିଶ୍ୱାସ ରହିଛି ଯେ ଜନସାଧାରଣ, ପୃଥିବୀ, ଶାନ୍ତି ଏବଂ ସମୃଦ୍ଧି ପାଇଁ ଆମର ସାମୂହିକ ପଦକ୍ଷେପ ଆଗାମୀ ବର୍ଷଗୁଡ଼ିକରେ ଉତ୍ତମ ପରିଣାମ ଆଣିବ।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

୩୦ ନଭେମ୍ବର ୧୯୯୮

- ବଣଭୋଜି କରିବା ଉଦ୍ଦେଶ୍ୟରେ କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ଯାଉଥିବା ଏକ ବସ୍ ଆସାମର ନାଲବାରୀ ଜିଲାର ତିହୁ ନଦୀକୁ ଖସିପଡ଼ିବା ଫଳରେ ଘଟଣାସ୍ଥଳରେ ୧୦ ଜଣଙ୍କ ମୃତ୍ୟୁ।
- ୧୩୩ କୋଟି ଟଙ୍କାର ୟୁରିଆ ଦୁର୍ନୀତି ମାମଲାରେ ଅନ୍ୟତମ ଅଭିଯୁକ୍ତ ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓଙ୍କ ପୁତ୍ର ପି.ଭି. ପ୍ରଭାକର ରାଓ ଗିରଫ।
- ଏଲ୍‌ଟିଟିଇ ପକ୍ଷରୁ ଦିଆଯାଇଥିବା ଶାନ୍ତି ପ୍ରସ୍ତାବକୁ ଶ୍ରୀଲଙ୍କା ସରକାର କୌଣସି ଗୁରୁତ୍ୱ ନ ଦେବାରୁ ପୂର୍ବାଞ୍ଚଳ ତ୍ରିଙ୍କୋମାଳି ଜିଲାରେ ସରକାରୀ ସୈନ୍ୟ ଓ ଏଲ୍‌ଟିଟିଇଙ୍କ ମଧ୍ୟରେ ସାନି ସଂଘର୍ଷ ଘଟି ୧୮ ମୃତ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 7 | | | | 2 |
| 9 | | | | 5 | 3 | | | |
| | 3 | | | | | | 6 | |
| | 4 | | | | | | 8 | |
| | 9 | | | | 5 | | 4 | |
| | | 5 | 1 | | 6 | | | |
| | | | | | | 2 | 9 | 7 |
| | | | 9 | | 1 | | | |
| | | | | 8 | | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 1 | 9 | 3 | 5 | 2 | 7 | 4 | 6 |
| 5 | 2 | 6 | 7 | 9 | 4 | 8 | 1 | 3 |
| 7 | 4 | 3 | 6 | 1 | 8 | 2 | 9 | 5 |
| 9 | 5 | 7 | 1 | 2 | 6 | 3 | 8 | 4 |
| 2 | 3 | 1 | 8 | 4 | 7 | 5 | 6 | 9 |
| 6 | 8 | 4 | 5 | 3 | 9 | 1 | 2 | 7 |
| 4 | 6 | 8 | 2 | 7 | 5 | 9 | 3 | 1 |
| 3 | 9 | 5 | 4 | 8 | 1 | 6 | 7 | 2 |
| 1 | 7 | 2 | 9 | 6 | 3 | 4 | 5 | 8 |

ଗତକାଲିର ଉତ୍ତର

# ଆଦିମାନବର କଥା



ଦେବଦତ୍ତ ପଟ୍ଟନାୟକ

ବିକାଶର ଧାରାରେ ଶିଳ୍ପକୁ ପ୍ରାଧାନ୍ୟ ଦିଆଯାଉଛି। ଏଥିପାଇଁ ଜଙ୍ଗଲ କାଟି ଶିଳ୍ପ ପ୍ରତିଷ୍ଠା କରାଯାଉଛି। ଅନ୍ୟପକ୍ଷରେ କଟାଯାଉଥିବା ଜଙ୍ଗଲର ସୁରକ୍ଷା ପାଇଁ ଆମେ ଆଇନ ଗଢ଼ିଛୁ। କିନ୍ତୁ ଏହି ଆଇନକୁ ଅମାନ୍ୟକରି ଶିଳ୍ପ ଲାଗି ପଥ ପରିଷ୍କାର କରାଯାଉଛି। ଏହି କାରଣରୁ ଯେକୌଣସି ଜଙ୍ଗଲ ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା କରାଯିବା ସମୟରେ ଆଦିବାସୀ ସମୁଦାୟ ଓ ସରକାରଙ୍କ ମଧ୍ୟରେ ସଂଘର୍ଷ ସୃଷ୍ଟି ହେଉଛି। ଯେଉଁ ଆଦିବାସୀମାନେ ବିରୋଧ କରୁଛନ୍ତି ସରକାର ସେମାନଙ୍କୁ ନକ୍ସଲ ବୋଲି ଘୋଷଣା କରୁଛନ୍ତି କିମ୍ବା ବିଦେଶୀ ଭାବେ ଅଭିହିତ କରି ସେମାନଙ୍କୁ ବାହାର କରିଦେବା ଆବଶ୍ୟକ ମନେକରୁଛନ୍ତି। ଆଦିବାସୀଙ୍କୁ ଜଙ୍ଗଲ ଜମିରୁ ବିତାଡ଼ିତ କରିବା ଲାଗି ବଳ ପ୍ରୟୋଗ ବି କରାଯାଉଛି। ସରକାର ଶକ୍ତି ଏବଂ ପରାକ୍ରମ ବ୍ୟବହାରକରି ଏହା କରିଥାନ୍ତି। ପ୍ରାକୃତିକ ତଥା ନିର୍ଜନ ଏବଂ ଅଣଚାଷକ୍ଷେତ୍ର କୁହାଯାଉଥିବା ଜଙ୍ଗଲ ମଧ୍ୟରେ ଏହି ଉତ୍ତେଜନା ମଧ୍ୟରେ ପ୍ରକୃତି ସହ ତାଳଦେଇ ଆଦିବାସୀମାନେ ବାସ କରନ୍ତି। ଅନ୍ୟପକ୍ଷରେ ସରକାର ନିୟନ୍ତ୍ରଣ କରିଥିବା ପୃଥିବୀର ବାସୋପଯୋଗୀ ସମତଳ କ୍ଷେତ୍ରର କାହାଣୀ ମଧ୍ୟ ପୁରାତନ। ଏହାର ଉଦାହରଣ ଏକ ପ୍ରାଚୀନ କାଳରେ ବି ଦେଖିବାକୁ ମିଳେ। ଅରଣ୍ୟ ଓ ସମତଳ କ୍ଷେତ୍ରର ଭାବନା ସମ୍ପର୍କିତ ପ୍ରାରମ୍ଭିକ ସୂଚନା ହରପ୍ପା ସଭ୍ୟତା ସମୟର ଏକ ୪,୦୦୦ ବର୍ଷ ପୁରୁଣା ମୋହର ବା ସିଲ୍‌ରୁ ମିଳିଛି। ଏହି ମୋହରରେ ଜଣେ ବ୍ୟକ୍ତି ଏକ ଗଛ ଉପରେ ବସି ବାଘ ଆଡ଼କୁ ଚାହିଁଥିବା ଦେଖିବାକୁ ମିଳେ। ଏହି ବାଘଠାରେ ଉଗ୍ରଭାବ ନାହିଁ କିମ୍ବା ଆକ୍ରମଣ କିମ୍ବା ପ୍ରତିରକ୍ଷା ଭଙ୍ଗୀରେ ବି ସେ ନାହିଁ। ଏହା କେବଳ ଗଛରେ ବସିଥିବା ସେହି ବ୍ୟକ୍ତିଙ୍କୁ ଦେଖିବା ପଛକୁ ଚାହିଁଛି। ସେହି ମଣିଷ ଏବେ ଜଙ୍ଗଲରୁ ବାହାରକୁ ଚାଲିଆସିଛି ଏବଂ ନିଜର ସଭ୍ୟତା ଓ ସଂସ୍କୃତି ସୃଷ୍ଟି କରିଛି, ଯେଉଁଠାରେ ବାଘର ସ୍ଥାନ ନାହିଁ।

ଦ୍ୱିତୀୟ ଉଦାହରଣ ଉଲ୍ଲେଖ ରହିଛି ୩,୦୦୦ ବର୍ଷ ପୁରୁଣା ସାମବେଦରେ। ଏଥିରେ ସୁସ୍ୱରଯୁକ୍ତ ମନ୍ତ୍ରଗୁଡ଼ିକ ବିଭିନ୍ନ ଭାଗରେ ସ୍ଥାନିତ ହୋଇଛି। ଏହି ଭାଗଗୁଡ଼ିକୁ ଗୀତରେ ବିଭକ୍ତ କରାଯାଇଛି ଯାହା ଜଙ୍ଗଲରେ ଗାନ କରାଯିବା ଆବଶ୍ୟକ ଏବଂ ମାନବ ବସ୍ତିରେ ମଧ୍ୟ ସେହି ଗୀତସବୁ ଗାଇବା ଉଚିତ। ଜଙ୍ଗଲ ହେଉଛି ନିର୍ଜନ ସ୍ଥାନ। ବିପଦ ବେଳେ ଏଠାରେ କେହି ଆପଣଙ୍କୁ ସାହାଯ୍ୟ କରିବାକୁ ଆସନ୍ତି ନାହିଁ। ଏଣୁ ଆପଣ ନିଜକୁ ହିଁ ରକ୍ଷା କରିବାକୁ ପଡ଼ିବ। ଅନ୍ୟପଟେ ଲୋକ ରହୁଥିବା ଅଞ୍ଚଳଗୁଡ଼ିକ ଆଇନ ଏବଂ ନିୟମର ସ୍ଥାନ। ଏହାକୁ ନେଇ ଏକ ଧାରଣା ରହିଛି ଯେ,ଏହି ଅଞ୍ଚଳରେ ଲୋକମାନେ ଆପଣଙ୍କୁ ସାହାଯ୍ୟ କରିବେ ଏବଂ ଲୋକମାନେ ପରସ୍ପରକୁ ସାହାଯ୍ୟ କରନ୍ତି ବୋଲି ଆଶା କରାଯାଏ। କିନ୍ତୁ ଜଙ୍ଗଲର କଥା ଭିନ୍ନ। ଏଠାରେ ତୁମର ସମ୍ପୂର୍ଣ୍ଣ ସ୍ୱାଧୀନତା ଅଛି। ଜନବସତି ଅଞ୍ଚଳରେ ତୁମର ସ୍ୱାଧୀନତାକୁ ବଳିଦେବାକୁ ଇଚ୍ଛୁକ ହେଲେ ହିଁ ତୁମେ ସୁବିଧାସୁଯୋଗ ପାଇପାରିବ। ପରବର୍ତ୍ତୀ ୨,୬୦୦ ବର୍ଷ ପୁରୁଣା ବୈଦିକ ସାହିତ୍ୟରେ ଜନବସତିରେ ଆମେ ବିଭିନ୍ନ ରୀତିନୀତି ପାଳନ କରାଯାଉଥିବା ଦେଖିବାକୁ ପାଉ। ଏଗୁଡ଼ିକ ଥିଲା ବ୍ରାହ୍ମଣଙ୍କ ରୀତିନୀତି। କିନ୍ତୁ ସେଠାରେ କିଛି ରୀତିନୀତି ଥିଲା ଯାହା ଗାଁ ସୀମାନ୍ତ ଜଙ୍ଗଲ ନିକଟରେ କରାଯାଇଥିଲା। ଏଗୁଡ଼ିକ ଥଲା ଆର୍ଯ୍ୟଙ୍କ ରୀତିନୀତି। ବିଶେଷକରି ସେଗୁଡ଼ିକ ସଂସ୍କୃତି ଏବଂ ପ୍ରକୃତି ମଧ୍ୟରେ ଥିବା ମାନସିକ ଆବେଗ ବା ଭାବନାର ଏକ ସ୍ୱୀକୃତି।

ଜଙ୍ଗଲ ଏବଂ ଜନବସତି ମଧ୍ୟରେ ଏଭଳି ଭାବନା ସମ୍ପର୍କରେ ହିନ୍ଦୁ ପୁରାଣରେ ବାରମ୍ବାର ଉଲ୍ଲେଖ କରାଯାଇଛି। ଭଗବତ ପୁରାଣରେ ଆମେ ଭେନାଙ୍କ କାହାଣୀ ଶୁଣିବାକୁ ପାଉ। ଭେନା ଥିଲେ ଜଣେ ରାଜା ଯିଏ ପୃଥିବୀକୁ ଲୁଣ୍ଠନ କରନ୍ତି ଏବଂ ଶେଷରେ ଋଷିମାନେ ତାଙ୍କୁ ବଧ କରିଥିଲେ। ସେମାନେ ତାଙ୍କ ଶବକୁ ଘୁଞ୍ଚାଇଦେଇ ସେଠାରୁ ଦୁଇଟି ଜୀବ ସୃଷ୍ଟି କରନ୍ତି। ଗୋଟିଏ ହେଉଛି ନିଶାଦ, ଯିଏ ଜଙ୍ଗଲରେ ରହି ନିଜକୁ ପ୍ରକୃତି ସହ ଖାପ ଖୁଆଇ ରହିବାକୁ ପସନ୍ଦକରେ। ଆଉ ଜଣେ ହେଉଛନ୍ତି ପ୍ରିଥୁ। ସେ ଜଣେ ଆଦର୍ଶ ରାଜା ଯିଏ ପୃଥିବୀକୁ ବାସୋପଯୋଗୀ ଅନୁକୂଳ ପରିବେଶରେ ପରିଣତକରି ସମତଳ କରନ୍ତି। କ୍ଷେତ, କେନାଲ ସୃଷ୍ଟି କରିବା ସହ ସନ୍ତୁଳିତ ଉପାୟରେ ପୃଥିବୀରୁ ଧନ ବାହାରକରନ୍ତି। ବସତି ସ୍ଥାପନକରି ରହିଥିବା ଆଦିବାସୀ ସମ୍ପ୍ରଦାୟର ପ୍ରିଥୁ ସମତଳ ଅଞ୍ଚଳରେ ବସତି ସ୍ଥାପନକରି ରହିଥିବା ସମ୍ପ୍ରଦାୟର ପ୍ରତିନିଧିତ୍ୱ କରୁଥିବାବେଳେ ନିଶାଦ ଅରଣ୍ୟର ଆଦିବାସୀଙ୍କ ପ୍ରତିନିଧିତ୍ୱ କରନ୍ତି। ବ୍ରାହ୍ମଣୀୟ ବ୍ୟବସ୍ଥା ପ୍ରିଥୁଙ୍କୁ ପସନ୍ଦକରେ, କାରଣ ସେ ବ୍ରାହ୍ମଣୀୟ ରୀତିନୀତି ପାଇଁ ସ୍ୱୀକୃତି ପ୍ରଦାନ କରନ୍ତି। ତେବେ ନିଶାଦଙ୍କୁ ଘୃଣା କରାଯାଏ କାରଣ ସେ ବ୍ରାହ୍ମଣ ରୀତିନୀତିକୁ ସମର୍ଥନ କରନ୍ତି ନାହିଁ ଏବଂ ଜଙ୍ଗଲରେ ରହିବାକୁ ପସନ୍ଦ କରନ୍ତି।



ପାରମ୍ପରିକ ଭାବେ ଜଙ୍ଗଲବାସୀଙ୍କୁ ଆଦିବାସୀ କିମ୍ବା ବନବାସୀ କୁହାଯାଇଆସୁଛି। ବନବାସୀ ଶବ୍ଦ ସୂଚିତ କରେ ଯେ, ସେମାନେ ଜଙ୍ଗଲରେ ରହିବାକୁ ପସନ୍ଦ କରନ୍ତି ଏବଂ ସମତଳ ଅଞ୍ଚଳର ସଂସ୍କୃତିର ଅଂଶ ହେବାକୁ ଇଚ୍ଛା କରନ୍ତି ନାହିଁ। ସେମାନେ ଜମି ଚାଷ କରିବାକୁ ଇଚ୍ଛା କରନ୍ତି ନାହିଁ, ପ୍ରକୃତି ସହ ସେମାନେ ଆରମ୍ଭରୁ ଯେମିତି କାମ କରୁଥିଲେ ସେହିଭଳି କାମ କରିବାକୁ ଆଗ୍ରହ ପ୍ରକାଶ କରନ୍ତି। ଆରମ୍ଭରୁ ଜଙ୍ଗଲରେ ଆଦି ମାନବ ଥିଲେ। ଏହି ଆଦି ମାନବ ଶବ୍ଦ ସୂଚିତକରେ ଯେ, ସେମାନେ ଏହି ପୃଥିବୀ ଭୂମିର ମୂଳ ବାସିନ୍ଦା, ସେମାନେ ଆଦିମ ଲୋକ। ସେମାନେ ସଭ୍ୟ ହେବା ଆବଶ୍ୟକ। ସେମାନେ ଥିଲେ ପୃଥିବୀର ମୂଳ ବାସିନ୍ଦା, ଯେଉଁମାନେ ଜଙ୍ଗଲ ବାହାରେ ବସତି ସ୍ଥାପନ କରିଥିବା ସମ୍ପ୍ରଦାୟ ଦ୍ୱାରା ବିତାଡ଼ିତ ହୋଇ ଆସିଛନ୍ତି। ଏହି କ୍ରିୟାକଳାପର ଶବ୍ଦଗୁଡ଼ିକୁ ଅତ୍ୟଧିକ ରାଜନୀତି କୈନ୍ଦ୍ରିକ ଏବଂ ଅତ୍ୟନ୍ତ ବିବାଦୀୟ ତଥା ଏକ ଅସୀମ ବିତର୍କର ବିଷୟ।

-devduttofficial@gmail.com

## ଏଇ ଭାରତରେ

ଜୀବେ ଦୟା ଭାବକୁ ପ୍ରତିପାଦିତ କରିଛନ୍ତି ପଟିଆଲାର ସୁଷମା ସିଂ। ସେ ବୁଲାକୁକୁରଙ୍କୁ ଉଦ୍ଧାର କରି ଘରେ ଆଶ୍ରୟ ଦେବା ସହ ସେମାନଙ୍କ ଯତ୍ନ ନେଉଛନ୍ତି। ଏହି କାର୍ଯ୍ୟ ସେ ୯ ବର୍ଷ ବୟସରୁ ଆରମ୍ଭ କରିଛନ୍ତି। ସେ ଏବେ ଘରେ ୮୫ ଆହତ ଓ ଅସହାୟ କୁକୁରଙ୍କୁ ଉଦ୍ଧାର କରି ରଖିଛନ୍ତି। ଏମାନଙ୍କ ଯତ୍ନ ନେବାରେ ସୁଷମାଙ୍କ ପରିବାରର ସଦସ୍ୟମାନେ ଯଥାସମ୍ଭବ ସହଯୋଗ କରୁଛନ୍ତି। ସବୁ ପ୍ରାଣୀ ତାଙ୍କ ପିଲା ଭଳି ଓ ସେମାନଙ୍କୁ ପାଳିବା ଲାଗି ସେ ବିବାହ କରିନାହାନ୍ତି ବୋଲି କହନ୍ତି ସୁଷମା। ରାସ୍ତାରେ ବୁଲୁଥିବା ୩୦୦ କୁକୁରଙ୍କୁ ପ୍ରତିଦିନ ସେ ମଧ୍ୟ ଖାଇବାକୁ ଦେଉଛନ୍ତି। ଏହି ଖାଦ୍ୟ ତାଙ୍କ ମା' ଓ ଭାଇ ପ୍ରସ୍ତୁତ କରୁଛନ୍ତି। ସୁଷମାଙ୍କ ବୟସ ଏବେ ୪୨। ସେ ଏକ ଘରୋଇ ମହାବିଦ୍ୟାଳୟରେ କାମ କରୁଛନ୍ତି। ସେ ପାଉଥିବା ସବୁ ଦରମା ଏହି ପ୍ରାଣୀଙ୍କ ସେବାରେ ଖର୍ଚ୍ଚ କରୁଛନ୍ତି। ୩୦ ବର୍ଷ ହେଲା ସେ ଏହି କାର୍ଯ୍ୟ କରି ଆସୁଛନ୍ତି। କେବେ ବି ଅର୍ଥାଭାବରୁ ସେ କୁକୁରଙ୍କୁ ଭୋକିଲା ରଖିନାହାନ୍ତି। ଭବିଷ୍ୟତରେ ଅର୍ଥାଭାବର ସମ୍ଭାବନାକୁ ଲକ୍ଷ୍ୟ କରି ସେ 'ଚୌପାୟା ଜୀବ ରକ୍ଷା ଫାଉଣ୍ଡେଶନ' ଗଠନ କରିଛନ୍ତି ଓ ତା' ମାଧ୍ୟମରେ କେତେଜଣ ବନ୍ଧୁଙ୍କ ସହଯୋଗରେ ପାଣ୍ଠି ଯୋଗାଡ଼ କରୁଛନ୍ତି। ଏହି କାର୍ଯ୍ୟରେ ସୁଷମାଙ୍କ ସହିତ ବହୁ ବ୍ୟକ୍ତି ମଧ୍ୟ ଯୋଡ଼ି ହୋଇଗଲେଣି। ସୁଷମା କହନ୍ତି, ଯେ କୌଣସି ବ୍ୟକ୍ତି ଅସହାୟ ଜୀବଙ୍କୁ ଉଦ୍ଧାର କରି ତାଙ୍କ ଘରକୁ ଏକ ଆଶ୍ରୟସ୍ଥଳୀ କରିପାରିବେ। ଏଥିପାଇଁ ଦୃଢ ଇଚ୍ଛାଶକ୍ତି ଓ ନିଷ୍ଠା ଆବଶ୍ୟକ।

## ଚିରନ୍ତନୀ

ପ୍ରଦୋଷ ଉଷାର ରଙ୍ଗମହଲ କୋଳେ
ରୂପାୟିତ ହୋଇ କେତେ ଋତୁ ମାସ ତଳେ
ସପତ ରଙ୍ଗେ ରଞ୍ଜିତ କରି ଧରା
ସପତ ସ୍ୱରରେ ସଙ୍ଗୀତ ହେଉ ଭରା
କୁସୁମ କୋରକ କହି ଉଠୁ ସେହି କଥା
ଫଗୁଣ ସମୀରେ ବାଜୁ ଦୁଇ ଗୁଣ ବ୍ୟଥା
କୋଟିଏ ବିଶ୍ୱ ଗୋଟିଏ କଥାରେ ଟାଣି
ସତ୍ୟ ହେଉ ଏ ସଚେତନ ରୂପବାଣୀ।

-(ରୂପ ଓ ବାଣୀ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

### ସ୍ୱାଭିମାନ ସ୍ପନ୍ଦିତ ହେବ କେବେ

ମହାଶୟ,

ପ୍ରାୟ ସାଢ଼େ ଚାରିକୋଟି ଲୋକଙ୍କର ଭାଷା ଓଡ଼ିଆ। କେତେ ସମ୍ମାନସ୍ପଦ ଆମ ଭାଷା! ଆମ ମାତୃଭାଷା ଓଡ଼ିଆ ଆମର ଗର୍ବ। ଏହା ଯେତିକି ପ୍ରାଚୀନ ସେତିକି ସମୃଦ୍ଧ। ଭାରତରେ ଶାସ୍ତ୍ରୀୟ ଭାଷା ମାନ୍ୟତା ଲାଭ କରିଥିବା ଛଅଟି ଭାଷା ମଧ୍ୟରୁ ଓଡ଼ିଆ ଭାଷା ଅନ୍ୟତମ। ଓଡ଼ିଆ ଭାଷାର ଏହି ମାନ୍ୟତାର ସ୍ୱୀକୃତି କେନ୍ଦ୍ର ସରକାରଙ୍କ ଦ୍ୱାରା ଉଦ୍‌ଘୋଷିତ ହୋଇଥିଲା ୧୧ ମାର୍ଚ୍ଚ ୨୦୧୪ରେ। ଓଡ଼ିଆ ଭାଷାରେ ବହୁ ପ୍ରାଚୀନ ପାଣ୍ଡୁଲିପିମାନ ମିଳିଛି। ଓଡ଼ିଆ ଭାଷା ଲାଗି ଓଡ଼ିଶା ରାଜ୍ୟ ବଞ୍ଚି ରହିଛି। ଏହି ଗୌରବବୋଧ ବ୍ୟକ୍ତିଗତ ନୁହେଁ। ତାହା ଗୋଷ୍ଠୀ, ରାଜ୍ୟ ବା ସମଗ୍ର ରାଷ୍ଟ୍ରବାସୀଙ୍କର। ଓଡ଼ିଆ ହିସାବରେ ପରିଚିତ ହେବା ଏକ ଗୌରବର ବିଷୟ। କିନ୍ତୁ ଯେ ପର୍ଯ୍ୟନ୍ତ ଏହା ଆମ ଚେତନାକୁ ଉତ୍ତରିତ ହୋଇନାହିଁ ସେ ପର୍ଯ୍ୟନ୍ତ ଆମର ସ୍ୱାଭିମାନ ଜାଗ୍ରତ ହେବା ସମ୍ଭବ ନୁହେଁ। ଯେଉଁ ଓଡ଼ିଆ ସ୍ୱାଭିମାନ ମଧୁସୂଦନ ଦାସ ଓ ଅନ୍ୟ ଜନନାୟକଙ୍କୁ ଗତିଶୀଳ କରିଥିଲା, ସେହି ସ୍ୱାଭିମାନ ଆମ ଭିତରେ ସ୍ପନ୍ଦିତ ହେବନାହିଁ କାହିଁକି? ସ୍ୱାଭିମାନ ହିଁ ମଣିଷର ସାମାଜିକ ସମ୍ବଳ ଓ ପରିଚୟ। ଜନ୍ମମାଟି ପାଇଁ ଉତ୍ସର୍ଗୀକୃତ ଜୀବନ ଓ ସଂଘର୍ଷର କାହାଣୀ ସହ ପରିଚିତି ବିନା ଏହା ସମ୍ଭବ ନୁହେଁ।

**-ଦେବବ୍ରତି ମିଶ୍ର, ସାକ୍ଷୀଗୋପାଳ, ପୁରୀ**

### କାଉବଂଶ ନାଶ ହେଲାଣି

ସକାଳର ସୂର୍ଯ୍ୟ ଉଦୟ ହେବା ପୂର୍ବରୁ କାଉମାନେ ଗଛଡାଳରେ ବସି କା କା କରି ନିଦ ଭାଙ୍ଗିଦେଉଥିଲେ। କିନ୍ତୁ ଦୁଃଖର ବିଷୟ, ପ୍ରକୃତିର ବନ୍ଧୁ ତଥା ପରିବେଶକୁ ନିୟମିତ ବ୍ୟବଧାନରେ ସଫା ରଖୁଥିବା କାଉ ବଂଶ ଏବେ ବିପଦରେ। ଏମାନଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଉଛି। ଗଛ କାଟିବା, ପରିବେଶ ପ୍ରଦୂଷିତ ହେବା ଯୋଗୁ ଏମାନେ ଅକାଳରେ ମରୁଛନ୍ତି। ସଂକ୍ରମିତ ଖାଦ୍ୟପଦାର୍ଥ, ପ୍ରକୃତିର ଅସନ୍ତୁଳିତ ଅବସ୍ଥା ଆଦି ଏମାନଙ୍କ ସଂଖ୍ୟା କମାଉଛି। ଅସ୍ୱାସ୍ଥ୍ୟକର ବାତାବରଣ ଏମାନଙ୍କ ବଂଶ ନିପାତର ପ୍ରମୁଖ କାରଣ। ଘରଚଟିଆ, ବଣି ଓ କଜଳପାତିଆ ପରେ ଲୋପ ପାଇଲାଣି କାଉବଂଶ।

**-ସତ୍ୟସିଂହ ଶତପଥୀ, ସିଏସ୍‌ପୁର, ଏଚ୍‌ବି କଲୋନି, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଯୁକ୍ତ୨ ପରୀକ୍ଷା କେନ୍ଦ୍ରର ଲାଇଭ୍ ଷ୍ଟ୍ରିମିଂ ହେବ

**ଭୁବନେଶ୍ୱର,୨୯।୧୧(ଅନୁରାଧା ମହାରଣା)**

ରାଜ୍ୟର ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ବାର୍ଷିକ ପରୀକ୍ଷାକୁ ସ୍ୱଚ୍ଛ କରିବା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସମସ୍ତ ପରୀକ୍ଷାକେନ୍ଦ୍ର ଓ ଷ୍ଟ୍ରଙ୍ଗରୁମ୍‌ରେ ସିସିଟିଭି ଲାଗିଛି କି ନାହିଁ ଏବଂ ଲାଗିଥିଲେ ଠିକ୍ ଭାବେ କାର୍ଯ୍ୟ କରୁଛି କି ନାହିଁ, ତାହାର ତର୍ଜମା କରିବାକୁ ସମସ୍ତ ଜୁନିଅର କଲେଜ ଅଧ୍ୟକ୍ଷଙ୍କୁ ପରିଷଦ ପକ୍ଷରୁ ଚିଠି ଲେଖାଯାଇଛି। ପରୀକ୍ଷା ହେବାକୁ ଥିବା ସମସ୍ତ ସେଣ୍ଟରର ସୁପରିଣ୍ଟେଣ୍ଡେଣ୍ଟ ଅଫିସ୍ ଓ ଲାବରେଟୋରିରେ ମଧ୍ୟ ସିସିଟିଭି ଲଗାଯିବ। ଏହାବ୍ୟତୀତ ପରୀକ୍ଷା କେନ୍ଦ୍ରଗୁଡ଼ିକର ଲାଇଭ୍ ଷ୍ଟ୍ରିମିଂ ମଧ୍ୟ କରାଯିବ। ତେବେ ୧୫ ଡିସେମ୍ବର ପୂର୍ବରୁ ଏନେଇ ସମସ୍ତ ବ୍ୟବସ୍ଥା କରାଯିବାକୁ ଚିଠିରେ ଉଲ୍ଲେଖ ରହିଛି। ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚିବା ପୂର୍ବରୁ କ୍ୟାମେରାଗୁଡ଼ିକ ଯାଞ୍ଚ କରାଯିବ। ତେବେ ପରୀକ୍ଷା ପରିଚାଳନା ହବ୍ ଘୋଷଣା କରାଯାଇଥିବା ଶିକ୍ଷାନୁଷ୍ଠାନ ଏବଂ ନୂତନ ଭାବେ ପରୀକ୍ଷାକେନ୍ଦ୍ର ପାଇଁ ଆବେଦନ କରିଥିବା ଶିକ୍ଷାନୁଷ୍ଠାନଗୁଡ଼ିକ ଡିଭିଆର୍/ଏନ୍‌ଭିଆର୍/ ଇନଷ୍ଟଲ କ୍ଲାଉଡ୍, ଇଣ୍ଟରନେଟ୍ ସଂଯୋଗ, ଷ୍ଟାଟିକ୍ ଆଇପି ଆଡ୍ରେସ୍, କ୍ୟାମେରା ଆଦି ଉପଲବ୍ଧ ରଖିବା ପାଇଁ ନିର୍ଦ୍ଦେଶ ରହିଛି। ଏପରିକି ଉକ୍ତ ଜୁନିଅର କଲେଜଗୁଡ଼ିକ ଏନେଇ ସମସ୍ତ ତଥ୍ୟ ୧୫ ତାରିଖ ପୂର୍ବରୁ ସାମସ୍ ଇ-ସ୍ପେସ୍‌ରେ ଦାଖଲ କରିବେ। ଏଥିରେ ଖିଲାପ କଲେ ସଂପୃକ୍ତ ଶିକ୍ଷାନୁଷ୍ଠାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚିଠିରେ ସ୍ପଷ୍ଟ କରାଯାଇଛି।



ନିକଟରେ ବିଜେଡିରେ ଯୋଗଦେଇଥିବା ୫-ଟି ଏବଂ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ବୁଧବାର ନବୀନ ନିବାସଠାରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ(ବାମରୁ), ପରିବହନ ମନ୍ତ୍ରୀ ଟୁକୁନୀ ସାହୁ ଏବଂ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ସାକ୍ଷାତ କରି ଅଭିନନ୍ଦନ ଜଣାଉଛନ୍ତି।

# ପୂର୍ବତନ ବାଚସ୍ପତି ଶରତ କରଙ୍କ ପତ୍ନୀ ବିୟୋଗ

**ଭୁବନେଶ୍ୱର, ୨୯।୧୧ (ବନ୍ଦନା ସେଠୀ)**



ଅନିତା କର

ପୂର୍ବତନ ବାଚସ୍ପତି ସ୍ୱର୍ଗତ ଶରତ କରଙ୍କ ପତ୍ନୀ ଅନିତା କରଙ୍କ ମଙ୍ଗଳବାର ରାତି ୧୨ଟାରେ ଶହୀଦନଗରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ଧରି ଯକୃତଜନିତ ରୋଗରେ ପୀଡିତ ଥିଲେ। ଏକ ଘରୋଇ ହସ୍ପିଟାଲରେ ଗତ ୨/୩ମାସ ହେବ ଚିକିତ୍ସିତ ହେଉଥିଲେ। ସେ ରମାଦେବୀ ବିଶ୍ୱବିଦ୍ୟାଳୟର ଇଂଲିଶ ବିଭାଗରେ ଅଧ୍ୟାପିକା ଥିଲେ। ଶିକ୍ଷାଦାନ ସହିତ ଗୀତ ଗାଇବାକୁ ଭଲ ପାଉଥିଲେ। ଅଲ୍ ଇଣ୍ଡିଆ ରେଡିଓରେ ଗୀତ ଗାଇଥିଲେ। ସେ ଜଣେ ସ୍ନେହୀ ଓ ପରୋପକାରୀ ମହିଳା ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ ଏବଂ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସତ୍ୟନଗର ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡପୁଅ ଶୋଭନ କର ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳି ଯାଇଛି।

# ଟ୍ରକ୍ ମାଡ଼ିଯିବାରୁ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ: ଡ୍ରାଇଭର ଗିରଫ

**ଭୁବନେଶ୍ୱର,୨୯।୧୧ (ସୂର୍ଯ୍ୟକାନ୍ତ ବେହେରା)**

ଭୁବନେଶ୍ୱରର ବାଣୀବିହାର ଓଭରବ୍ରିଜ ନିକଟରେ ବୁଧବାର ସକାଳେ ଏକ ମିକ୍ସର ମେଶିନ ସଂଯୋଗ ଥିବା ଏକ ଟ୍ରକ ମାଡି ଯିବାରୁ ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରସୁଲଗଡ଼ ଅଞ୍ଚଳର ପ୍ରତ୍ୟୁତ୍‌ପର୍ଣ୍ଣ ଦାସ (୧୯)। ସେ ଘାଟିକିଆସ୍ଥିତ ଓଡିଶା ୟୁନିଭର୍ସିଟି ଅଫ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ଚରେ ବିଟେକର ଇଲେକଟ୍ରୋନିକ୍ସ ବିଭାଗର ପ୍ରଥମ ବର୍ଷ ଛାତ୍ର ଥିଲେ। ସେପଟେ ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଫେରାର ହେଉଥିବା ବେଳେ ପୋଲିସ ଡ୍ରାଇଭରଙ୍କୁ ଗିରଫ କରିବା ସହ ଟ୍ରକକୁ ଜବତ କରି ଘଟଣାର ଅଧିକ ତଦନ୍ତ ଚଳାଇଛି। ସୂଚନାନୁସାରେ, ପ୍ରତ୍ୟୁତ୍‌ପର୍ଣ୍ଣ ସ୍କୁଟିରେ କଲେଜ ଅଭିମୁଖେ ଯାଉଥିବାବେଳେ ବାଣୀବିହାର ଓଭରବ୍ରିଜ ପାଖରେ ଉକ୍ତ ଟ୍ରକ୍‌ଟି ପଛରୁ ଧକ୍କା ଦେବା ପରେ ମୁଣ୍ଡ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।



# ଲୁଟିନେଲେ ୧୫ଲକ୍ଷ ଟଙ୍କାର ସୁନା,ରୁପା ଗହଣା

## ସୁନା ବ୍ୟବସାୟୀଙ୍କ ଘରେ ସଶସ୍ତ୍ର ଡକାୟତି

**ହାଟଡ଼ିହୀ, ୨୯।୧୧(ଶୁଭକାନ୍ତ ନାୟକ)**

କେନ୍ଦୁଝର ଜିଲା ନନ୍ଦିପଦା ଥାନା ଟୁକୁଣା ଗ୍ରାମର ଜଣେ ସୁନା ଦୋକାନୀଙ୍କ ଘରୁ ମଙ୍ଗଳବାର ବିଳମ୍ବିତ ରାତିରେ ସଶସ୍ତ୍ର ଡକାୟତି ହୋଇଛି। ଦୁର୍ବୃତ୍ତ ସୁନା ବ୍ୟବସାୟୀଙ୍କ ପରିବାର ଲୋକଙ୍କ ମୁଣ୍ଡରେ ବନ୍ଧୁକ ରଖି ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା,ରୁପା ଗହଣା ନେଇଯାଇଛନ୍ତି। ଏ ନେଇ ସୁନା ବ୍ୟବସାୟୀ ପବିତ୍ର ଦାସ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାରେ ପୋଲିସ ତଦନ୍ତ ଆରମ୍ଭ କରିଛି। ପବିତ୍ରଙ୍କ ଛେନାପଦି ବଜାରରେ ଏକ ସୁନା ଦୋକାନ ରହିଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ବିଳମ୍ବିତ ରାତିରେ ୬ ଦୁର୍ବୃତ୍ତ ମୁହଁରେ କପଡ଼ା ବାନ୍ଧି ଘର ଝରକା, ଗ୍ରୀଲ ତାଡ଼ି ପବିତ୍ରଙ୍କ ଘର ଭିତରକୁ ପଶିଥିଲେ। ପବିତ୍ର, ତାଙ୍କ ସ୍ତ୍ରୀ ଏବଂ ପୁଅଙ୍କ ମୁଣ୍ଡରେ ବନ୍ଧୁକ ଓ ଭୁଜାଲି ଲଗାଇ ପ୍ରାୟ ୨୦୦ ଗ୍ରାମର ସୁନା ଓ ୭ କିଲୋରୁ ଊର୍ଦ୍ଧ୍ୱ ରୁପା ଅଳଙ୍କାର, ଗୋଟିଏ ଏଲ୍‌ଇଡି ଲୁଟି ନେଇଥିଲେ। ଏଥିସହ ପବିତ୍ରଙ୍କୁ ମାଡ଼ ମଧ୍ୟ ମାରିଥିଲେ। ଅଭିଯୋଗ ପରେ ନନ୍ଦିପଦା ପୋଲିସ ବୁଧବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗାଁ ଭିତରେ ପଶି ଲୁଟ୍‌ପାଟ୍ ଘଟଣାକୁ ନେଇ ଗ୍ରାମରେ ଭୟର ବାତାବରଣ ଖେଳିଯାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୩୧୭/୨୩ )ରୁଜୁହୋଇ ଅନୁସନ୍ଧାନ ଚାଲିଥିବା ଆଇଆଇସି ରମେଶ ଚନ୍ଦ୍ର ପାତ୍ର ଏବଂ ପୋଲିସ ଅଧିକାରୀ ନରୋତ୍ତମ ଦଳେଇ କହିଛନ୍ତି। ସୂଚନାଯୋଗ୍ୟ, ଗତ ୧ ବର୍ଷ ପୂର୍ବେ ପବିତ୍ରଙ୍କୁ ନିସଙ୍ଗପୁର ନିକଟରେ କେତେଜଣ ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରି ପ୍ରାୟ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଗହଣା ଲୁଟି ନେଇଥିଲେ। ନନ୍ଦିପଦା ଥାନା ଅଞ୍ଚଳରେ ଚୋରି, ଲୁଟପାଟ୍ ବଢ଼ି ଚାଲିଛି। ଫଳରେ ପୋଲିସ ରାତ୍ରିକାଳୀନ ପାଟ୍ରୋଲିଂକୁ କଡ଼ାକଡ଼ି କରିବାକୁ ଦାବି ହେଉଛି।

# ୩ ଜଣଙ୍କୁ ଆଜୀବନ ଜେଲଦଣ୍ଡ

## ନାବାଳିକା ଗଣବଳାତ୍କାର

**କେନ୍ଦୁଝର,୨୯।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

କେନ୍ଦୁଝର ଅତିରିକ୍ତ ଜିଲା ଜଜ୍ ଶୁଭଶ୍ରୀ ତ୍ରିପାଠୀ ଏକ ନାବାଳିକା ଗଣବଳାତ୍କାର ମାମଲା ରାୟ ଶୁଣାଇଛନ୍ତି। ଏଥିରେ ୩ ଜଣଙ୍କୁ ଦୋଷୀ ସାବ୍ୟସ୍ତକରି ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ହଜାର ଟଙ୍କା ଲେଖାଏ ଜରିମାନା ଓ ଅନାଦାୟେ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ପୀଡ଼ିତାଙ୍କୁ ୭.୫ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୫ ମାର୍ଚ୍ଚ ୨୦୨୨ ସନ୍ଧ୍ୟାରେ ନାବାଳିକା ତାଙ୍କ ଭାଇଙ୍କ ସହ ଜାଗରମେଳା ଦେଖିବାକୁ ଯାଇଥିଲେ। ତାଙ୍କ ଭାଇ ଜମ୍ପିଂ ଖେଳ ଖେଳୁଥିବା ବେଳେ ନାବାଳିକା ଦେଖୁଥିଲେ। ଏହି ସମୟରେ ଲାଇନ କଟିଯାଇଥିଲା। ଏହାର ସୁଯୋଗ ନେଇ ପାଟଣା ଥାନା ଅଞ୍ଚଳର ରଞ୍ଜିତ ମହାନ୍ତି(୩୩), ରବୀନ୍ଦ୍ର ନାୟକ(୨୫) ଓ ସୁନୀଲ ବେହେରା ନାବାଳିକାଙ୍କୁ ଟେକିନେଇ ଏକ ନିଛାଟିଆ ସ୍ଥାନରେ ଗଣବଳାତ୍କାର କରିଥିଲେ। ଏ ନେଇ କାହାକୁ ନ କହିବାକୁ ଧମକ ଦେଇଥିଲେ। ଗ୍ରାମର ଜଣେ ଲୋକ ଦେଖି ଘରେ ନେଇ ଛାଡ଼ି ଦେଇଥିଲେ। ଘରେ ନାବାଳିକା ସବୁ ଘଟଣା ପରିବାର ଲୋକଙ୍କୁ ଜଣାଇଥିଲେ। ପରଦିନ ନାବାଳିକାଙ୍କ ମା' ପାଟଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ. ୪୩/୨୦୨୨) ରୁଜୁକରି ୩ ଜଣଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା। ୧୫ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ ତଦନ୍ତ ରିପୋର୍ଟକୁ ଆଧାରକରି କୋର୍ଟ ଉକ୍ତ ରାୟ ଶୁଣାଇଥିବା ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ଗଣେଶ ପ୍ରସାଦ ମହାପାତ୍ର କହିଛନ୍ତି।














ଲଣ୍ଡନର ୱେଷ୍ଟଏଣ୍ଡରୁ ଆସିଥିବା ମମ୍ମା ମିଆଁ କଳାକାରଙ୍କ ସହ ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ସ୍ତ୍ରୀ ନୀତା ଅମ୍ବାନୀ। ମୁମ୍ବାଇସ୍ଥିତ ନୀତା ମୁକେଶ ଅମ୍ବାନୀ କଲ୍‌ଚରାଲ ସେଣ୍ଟରରେ ସେମାନଙ୍କ ମ୍ୟୁଜିକାଲ ପ୍ରୋଗ୍ରାମ ୨୦୨୪ ଜାନୁୟାରୀ ୭ ପର୍ଯ୍ୟନ୍ତ ଚାଲିବ।

# ଦ୍ୱିତୀୟ ଦିନରେ ୧୨ ପଏଣ୍ଟରେ ଲେଜର ସ୍କାନିଂ

## ଶ୍ରୀମନ୍ଦିର ରତ୍ନଭଣ୍ଡାର

ପୁରୀ, ୨୯।୧୧ (ଅଜିତ୍ ମହାନ୍ତି)

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍‌ଆଇ) ପକ୍ଷରୁ ଦୁଇଦିନ ଧରି ଚାଲିଥିବା ଶ୍ରୀମନ୍ଦିର ରତ୍ନଭଣ୍ଡାର ଲେଜର ସ୍କାନିଂ ବୁଧବାର ଶେଷ ହୋଇଛି। ରତ୍ନଭଣ୍ଡାର ସ୍ଥିତି ଜାଣିବା ପାଇଁ ଏହାର ବାହାର ପାର୍ଶ୍ୱ ଥ୍ରୀଡି କ୍ୟାମେରା ଦ୍ୱାରା ଲେଜର ସ୍କାନିଂ କରାଯାଇଥିଲା। ଲେଜର ସ୍କାନିଂରୁ ଆସିଥିବା ଫଟୋକୁ ଅନୁଧ୍ୟାନ କରାଯିବା ପରେ ଫାଟ ହୋଇଥିବା ସ୍ଥାନ ମରାମତି କରାଯିବ। ଅଭିଜ୍ଞ ବିଶେଷଜ୍ଞମାନଙ୍କୁ ନିଆଯାଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଫଟୋଗୁଡ଼ିକର ତର୍ଜମା କରାଯିବା ସହ ଫାଟସବୁ କିଭଳି ମରାମତି ହେବ ସେଥିଲାଗି ପଦକ୍ଷେପ ନିଆଯିବ ବୋଲି ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଡି.ବି. ଗଡ଼ନାୟକ



କହିଛନ୍ତି। ସେହିପରି ଶ୍ରୀମନ୍ଦିର ଭିତରବେଢ଼ାରେ ଥିବା ଅନ୍ୟ ଦେବଦେବୀ ମନ୍ଦିରର ଲେଜର୍ ସ୍କାନିଂ ପାଇଁ ଗୁରୁବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସହ ଏଏସ୍‌ଆଇର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ ସୂଚନା ମିଳିଛି।

ସୂଚନାଯୋଗ୍ୟ, ୨୦୧୮ରେ ରତ୍ନଭଣ୍ଡାରର ସ୍ଥିତି ଦୁର୍ବଳ ଥିବା ନେଇ ଏଏସ୍‌ଆଇ ଅନୁଧ୍ୟାନ କରି ରିପୋର୍ଟ ଦେଇଥିଲା। ବିଶେଷକରି ରତ୍ନଭଣ୍ଡାର କାନ୍ଥ ବର୍ଷାପାଣି ଯୋଗୁ ଓଦା ରହୁଥିବାବେଳେ କାନ୍ଥର ସ୍ଥିତି ଦୁର୍ବଳ ଥିବା ନେଇ ରିପୋର୍ଟରେ ଉଲ୍ଲେଖ ହୋଇଥିଲା। ଏହି ଘଟଣାକୁ ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ତୁରନ୍ତ ରତ୍ନଭଣ୍ଡାର ସ୍ଥିତି ଯାଞ୍ଚ କରି ରିପୋର୍ଟ ଦେବାକୁ ଏଏସ୍‌ଆଇ ଏବଂ ଶ୍ରୀମନ୍ଦିର ପ୍ରଶାସନକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଅନୁଯାୟୀ, ଏଏସ୍‌ଆଇର ଏକ ସ୍ୱତନ୍ତ୍ର ଟିମ୍ ଏବଂ ଶ୍ରୀମନ୍ଦିର ବୈଷୟିକ ଟିମ୍‌ର ସଦସ୍ୟଙ୍କୁ ନେଇ ଗତ ଦୁଇଦିନ ଧରି ସମୁଦାୟ ୪୯ଟି ପଏଣ୍ଟରେ ଲେଜର ସ୍କାନିଂ କରାଯାଇଛି। ପ୍ରଥମ ଦିନ ଅର୍ଥାତ ମଙ୍ଗଳବାର ୩୭ଟି ପଏଣ୍ଟ ଏବଂ ବୁଧବାର ଅନ୍ୟ ୧୨ଟି ପଏଣ୍ଟରେ ଲେଜର୍ ସ୍କାନିଂ କରାଯାଇଛି। ଲେଜର ସ୍କାନିଂରୁ ମିଳିଥିବା ଫଟୋକୁ ଅନୁଧ୍ୟାନ କରାଯିବା ପରେ ତର୍ଜମା କରାଯାଇ ଫାଟଗୁଡ଼ିକର ମରାମତି ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ଏଏସ୍‌ଆଇ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ମହୁମାଛି ଆକ୍ରମଣରେ ୭ ଆହତ

ବୈଶିଙ୍ଗା, ୨୯।୧୧ (ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ବୈଦପୁର ଗ୍ରାମରେ ବୁଧବାର ପୂର୍ବାହ୍ନରେ ବାଘୁଆ ମହୁମାଛି ଆକ୍ରମଣରେ ୨ ସ୍କୁଲ ପିଲାଙ୍କ ସମେତ ମୋଟ ୭ଜଣ ଆହତ ହୋଇଛନ୍ତି। ହଠାତ୍ ମହୁମାଛି ଉଡ଼ିବା ଯୋଗୁ ଭୟରେ ବୈଦପୁରରୁ ହାଟ ରାସ୍ତା ଜନଶୂନ୍ୟ ହୋଇ ପଡ଼ିଥିଲା। ଆହତ ଦୁଇ ଛାତ୍ର ହେଲେ କୁରାଡ଼ିକ ଗ୍ରାମର କିରଣ ମହାନ୍ତ ଓ ଶୁଭମ ମହାନ୍ତ। ସେହିଭଳି ମେରଦା ଗ୍ରାମର ଦୀପିକା ଡଗରା, ସାତପଉଟିଆ ଗ୍ରାମର ଇନ୍ଦ୍ରଜିତ ସାହୁ ଓ ଶୁଭଲକ୍ଷ୍ମୀ ସାହୁ, ବୈଦପୁର ଗ୍ରାମର ଦୁର୍ଗା ସିଂ, ଯୁଗଳ ଗ୍ରାମର ରାଜେନ୍ଦ୍ର ଧାଉଁଡିଆ। ସମସ୍ତଙ୍କୁ ବୈଶିଙ୍ଗା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପରିଲକ୍ଷିତ ହେବାରୁ ସେମାନଙ୍କୁ ଡାକ୍ତରଖାନାରୁ ଛାଡ଼ି ଦିଆଯାଇଥିବା ଭାରପ୍ରାପ୍ତ ଡାକ୍ତର ପ୍ରଦୀପ କୁମାର କର ସୂଚନା ଦେଇଛନ୍ତି।

### ୪ ବର୍ଷ ପରେ ଫେରାର ଚତୁର୍ଥ ଭାଇ ଗିରଫ

#### ରଜ ମହୋତ୍ସବରେ ହତ୍ୟା ଘଟଣା

ଭୁବନେଶ୍ୱର, ୨୯।୧୧ (ସତ୍ୟଜିତ୍ ରାଉତ)

ଧଉଳି ପାଦଦେଶରେ ଥିବା ଭୈରଙ୍ଗେଶ୍ୱର ମନ୍ଦିର ନିକଟରେ ରଜ ମହୋତ୍ସବବେଳେ ଜଣେ ବୟସ୍କ ବ୍ୟକ୍ତିଙ୍କୁ କାଠଫାଳିଆରେ ହତ୍ୟା ଘଟଣାର ୪ ବର୍ଷ ପରେ ଫେରାର ଚତୁର୍ଥ ଭାଇ ବୁଧବାର ପୋଲିସ ହାତରେ ଧରାପଡ଼ିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଧଉଳୀ ଥାନା ଅନ୍ତର୍ଗତ ପାଟଣା ଜଗନ୍ନାଥପୁର ଗ୍ରାମର ନିଲୁ ପଣ୍ଡା ଓରଫ ଗୁଜି (୩୯)। ଧଉଳୀ ପୋଲିସ ନିଲୁଙ୍କୁ ଗିରଫ କରି ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତ ନିଲୁଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ପୂର୍ବରୁ ନିଲୁଙ୍କ ୩ଜଣ ଭାଇ ଦିଲୀପ ପଣ୍ଡା, ପ୍ରଦୀପ ପଣ୍ଡା ଓ ଦେବୁ ବ୍ରହ୍ମା ପଣ୍ଡା ଗିରଫ ହୋଇ ଜେଲରେ ଅଛନ୍ତି। ସେମାନଙ୍କ ନାମରେ କୋର୍ଟରେ ଚାର୍ଜସିଟ୍ ଦାଖଲ ହୋଇଥିବାବେଳେ ଶୁଣାଣିମଧ୍ୟ ଚାଲୁରହିଛି।

୨୦୧୯ ଜୁନ ୧୭ରେ ଭୈରଙ୍ଗେଶ୍ୱର ମନ୍ଦିର ନିକଟରେ ରଜ ମହୋତ୍ସବ ଦେଖିବାକୁ ସାମନ୍ତରାପୁର ସରଦେଇପୁର ଗ୍ରାମର ବଂଶୀଧର କାଳିଆ ଯାଇଥିଲେ। ଉକ୍ତ ସ୍ଥାନରେ ବସିବାକୁ ନେଇ ପ୍ରଦୀପଙ୍କ ସହ ତାଙ୍କର ବଚସାରୁ ଗଣ୍ଡଗୋଳ ହୋଇଥିଲା। ପ୍ରଦୀପ ଓ ତାଙ୍କ ୩ଭାଇ ମିଳିମିଶି ବଂଶୀଧରଙ୍କୁ କାଠ ଫାଳିଆରେ ନିସ୍ତୁକ ମାଡ଼ ମାରିଥିଲେ। ବଂଶୀଧରଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟବସ୍ଥା ଆହୁରି ବିଗିଡ଼ିଯିବାରୁ ତୁରନ୍ତ ତାଙ୍କୁ କଟକ ଏସ୍‌ସିବି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ବଂଶୀଧରଙ୍କ ପୁଅ ମକର ଧଉଳି ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ହତ୍ୟା ମାମଲା (ନଂ.୮୫/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଘଟଣା ପରେ ଦିଲୀପ, ପ୍ରଦୀପ ଓ ଦେବୁ ବ୍ରହ୍ମା ଗିରଫ ହୋଇଥିଲେ। ହେଲେ ନିଲୁ ଓଡ଼ିଶା ବାହାରେ ଆତ୍ମଗୋପନ କରିଥିଲେ। କିଛିମାସ ହେଲା ସେ ଜଟଣୀ ଅଞ୍ଚଳରେ ସମ୍ପର୍କୀୟଙ୍କ ଘରେ ରହୁଥିଲେ। ବୁଧବାର ସେ ଘରକୁ ଆସୁଥିବାବେଳେ ପୋଲିସ ତାଙ୍କୁ କାବୁ କରିଥିଲା।

# ଜଳିଗଲା ଲକ୍ଷାଧିକ ଟଙ୍କାର ସମ୍ପତ୍ତି

## ୭ ଛେଳି, ୨୦ କୁକୁଡ଼ା ଜୀବନ୍ତ ଦଗ୍ଧ

ରାଜନଗର, ୨୯।୧୧ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଉପାନ୍ତ ତାଳଚୁଆ ପଞ୍ଚାୟତ ଟିକାୟତ ନଗର ଗ୍ରାମରେ ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ କାହ୍ନୁ ଚରଣ ଜେନାଙ୍କ ୩ ବଖରା ଘର ପୋଡ଼ି ପାଉଁଶ ହେବା ସହିତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ସେ ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି। ଅଗ୍ନିକାଣ୍ଡରେ ନଗଦ ୭୦ହଜାର ଟଙ୍କା ପୋଡିଯିବା ସହିତ ୭ ଛେଳି, ୨୦ କୁକୁଡା ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଅଗ୍ନିକାଣ୍ଡ ଏତେ ଭୟାବହ ଥିଲା ଯେ ଗାଁ ଲୋକେ ନିଆଁକୁ ଆୟତ କରିବା ସମ୍ଭବ ହୋଇପାରି ନ ଥିଲେ। ଖବରପାଇଁ ରାଜନଗର ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିଲେ। ବିପନ୍ନ ପରିବାର ଏବେ ପଡ଼ିଶା ଘରେ ଆଶ୍ରୟ ନେଇଛନ୍ତି। ଅଗ୍ନିକାଣ୍ଡ ସମ୍ପର୍କରେ ଖବରପାଇ ରାଜନଗର ବିଧାୟକ ଧ୍ରୁବ



ପୋଡ଼ିଯାଇଥିବା ଘରେ ରହିଥିବା ଟଙ୍କା।

ସାହୁ କେନ୍ଦ୍ରାପଡ଼ା ଜିଲାପାଳ ଅମ୍ରିତ ରତୁରାଜଙ୍କୁ ଜଣାଇଥିଲେ। ଜିଲାପାଳ ବିପନ୍ନ ପରିବାରକୁ ରେଡ଼କ୍ରସ ପାଣ୍ଠିରୁ ୨୫ହଜାର ଟଙ୍କା ସହାୟତା ପ୍ରଦାନ କରିବା ପାଇଁ ରାଜନଗର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଜି ରାଜନଗର ତହସିଲଦାର ଅଜୟ କୁମାର ମହାନ୍ତି, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ଅତିରିକ୍ତ ତହସିଲଦାର ସାଓନ ଭୋଳ, ତାଳଚୁଆ ସରପଞ୍ଚ ସ୍ୱର୍ଣ୍ଣଲତା ମଣ୍ଡଳ, ସାମାଜିକ କର୍ମୀ ଦେବ ଦୁଲାଲ ମଣ୍ଡଳ, ପଞ୍ଚାୟତ ନିର୍ବାହୀ ଅଧିକାରୀ ହୃଷିକେଶ ସେଠୀ ପ୍ରମୁଖ ବିପନ୍ନ ପରିବାର ନିକଟରେ ପହଁଚି ତହସିଲ ପକ୍ଷରୁ ପଲିଥିନ, ରେଡ଼କ୍ରସ ସହାୟତା ଯୋଗାଇ ଦେବା ସହ ପଞ୍ଚାୟତ ପକ୍ଷରୁ ୭ଦିନ ପାଇଁ ରନ୍ଧାଖାଦ୍ୟର ବ୍ୟବସ୍ଥା କରାଇଥିଲେ।

# ଭିଜିଲାନ୍ସ ହାତରେ ଧରାପଡ଼ିଲେ ମହିଳା ଆର୍‌ଆଇ

ସୁନ୍ଦରଗଡ଼, ୨୯।୧୧ (ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ତହସିଲ ଅନ୍ତର୍ଗତ ତସଲାଡିହିର ଭାରପ୍ରାପ୍ତ ଆର୍‌ଆଇ(ରାଜସ୍ୱ ନିରୀକ୍ଷକ) ଲିଲି ଚୌଧୁରୀ ଜଣେ ବ୍ୟକ୍ତିଙ୍କଠାରୁ ୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବୁଧବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଆର୍‌ଆଇ ଚୌଧୁରୀ ଅଭିଯୋଗକାରୀଙ୍କ ଚାଷଜମିକୁ ଘରବାରି(ବାସୋପଯୋଗୀ) କିସମ ପରିବର୍ତ୍ତନ ପାଇଁ ଇନ୍‌କ୍ୱାରି ରିପୋର୍ଟ ସକାଶେ ୫ହଜାର ଟଙ୍କା ଦାବି କରିଥିଲେ। ଅଭିଯୋଗକାରୀ ଜଣକ ଏଥିରେ ଅକ୍ଷମତା ପ୍ରକାଶ କରିବାରୁ ତାଙ୍କୁ ହଇରାଣ କରୁଥିଲେ। ଫଳରେ ସମ୍ପୃକ୍ତ ବ୍ୟକ୍ତି ଏନେଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଏହାପରେ ଯୋଜନା ମୁତାବକ ବୁଧବାର ଆର୍‌ଆଇ ଚୌଧୁରୀ ତାଙ୍କଠାରୁ ୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସେଠାରେ



ଲିଲି ଚୌଧୁରୀ

ଛପି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ମାଡି ବସିଥିଲା। ସମ୍ପୃକ୍ତ ଆର୍‌ଆଇ ଚୌଧୁରୀଙ୍କ ବିରୋଧରେ ରାଉରକେଲା ଭିଜିଲାନ୍ସ ଥାନା କେସ୍ ନମ୍ବର ୨୯/୨୩ରେ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ଏକ ମାମଲା ରୁଜୁ କରି ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ଏଥିସହ ଗିରଫ ଆର୍‌ଆଇଙ୍କ ସର୍ଗିପାଲି ସ୍ଥିତ ଘର ଓ ତସଲାଡିହି ସ୍ଥିତ ଅଫିସରେ ମଧ ଭିଜିଲାନ୍ସ ଟିମ୍ ଖୋଲତାଡ କରିଥିଲା।

# ଏମ୍‌ଜିଏଲ୍ ଇନ୍‌ଫ୍ରାର ୨ ଅଧିକାରୀଙ୍କୁ ୩ବର୍ଷ ଜେଲ

## ଚିଟ୍‌ଫଣ୍ଡ ଠକେଇ ମାମଲା

ବାଲେଶ୍ୱର, ୨୯।୧୧ (ମାନସ ବିଶ୍ୱାଳ)

ଏକ ଚିଟ୍‌ଫଣ୍ଡ ଠକେଇ ମାମଲାର ବିଚାର କରି ବୁଧବାର ବାଲେଶ୍ୱର ଓପିଆଇଡି(ଓଡ଼ିଶା ପ୍ରୋଟେକ୍ସନ୍ ଅଫ୍ ଇଣ୍ଟରେଷ୍ଟ ଅଫ୍ ଡିପୋଜିଟର) କୋର୍ଟ ଜଜ୍ ବିଶ୍ୱଜିତ ଦାସ ୨ ଅଭିଯୁକ୍ତଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡ ସହ ୮୦ ହଜାର ଲେଖାଏଁ ଜରିମାନା କରାଯାଇଛି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।

ବାଲେଶ୍ୱର ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ନିକଟରେ ଏମ୍‌ଜିଏଲ୍ ଇନ୍‌ଫ୍ରା ପ୍ରାଇଭେଟ୍ ଲିମିଟେଡ୍ ନାମକ ସଂସ୍ଥା କାର୍ଯ୍ୟାଳୟ ଖୋଲି ଅଧିକ ସୁଧ ଦେବାର ପ୍ରଲୋଭନ ଦେଖାଇ ଲୋକଙ୍କଠାରୁ ଟଙ୍କା ଉଠାଇଥିଲା। କିଛିବର୍ଷ ପରେ କାର୍ଯ୍ୟାଳୟ ବନ୍ଦ କରି ସଂସ୍ଥାର ଅଧିକାରୀମାନେ ଫେରାର ହୋଇଯାଇଥିଲେ। ଏନେଇ ରେମୁଣା ବ୍ଲକ ଅଧୀନ ନୂଆପାଢ଼ୀ ଅଞ୍ଚଳର ଜଣେ ଯୁବକ ବିଜୟ କୁମାର ମହାପାତ୍ର ସହଦେବଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କୁ ବିଭିନ୍ନ ଲୋଭନୀୟ ଯୋଜନା ଦେଖାଇ ଟଙ୍କା ଡିପୋଜିଟ୍ କରିବାକୁ ସଂସ୍ଥାର ମୁଖ୍ୟ ଡାଇରେକ୍ଟର ସୁବାସ ଚନ୍ଦ୍ର ନାୟକ, ବ୍ରାଞ୍ଚ ମ୍ୟାନେଜର ଦେବୀଶଙ୍କର ପରମାଣିକ, ଆସିଷ୍ଟାଣ୍ଟ ବ୍ରାଞ୍ଚ ମ୍ୟାନେଜର ଭଗବାନ ଚନ୍ଦ୍ର ପ୍ରଧାନ ପ୍ରବର୍ତ୍ତାଇଥିଲେ। ଅବଧି ଶେଷ ହେବା ପରେ ମଧ ଟଙ୍କା ନ ଦେବା ଏବଂ ପରେ କାର୍ଯ୍ୟାଳୟ ବନ୍ଦ କରି ପଳାଇଯିବାରୁ ସେ ସହଦେବଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ସହଦେବଖୁଣ୍ଟା ଥାନାରେ ମାମଲା (ନଂ. ୩୯୯/୨୦୧୪) ରୁଜୁ କରାଯାଇଥିଲା। ପରେ ଓପିଆଇଡ଼ି କୋର୍ଟରେ ସିଟି କେସ୍ (ନଂ. ୦୪(ସି)/୨୦୧୪) ରୁଜୁ କରାଯାଇ ବିଚାରଧୀନ ଥିଲା। ଓପିଆଇଡ଼ି କୋର୍ଟ ଜଜ୍ ୪୨ ଜଣ ସାକ୍ଷୀ, ୯୦ଟି ଦଲିଲ ଓ ଦସ୍ତାବିଜକୁ ଆଧାର କରି ସଂସ୍ଥାର ବ୍ରାଞ୍ଚ ମ୍ୟାନେଜର ଦେବୀ ଶଙ୍କର ପରମାଣିକ ଓ ଆସିଷ୍ଟାଣ୍ଟ ବ୍ରାଞ୍ଚ ମ୍ୟାନେଜର ଭଗବାନ ଚନ୍ଦ୍ର ପ୍ରଧାନଙ୍କୁ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲାର ପରିଚାଳନା କରୁଥିଲେ।

# ବାଲିଯାତ୍ରାରେ ଶକ୍ତି ସଂରକ୍ଷଣ ପ୍ରସାର ଅଭିଯାନ

ଭୁବନେଶ୍ୱର, ୨୯।୧୧ (ସୁନିତ୍ ମିଶ୍ର)

ଐତିହାସିକ କଟକ ବାଲିଯାତ୍ରାରେ ସରକାରଙ୍କ ଶକ୍ତି ବିଭାଗ ପକ୍ଷରୁ ଶକ୍ତି ସଂରକ୍ଷଣ ପ୍ରସାର ଅଭିଯାନ ଜାରି ରହିଛି। ଏଥିଲାଗି ଏକ ଷ୍ଟଲ୍ ଖୋଲାଯାଇ ସେଠାରେ ଶକ୍ତି ସଂରକ୍ଷଣ ସମ୍ବନ୍ଧରେ ଲୋକଙ୍କୁ ସଚେତନ କରାଯାଉଛି। ଶକ୍ତି ସଂରକ୍ଷଣ ସଚେତନତା ସମ୍ପର୍କରେ ସର୍ବୋଚ୍ଚ ଯନ୍ତ୍ରୀ ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ ସୁରେଶ ମହାରଣା କହିଛନ୍ତି, ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ହେଲା ଶକ୍ତି ସଂରକ୍ଷଣ। ବୈଜ୍ଞାନିକ ଓ ବିଶେଷଜ୍ଞଙ୍କ ମତରେ ଆଗାମୀ ୧୦୦ ବର୍ଷ ମଧ୍ୟରେ ପେଟ୍ରୋଲ ଓ ୩୦ ବର୍ଷ ମଧ୍ୟରେ ଡିଜେଲ ଓ ଗ୍ୟାସ୍ ମିଳିବ ନାହିଁ। ତେଣୁ ସେହି ପରିସ୍ଥିତିରେ ବର୍ତ୍ତମାନଠାରୁ ଆମେ ଜଳଶକ୍ତି, ବାୟୁଶକ୍ତି ଓ ସୂର୍ଯ୍ୟଶକ୍ତିକୁ ବିନିଯୋଗକଲେ ଆଗାମୀ ପିଢ଼ି ଆଉ ଶକ୍ତି ଅଭାବ ଅନୁଭବ କରିବେ ନାହିଁ। ସେହିପରି ସମୁଦାୟ କାର୍ବନ ନିର୍ଗମନକୁ ଜିରୋ ସ୍ଥିତିକୁ ଆଣିବାକୁ ପଡ଼ିବ। ବାୟୁ ପ୍ରଦୂଷଣରୁ ରକ୍ଷା ପାଇବା ପାଇଁ ଫସିଲ୍ ଫୁଏଲ୍ ଓ ପେଟ୍ରୋଲ ବ୍ୟବହାରରେ ପୂର୍ଣ୍ଣଚ୍ଛେଦ ଟାଣିବାକୁ ହେବ। ଶକ୍ତି ସଂରକ୍ଷଣ ପାଇଁ ଗ୍ରୀନ୍ ଏନର୍ଜି ଓ ରିନ୍ୟୁଏବୁଲ୍ ଏନର୍ଜି ବ୍ୟବହାର କରିବାକୁ ପଡ଼ିବ। ବିଦ୍ୟୁତ୍ ଶକ୍ତିର ସଂରକ୍ଷଣ ପାଇଁ ଦକ୍ଷ ଉପକରଣ ବ୍ୟବହାର କରାଗଲେ ସ୍ୱଳ୍ପ ଶକ୍ତି ବିନିଯୋଗ ହୋଇପାରିବ। ଫାଇବ୍‌ଷ୍ଟାର୍ ଏସି, ବିଏଲ୍‌ଡିସି ପଙ୍ଖା, ଏଲ୍‌ଇଡି ବଲ୍‌ବ, ଇଲେକ୍‌ଟ୍ରୋନିକ୍ସ ଭେହିକଲ ଆମକୁ ବିଦ୍ୟୁତ୍ ଶକ୍ତି ସଂରକ୍ଷଣରେ ସହାୟତା କରିଥାନ୍ତି। ତେଣୁ କମ୍ ଶକ୍ତିରେ ଉତ୍ତମ ସେବା ପ୍ରଦାନ କରୁଥିବା ଦକ୍ଷ ଉପକରଣ ଶକ୍ତି ସଞ୍ଚୟ କରିଥାନ୍ତି ବୋଲି ସେ କହିଛନ୍ତି। ୧ ୟୁନିଟ୍ ବିଦ୍ୟୁତ୍ ସଞ୍ଚୟ ପ୍ରାୟ ୨ ୟୁନିଟ୍ ବିଦ୍ୟୁତ୍ ଉତ୍ପାଦନ ସହ ସମାନ। ଶତକଡ଼ା ୮୦ ଭାଗ ବାୟୁ ପ୍ରଦୂଷଣ ଜୈବିକ ଶକ୍ତିର ଉତ୍ପାଦନ ଓ ବ୍ୟବହାର ଯୋଗୁ ହୋଇଥାଏ। ନିର୍ଗମନ ହେଉଥିବା ଶତକଡ଼ା ୮୮ ଭାଗ ଅଙ୍ଗାରକାମ୍ଳ ଗ୍ୟାସ୍ ପରି ଗ୍ରୀନ୍‌ହାଉସ୍ ଗ୍ୟାସ୍ ବାୟୁମଣ୍ଡଳରେ ମିଶିଥାଏ। ତେଣୁ ବିଦ୍ୟୁତ୍ ସଂରକ୍ଷଣ ସମ୍ପର୍କରେ ପ୍ରତ୍ୟେକ ବ୍ୟକ୍ତି ସଚେତନ ହେବା ଉଚିତ ବୋଲି ମହାରଣା କହିଛନ୍ତି।

# ଜିଲାସ୍ତରରେ ଶିଳାନ୍ୟାସ ସ୍ୱତନ୍ତ୍ର ପ୍ରକଳ୍ପ ପାଇଁ ରୋଡ୍‌ମ୍ୟାପ୍ ପ୍ରସ୍ତୁତ

## ଏନ୍‌ୟୁଏ ଓଡ଼ିଶାର ପରିଚାଳନା କମିଟି ବୈଠକ

ଭୁବନେଶ୍ୱର, ୨୯।୧୧ (ସୁନିତ୍ ମିଶ୍ର): ଏନ୍‌ୟୁଏ ଓଡ଼ିଶାର ପରିଚାଳନା କମିଟି ବୈଠକରେ ଦକ୍ଷତା ବିକେନ୍ଦ୍ରୀକରଣ, ଜିଲା ଦକ୍ଷତା ବିକାଶ ଏବଂ ଜିଲାସ୍ତରରେ ଶିଳାନ୍ୟାସ ସ୍ୱତନ୍ତ୍ର ପ୍ରକଳ୍ପ ପାଇଁ ବୁଧବାର ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ରୋଡ୍‌ମ୍ୟାପ ପ୍ରସ୍ତୁତ କରିଛନ୍ତି। ଦକ୍ଷତାକୁ ତୃଣମୂଳସ୍ତରରେ ପହଞ୍ଚାଇ ଏନ୍‌ୟୁଏ ଓଡ଼ିଶା ସହ ପରିଚାଳନା କମିଟି ପ୍ରତ୍ୟେକ ଜିଲାର ଲୁକ୍କାୟିତ ସମ୍ଭାବନାକୁ ଖୋଜି, ଏକ ଦୃଢ ତଥା ବିବିଧ କର୍ମଜୀବୀ ସୃଷ୍ଟି କରିବାର ଲକ୍ଷ୍ୟ ରଖିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ଜିଲାରେ ନିର୍ଦ୍ଦିଷ୍ଟ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଗଠନ, ପ୍ରତ୍ୟେକ ଅଞ୍ଚଳର ଅନନ୍ୟ ଆବଶ୍ୟକତା ସହିତ ସୁଯୋଗକୁ ଯୋଡିବା ଉପରେ ଏହି ଅବସରରେ ଆଲୋଚନା କରାଯାଇଛି। ପରିଚାଳନା କମିଟି, ସ୍ଥାନୀୟ କର୍ମଚାରୀଙ୍କ ଅନ୍ତର୍ନିହିତ ପ୍ରତିଭା ଏବଂ ସାମର୍ଥ୍ୟକୁ ଉପଯୋଗ କରିବା ପାଇଁ ପଦକ୍ଷେପ ପ୍ରସ୍ତୁତ କରି ସମୁଦାୟକୁ ସଶକ୍ତୀକରଣ ଉପରେ ଗୁରୁତ୍ୱାରୋପ କରିଛନ୍ତି। ମୁଖ୍ୟତଃ ଜିଲାସ୍ତରରେ ସ୍ୱତନ୍ତ୍ର ପ୍ରକଳ୍ପ ଉପରେ ଗୁରୁତ୍ୱ ଦେବା ଏହି ବୈଠକର ପ୍ରମୁଖ ଆକର୍ଷଣ ଥିଲା। ପରିଚାଳନା କମିଟି ସାମୂହିକ ଭାବେ ଏନ୍‌ୟୁଏ ଓଡ଼ିଶାର ଜିଲାସ୍ତରୀୟ ଆଭିମୁଖ୍ୟର ଗୁରୁତ୍ୱକୁ ଦର୍ଶାଇ ଏହାକୁ ଅନ୍ତର୍ଭୁକ୍ତ ଅଭିବୃଦ୍ଧି ପାଇଁ ଏକ ଅନୁକ୍ରମଣିକା ଭାବେ ଦେଖୁଥିଲା। ବୈଠକରେ ଆଲୋଚନା ହୋଇଥିବା ପଦକ୍ଷେପଗୁଡ଼ିକ ଓଡ଼ିଶାକୁ ଏକ କୁଶଳୀ ଓ ବୃତ୍ତିଗତ କେନ୍ଦ୍ରରେ ପରିଣତ କରିବା ସହ ପ୍ରଗତି ପଥରେ ଯେପରି କୌଣସି ସମ୍ପ୍ରଦାୟ ପଛରେ ରହିବେ ନାହିଁ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ସେ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ

### ମୁଢ଼ି ବଞ୍ଚାଇଥିଲା ...

ଭିତରେ ପାଣି ଲାଇନ୍ କଟି ନ ଥିଲା। ଜୀବନ ବଞ୍ଚାଇବା ପାଇଁ ସୁଡ଼ଙ୍ଗ ଭିତରକୁ ଯାଇଥିବା ପାଣି ପାଇପ୍ କାଟି ପ୍ରଥମେ ଚିତ୍କାର କରି ବାହାରକୁ ମେସେଜ ପଠାଇଥିଲେ। ଉକ୍ତ ପାଇପ୍ ଯୋଗେ ମୋଟର ଚଳାଇ ପାଣି ଛାଡ଼ିବା ପରେ ବାହାର ଲୋକଙ୍କ ସହ ଯୋଗାଯୋଗ ସମ୍ଭବ ହୋଇଥିଲା। ୧୮ଘଣ୍ଟା ପରେ ପାଣି ପାଇପ୍ ମାଧ୍ୟମରେ ଅମ୍ଳଜାନ ଓ ଖାଦ୍ୟ ପାଇଥିଲେ। ପ୍ରଥମେ ମୁଢ଼ି, କାଜୁ ଓ କିସ୍‌ମିସ୍ ପାଇଥିଲେ। ପ୍ରଥମ ୧୦ଦିନ କେବଳ ମୁଢ଼ିରେ ଜୀବନ ବଞ୍ଚାଇଥିଲେ। ପରେ ଏକ ୬ ଇଞ୍ଚର ପାଇପ୍ ଯୋଗେ ଭାତ, ରୁଟି, ତରକାରି ପାଇଥିଲେ। ସେମାନେ ସମସ୍ତେ ଏକାଠି ଥିବାରୁ କାହାରି ମନୋବଳ ଭାଙ୍ଗି ନ ଥିଲା। ଉଦ୍ଧାର କାର୍ଯ୍ୟ ଚାଲିଥିବା ଶୁଣି ସେମାନେ ଆଶ୍ୱସ୍ତ ହୋଇଥିଲେ। ଦୀର୍ଘ ୫ବର୍ଷ ହେଲା ସେଠାରେ ଆମେ କାମ କରି ଆସୁଛୁ ବୋଲି ଧୀରେନ କହିଛନ୍ତି। ଉଦ୍ଧାର ପରେ ଧୀରେନଙ୍କ ସହ କଥା ହୋଇ ପରିବାର ଲୋକେ ଖୁସି ବ୍ୟକ୍ତ କରିଥିବାବେଳେ ଈଶ୍ୱରଙ୍କ କୃପାରୁ ଭଲରେ ଭଲରେ ଫେରିଆସିଥିବା କହିଛନ୍ତି। ଉଦ୍ଧାର କାର୍ଯ୍ୟରେ ସହଯୋଗ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେହିପରି ଯୋଗୀବନ୍ଧ ଗ୍ରାମର ବିଶ୍ୱେଶ୍ୱର ନାଏକ କୁହନ୍ତି, ସୁଡ଼ଙ୍ଗ ଭିତରେ ଆମେ ଭଲରେ ଥିଲୁ। ଏବେ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛୁ। ଖୁବ୍‌ଶୀଘ୍ର ଓଡ଼ିଶା ଫେରିବୁ ବୋଲି ସେ ତାଙ୍କ ସ୍ତ୍ରୀ ସୁକାନ୍ତିଙ୍କୁ କହିଛନ୍ତି।

### ଆଉ ୫ ବର୍ଷ ...

୨୦୨୨ ଡିସେମ୍ବରରେ ଏହାର ଅବଧି ଶେଷ ହୋଇଥିବାବେଳେ ମାଗଣା ଶସ୍ୟ ବଣ୍ଟନ ଯୋଜନାକୁ ପରବର୍ତ୍ତୀ ସମୟରେ ଏନ୍‌ଏଫ୍‌ଏସ୍‌ଏ ସହ ମିଶ୍ରଣ କରାଇ ଅନେକ ଥର ବୃଦ୍ଧି କରାଗଲାଣି। ଏକ ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଠାକୁର କହିଛନ୍ତି, ପିଏମ୍‌ଜିର ଅବଧି ୨୦୨୩ ଡିସେମ୍ବର ୩୧ରେ ଶେଷ ହେଉଥିଲା। ଏହାକୁ ୨୦୨୪ ଜାନୁୟାରୀ ୧ରୁ ଆଉ ୫ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏଥିପାଇଁ ଆଗାମୀ ୫ ବର୍ଷରେ ପ୍ରାୟ ୧୧.୮ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବ। ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଗରିବ ହିତାଧିକାରୀମାନଙ୍କ କଲ୍ୟାଣକୁ ଦୃଷ୍ଟିରେ ରଖି ଏବଂ ଖାଦ୍ୟ ସୁରକ୍ଷାକୁ ମଜଭୁତ କରିବା ପାଇଁ ଏହି ଐତିହାସିକ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ଦେଶରେ ଖାଦ୍ୟ ଓ ପୋଷଣଜନିତ ଅସୁବିଧା ଦୂର ହେବ। ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍)କୁ ପ୍ରଭାବଶାଳୀ କରିବାରେ ମଧ ଏହା ସହାୟକ ହେବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରକାଶ କରିଛନ୍ତି।

ଅନ୍ତ୍ୟୋଦୟ ଯୋଜନାରେ ପ୍ରତି ହିତାଧିକାରୀ ପରିବାରକୁ ଦିଆଯାଉଥିବା ୩୫ କେ.ଜି ଚାଉଳର ମୂଲ୍ୟ ୧,୩୭୧ ଟଙ୍କା ହୋଇଥିବାବେଳେ ସମାନ ଓଜନର ଗହମ ଦାମ୍ ୯୪୬ ଟଙ୍କା। କେନ୍ଦ୍ର ସରକାର ପିଏମ୍‌ଜିକେଏୱାଇ ଅଧୀନରେ ଏହି ଅର୍ଥ ବହନ କରୁଛନ୍ତି। ପରିବାରଗୁଡ଼ିକୁ ସମ୍ପୂର୍ଣ୍ଣ ମାଗଣାରେ ଦିଆଯାଉଛି ବୋଲି ଏକ ସରକାରୀ ବିବୃତିରେ କୁହାଯାଇଛି।

### ରାଜ୍ୟରେ କଳା...

କଳା ମହାବଳ ବାଘ ହେଉ କିମ୍ବା କଲରାପତରିଆ ବାଘ ଦେଖାଯାଇଛି। ତେବେ କଳାବାଘ ଦେଖାଯିବା ଏକ ଭଲ ଖବର ନୁହେଁ। ଏହା ପ୍ରକୃତି ପାଇଁ ଶୁଭଙ୍କର ନୁହେଁ। ପ୍ରାକୃତିକ ବାଘ ସଂଖ୍ୟା ପାଇଁ ଏହା ଏକ ୱାର୍ନିଂ। କାରଣ ଏମାନଙ୍କ ସଂଖ୍ୟା ବୋଧ ହୁଏ କମିବାରେ ଲାଗିଛି। ତେଣୁ କଳାବାଘ ବାରମ୍ବାର ଦେଖାଯାଉଛନ୍ତି। ସେଥିପାଇଁ ବିଭାଗ ଏ ଦିଗରେ ଦୃଷ୍ଟି ଦେବା ଉଚିତ ବୋଲି ସିଂ କହିଛନ୍ତି।

### ବାତ୍ୟା ଭୟ: ୧ରୁ ...

ତୀବ୍ରତା ଓ ଗତିପଥ କ’ଣ ରହିବ ସେ ନେଇ ଏ ପର୍ଯ୍ୟନ୍ତ କୌଣସି ଆକଳନ କରାଯାଇ ନାହିଁ। କେତେକ ଘରୋଇ ପାଣିପାଗ ସଂସ୍ଥା ପକ୍ଷରୁ କରାଯାଇଥିବା ଆକଳନ ଅନୁଯାୟୀ ବାତ୍ୟା ଓଡ଼ିଶା ଉପକୂଳ ଦେଇ ବାଂଲାଦେଶରେ ସ୍ଥଳଭାଗ ଅତିକ୍ରମ କରିବା ସମ୍ଭାବନା ରହିଛି। ଆସନ୍ତା ଦିନେ ଦୁଇ ଦିନ ମଧ୍ୟରେ ଏ ନେଇ ଚିତ୍ର ସ୍ପଷ୍ଟ ହେବ। ଲଘୁଚାପ ପ୍ରଭାବରେ ଆସନ୍ତା ୩ ଓ ୪ ତାରିଖରେ ଉପକୂଳ ଓଡ଼ିଶାରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। ତେବେ ୪ରୁ ୮ ତାରିଖ ଯାଏ ଉପକୂଳ ଏବଂ ଦକ୍ଷିଣ ଓଡ଼ିଶାର ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷା ହେବ।

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ବାତ୍ୟା ସୃଷ୍ଟି ହେବାର ସମ୍ଭାବନା ଥିବାରୁ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଆସନ୍ତା ୧ ତାରିଖରୁ ୪୦ରୁ ୫୦ କିମି ବେଗରେ ପବନ ବହିବ। ପବନର ବେଗ ୨ ତାରିଖ ବେଳକୁ ୫୦ରୁ ୬୦ କିମି ଓ ବେଳେ ବେଳେ ସର୍ବାଧିକ ୭୦ କିମି ପର୍ଯ୍ୟନ୍ତ ଯାଇପାରେ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଏହାର ପ୍ରଭାବରେ ଡିସେମ୍ବର ୧ ତାରିଖରୁ ସମୁଦ୍ର ଅଶାନ୍ତ ରହିବ। ମତ୍ସ୍ୟଜୀବୀମାନଙ୍କୁ ଗଭୀର ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି। ଯେଉଁ ମତ୍ସ୍ୟଜୀବୀ ସମୁଦ୍ରରେ ରହିଛନ୍ତି, ସେମାନେ ତୁରନ୍ତ କୂଳକୁ ଫେରି ଆସିବାକୁ କୁହାଯାଇଛି।

ଅନ୍ୟପକ୍ଷରେ ରାଜ୍ୟରେ ହାଲୁକ ଶୀତ ଜାରି ରହିଛି। କେବଳ ଦାରିଙ୍ଗବାଡ଼ିରେ ସର୍ବନିମ୍ନ ତାପମାତ୍ରା ୧୩.୫ ଓ କେନ୍ଦୁଝରରେ ୧୩.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଅନ୍ୟାନ୍ୟ ସ୍ଥାନରେ ୧୫ରୁ ୨୧ ଡିଗ୍ରୀ ମଧ୍ୟରେ ରହିଛି।

### କଏନ୍ ନେବାକୁ ମନା ...

ସୂଚନା ଥାଉକି, ୫୦ ପଇସା ମୁଦ୍ରା ପ୍ରଚଳନ ଉପରେ ଆର୍‌ବିଆଇ ପକ୍ଷରୁ କୌଣସି ରୋକ୍ ଲଗାଯାଇନାହିଁ। ମାତ୍ର ଦୀର୍ଘଦିନରୁ ବଜାରରେ ୫୦ ପଇସା ମୁଦ୍ରା ଦେଖିବାକୁ ମିଳୁନାହିଁ। କାରଣ କାହା ପାଖରେ ୫୦ ପଇସା ମୁଦ୍ରା ରହିଥିଲେ ତାହାକୁ କୌଣସି ବ୍ୟବସାୟୀ ଗ୍ରହଣ କରୁନାହାନ୍ତି। ଏପରିକି କେତେକ ବ୍ୟାଙ୍କରେ ଏହାକୁ ଗ୍ରହଣ କରାଯାଉ ନ ଥିବା ନେଇ ଅନେକ ସମୟରେ ଅଭିଯୋଗ ଉଠୁଛି। ସେହିଭଳି ଟଙ୍କିକିଆ ମୁଦ୍ରା ପ୍ରଚଳନରେ ମଧ ସମାନ ସ୍ଥିତି ଉପୁଜୁଛି। ଛୋଟ ଟଙ୍କିକିଆ କଏନ ନେବାକୁ ଅନେକ ବ୍ୟବସାୟୀ ଅନିଚ୍ଛା ପ୍ରକାଶ କରୁଛନ୍ତି। ଫଳରେ ଏହି ପ୍ରକାର ମୁଦ୍ରାର ବ୍ୟବହାର ଏକପ୍ରକାର ବନ୍ଦ ହୋଇଯାଇଛି। ତେବେ ଏପରି ଟଙ୍କା ପ୍ରଚଳନରେ ଗ୍ରାହକମାନେ ସମସ୍ୟା ଭୋଗୁଥିଲେ ଏହାକୁ ଏକ୍ସଚେଞ୍ଜ ମେଳା ବା ବ୍ୟାଙ୍କରେ ଏକ୍ସଚେଞ୍ଜ କରାଯାଇପାରିବ। ତେବେ ରାଜ୍ୟରେ ୧୦ଟଙ୍କିଆ କଏନ ବ୍ୟବହାର ହେଉଥିଲେ ମଧ ୨୦ ଟଙ୍କିଆ ମୁଦ୍ରା ପ୍ରଚଳନ ବିଶେଷ ଭାବରେ ପରିଲକ୍ଷିତ ହେଉନାହିଁ। ଉକ୍ତ ମୁଦ୍ରାକୁ ମଧ ଜଣେ ଚାହିଁଲେ ବଦଳାଇପାରିବେ। ଅନ୍ୟପଟେ ବର୍ତ୍ତମାନ ୨ ହଜାର ଟଙ୍କିଆ ନୋଟ୍ ବଦଳ ଜାରି ରହିଛି। ବ୍ୟକ୍ତିଗତ ଭାବେ ଜଣେ ୫ ଖଣ୍ଡ ନୋଟ୍ ବଦଳାଇପାରୁଛନ୍ତି। ମାତ୍ର ପୋଷ୍ଟାଲ ମାଧ୍ୟମରେ ଏହି ସଂଖ୍ୟାକୁ ବଢ଼ାଯାଇଥିବା ଆର୍‌ବିଆଇ ପକ୍ଷରୁ ସୂଚନା ଦିଆଯାଇଛି।

सत्यमेव जयते
भारत सरकार

# ମୋଦି ସରକାରଙ୍କ ଗ୍ୟାରେଣ୍ଟି



# ବିକଶିତ ଭାରତ

## ସଂକଳ୍ପ ଯାତ୍ରାର

ଲାଭାର୍ଥୀମାନଙ୍କ ସହିତ **ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି**ଙ୍କ ଭାବବିନିମୟ

**ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧି ପରିଯୋଜନା** ଅଧୀନରେ

**ସାରା ଦେଶରେ ଜନ ଔଷଧି କେନ୍ଦ୍ରଗୁଡ଼ିକର ସଂଖ୍ୟାକୁ ୧୦ ହଜାରରୁ ୨୫ ହଜାର ପର୍ଯ୍ୟନ୍ତ ବୃଦ୍ଧି କରିବା ପ୍ରକଳ୍ପର ଶୁଭାରମ୍ଭ** ଏବଂ

**ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ) ଦେଓଘର, ଝାଡ଼ଖଣ୍ଡ ପରିସରରେ ୧୦ ହଜାରତମ ଜନ ଔଷଧି କେନ୍ଦ୍ରର ଲୋକାର୍ପଣ**

**ମହିଳାଙ୍କ ନେତୃତ୍ୱରେ ବିକାଶକୁ ଗତି ପ୍ରଦାନ କରିବା ପାଇଁ**

**ସାରା ଦେଶରେ ପ୍ରଧାନମନ୍ତ୍ରୀ ମହିଳା କୃଷକ ଡ୍ରୋନ୍ କେନ୍ଦ୍ର ଖୋଲିବାର ଶୁଭାରମ୍ଭ**

ଦେଶର ମହିଳା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍.ଏଚ୍.ଜି.)କୁ ଜୀବିକା ସହାୟତା ପାଇଁ ଡ୍ରୋନ୍ ଉଡ଼ାଇବା ନିମନ୍ତେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଏବଂ ପରବର୍ତ୍ତୀ ୩ ବର୍ଷରେ ୧୫ ହଜାର ଡ୍ରୋନ୍‌ର ବିତରଣ

(ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ)

**ତାରିଖ: ୩୦ ନଭେମ୍ବର, ୨୦୨୩ | ସମୟ: ପୂର୍ବାହ୍ନ ୧୧.୦୦ ଘଟିକା**

CBC 02107/13/0004/2324

**କାର୍ଯ୍ୟକ୍ରମର ସିଧା ପ୍ରସାରଣ ଡି.ଡି. ନ୍ୟୁଜ୍‌ରେ ଦେଖନ୍ତୁ**

# କୃଷି ଯୋଜନାରୁ ଫାଇଦା ନେବେ ଶିଳ୍ପପତି

ଯାଜପୁର,୨୯।୧୧ (ହର୍ଷବର୍ଦ୍ଧନ ବେହେରା) :

- ବଳକା ପାଣି ନାହିଁ, କ୍ଷତିଗ୍ରସ୍ତ ହେବେ ଚାଷୀ
- ଆନ୍ଦୋଳନ ପାଇଁ ଚାଷୀଙ୍କ ସଜବାଜ
- କାନପୁର ସେଚ ପ୍ରକଳ୍ପରୁ ଶିଳ୍ପ କମ୍ପାନୀକୁ ଜଳଯୋଗାଣ ମଞ୍ଜୁର

ଦୀର୍ଘ ଦୁଇ ଦଶନ୍ଧି ସମୟର ଅପେକ୍ଷା ପରେ ପ୍ରଧାନମନ୍ତ୍ରୀ କୃଷି ସେଚ ଯୋଜନାରେ ଶେଷ ହେବାକୁ ଯାଉଥିବା କାନପୁର ଜଳସେଚନ ପ୍ରକଳ୍ପରେ ବଳକା ପାଣି ନାହିଁ। ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗ ଦ୍ୱାରା ଗଠିତ ବିଶେଷଜ୍ଞ କମିଟିର ରିପୋର୍ଟରେ ଏହା ସ୍ପଷ୍ଟ ହୋଇ ସାରିଛି। ତଥାପି ଏହି ପ୍ରକଳ୍ପ ପାଣିରେ ବର୍ଷର ୭ ମାସ ଧରି ୫ଟି ଶିଳ୍ପ କମ୍ପାନୀର ସ୍ଲରି ପାଇପ୍ ଲାଇନ ଚଳାଇବାକୁ ନିଶ୍ଚିତ ଜଳଯୋଗାଣ ପାଇଁ ଓଡ଼ିଶା ସରକାର ରାଜିନାମା କରିଛନ୍ତି । ସେଥିମଧ୍ୟରୁ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ ଲିଃ ଦ୍ୱାରା ସ୍ଲରି ପାଇପ୍ ଲାଇନ ଯୋଗେ ଯୋଡ଼ା/କୋଇଡାଠାରୁ ଯାଜପୁର ଜିଲା ଦେଇ ପାରାଦୀପକୁ ବାର୍ଷିକ ୩୦ ମେଟ୍ରିକ ଟନ୍ ଖଣିଜ ପ୍ରଦାର୍ଥ ପରିବହନ ହେବ। ଏଥିପାଇଁ କାନପୁରର ପ୍ରକଳ୍ପରୁ ୩୯ କ୍ୟୁସେକ ପାଣି ବ୍ୟବହାର କରିବାକୁ ଜଳ ସମ୍ପଦ ବିଭାଗ ପକ୍ଷରୁ ପତ୍ରସଂଖ୍ୟା ୩୨୯୫୮/୨୮।୧୧।୨୦୨୩ରେ ଚୂଡ଼ାନ୍ତ ମଞ୍ଜୁରି ମିଳି ସାରିଛି। ଏହାଦ୍ୱାରା କୃଷକଙ୍କ ନାମରେ ପ୍ରଣୀତ ଯୋଜନାରେ ଶିଳ୍ପ କମ୍ପାନୀ ଲାଭବାନ ହେଉଥିବାବେଳେ ଚାଷୀ ସର୍ବାଧିକ କ୍ଷତିଗ୍ରସ୍ତ ହେବେ । ଏଥିପାଇଁ କାନପୁର ଡ୍ୟାମ୍‌ରୁ ଶିଳ୍ପକୁ ଜଳଯୋଗାଣ ବିରୋଧରେ ଚାଷୀଙ୍କ ମେଳି ବାନ୍ଧିବାରେ ଲାଗିଛି ବୋଲି ସୂଚନା ମିଳିଛି।

ବୈତରଣୀ ନଦୀରେ କାନପୁର ଜଳସେଚନ ପ୍ରକଳ୍ପ ୨୦୦୩-୦୪ରେ ପରିକଳ୍ପନା କରାଯାଇଥିଲା। ଏହି ପ୍ରକଳ୍ପ ପାଇଁ ୨୩୦୧.୨୮ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଏହାସହ ପ୍ରଧାନମନ୍ତ୍ରୀ କୃଷି ସେଚ ଯୋଜନାରେ ୨୦୧୬ରୁ ମଞ୍ଜୁର ହୋଇଥିବା ୧୦୯୨.୮୮୨ କୋଟି ଟଙ୍କାରୁ ପ୍ରାୟ ୭୦୦ କୋଟି ଖର୍ଚ୍ଚ କରାଯାଇଛି। ବୈତରଣୀ ନଦୀରେ ଏହି ପ୍ରକଳ୍ପର ଲମ୍ବ ୩.୪୬୦ କିମି ଏବଂ ଉଚ୍ଚତା ୩୯.୫୦ ମିଟର ରହିଛି। ଏଥିରେ ମୁଖ୍ୟ କେନାଲର



କାନପୁର ଜଳସେଚନ ପ୍ରକଳ୍ପ ।

ଲମ୍ବ ୭୮.୨୧ କିମି ରହିଥିବାବେଳେ ୭ଟି ଡିଷ୍ଟ୍ରିବ୍ୟୁଟାରୀ ରହିଛି। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ୪୭,୭୦୯ ହେକ୍ଟର ଜମିରେ ଜଳସେଚନ ହୋଇ ପାରିବ ବୋଲି ଲକ୍ଷ୍ୟ ରହିଛି। ଏହି ପ୍ରକଳ୍ପରେ ସମୁଦାୟ ୪,୪୩୪ ବିସ୍ଥାପିତଙ୍କ ମଧ୍ୟରୁ ୩,୯୩୩ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଅଞ୍ଚଳର ଚାଷୀଙ୍କ ସାମୁହିକ ସ୍ୱାର୍ଥ ପାଇଁ ଲୋକେ ଏଭଳି ଭାବେ ବହୁ ତ୍ୟାଗ କରିଛନ୍ତି। ହେଲେ ଏହି ପ୍ରକଳ୍ପରୁ ଶିଳ୍ପକୁ ଜଳଯୋଗାଣ କରିବାକୁ ନିଷ୍ପତ୍ତି ହୋଇଥିବାରୁ ଚାଷୀ ରବି ଚାଷ କରିବାରୁ ବଞ୍ଚିତ ହେବେ ବୋଲି ମତପ୍ରକାଶ ପାଇଛି। ଅନ୍ୟପକ୍ଷେ ଜଳ ସମ୍ପଦ ବିଭାଗ ପକ୍ଷରୁ ଜେଏସ୍‌ଡବ୍ଲ୍ୟୁକୁ ଦେଇଥିବା ସର୍ତ୍ତ ଅନୁସାରେ ବର୍ଷର ଜୁଲାଇରୁ ଜାନୁୟାରୀ ପର୍ଯ୍ୟନ୍ତ ସ୍ଲରି ପାଇପ୍ ଲାଇନ ପାଇଁ ପାଣି ଉତ୍ତୋଳନ କରି ପାରିବ। ଅନ୍ୟ ସମୟରେ କମ୍ପାନୀ ଏକ ଜଳଉତ୍ସ ନିର୍ମାଣ କରି ଚାହିଦା ମେଣ୍ଟାଇ ପାରିବ। ଏଭଳି ବିଭିନ୍ନ ୩୬ ଦଫା ସର୍ତ୍ତ ପାଳନ କରିବାକୁ ଜଳ ସମ୍ପଦ ବିଭାଗ ପକ୍ଷରୁ କମ୍ପାନୀକୁ ନିର୍ଦ୍ଦେଶ ହୋଇଛି। ଏଥିରୁ ଚାଷୀ ଓ ଚାଷ ପ୍ରତି ରାଜ୍ୟ ସରକାରଙ୍କ ଦୃଷ୍ଟିଭଙ୍ଗୀ ପ୍ରମାଣିତ ହେଉଛି ବୋଲି ଚର୍ଚ୍ଚା ହେଉଛି। ବିଧାନସଭାରେ ଚାଷୀଙ୍କ ପ୍ରସଙ୍ଗ ନେଇ ଦୃଢ ଭାବେ ଛିଡା ହେବାକୁ ବିରୋଧି ଦଳ ବିଧାୟକମାନେ ତତ୍ପର ରହିଥାନ୍ତି। କିନ୍ତୁ ଏହି କାନପୁର ପ୍ରକଳ୍ପରୁ ଶିଳ୍ପକୁ ଜଳଯୋଗାଣ ପ୍ରସଙ୍ଗ ନେଇ କୌଣସି ବିଧାୟକ ମୁହଁ ଖୋଲୁ ନାହାନ୍ତି କାହିଁକି ବୋଲି ଚାଷୀନେତାମାନେ ପ୍ରଶ୍ନ କରିଛନ୍ତି। ଶିଳ୍ପଦ୍ୱାରା ଓଡ଼ିଶା ଲୋକେ ଲାଭବାନ ହୋଇନାହାନ୍ତି, ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା କରାଯାଉଥିବାବେଳେ ବାହାର ଲୋକଙ୍କୁ ସବୁକ୍ଷେତ୍ରରେ ଗୁରୁତ୍ୱ ଦିଆଯାଉଛି। ଖାଲି ଶିଳ୍ପପତିଙ୍କୁ ପୋଷିବା କାର୍ଯ୍ୟ ହେଉଛି । ଶିଳ୍ପପତି ତାଙ୍କ ପାଇଁ ବିକଳ୍ପ ପାଣି ବ୍ୟବସ୍ଥା କରନ୍ତୁ ବୋଲି କେତେକ ଚାଷୀ ଦାବି କରିଛନ୍ତି। ବନ୍ୟା ନିୟନ୍ତ୍ରଣ, ଜଳସେଚନ ଓ ବିଦ୍ୟୁତ ଉତ୍ପାଦନ ପାଇଁ ଉଦ୍ଦିଷ୍ଟ କାନପୁର ଜଳଭଣ୍ଡାର ଓ ପରିବେଶକୁ ସୁରକ୍ଷିତ ରଖିବା ପାଇଁ ସରକାର ଯତ୍ନବାନ ହେବେ ବୋଲି ଚାଷୀମାନେ ଆଶାବ୍ୟକ୍ତ କରିଛନ୍ତି। ଚାଷୀମାନଙ୍କ ପକ୍ଷରୁ ନବ ନିର୍ମାଣ କୃଷକ ସଙ୍ଗଠନର ସହ ସଂଯୋଜକ ନିମାଇଁ ଚରଣ ରାୟ କୁହନ୍ତି, ଚାଷୀଙ୍କ ନାମରେ ବଜେଟ୍ କରାଯାଇ ଶିଳ୍ପପତିଙ୍କୁ ପୋଷା ଚାଲିଛି। ଏଥିରେ ଚାଷୀମାନେ ବଳି ପଡୁଛନ୍ତି। ଚାଷୀଙ୍କ ସ୍ୱାର୍ଥ ପାଇଁ ସରକାର ଆଦୌ ଚିନ୍ତା କରୁନାହାନ୍ତି। ତେଣୁ ସରକାର କାନପୁର ଜଳସେଚନ ପ୍ରକଳ୍ପରୁ ଶିଳ୍ପକୁ ଜଳଯୋଗାଣ ପ୍ରସଙ୍ଗରୁ ବିଚ୍ୟୁତ ନ ହେଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ହେବ ବୋଲି ସେ ଚେତାବନୀ ଦେଇଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com




@ ଆଲୋକ



@ କିତୁ



@ ପିଙ୍କି



@ ସୁକାନ୍ତି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ କ୍ରୀଡ଼ା ପ୍ରତିଯୋଗିତା



ମୁଖ୍ୟ ଅତିଥି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

ଯାଜପୁରରୋଡ୍,୨୯।୧୧ (ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସନଗରସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ କ୍ରୀଡ଼ା ପ୍ରତିଯୋଗିତା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ରତ୍ନାକର ଜେନାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥିଭାବେ କୋରେଇ ବିଡିଓ ଅଶୋକ କୁମାର ମାଝି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ସଂଯୋଜକ ଅଧ୍ୟାପକ ମଳୟ କୁମାର ମଲ୍ଲିକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଅଧ୍ୟାପକ ପ୍ରଶାନ୍ତ ରାଉତ ବିବରଣୀ ପ୍ରଦାନ କରିଥିଲେ। କ୍ରୀଡ଼ାବିତ ମନିନ୍ଦ୍ରକୁମାର ଧଳ, ସାଂସ୍କୃତିକ ସଂଯୋଜକ ଅଧ୍ୟାପକ ଅରୁଣ ମିଶ୍ର, ସନ୍ତୋଷ କୁମାର ଜେନା, ପଦ୍ମଭୂଷଣ ରାଉତରାୟ, କ୍ରୀଡ଼ା ବିଭାଗ ସହସଂଯୋଜିକା ଅଧ୍ୟାପିକା ଲମ୍ବା ମିଶ୍ର, ଅଧ୍ୟାପିକା ତାରିଣୀ ତନୟା ସର, ଯାଜ୍ଞେଶରୀ ପଲେଇ, ରୋଜାଲିନ ଦାସ, ଝୁନୁମଣୀ ଜେନା ଓ ବିବତା ନାୟକ ପ୍ରମୁଖ ଯୋଗଦେଇଥିଲେ।

ପ୍ରାରମ୍ଭରେ କ୍ରୀଡ଼ା ପତାକାଧାରୀ ଛାତ୍ରୀ ଅନୁରାଧା ଦାସ ଓ ଭାଗ୍ୟଶ୍ରୀ ସାହୁ କ୍ରୀଡ଼ା ପ୍ରାଙ୍ଗଣ ପରିକ୍ରମା କରିଥିଲେ। କବାଡ଼ି, କ୍ୟାରମ, ଚେସ ଓ ବ୍ୟାଡମିଟନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟର ଛାତ୍ରୀସମୂହ ଅଂଶଗ୍ରହଣ କରିଥିଲେ। ରେଫରି ଭାବେ ରମେଶ ଚନ୍ଦ୍ର ପଣ୍ଡା, କୈଳାଶ ମଲ୍ଲିକ, ଶିବାନୀ ମଲ୍ଲିକ ଓ ସଂଗ୍ରାମ କେଶରୀ ମଲ୍ଲିକ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ବିଚାରକ ଭାବେ ଅଧ୍ୟାପିକା ସସ୍ମିତା ଆଚାର୍ଯ୍ୟ, ସୁମିତ୍ରା ରାଉତ, ଗ୍ରନ୍ଥାଗାରିକ ଚିତ୍ତରଞ୍ଜନ ମଲ୍ଲିକ ଯୋଗଦେଇ କାର୍ଯ୍ୟନିର୍ବାହ କରିଥିଲେ। ମୁଖ୍ୟକିରାଣି ପ୍ରଦୀପ କୁମାର ପରିଡ଼ା, ପ୍ରଶାନ୍ତ କୁମାର ପଲେଇ, ଦୁର୍ଗାବତୀ ସ୍ୱାଇଁ, ବିଚିତ୍ର ଦଳାଇ, ପ୍ରବିତ୍ର ମୋନ ଜେନା, ପ୍ରଶାନ୍ତ କୁମାର ଦାସ ଓ କବିତା କଲ୍ଲୋଳିନୀ ସିହ୍ନା ପ୍ରମୁଖ ସହଯୋଗ କରିଥିଲେ।

# ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

ବିଞ୍ଝାରପୁର,୨୯।୧୧(ରାମକୃଷ୍ଣ ଦାସ):

**ଜଣେ ଗିରଫ, ଆଉ ଜଣେ ଫେରାର**

ବିଞ୍ଝାରପୁର ଥାନା ଅନ୍ତର୍ଗତ ବାଙ୍ଗରା ଅଞ୍ଚଳର ୨ ନିଶାଶକ୍ତ ଯୁବକ ଜଣେ ୨୪ ବର୍ଷୀୟା ମାନସିକ ବିକାରଗ୍ରସ୍ତ ଦଳିତ ଯୁବତୀଙ୍କୁ ବଳାତ୍କାର କରିଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ବୁଧବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବାଙ୍ଗରା ଅଞ୍ଚଳର ଗୋବିନ୍ଦ ଯେନା। ଅନ୍ୟଜଣେ ଅଭିଯୁକ୍ତ କବିନ୍ଦ୍ର ଯେନା ଫେରାର ଅଛନ୍ତି।

ଅଭିଯୋଗ ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅଞ୍ଚଳର ସମ୍ପୃକ୍ତ ଯୁବତୀ ଜଣକ ନିଜ ମାମୁଘର ବିଞ୍ଝାରପୁର ଥାନା ଅନ୍ତର୍ଗତ ବାଙ୍ଗରା ପଞ୍ଚାୟତ ଅର୍ଗଳକଟ ଅଞ୍ଚଳକୁ ଚାଲିଚାଲି ଆସୁଥିଲେ। ଏହି ସମୟରେ ବାଙ୍ଗରାର ଏକ ପୋଲ ନିକଟରେ ବସିଥିବା ଦୁଇ ମଦ୍ୟପ ଯୁବକ କବିନ୍ଦ୍ର ଓ ଗୋବିନ୍ଦ ଯୁବତୀଙ୍କୁ ତାଙ୍କ ମାମୁ ଘରେ ଛାଡି ଦେବାକୁ କହି ଏକ ବାଇକରେ ବସାଇ ବାଙ୍ଗରା ଛୋଟାଗଡିସ୍ଥିତ ଶିବମନ୍ଦିର ନିକଟ ଏକ ନିରୋଳାସ୍ଥାନକୁ ନେଇ ଯାଇଥିଲେ। ସେଠାରେ ତାଙ୍କ ହାତଗୋଡ଼ ବାନ୍ଧି ବଳାତ୍କାର କରିଥିଲେ। ଚିତ୍କାର ଶୁଣି ବିଲରେ ଗୋବର ଗୋଟାଉ ଥିବା ଜଣେ ମହିଳା ଘଟଣାସ୍ଥଳରେ ପହଞ୍ଚି ଯୁବତୀଙ୍କୁ ଉଦ୍ଧାର କରିଥିଲେ। ସେ ପାଟି କରି ଲୋକଙ୍କୁ ଡାକିବାରୁ ଅଭିଯୁକ୍ତଦ୍ୱୟ କୌଶଳ କ୍ରମେ ଫେରାର ହୋଇଯାଇଥିଲେ। ଘଟଣାକୁ ନେଇ ଯୁବତୀଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ନମ୍ବର ୪୨୭/୨୩ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ଦୁର୍ଘଟଣାରେ ଜଣେ ମୃତ

ଛତିଆ,୨୯।୧୧(ସୌମ୍ୟ ରଞ୍ଜନ ସାହୁ):

ବଡ଼ଚଣା ବ୍ଲକ ୧୬ନଂ. ଜାତୀୟ ରାଜପଥର ଛତିଆ ଇଷ୍ଟର୍ନ ରାଇସ ମିଲ୍ ସମ୍ମୁଖରେ ବୁଧବାର ଭୋର ସମୟରେ ଏକ ଦୁର୍ଘଟଣା ଘଟିଛି। ଏଥିରେ ଜଣଙ୍କର ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ଉକ୍ତ ବ୍ଲକ ବାଙ୍ଗୁରୁଗୁଣ୍ଡା ଗ୍ରାମର ସୁଧାଂଶୁ ଶେଖର ପରିଡ଼ା। ଗୁରୁତର ହେଲେ ହେମନ୍ତ ନାୟକ। ଉଭୟ ବାଇକ୍ ଯୋଗେ ମଙ୍ଗୁଳିରୁ ନିଜ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ଅଜଣା ଗାଡ଼ି ସେମାନଙ୍କୁ ଧକ୍କାଦେଇଥିଲା। ଫଳରେ ଘଟଣାସ୍ଥଳରେ ସୁଧାଂଶୁଙ୍କ ମୃତ୍ୟୁ ହୋଇ ଯାଇଥିଲା। ହେମନ୍ତ ଗୁରୁତର ହୋଇଥିଲେ। ବୈରୀ ପୋଲିସ ପହଞ୍ଚି ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା।

# ପୁଣି ବିବାଦରେ ସିଡିପିଓ

ଚଣ୍ଡିଖୋଲ,୨୯।୧୧(ପ୍ରଦୀପ୍ତ କୁମାର ପୃଷ୍ଟି):

**ମିଶନ ଶକ୍ତି ବ୍ଲକ ସଭାନେତ୍ରୀ, ସମ୍ପାଦିକାଙ୍କୁ ଦୁର୍ବ୍ୟବହାର ଅଭିଯୋଗ**

ଯାଜପୁର ଜିଲା ବଡ଼ଚଣା ବ୍ଲକ-୧ର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ(ସିଡିପିଓ) ଭଗବତୀ ଗୁରୁ ପୁଣି ବିବାଦରେ ଛନ୍ଦି ହୋଇଛନ୍ତି। ବୁଧବାର ତାଙ୍କ ବିରୋଧରେ ବଡ଼ଚଣା ଥାନାରେ ମିଶନ ଶକ୍ତି ବ୍ଲକ ଫେଡେରେଶନର ସଭାନେତ୍ରୀ ପୁଷ୍ପଲତା ନାଥ ଅଭିଯୋଗ କରିଛନ୍ତି। ଏଥିସହିତ ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କୁ ମଧ୍ୟ ମହାସଂଘ ପକ୍ଷରୁ ଅଭିଯୋଗ ପତ୍ର ପ୍ରଦାନ କରାଯାଇଛି।

ଅଭିଯୋଗ ଅନୁଯାୟୀ, ଗତ ୧୬ ତାରିଖରେ ୨୪ ଅଙ୍ଗନୱାଡ଼ି କେନ୍ଦ୍ରକୁ ସ୍ୱିଟର ଯୋଗାଣ ପାଇଁ ସିଡିପିଓ ଭଗବତୀ ଗୁରୁ ନୋଟିସ କରିଥିଲେ। ତେଣୁ ସ୍ୱୟଂସହାୟକ ଗୋଷ୍ଠୀ ଓ ମିଶନ ଶକ୍ତି ମହାସଂଘର ମହିଳାମାନେ ନିୟମାବଳୀ ସମ୍ପର୍କରେ ସିଡିପିଓଙ୍କୁ ପଚାରିଥିଲେ। ଏଥିରେ ସିଡିପିଓ ରାଗିଯାଇ କାର୍ଯ୍ୟାଳୟରୁ ବାହାରି ଯିବାକୁ କହିଥିଲେ। ଏହାପରେ ବୁଧବାର ମହାସଂଘ ସଭାନେତ୍ରୀ ଓ ସମ୍ପାଦିକାଙ୍କ ସମେତ କେତେଜଣ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ମଧ୍ୟ ଆସିଥିଲେ। ସିଡିପିଓ ଗୁରୁ ସେମାନଙ୍କୁ ଖରାପ ଭାଷା ବ୍ୟବହାର କରିବା ସହ କାର୍ଯ୍ୟାଳୟ ଛାଡି ଜଣେ ଯୁବକଙ୍କ ମୋଟର ସାଇକେଲରେ ବସି ପଳାଇ ଯାଇଥିଲେ ବୋଲି ଅଭିଯୋଗ ହୋଇଛି। ଏନେଇ ସମ୍ପୃକ୍ତ ସିଡିପିଓଙ୍କ ପରିଚୟ ମିଳି ପାରିନାହିଁ।

ଅନ୍ୟପକ୍ଷରେ ଗତ ଅକ୍ଟୋବର ୨୬ ତାରିଖରେ ସିଡିପିଓ ଗୁରୁ ତାଙ୍କ କାର୍ଯ୍ୟାଳୟର ସୁପରଭାଇଜର ସୁବାସିନୀ ଦାସଙ୍କ ଚୁଟି ଘୋଷାରି ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଥିଲା, ଯାହାକୁ ନେଇ ଏକ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଘଟଣା ପରେ ପୋଲିସ ଓ ଜିଲା ସମାଜ ମଙ୍ଗଳ ଅଧିକାରୀ ଘଟଣାର ତଦନ୍ତ କରିଥିଲେ।

## ବାଇକ୍ ଚୋରି ଅଭିଯୋଗରେ ଜଣେ ଗିରଫ

ରସୁଲପୁର,୨୯।୧୧(ରଂଜିତ ରାଉତ):

କୁଆଖିଆ ଥାନା ଅନ୍ତର୍ଗତ ଭୋଟକା ପଞ୍ଚାୟତ ବିଲିପଡା ଗ୍ରାମର ଅବସରପ୍ରାପ୍ତ ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ଆଏଚଙ୍କ ଘରୁ ବାଇକ୍ ଚୋରି ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହିତ ଚୋରି ବାଇକ୍‌କୁ ଜବତ କରିଛି। ଗିରଫ ଅଭିଯୁକ୍ତ ପଶ୍ଚିମବଙ୍ଗ ରାଜ୍ୟ ନନ୍ଦିଗ୍ରାମ ଅଞ୍ଚଳର ଜଣେ ବଙ୍ଗାଳି ଯୁବକ ବୋଲି ଜଣାପଡିଛି। ମଙ୍ଗଳବାର ରାତିରେ ସୁବାସଙ୍କ ଘର ବାରଣ୍ଡାରେ ତାଙ୍କ ବାଇକ୍ ଥୁଆ ହୋଇଥିଲା। ଗାଡ଼ି ହ୍ୟାଣ୍ଡେଲ ଲକ୍ ହେଉ ନ ଥିବାରୁ ପରିବାର ଲୋକେ ଗାଡ଼ିକୁ ଚେନରେ ବାନ୍ଧି ରଖିଥିଲେ। ଅଭିଯୁକ୍ତ ଲୁହାଚେନକୁ କାଟିଦେଇବାଇକ୍ ନେଇଯାଇଥିଲେ। ଏ ସମ୍ପର୍କରେ ଜାଣି ପରିବାର ଲୋକେ ପୋଲିସର ୧୧୨ନମ୍ବରକୁ ଫୋନ କରିଥିଲେ। ପୋଲିସ ପହଞ୍ଚି ଘଟଣାର ଖୋଳତାଡ଼ କରି ଗାଡ଼ିକୁ ଠାବ କରିଥିଲା। ଏଥିସହିତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।




ଅତିରିକ୍ତ ଜିଲାପାଳ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି ।

# ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ରଥ ଶୁଭାରମ୍ଭ

ଯାଜପୁର ଟାଉନ,୨୯।୧୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଜିଲା ପ୍ରଶାସନ ଏବଂ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ମିଳିତ ଆନୁକୂଲ୍ୟରେ ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ଉଦ୍ଦିଷ୍ଟ ସଚେତନତା ରଥ-୨୦୨୩ର ବୁଧବାର ଶୁଭାରମ୍ଭ କରାଯାଇଛି। ଅତିରିକ୍ତ ଜିଲାପାଳ ନବକ୍ରିଷ୍ଣ ଜେନା ଜିଲା କାର୍ଯ୍ୟାଳୟ ପ୍ରାଙ୍ଗଣରୁ ସବୁଜ ପତାକା ଦେଖାଇ ରଥ ପରିକ୍ରମାର ଶୁଭାରମ୍ଭ କରି କହିଥିଲେ, ଦୁର୍ଗମ ଅଞ୍ଚଳରେ ଯେଉଁ ଶିଶୁମାନେ କୌଣସି କାରଣବଶତଃ ଅନାଥ ଓ ଅବହେଳିତ ଭାବେ କାଳାତିପାତ କରୁଛନ୍ତି ସେମାନଙ୍କୁ ଥଇଥାନ କରିବାରେ ପୋଷ୍ୟ ସନ୍ତାନ ଗ୍ରହଣ ଏକ ଅଭିନବ ଯୋଜନା। ଯେଉଁମାନଙ୍କ କୋଳରେ ସନ୍ତାନଟିଏ ନାହିଁ ବା ନିଃସନ୍ତାନ ଦମ୍ପତି ଏହି ଯୋଜନାରେ ପୋଷ୍ୟ ସନ୍ତାନ ଗ୍ରହଣ କଲେ ଅନାଥ ଓ ଅବହେଳିତ ଶିଶୁମାନେ ବଞ୍ଚିବାର ରାହା ପାଇବା ସହ ନିଃସନ୍ତାନ ଦମ୍ପତି ମାତୃତ୍ୱର ଗୌରବ ଅର୍ଜନ କରିବେ ବୋଲି ଅତିରିକ୍ତ ଜିଲାପାଳ ଜେନା ପ୍ରକାଶ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ବେହେରା, ଜିଲା ସମାଜ ମଙ୍ଗଳ ଅଧିକାରୀ ମଞ୍ଜୁଲତା ନାୟକ, ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଆକ୍ସନ ଏଡ୍‌ର ଜିଲା ସଂଯୋଜକ ସୁବାସ ଦିଗଲ, ଜିଲା ଶିଶୁ ସୁରକ୍ଷା ଶାଖାର ସୁରକ୍ଷା ଅଧିକାରୀ

ଅର୍ଚ୍ଚନା କୁମାରୀ ସାମନ୍ତ, ଆଇନଜୀବୀ ଜୟନ୍ତ କୁମାର ଗୋସ୍ୱାମୀ, ଉତ୍କଳ ବାଳାଶ୍ରମ ଅଧୀକ୍ଷକ ସୁଶ୍ରୀ ପ୍ରଜ୍ଞାସିନୀ ସାହୁ, ଜିଲା କାର୍ଯ୍ୟାଳୟର କର୍ମଚାରୀ, ସମନ୍ୱିତ ଶିଶୁ ବିକାଶ ଯୋଜନାର ସମ୍ପୃକ୍ତ ସୁପରଭାଇଜର ଏବଂ ଅଙ୍ଗନୱାଡି କର୍ମୀମାନେ ଉପସ୍ଥିତ ଥିଲେ।

# ମିଶନ ଶକ୍ତି ସିନେମା ପ୍ରେକ୍ଷାଳୟ ଉଦ୍‌ଘାଟିତ

**ରାଜ୍ୟରେ ପ୍ରଥମ**

ଯାଜପୁର ଟାଉନ,୨୯।୧୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଜିଲାର ବ୍ୟାସନଗର ସଂସ୍କୃତିଭବନ ସିନେମା ପ୍ରେକ୍ଷାଳୟ ଓ ଯାଜପୁରଟାଉନସ୍ଥିତ ଗୌତମ ବୁଦ୍ଧ ସଂସ୍କୃତି ଭବନ ମିଶନ ଶକ୍ତି ସିନେମା ପ୍ରେକ୍ଷାଳୟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅଭିନେତା ଅରିନ୍ଦମ୍ ରାୟ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଯାଜପୁର ଜିଲା ମିଶନ ଶକ୍ତି ମହାସଂଘ ଏବଂ ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଏଭଳି ସୁଦୂର ପ୍ରସାରୀ ପଦକ୍ଷେପ ସମଗ୍ର ରାଜ୍ୟକୁ ଏକ ନୂତନ ଦିଗ୍‌ଦର୍ଶନ ଦେବ। ସମ୍ମାନିତ ଅତିଥି ଭାବେ ରାଜ୍ୟସଭା ସଦସ୍ୟା ସୁଲତା ଦେଓ ଯୋଗଦେଇ ମିଶନ ଶକ୍ତି ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ଆଜି ଏକ ମହାଦ୍ରୁମରେ ପରିଣତ ହୋଇପାରିଛି। ଓଡ଼ିଶାରେ ପ୍ରଥମ ଭାବେ ଆରମ୍ଭ ହୋଇଥିବା ମିଶନ ଶକ୍ତି ସିନେମା ପ୍ରେକ୍ଷାଳୟ ଐତିହ୍ୟ ଓ ସଂସ୍କୃତିକୁ ବଜାୟ ରଖିବା ସହ ଓଡ଼ିଆ ସିନେମା ଶିଳ୍ପର ଆଦୃତ



ଅଭିନେତା ଅରିନ୍ଦମ୍ ରାୟ ପ୍ରେକ୍ଷାଳୟ ଉଦ୍‌ଘାଟନ କରୁଛନ୍ତି ।

ଦିଗରେ ଏହା ନିଶ୍ଚିତ ଭାବେ ସହାୟକ ହେବ ବୋଲି ସେ କହିଥିଲେ। ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଯାଜପୁର ବିଡିଓ ସୌରଭ ଚକ୍ରବର୍ତ୍ତୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭାପତି ନଳିନୀ ପ୍ରଭା ଜେନା, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଯାଜପୁର ବ୍ଲକ୍ ଅଧକ୍ଷା ସ୍ୱର୍ଣ୍ଣଲତା ପରିଡ଼ା ଯୋଗଦେଇ ମିଶନ ଶକ୍ତି ମା'ମାନଙ୍କ ଭୂମିକା ଜିଲାରେ ଅତି ଉଚ୍ଚ କୋଟୀର ଏବଂ ରାଜ୍ୟ ପାଇଁ ଦୃଷ୍ଟାନ୍ତ ସୃଷ୍ଟି କରିବ ବୋଲି କହିଥିଲେ। ଜିଲା ମିଶନ ଶକ୍ତି ମହାସଂଘ ସଭାପତି ସୁଜାତା ସାହୁ ଧନ୍ୟବାଦ ଦେଇଥିଲେ।

# ଫଳାଫଳକୁ ନେଇ ବିଜେଡି, କଂଗ୍ରେସ ନେତା ଚିନ୍ତାରେ

ଜଗତ୍‌ସିଂହପୁର, ୨୯।୧୧
(ପ୍ରମୋଦ କୁମାର ନାୟକ)


ଏକ ଭୋଟ ଗ୍ରହଣ କେନ୍ଦ୍ରରେ ମତଦାତାଙ୍କ ଲମ୍ବା ଧାଡ଼ି।

- ଜଗତ୍‌ସିଂହପୁର ପୌର ପରିଷଦ ୬ନଂ. ୱାର୍ଡ ଉପନିର୍ବାଚନ
- ବିଜେଡି ଗଡ଼ ରହୁଛି କି ଭାଙ୍ଗୁଛି ତାକୁ ନେଇ ଚର୍ଚ୍ଚା

ବହୁ ପ୍ରତୀକ୍ଷାର ଅନ୍ତ ଘଟିଛି। ଜଗତ୍‌ସିଂହପୁର ପୌର ପରିଷଦ ୬ନଂ. ୱାର୍ଡ ଉପନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ବୁଧବାର ଶେଷ ହୋଇଛି। ଏକ ୱାର୍ଡ ଉପନିର୍ବାଚନରେ ବିଜେଡି ଓ କଂଗ୍ରେସ ପକ୍ଷରୁ ଯେଉଁଭଳି ପ୍ରଚାର କରାଯାଇଥିଲା ତାକୁ ନେଇ ନାନା କଳ୍ପନା ଜଳ୍ପନା ପ୍ରକାଶ ପାଇଥିଲା। ବିଶେଷକରି ବିଜେଡି ପକ୍ଷରୁ ୨ ପ୍ରତିଦ୍ୱନ୍ଦ୍ୱି ସରକାରୀ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି ଓ ପୂର୍ବତନ ଦଳ ଜିଲା ସଭାପତି ତଥା ପୂର୍ବତନ ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ଦଳୀୟ ପ୍ରାର୍ଥିନୀଙ୍କ ପାଇଁ ପୃଥକ୍ ଭାବେ ଯେଉଁ ଢଙ୍ଗରେ ପ୍ରଚାର କରିଥିଲେ ତାହା ଆଲୋଚନାକୁ ରୋଚକ ସ୍ଥିତିକୁ ନେଇ ଯାଇଥିଲା। ପ୍ରାର୍ଥିନୀ ଉଭୟ ଗୋଷ୍ଠୀଙ୍କ ପ୍ରଚାରରେ ସାମିଲ ହୋଇଥିଲେ ସୁଦ୍ଧା ୨ ନେତା ଏକାଠି ପ୍ରଚାର କରିବା ସମ୍ଭବ ହୋଇ ପାରି ନ ଥିଲା। ଅନ୍ୟପକ୍ଷେ ଦୀର୍ଘଦିନ ଧରି ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଦଳୀୟ ନେତା ଓ କର୍ମୀଙ୍କଠାରୁ ଦୂରତ୍ୱ ଅବଲମ୍ବନ କରୁଥିବା ପୂର୍ବତନ ବିଧାୟକ ତଥା ନିଲମ୍ବିତ କଂଗ୍ରେସ ନେତା ଚିରଞ୍ଜିବି ବିଶ୍ୱାଳଙ୍କ ଥରେ ନୁହେଁ, ଦୁଇ ଥର ପ୍ରଚାର କରିବା ମଧ୍ୟ ଏହି ଉପନିର୍ବାଚନକୁ ସରଗରମ କରି ଦେଇଥିଲା। ଭାଜପା ପକ୍ଷରୁ ପ୍ରାର୍ଥୀ ଦିଆଯାଇଥିଲେ ସୁଦ୍ଧା ଦଳ ପକ୍ଷରୁ ପ୍ରଚାର ଆଖିଦୃଶିଆ ନ ଥିଲା। ମୋଟାମୋଟି ଭାବେ କହିବାକୁ ଗଲେ ଚଳିତ ଏହି ଉପନିର୍ବାଚନ ଉଭୟ ବିଜେଡି ଓ କଂଗ୍ରେସ ପାଇଁ ବଡ଼ ଚ୍ୟାଲେଞ୍ଜ ଥିବା ବାରି ହୋଇ ପଡୁଥିଲା। କାରଣ ବିଜେଡି କାଉନସିଲରଙ୍କ ମୃତ୍ୟୁ ପରେ ଏହି ୱାର୍ଡକୁ କୌଣସି ପରିସ୍ଥିତିରେ ଏହି ଦଳ ହାତଛଡା କରିବାକୁ ଚାହୁଁ ନାହିଁ। ସେହିପରି ଦୀର୍ଘ ୨୦ବର୍ଷ ଧରି ବିଜେଡି ଦଖଲରେ ଥିଲେ ସୁଦ୍ଧା କଂଗ୍ରେସ ଏହି ଗଡ଼ ଭାଙ୍ଗିବାକୁ ଜୋରଦାର ଉଦ୍ୟମ କରିଛି। କଂଗ୍ରେସ ଜଗତ୍‌ସିଂହପୁର ପୌରାଧକ୍ଷା ନିଜର ସ୍ଥିତି ମଜବୁତ ପାଇଁ ପୁରା ଦମ ଲଗାଇ ଦେଇଥିଲେ। ଯେଉଁ କାରଣରୁ ନିର୍ବାଚନ ନିର୍ଣ୍ଣାୟକ ସ୍ଥିତିକୁ ଆସିଥିଲା। ଦେଖିବାର ଅଛି ଗୁରୁବାର ଗଣତିରେ କେଉଁ ଦଳକୁ ସଫଳତା ମିଳୁଛି।

ସୁଜଙ୍ଗ, ମରିଚାପଦା ଓ ମାଧପୁର (ଆଂଶିକ)କୁ ନେଇ ୬ନଂ. ୱାର୍ଡ ଗଠିତ। ୱାର୍ଡର ଭୋଟର ସଂଖ୍ୟା ୧୦୭୭। ବୁଧବାର ଏହି ୱାର୍ଡର ସୁଜଙ୍ଗସ୍ଥିତ ପ୍ରାଥମିକ ବିଦ୍ୟାଳୟ ପରିସର ୧ନଂ. ବୁଥରେ ସକାଳ ୮ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ମତଦାନ ଚାଲିଥିଲା। ଏହି ନିର୍ବାଚନରେ ୭୭.୫୩% ଅର୍ଥାତ୍ ୮୩୫ ଜଣ ମତଦାନ ସାବ୍ୟସ୍ତ କରିଥିଲେ। ଯେଉଁମାନଙ୍କ ମଧ୍ୟରେ ମହିଳା ୪୧୭ ଓ ପୁରୁଷ ୪୧୮ ଜଣ ରହିଥିଲେ। ଗୁରୁବାର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସକାଳ ୮ରୁ ଭୋଟ ଗଣତି ଆରମ୍ଭ ହେବ। ଭୋଟ ଗଣତି ସମୟରେ କୌଣସି ପ୍ରକାର ବିଶୃଙ୍ଖଳା ନ ହେବା ପାଇଁ ସମସ୍ତ ପଦକ୍ଷେପ ନିଆଯାଇଥିବା ଜଣାଯାଇଛି। ସୂଚନାଯୋଗ୍ୟ, ଏହି ୱାର୍ଡ କାଉନସିଲର ସୌଭାଗ୍ୟଲକ୍ଷ୍ମୀ ରଥଙ୍କ ଅକାଳ ବିୟୋଗ ପରେ ଉପନିର୍ବାଚନ ହୋଇଛି। କଂଗ୍ରେସରୁ ଚିନ୍ମୟୀ ନନ୍ଦ, ବିଜେଡିର ରୋଜାଲିନ ଦାଶ ଓ ଭାଜପାରୁ ବିଷ୍ଣୁପ୍ରିୟା ସିଂହ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଆଲୋକ


@ ଜିତୁ


@ ପିଙ୍କି


@ ସୁକାନ୍ତି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାଜ୍ୟସ୍ତରୀୟ କବି ସମ୍ମିଳନୀ

ନାଉଗାଁ, ୨୯।୧୧ (ସୁଧା ବେହୁରା)

## ନାଉଗାଁ ବ୍ଲକ, ବୋଇତ ବନ୍ଦାଣ ଉତ୍ସବର ୨ୟ ସନ୍ଧ୍ୟା

ନାଉଗାଁ ବ୍ଲକ ଅନ୍ତର୍ଗତ ଶିଖରଘାଟ ବୋଇତ ବନ୍ଦାଣ ଉତ୍ସବ ମଙ୍ଗଳବାର ୨ୟ ସନ୍ଧ୍ୟାରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନାଉଗାଁ ସାଂସ୍କୃତିକ ପରିଷଦ ଦ୍ୱାରା ଆୟୋଜିତ କବି ସମ୍ମଳନୀକୁ ବ୍ରହ୍ମଚାରୀ ବାବା ସତ୍ୟାନନ୍ଦ ଦାସ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଶସାକ ତଥା ସାହିତ୍ୟିକ ଡ. ସଂଗ୍ରାମ କେଶରୀ ସାମନ୍ତରାୟ, ମୁଖ୍ୟବକ୍ତା ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ, ପରିଷଦର ସଭାପତି ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ସରୋଜ ନାୟକ ଆଦି ଯୋଗ ଦେଇଥଲେ। ଏହି କାର୍ଯ୍ୟକ୍ରମରେ ପାରାଦୀପ ପୋର୍ଟର ପୂର୍ବତନ ଟ୍ରଷ୍ଟି ପ୍ରତାପ ମିଶ୍ର ଅଧ୍ୟକ୍ଷତା କରିଥିଲେ। ତ୍ରିଲୋଚନ ପାଢୀ ଅତିଥିମାନଙ୍କ ପରିଚୟ ପ୍ରଧାନ କରିଥିବା ବେଳେ ଡ. ଚାଇନା ପ୍ରଧାନ ପ୍ରାରମ୍ଭିକ ଅଭିଭାଷଣ ପ୍ରାଦନ କରିଥିଲେ। ଅଧ୍ୟାପକ ପ୍ରସନ୍ନ ସ୍ୱାଇଁ ଓ କବିୟିତ୍ରୀ କଳ୍ପନା ବିଶ୍ୱାଳଙ୍କ ସଂଯୋଜନାରେ ଜଗତ୍‌ସିଂହପୁର, ପୁରୀ, କଟକ ଓ କେନ୍ଦ୍ରାପଡ଼ା ଜିଲାରୁ ଶତାଧିକ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଅନୁଷ୍ଠାନର ସହସମ୍ପାଦକ ହିମାଂଶୁ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ବର୍ତ୍ତମାନ ସହ ଅତୀତକୁ ତୁଳନା କଲେ ଇତିହାସ ବିକୃତ ହେବ


କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଜଣେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ତିର୍ତ୍ତୋଲ, ୨୯।୧୧ (ଗୌରାଙ୍ଗ ଚରଣ ସ୍ୱାଇଁ)

## ଝଙ୍କଡ଼ ବୋଇତ ବନ୍ଦାଣ ଉଦ୍‌ଯାପନୀ ଉତ୍ସବ

ତିର୍ତ୍ତୋଲ ବ୍ଲକ କନକପୁରଠାରେ ଝଙ୍କଡ଼ ବୋଇତ ବନ୍ଦାଣ ଉତ୍ସବ ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ କନକପୁର ପଞ୍ଚାୟତର ସରପଞ୍ଚ ରେବତୀ ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଯୋଗଦେଇଥିଲେ। ସେ କହିଥିଲେ, ବର୍ତ୍ତମାନ ସମୟ ସହ ଅତୀତର ତାରତମ୍ୟକୁ ତୁଳନା କଲେ ଇତିହାସ ବିକୃତ ହୋଇଯିବ। ଏଥିସହ ବୋଇତ ବନ୍ଦାଣର ଐତିହ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ରାଜ୍ୟ ଏସ୍‌ସି ମୋର୍ଚ୍ଚାର ସଭାପତି ତଥା ପୂର୍ବତନ ଏମ୍‌ପି ବିଭୂପ୍ରସାଦ ତରାଇ, ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ଯୁବନେତା ସମ୍ପଦ କୁମାର ସ୍ୱାଇଁ, ପାରାଦୀପ ବନ୍ଦର ପୂର୍ବତନ ଟ୍ରଷ୍ଟି ପ୍ରତାପ କୁମାର ମିଶ୍ର, ଭାଜପା ନେତା ଆଇନଜୀବୀ ରାଜକିଶୋର ବେହେରା, ଯାଜପୁର ଜିଲାର ଭାଜପା ନେତା ପବିତ୍ର ମୋହନ ଦାଶ, ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ଅଶୋକ କୁମାର ମହାନ୍ତି, ଭାଜପା ଯୁବମୋର୍ଚ୍ଚା ଜିଲା ସଭାପତି ସୁଧିର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ସେମାନେ ବୋଇତ ବନ୍ଦାଣ ଓ ନୌବାଣିଜ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ରଞ୍ଜନ କୁମାର ମଙ୍ଗରାଜ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସର୍ବେଶ୍ୱର ଭଞ୍ଜ ଧନ୍ୟବାଦ ଦେଇଥିଲେ। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା: ୮୩ ପ୍ରକଳ୍ପ ପ୍ରଦର୍ଶିତ

କୁଜଙ୍ଗ ୨୯।୧୧ (ମନୋଜ ପ୍ରଧାନ)

କୁଜଙ୍ଗ ମଣ୍ଡଳସ୍ତରୀୟ ବିଜ୍ଞାନମେଳା ବୁଧବାର ଅଗପାଳସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ମୋଟ ୮୩ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନାରାଣୀ ସାହୁ ଯୋଗଦେଇ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ ଯୋଗଦେଇ ବର୍ତ୍ତମାନର ସମୟରେ ବିଜ୍ଞାନର ଆବଶ୍ୟକତା ଓ ତା'ର ସଦୁପଯୋଗ ଉପରେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଆଜିର ଯେଉଁ କୁନି ବୈଜ୍ଞାନିକମାନେ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଛନ୍ତି ଭବିଷ୍ୟତରେ ତା'ର ଉପଯୋଗ ଉପରେ ଅଧିକ ଗବେଷଣା କରିବା ପାଇଁ ଆହ୍ୱାନ ଦେଇଥିଲେ। ମେଳାରେ ସମ୍ମାନୀତ ଅତିଥି ଭାବେ ମୋ ସ୍କୁଲ ଅଭିଯାନର ସଭାପତି ଅରୁଣ କୁମାର ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସରୋଜ କୁମାର ବେହେରା, ବିଜ୍ଞାନ କ୍ଲବର ସମ୍ପାଦକ ସାରଦା ପ୍ରସାଦ ଦାସ, କୋଷାଧ୍ୟକ୍ଷ ସୁବାସ ଚନ୍ଦ୍ର ଦାସ, ଶିକ୍ଷକ ପ୍ରସନ୍ନ କୁମାର ସେଠୀ, ରଶ୍ମିକାନ୍ତ ଦାସ, ସିଆର୍‌ସିସି ଲଳିତ କୁମାର ସେଠୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିତାରାଣୀ ଶାସମଲ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସାରଦା ପ୍ରସାଦ ମଲ୍ଲ ଯୋଗ ଦେଇଥିଲେ। ବିଜ୍ଞାନ କ୍ଲବର ସଭାପତି ତଥା କୁଜଙ୍ଗ ମଣ୍ଡଳ ଶିକ୍ଷାଧିକାରୀ ପବିତ୍ର କୁମାର କର ସଭାପତିତ୍ୱ କରିଥିଲେ। ବରିଷ୍ଠ ଶିକ୍ଷକ ସୁଧି ରଞ୍ଜନ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ ପବତ୍ର କୁମାର କର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ସୁବାସ ଚନ୍ଦ୍ର ରାଉତ ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବେ ସାହିତ୍ୟିକ ତଥା ଅବସାପ୍ରାପ୍ତ ପ୍ରଧାନ ଶିକ୍ଷକ ବସନ୍ତ କୁମାର ଦାସ ଯୋଗ ଦେଇଥିଲେ। ଶିକ୍ଷକ ବିନୋଦ କୁମାର ମୁଦୁଲି ସଭା ପରିଚାଳନା କରିଥିବା ବେଳେ ପ୍ରସନ୍ନ ସେଠୀ ଧନ୍ୟବାଦ ଦେଇଥିଲେ। ଏହି ମେଳାରୁ ୧୧ ପ୍ରକଳ୍ପ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ଭାଗ ନେବା ପାଇଁ ଚୟନ କରାଯାଇଛି। କୁଜଙ୍ଗ ବ୍ଲକର ସମସ୍ତ ସିଆର୍‌ସିସିମାନଙ୍କୁସମ୍ବର୍ଦ୍ଧିତକରାଯାଇଥିଲା।

# ରାଜସ୍ୱ, ପୂର୍ତ୍ତ ବିଭାଗ ପକ୍ଷରୁ ବିବାଦୀୟ ଜମିର ମାପଚୁପ

ରଘୁନାଥପୁର, ୨୯।୧୧ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ତହସିଲ ଅନ୍ତର୍ଗତ କଟକ ପାରାଦୀପ ରାଜ୍ୟ ରାଜପଥର ଜଇପୁର ଛକ ନିକଟରେ ପୂର୍ତ୍ତ ବିଭାଗ ଅଧୀନରେ ଥିବା ପ୍ଲଟ ନଂ. ୬୯୦ ସରକାରୀ ଜମିର ମାପଚୁପ କରାଯାଇଛି। ଉକ୍ତ ଜମିରେ ସୁଶାନ୍ତ କୁମାର ଦାସ, ଚିତ୍ତରଞ୍ଜନ ଦାସ ଓ ମନୋରଞ୍ଜନ ଦାସ ବେଆଇନ ପାଚେରି ନିର୍ମାଣ କରିଥିବା ନେଇ ପୂର୍ତ୍ତ ବିଭାଗ ଉପନିର୍ବାହୀ ଯନ୍ତ୍ରୀ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଥିଲେ। ତହସିଲଦାରଙ୍କ ନିର୍ଦ୍ଦେଶ ମୁତାବକ ବୁଧବାର ଏହାର ମାପଚୁପ କରାଯାଇଥିଲା। ତହସିଲ ପକ୍ଷରୁ ସୁପରଭାଇଜର ସୁଦାମ ଚରଣ ଗୁରୁ, ଛପଡ଼ା ଆର୍‌ଆଇ ସୁଶାନ୍ତ କୁମାର ସ୍ୱାଇଁ ଓ ଅମିନ ରବୀନ୍ଦ୍ର କୁମାର ରାଉତ ଏବଂ ପୂର୍ତ୍ତ ବିଭାଗ ପକ୍ଷରୁ ସହକାରୀ ଯନ୍ତ୍ରୀ ବିନୟ କୁମାର ସାହୁ, କର୍ମଚାରୀ ବିଶ୍ୱନାଥ ମହାନ୍ତି, ମନୋଜ ପରିଡା ଓ ପ୍ରତାପ ମହାନ୍ତି ଏହି କାର୍ଯ୍ୟରେ ନିୟୋଜିତ ଥିଲେ। ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ନିରାକାର ଖୁଣ୍ଟିଆଙ୍କ ସହ ଭଦ୍ରବ୍ୟକ୍ତିମାନେ ଉପସ୍ଥିତ ଥିଲେ। ମାପଚୁପ ପରେ ସରକାରୀ ଜମିକୁ ବାହାର କରାଯିବା ଏବଂ ଏହି ଜମିରେ କୌଣସି ଘର ନିର୍ମାଣ ହୋଇ ନ ଥିବା ଅଧିକାରୀମାନେ ଅବଗତ ହୋଇଥିବା ସହକାରୀ ଯନ୍ତ୍ରୀ ସାହୁ ଓ ତହସିଲ ସୁପରଭାଇଜର ଗୁରୁ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ସରକାରୀ ଜମିକୁ ଚିହ୍ନଟ କରାଯାଇ ଏହାର ରିପୋର୍ଟ ତହସିଲଦାରଙ୍କୁ ପ୍ରଦାନ କରାଯିବ ବୋଲି ଗୁରୁ କହିଛନ୍ତି। ଆବଶ୍ୟକ ସ୍ଥଳେ ସହଯୋଗ ଭିତ୍ତିରେ ଉକ୍ତ ସ୍ଥାନରେ ସର୍ବସାଧାରଣଙ୍କ ପାଇଁ ରାସ୍ତାକୁ ପ୍ରସସ୍ଥ କରାଯିବ ବୋଲି ଯନ୍ତ୍ରୀ ସାହୁ ପ୍ରକାଶ କରିଛନ୍ତି। କିଛିଦିନ ଧରି ସରକାରୀ ଜମିକୁ ମାଡି ବସିଥିବା ନେଇ ଚାଲିଥିବା ବିବାଦର ଅବସାନ ଘଟିଛି।

# ଭୀମ ଭୋଇ ଭିନ୍ନକ୍ଷମ ଶିବିର: ୨୯୬ ଜଣଙ୍କୁ ସାର୍ଟିଫିକେଟ

କୁଜଙ୍ଗ, ୨୯।୧୧ (ମନୋଜ ପ୍ରଧାନ)

କୁଜଙ୍ଗ ବନବିହାରୀ ଉଚ୍ଚବିଦ୍ୟାଳୟଠାରେ ବୁଧବାର ବ୍ଲକ ପ୍ରଶାସନ ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। କୁଜଙ୍ଗ ବ୍ଲକ ଅଧ୍ୟକ୍ଷା ନିନାରାଣୀ ସାହୁ ଓ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡା. ପ୍ରସନ୍ନ ପଣ୍ଡା ଓ କୁଜଙ୍ଗ ସରପଞ୍ଚ ବନ୍ଦୀତା ଦାସ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ କୁମାର ନାୟକ ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କିଶୋର ମହାନ୍ତି ଯୋଗ ଦେଇଥିଲେ। ୩୫୩ଜଣ ଭିନ୍ନକ୍ଷମ ଚିହ୍ନଟ ନିମନ୍ତେ ନାମ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ୨୯୬ଜଣ ଭିନ୍ନକ୍ଷମ ସାର୍ଟିଫିକେଟ ପାଇବା ପାଇଁ ମନୋନୀତ ହୋଇଥିବାବେଳେ ୧୬ଜଣ ଅଯୋଗ୍ୟ ହୋଇଥିଲେ। ୩ ଜଣଙ୍କୁ ୬ଟି ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିବା ବେଳେ ୩୫ଜଣଙ୍କୁ ଜିଲା ସଦର ମହକୁମା ଡାକ୍ତରଖାନାକୁ ପଠାଯାଇଛି। କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ମହିଳା ଓ ଶିଶୁ ବିକାଶ ବିଭାଗ, ବ୍ଲକ କର୍ମଚାରୀ, ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ କର୍ମଚାରୀ, ବନବିହାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ସହାୟତା ପ୍ରଦାନ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସ୍ୱେଚ୍ଛାସେବୀ ରୂପେ କାର୍ଯ୍ୟ କରିଥିଲେ।

# ବିଦ୍ୟାଧରପୁର ପଞ୍ଚାୟତ ସାଂସଦ ଆଦର୍ଶ ଗ୍ରାମ ଯୋଜନାରେ ସାମିଲ



ଅନୁଷ୍ଠିତ ସଭାରେ ଏମ୍‌ପି ରାଜଶ୍ରୀ ମଲ୍ଲିକ ଓ ଅନ୍ୟମାନେ।

ରଘୁନାଥପୁର, ୨୯।୧୧ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ବିଦ୍ୟାଧରପୁର ପଞ୍ଚାୟତ ସାଂସଦ ଆଦର୍ଶ ଗ୍ରାମ ଯୋଜନାରେ ସାମିଲ କରାଯାଇଛି। ଏଥିପାଇଁ ସାମାଜିକ କର୍ମୀ ରହିମ ଖାଁ ଓ ଅଜୟ ସାମଲଙ୍କ ଚେଷ୍ଟାକୁ ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ଏ ସମ୍ପର୍କରେ ଘୋଷଣା କରିଥିଲେ। ଏହାଛଡା ଉକ୍ତ ପଞ୍ଚାୟତକୁ ୧୧୫ଟି ପ୍ରକଳ୍ପ ଅନୁମୋଦନ ହୋଇଥିବା ଏବଂ ଖୁବ୍‌ଶୀଘ୍ର ଏହା କାର୍ଯ୍ୟ ଆରମ୍ଭ କରାଯିବ ବୋଲି ପ୍ରକାଶ କରିଛନ୍ତି। ବିଡିଓ ନମିତା ବାରିକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଏମ୍‌ପି ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭାଗୀୟ ଅଧିକାରୀ ଓ ପଞ୍ଚାୟତବାସୀଙ୍କ ସହଯୋଗ କାମନା କରିଥିଲେ। ଅନ୍ୟତମ ଅତିଥି ଭାବେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ରବିନାରାୟଣ ଜେଠି ଓ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିରାମ ପଣ୍ଡା, ସିଡିଏମ୍‌ଓ କ୍ଷେତ୍ରବାସୀ ଦାସ, ସରପଞ୍ଚ ସାହେଦା ତବସୁମ, ସମିତିସଭ୍ୟା ସାଗରିକା ତରେଇ ଓ ଜିଲାପରିଷଦ ସଭ୍ୟା ରିନାରାଣୀ ମଲ୍ଲିକ ଯୋଗଦେଇଥିଲେ। ଆୟୋଜିତ ସଭାରେ ପରିବାର ଜନମଙ୍ଗଳ ଅଧିକାରୀ ଡା. ପ୍ରମୋଦ କୁମାର ବାରିକ, ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସୁକାନ୍ତ କୁମାର ଦଳେଇ, ଅତିରିକ୍ତ ଭିଏସ୍ ଲକ୍ଷ୍ମୀପ୍ରିୟା ପାଣି, ସିଡିପିଓ ତୃପ୍ତିଲତା ମହାନ୍ତି, ଏବିଡିଓ ଜ୍ଞାନଦା ନାୟକ, ମିଶନଶକ୍ତି ଡିପିସି ମୋନାଲିସା ଭଞ୍ଜ, ବିପିସି ସ୍ନେହପ୍ରିୟା ସ୍ୱାଇଁ, ବିପିଏମ୍ ଲିପିକା ଷଡଙ୍ଗୀ, ନିରାକାର ଖୁଣ୍ଟିଆ ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ସରପଞ୍ଚ ତବସୁମ ଶେଷର ଧନ୍ୟବାଦ ଦେଇଥିଲେ।

# ହାଇସ୍କୁଲ ଅନୁଭୂତି ଜୀବନରେ ଛାପ ହୋଇ ରୁହେ

ଜଗତ୍‌ସିଂହପୁର, ୨୯।୧୧
(ପ୍ରମୋଦ କୁମାର ନାୟକ)

## ଶ୍ରୀକୃଷ୍ଣ ଏକାଡେମୀ ପ୍ଲାଟିନମ ଜୁବିଲି ସମାରୋହ

ଶିକ୍ଷାନୁଷ୍ଠାନ ହେଉଛି ଜ୍ଞାନର ମନ୍ଦିର। ଯେଉଁଠୁ ପ୍ରତ୍ୟେକ ଜ୍ଞାନ ଆହରଣ କରି ନିଜ ଜୀବନକୁ ସରସ ଓ ସୁନ୍ଦର କରିପାରନ୍ତି। ଦିନ ଥିଲା କେବଳ ସରକାରୀ ଶିକ୍ଷାନୁଷ୍ଠାନ ଥିଲା। ଅନୁଷ୍ଠାନର ଶିକ୍ଷକମାନେ ଖୁବ କମ୍ ବେତନ ପାଇ ଅନେକ ତ୍ୟାଗ କରୁଥିଲେ। ଅନେକ ପ୍ରତିକୂଳ ପରିବେଶ ସତ୍ତ୍ୱେ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ନିଜ ପିଲା ଭାବି ଗୁଣାତ୍ମକ ଶିକ୍ଷାଦାନ କରିବାରେ ସାମାନ୍ୟ ଅବହେଳା କରୁ ନ ଥିଲେ। ଗୁରୁ-ଶିଷ୍ୟ ପରମ୍ପରା ନିଆରା ଥିଲା। କିନ୍ତୁ ସମୟ ଚକ୍ରରେ ଭିତ୍ତିଭୂମି ସୁଦୃଢ଼ ହୋଇଛି। ଶିକ୍ଷକମାନଙ୍କୁ ନିୟମିତ ଏବଂ ସନ୍ତୋଷଜନକ ବେତନ ମିଳୁଛି। ପିଲାମାନଙ୍କୁ ଅନେକ ସୁବିଧା, ସୁଯୋଗ ଦିଆଯାଉଛି। ଏହାସତ୍ତ୍ୱେ ସରକାରୀ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ର ସଂଖ୍ୟା ସନ୍ତୋଷଜନକ ହୋଇପାରୁନାହିଁ। ବେସରକାରୀ ଶିକ୍ଷାନୁଷ୍ଠାନରେ କମ୍ ବେତନ ପାଇ ଶିକ୍ଷକମାନେ ଭଲ ଶିକ୍ଷାଦାନ କରୁଥିବା ବେଳେ ସରକାରୀରେ ବ୍ୟତିକ୍ରମ ଲକ୍ଷ୍ୟ କରାଯାଉଛି। ଏଥିପାଇଁ କେବଳ ସରକାରୀ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କୁ ଦାୟୀ କଲେ ହେବନାହିଁ। ଅଭିଭାବକମାନେ ମଧ୍ୟ ସମ ପରିମାଣରେ ଦାୟୀ। ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ଶିକ୍ଷାନୁଷ୍ଠାନରେ ନାମ ଲେଖାଇ ସାରିଲା ପରେ ସବୁ ଦାୟିତ୍ୱ ସରକାରଙ୍କର ବୋଲି ଭାବୁଛନ୍ତି। ଯାହା ବେସରକାରୀ ଶିକ୍ଷାନୁଷ୍ଠାନରେ ଦେଖାଯାଏ ନାହିଁ। ତେଣୁ ପ୍ରତ୍ୟେକ ଏଥିପ୍ରତି ଦାୟିତ୍ୱବାନ ହେବାକୁ ପଡ଼ିବ। ହାଇସ୍କୁଲ ଅନୁଭୂତି ଜୀବନରେ କେହି ଭୁଲି ପାରନ୍ତି ନାହିଁ। ତାହା ଜୀବନରେ ଛାପ ହୋଇ ରହି ଯାଇଥାଏ। ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀର ପ୍ଲାଟିନମ୍ ଜୁବୁଲି ସମାରୋହର ଉଦ୍‌ଯାପନୀ ଦିବସରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥିମାନେ ଏହା କହିଛନ୍ତି।

ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ସଭାପତି ଅଭୟ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି, ମୁଖ୍ୟବକ୍ତା ଜିଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା ଓ ପ୍ରଧାନ ଶିକ୍ଷକ ଶୁକଦେବ ସାହୁ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସଂସଦ ଉପଦେଷ୍ଟା ନଟବର ବାରିକ ସ୍ୱାଗତ ଭାଷଣ ଓ ଶେଷରେ ଆବାହକ ଗୋପାଳକୃଷ୍ଣ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପୁରାତନ ଛାତ୍ର ଡ. ଶଶାଙ୍କ ଶେଖର ଲେଙ୍କା, କ୍ରୀଡାବିତ୍ ଲୋତେକେନ୍ଦୁ ଦାଶ, ସନାତନ ଖୁଣ୍ଟିଆ, ସୌଭ୍ୟରଞ୍ଜନ ଆଚାର୍ଯ୍ୟ ଓ କାର୍ଯ୍ୟକ୍ରମରେ ସହାୟତା କରିଥିବା ରେଡିଓ ସଂସ୍କାର ଦଳକୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ର କବି ଦୀପକ ଦାସଙ୍କ ରଚିତ ପୁସ୍ତକ ପଙ୍କର ମଣିଷ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସକାଳେ ସଂସଦ ପକ୍ଷରୁ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟ ପୁରାତନ ଓ ବର୍ତ୍ତମାନ ଶିକ୍ଷକ, କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ୩ଦିନ ଧରି ଚାଲିଥିବା କାର୍ଯ୍ୟକ୍ରମରେ ସଂସଦ ଉପଦେଷ୍ଟା ବିନାୟକ ପଟ୍ଟନାୟକ, ଗୋରାଙ୍ଗ ଚରଣ ହୋତା, ରଶ୍ମିକାନ୍ତ ସାହୁ, ରମାକାନ୍ତ ସାହୁ, ନାରାୟଣ ନାୟକ, ଶ୍ରୀକାନ୍ତ ଚୌଧୁରୀ, ଉପ ସଭାପତି ପ୍ରଣବ ଦେ, ବିପ୍ଳବ ଚୌଧୁରୀ, ଦୀପ୍ତି ଦାସ, ମୋ ସ୍କୁଲ ଅଭିଯାନର ସଭାପତି ସଲିଲ ଘୋଷ, ବିଜୟ ରାଉତ, ଯଜ୍ଞାଶିସ ମହାପାତ୍ର, ପ୍ରଭୁଦତ୍ତ ସାହୁ, ସୌଭାଗ୍ୟ ରଞ୍ଜନ ବିଶ୍ୱାଳ, ବିସ୍ମୟ ଖୁଣ୍ଟିଆ, ରଞ୍ଜିତ କୁମାର ଭଟ୍ଟାଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ।

# ମୁଣ୍ଡଳମୁଣି ପାହାଡ଼ରେ ବେଆଇନ ଖନନ

■ନୋଉର ଆଦର୍ଶ ସ୍କୁଲ ପାଖରେ ଚାଲିଛି ବ୍ଲାଷ୍ଟିଂ
■ଜଣେ ଜିଲା ପରିଷଦ ସଭ୍ୟ କରୁଛନ୍ତି ବେଆଇନ କାମ

ନୟାଗଡ଼,୨୯।୧୧(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ୍ ନୋଉରସ୍ଥିତ ଆଦର୍ଶ ବିଦ୍ୟାଳୟଠାରୁ ୨୦୦ ମିଟର ଦୂର ମୁଣ୍ଡଳମୁଣି ପାହାଡ଼ରେ ଚାଲିଛି ବେଆଇନ ବ୍ଲାଷ୍ଟିଂ। ଜଣେ ଜିଲା ପରିଷଦ ସଭ୍ୟ ଓ ପୂର୍ବତନ ବ୍ଲକ ଅଧ୍ୟକ୍ଷାଙ୍କ ସ୍ୱାମୀଙ୍କ ସହାୟତାରେ ଏହି ବ୍ଲାଷ୍ଟିଂ ଚାଲିଛି। ନୟାଗଡ଼ ତହସିଲ ଏ ସଂକ୍ରାନ୍ତରେ ଅବଗତ ଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି । ପାହାଡ଼ରେ ବ୍ଲାଷ୍ଟିଂ, ଜେସିବି ଲଗାଇ ପଥର ଭାଙ୍ଗିବା ସମୟରେ ଜୋରରେ ଶବ୍ଦ ହେଉଛି । ଏହାଦ୍ୱାରା ଉପରୋକ୍ତ ସ୍କୁଲରେ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ସେହିପରି ପଥର ଖଣ୍ଡ ମଧ୍ୟ ସ୍କୁଲ ଓ ଆଖପାଖ ଅଞ୍ଚଳରେ ଛିଟିକି ପଡୁଛି। ଅବଶ୍ୟ ଛାତ୍ରୀଛାତ୍ରଙ୍କ ଉପରେ ପଡିନାହିଁ, ତେବେ କୌଣସି ସମୟରେ ବି ଏହି ପଥରଖଣ୍ଡ ପଡି ଛାତ୍ରୀଛାତ୍ରମାନେ ଆହତ ହୋଇପାରନ୍ତି ବୋଲି ଅଭିଭାବକମାନଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି। ଦିନବେଳା ପଥର ଭଙ୍ଗା ଯାଉଥିବାରୁ ସେହି ଅଞ୍ଚଳ ପ୍ରଦୂଷିତ ହେଉଛି। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି ।

ଏନେଇ ପରିବେଶବିତ୍ ଶ୍ରୀଧର ସାହୁ କୁହନ୍ତି, ମୁଣ୍ଡଳମୁଣି ପାହାଡ଼ କାହାକୁ ଲିଜ୍ ଦିଆଯାଇନି । ତେବେ ଜଣେ ଜିଲା ପରିଷଦ ସଭ୍ୟ କିପରି ବେଆଇନ ଭାବେ ପଥରଖନନ କରୁଛନ୍ତି ତାହା ଅନେକଙ୍କୁ ବିସ୍ମିତ କରୁଛି। ପ୍ରଶାସନ ଅବଗତ ଥିଲେ ବି ଜିଲା ପରିଷଦ ସଭ୍ୟଙ୍କ ବେଆଇନ ପଥରଖନନ ଉପରେ ରୋକ୍ ଲଗାଇବାକୁ ସାହସ କରିପାରୁନି। ଏଣୁ ମୁଣ୍ଡିଆ ନଷ୍ଟ ହେବା ସହ ସ୍କୁଲ ଆଖପାଖ ପରିବେଶ ନଷ୍ଟ ହେବା ଆରମ୍ଭ କରିଛି। ଜିଲା ପ୍ରଶାସନ ହସ୍ତକ୍ଷେପ କରି ବେଆଇନ ପଥରଖନନକୁ ବନ୍ଦ କରିବା ଦରକାର। ପରିବେଶବିତ୍ ବିଭୂତି ଦାଶ କୁହନ୍ତି, ସ୍କୁଲ ପାଖରେ ପାହାଡ଼ ଅଛି ମାନେ ତାକୁ ନଷ୍ଟ ନ କରି ବରଂ ତାର ପୁନରୁଦ୍ଧାର କରିବାର ଆବଶ୍ୟକତା ରହିଛି । ଜଣେ ଜିଲା ପରିଷଦ ସଭ୍ୟ ଜଙ୍ଗଲର ସୁରକ୍ଷା ଦିଗରେ କାମ କରିବା ଉଚିତ । ଲୋକ ପ୍ରତିନିଧି ହୋଇ ଜଙ୍ଗଲ ଉଜାଡୁଥିବାରୁ ସାଧାରଣରେ ଅସନ୍ତୋଷ ଓ ଉଦ୍‌ବେଗ ସୃଷ୍ଟି ହେଉଛି । ସ୍କୁଲର ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି ମୁଣ୍ଡିଆର ବେଆଇନ ଖନନ ବନ୍ଦ ହେବା ଦରକାର। ସାମାଜିକ କର୍ମୀ ଶାନ୍ତନୁ ବିଶୋଇ କୁହନ୍ତି, କ୍ଷମତାର ଅପବ୍ୟବହାର ଠିକ୍ ନୁହେଁ। ଜିଲା ପରିଷଦ ସଭ୍ୟ ଛାତ୍ରୀଛାତ୍ର, ସ୍କୁଲକୁ ଦେଖି ବେଆଇନ ଖନନ ବନ୍ଦ କରିବା ଉଚିତ। ନଚେତ୍ ସମୟ ଆସିବ ଜିଲା ପରିଷଦ ସଭ୍ୟ ନିଜର ଭୁଲ ସମାଧାନ କରିବାକୁ ସମୟ ପାଇବେନି। ଅନ୍ୟପକ୍ଷେ ଜିଲାପାଳ ଏ ଦିଗରେ ପଦକ୍ଷେପ ନେବା ଜରୁରୀ ବୋଲି ସେ କହିଛନ୍ତି।


ମଣ୍ଡଳମୁଣି ପାହାଡ଼ରୁ ବ୍ଲାଷ୍ଟିଂ କରି ପଥର ବାହାର କରାଯାଉଛି।

# ସ୍କୁଲ ନଳକୂପ, ଆକ୍ୟୁଗାର୍ଡ ଅଚଳ

## ଛାତ୍ରୀଛାତ୍ର ପାନୀୟ ଜଳ ପାଇବାରୁ ବଞ୍ଚିତ



ଖଣ୍ଡପଡ଼ା,୨୯।୧୧
(ଅଜୟ କୁମାର ମହାରଣା)

ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ଶ୍ରୀନୀଳମାଧବ ପୀଠସ୍ଥିତ ନୀଳମାଧବ ବିଦ୍ୟାପୀଠକୁ ଇତିମଧ୍ୟରେ ୫-ଟି ଯୋଜନାରେ ରୂପାନ୍ତରୀକରଣ କରାଯାଇଛି । ୩ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏଠାରେ ଅଧ୍ୟୟନ କରୁଛନ୍ତି । ହେଲେ ପିଲାମାନଙ୍କ ପାନୀୟ ଜଳ ପାଇଁ ନୟାଗଡ଼ ଡ଼ିଆରଡିଏ ପକ୍ଷରୁ ଗତ ୮ ମାସ ତଳେ ଏକ ଆକ୍ୟୁଗାର୍ଡ ମେଶିନ ଯୋଗାଇ ଦିଆଯାଇଥିଲା । ଏହି ମେଶିନଟି ପ୍ରଥମରୁ ଅଚଳ ହୋଇପଡିଛି । ତେବେ ବିଦ୍ୟାଳୟ ଆରମ୍ଭରୁ ବିଦ୍ୟାଳୟ ପରିସରରେ ଏକ କୂପ ରହିଥିବା ବେଳେ ୩ଟି ନଳକୂପ ରହିଥିଲା । ମାତ୍ର ସେଥିମଧ୍ୟରୁ ୨ ନଳକୂପ ଦୀର୍ଘବର୍ଷରୁ ନଷ୍ଟ ହୋଇଯାଇଥିବା ବେଳେ ଅନ୍ୟ ଏକ ନଳକୂପ ଗତ ବର୍ଷା ସମୟରେ ଦବି ଯାଇଥିବାରୁ ସେଥିରୁ ପାଣି ନେବା ସମ୍ଭବ ହେଉନାହିଁ । ବାରମ୍ବାର ଦାବି ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି । ଅପରପକ୍ଷେ ବିଦ୍ୟାଳୟ ପରିସରରେ ଏକ ବୋରୱେଲ ସ୍ଥାପିତ ହୋଇଥିଲେ ମଧ୍ୟ ତାହା ପାନୀୟ ଜଳ ସମସ୍ୟାର ଆବଶ୍ୟକତା ପୂରଣ କରିପାରୁନି । ଫଳରେ ମଧ୍ୟାହ୍ନ ଭୋଜନ ପରେ ପିଲାମାନେ ସ୍ୱଚ୍ଛ ପାଣି ମୁନ୍ଦେ ପାଇପାରୁ ନ ଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି । ତେବେ ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ମନୋଜ କୁମାର ନାୟକଙ୍କ ସହ ଯୋଗାଯୋଗ କରିବାରେ ନଳକୂପ ଅଚଳ ଯୋଗୁ ବୋରୱେଲ ପାଣିରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହେଉଥିବା ବେଳେ ଡିଆରଡିଏ ପକ୍ଷରୁ ମିଳିଥିବା ଆକ୍ୟୁଗାର୍ଡ ଏ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇନାହିଁ । ବାରମ୍ବାର ଅଭିଯୋଗ ପରେ ମଧ୍ୟ ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠଯନ୍ତ୍ରୀ ଏ ଦିଗରେ ଧ୍ୟାନ ଦେଉ ନ ଥିବା ପ୍ରଧାନ ଶିକ୍ଷକ ନାୟକ ସୂଚନା ଦେଇଛନ୍ତି ।

# ଲୋକାୟୁକ୍ତ ଟିମ୍‌ର ତଦନ୍ତରେ ସମସ୍ତ ପ୍ରକଳ୍ପ ସାମିଲ


ତଦନ୍ତରେ ସାମିଲ ହୋଇଥିବା ଲୋକାୟୁକ୍ତ ଟିମ୍।

ଓଡ଼ଗାଁ,୨୯।୧୧(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓ ବ୍ଲକ ରାବେରା ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଦୁର୍ନୀତି ହୋଇଥିବା ନେଇ ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ବାରମ୍ବାର ଖୋଳତା କରିବା ପରେ କୋଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଗ୍ରାମର କେତେଜଣ ବ୍ୟକ୍ତି ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ଗାଁର ସଇଳ ଭୋଳଙ୍କ ଅଭିଯୋଗ କ୍ରମେ ଲୋକାୟୁକ୍ତ ଏଲଓ୍ୱାଇ ୫୬୦/୨୦୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଗତ ଜୁଲାଇ ୨୦ରେ ୨ୟ ଥର ପାଇଁ ଲୋକାୟୁକ୍ତ ତଦନ୍ତ କରିବା ପରେ ବୁଧବାର ୩ୟ ତଦନ୍ତ ଆରମ୍ଭ କରିଛି। ପଞ୍ଚାୟତର ଆଖୁପଦର ରାସ୍ତା ଠାରୁ କଇଠସାହି ପର୍ଯ୍ୟନ୍ତ ୫ଲକ୍ଷ, ନୂଆସାହିଠାରୁ ପୋଖରୀ ଖନନ ଓ ଗାର୍ ନିର୍ମାଣ ପାଇଁ ୯ଲକ୍ଷ ୮୫ହଜାର, କଇଠସାହି ପୋଖରୀ ଖନନ ଓ ପୁନରୁଦ୍ଧାର ପାଇଁ ୭ଲକ୍ଷ, ରାବେରା ସ୍କୁଲ ଖେଳପଡିଆ ନିର୍ମାଣ ପାଇଁ ୫ଲକ୍ଷ, ପାଣିଟାଙ୍କି ରାସ୍ତା ନିର୍ମାଣ ପାଇଁ ୫ ଲକ୍ଷ, ଧୋବା ସାହିଠାରୁ ବନ୍ଧ ରାସ୍ତା ନିର୍ମାଣ ପାଇଁ ୫ଲକ୍ଷ, ମଧୁକେଶ୍ୱର ଠାରୁ ଶ୍ମଶାନ ରାସ୍ତା ୭ଲକ୍ଷ, ଅଳିଆ ପୋଖରୀ ଖନନ ପାଇଁ ୭ଲକ୍ଷ, ପାର୍କ ନିର୍ମାଣ ପାଇଁ ୫ଲକ୍ଷ, ରାବେରା ଖେଳପଡିଆ ନିର୍ମାଣ ପାଇଁ ୫ଲକ୍ଷ, ଗୋଠବଣ ରାମମନ୍ଦିର ବାରିପଟ ରାସ୍ତା ନିର୍ମାଣ ୫ଲକ୍ଷ, ଗୋଠବଣ ପୋତା ପୋଖରୀଠାରୁ କ୍ଲବ ରାସ୍ତା ନିର୍ମାଣ ୫ଲକ୍ଷ ଟଙ୍କାର ତଦାରଖ କରିଥିଲେ। ଏସବୁ ପ୍ରକଳ୍ପର ମୂଲ୍ୟ ପାଖାପାଖି ୭୫ଲକ୍ଷ ୩୫ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି। ସବୁ ପ୍ରକଳ୍ପକୁ ଲୋକାୟୁକ୍ତ ଏବଂ ଟେକନିସିଆନ ଟିମ୍ ତଦନ୍ତ କରିବା ସହ ମାପଚୁପ କରି ଫେରିଛନ୍ତି। ଏହି କାର୍ଯ୍ୟରେ ଶାରୀରିକ ଅକ୍ଷମ ବ୍ୟକ୍ତି, ବିଧବା, ଘରୁ ବାହାରୁ ନ ଥିବା ସମ୍ଭ୍ରାନ୍ତ ଘର ବୋହୂ ଓ ରାଜ୍ୟ ବାହାରେ ରହି ଦାଦନ ଖଟୁଥିବା ବ୍ୟକ୍ତି କାମ କରିଥିବା ଦର୍ଶାଇ ସେମାନଙ୍କ ନାମରେ ଟଙ୍କା ଉଠିଥିବା ଅଭିଯୋଗ ହୋଇ ଆସୁଥିଲା। ଏସବୁ ପ୍ରକଳ୍ପରେ ଆଖିବୁଜା ଦୁର୍ନୀତି ହୋଇଥିବା ବେଳେ ଆଉ କିଛି ପ୍ରକଳ୍ପ କାମ ନ ହୋଇ ଅର୍ଥ ଆତ୍ମସାତ୍ କରାଯାଇଥିବା ବାରମ୍ବାର ଅଭିଯୋଗ ହେଉଥିଲା। ତେବେ ସେହି ସମୟରେ କେଉଁ କେଉଁ ବି ଥିଲେ। ସହକାରୀ ଯନ୍ତ୍ରୀ ଏବଂ ଯନ୍ତ୍ରୀ ଏ ବିଷୟରେ ଜାଣିଥିଲେ କି ନାହିଁ କିମ୍ବା ଅର୍ଥ ଲାଳସାରେ ଏଭଳି କରିଛନ୍ତି ତାହାର ଖୋଳତାଡ଼ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଆଲୋକ


@ ଜିତୁ


@ ପିଙ୍କି


@ ସୁକାନ୍ତି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କୁଆଁରିଆ ସେତୁକୁ ସଂଯୋଗ ରାସ୍ତା ବିପଦଶଙ୍କୁଳ

## ରାସ୍ତାକୁ ପ୍ରଶସ୍ତୀକରଣ କରିବାକୁ ଦାବି

ଖଣ୍ଡପଡ଼ା,୨୯।୧୧(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଖଳିସାହିରୁ କୋସକା ପଞ୍ଚାୟତର ଶରଧାପୁର ଗ୍ରାମ ଦେଇ ରଘୁନାଥପୁରମରା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ ଥିବା କୁଆଁରିଆ ସେତୁକୁ ସଂଯୋଗ କରୁଥିବା ଉଭୟ ପାର୍ଶ୍ୱ ରାସ୍ତା ମରଣଯନ୍ତା ପାଲଟିଛି । ଏବେ ଉକ୍ତ ରାସ୍ତା ଦେଇ ଭାରି ଓ ଯାତ୍ରୀବାହୀ ବସ୍ ଦଶପଲ୍ଲା ଓ ଗଣିଆ ଦେଇ ଦୂରସ୍ଥାନକୁ ଯାତ୍ରା କରୁଛି । ଅଣଓସାରିଆ ରାସ୍ତା ଯୋଗୁ ବିପଦଶଙ୍କୁଳ ଅବସ୍ଥାରେ ଯାନବାହନଗୁଡିକ ଚଳପ୍ରଚଳ କରୁଥିବାରୁ ଅଧିକାଂଶ ସମୟରେ ଛୋଟ ବଡ଼ ଦୁର୍ଘଟଣ ଘଟୁଛି । ଖଳିସାହିରୁ କୋସକା ଦେଇ ଆଉକଟା ଛକକୁ ସଂଯୋଗ କରୁଥିବା ରାସ୍ତାରେ ଥିବା ପୁରାତନ କୁଆଁରିଆ ପୋଲଟି ଗତ ବର୍ଷା ସମୟରେ ଭାଙ୍ଗି ଯିବା ପରେ ଉକ୍ତ ରାସ୍ତା ଦେଇ ଯାନବାହନ ଚଳାଚଳ ବନ୍ଦ ରହିଛି । ତେବେ ବିକଳ୍ପ ରାସ୍ତା ଭାବେ ଶରଧାପୁର ଗ୍ରାମ ପାର୍ଶ୍ୱ ଦେଇ କୁଆଁରିଆ ନଦୀ ଉପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ସେତୁ ଉପର ଦେଇ ସମସ୍ତ ଯାନବାହନ ଚଳପ୍ରଚଳ କରୁଛି । ସର୍ବସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉକ୍ତ ନୂତନ କୁଆଁରିଆ ସେତୁକୁ ସଂଯୋଗ କରୁଥିବା ଉଭୟ ପାର୍ଶ୍ୱରାସ୍ତାର ପ୍ରଶସ୍ତୀକରଣ ସହ ଉନ୍ନତିକରଣ ନିମନ୍ତେ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଓ ମୁଖ୍ୟଯନ୍ତ୍ରୀ ଦୃଷ୍ଟି ଦେବାକୁ ଦାବି ହେଉଛି । ସେହିପରି ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ମଧ୍ୟ ଉକ୍ତ ରାସ୍ତା ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।



ଅଣ ଓସାରିଆ ରାସ୍ତାରେ ଏକ ବସ୍ ଯାଉଛି।

# ୩୯ ଭାଜପା ନେତା,କର୍ମୀ ବିଜେଡିରେ ସାମିଲ

ନୟାଗଡ଼,୨୯।୧୧(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ଇଟିରି ପଞ୍ଚାୟତର ନେତା ସୁଶାନ୍ତ କୁମାର ଦାସ ଓ ୩୯ ଜଣ କର୍ମୀ ବିଜେଡିରେ ମିଶିଛନ୍ତି । ସେମାନଙ୍କ ମଧ୍ୟରେ ଶୁଦର୍ଶନ ପ୍ରଧାନ, ସୁରେଶ କୁମାର ବେହେରା, ଶ୍ୟାମ ସୁନ୍ଦର ପରିଡ଼ା, ଲକ୍ଷ୍ମୀଧର ମହାନ୍ତି, କୈଳାସ ଦାସ, ଲୋଚନ ଦାସ, ନିରଞ୍ଜନ ମାଝି, ଜିତେନ୍ଦ୍ର ପ୍ରଧାନ, ଜୟକୃଷ୍ଣ ବେହେରା, ଜୟ ପାତ୍ର, ଗୌରାଙ୍ଗ ମହାନ୍ତି, ମାଧବ ବେହେରା, କସ୍ତୁରି ପରିଡ଼ା, ମାନ ପରିଡ଼ା, ରମେଶ ନାୟକ, ମହେଶ୍ୱର ଦାସ, ବିକ୍ରମ ବେହେରା, ନୀଳକଣ୍ଠ ମହାନ୍ତି, ଅଶ୍ୱିନ କୁମାର ପ୍ରଧାନ, ନିରଞ୍ଜନ ପ୍ରଧାନ, ମାଟିଆ ପ୍ରଧାନ, ସୁଧା ପ୍ରଧାନ, ପଦିଆ ପ୍ରଧାନ, କାହ୍ନା ବେହେରା, ସନାତନ ଯେନା, ରମେଶ ବେହେରା, ଭୁବନ ସେଠୀ, ବାଟି ସେଠୀ ପ୍ରମୁଖ ରହିଛନ୍ତି । ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ଦଳୀୟ ଉତ୍ତରୀୟ ଦେଇ ସେମାନଙ୍କୁ ସ୍ୱାଗତ କରିଥିଲେ । ଏହି ମିଶ୍ରଣ ପର୍ବରେ ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଜିଲା ପରିଷଦ ସଦସ୍ୟ ସରୋଜ କୁମାର ରଣସିଂ, ମାନସ ରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ରହିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶ ତଥା ନୟାଗଡ଼ ବିଧାୟକ ସାହୁଙ୍କ ବିକାଶ ମୂଳକ ଚିନ୍ତାଧାରାକୁ ନେଇ ବିରୋଧି ଦଳ ନେତା ଓ କର୍ମୀ ବିଜୁ ଜନତା ଦଳରେ ସାମିଲ ହେଉଛନ୍ତି ବୋଲି ବିଜେଡି ପକ୍ଷରୁ କୁହାଯାଇଛି ।



# ମେଧାବୃତ୍ତି ଫଳ ପ୍ରକାଶିତ

## ପ୍ରଥମ ସ୍ଥାନରେ ରୁଦ୍ର ନାରାୟଣ,ପ୍ରିୟାଂଶୁ

ଖଣ୍ଡପଡ଼ା,୨୯।୧୧(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ପ୍ରାଥମିକ ବିଦ୍ୟାଳୟ (୫ମ ଓ ୩ୟ ଶ୍ରେଣୀ) ମେଧାବୃତ୍ତି ଓ ଗରିବ ମେଧାବୃତ୍ତି ପରୀକ୍ଷା-୨୦୨୩ର ଫଳ ଇତିମଧ୍ୟରେ ପ୍ରକାଶିତ ହୋଇଯାଇଛି । ଏଥିରେ ଉଭୟ ଶ୍ରେଣୀର ୭ ଜଣ ଲେଖାଁଏ ଛାତ୍ରୀଛାତ୍ର ଯୋଗ୍ୟ ବିବେଚିତ ହୋଇଥିବା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି । ଏହି ପରିପ୍ରେକ୍ଷୀରେ ୫ମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ରଘୁନାଥପୁର ପିୟୁପିଏସ୍‌ର ଛାତ୍ର ରୁଦ୍ର ନାରାୟଣ ବେହେରା ପ୍ରଥମ ହୋଇଥିବା ବେଳେ, ୨ୟ, ୩ୟ, ୪ର୍ଥ, ୫ମ, ୬ଷ୍ଠ ଓ ୭ମ ସ୍ଥାନରେ ଯଥାକ୍ରମେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଖଣ୍ଡପଡ଼ାର ଛାତ୍ର ଗୋପାଳକୃଷ୍ଣ ମହାପାତ୍ର, ସାମନ୍ତ ଚନ୍ଦ୍ରଶେଖର ଶିକ୍ଷା କେନ୍ଦ୍ର ଖଣ୍ଡପଡ଼ାର ଛାତ୍ରୀ ଶୁଭମ୍ ଶୁଭଜିତ ସାହୁ, କଣ୍ଟିଲୋ ବାଳିକା ପିଏସ୍‌ର ଛାତ୍ରୀ ଲୋପାମୁଦ୍ରା ମିଶ୍ର, କାନ୍ଦୁଆ ପିଏସ୍‌ର ଲକ୍ଷ୍ମିପ୍ରୀୟା ଜେନା, ଅଁଳାପଟା ପିଏସ୍‌ର ସାଇ ପ୍ରସାଦ ପଟ୍ଟନାୟକ ଓ ବୋଦସା ୟୁଜିଏମ୍‌ଇର ଛାତ୍ର ସୁଧୀର କୁମାର ସ୍ୱାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେହିପରି ୩ୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ଖଳିସାହି ଲିଙ୍ଗରାଜ ନୋଡାଲ ୟୁପିଏସ୍‌ର ପ୍ରିୟାଂଶୁ ଜୁଝାରସିଂହ ପ୍ରଥମ ହୋଇଥିବା ବେଳେ ୨ୟ, ୩ୟ, ୪ର୍ଥ, ୫ମ, ୬ଷ୍ଠ ଓ ୭ମ ସ୍ଥାନରେ ଯଥାକ୍ରମେ ରାଣିଛେଲ୍ଲୀ ପିୟୁଏସ୍‌ର ଛାତ୍ରୀ ମାମୁନି ସ୍ୱାଇଁ, ଟାଉନ ମଡେଲ ପିଏସ୍‌ର ଛାତ୍ରୀ ଦିବ୍ୟାଶିଂ ପ୍ରିୟମ୍ବଦା, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କଣ୍ଟିଲୋର ଆରାଧ୍ୟା ଦିକ୍ଷିତ, ସାମନ୍ତ ଚନ୍ଦ୍ର ଶେଖର ଶିକ୍ଷାକେନ୍ଦ୍ର ଖଣ୍ଡପଡ଼ାର ସନ୍ଦୀପ ପ୍ରସାଦ ସାହୁ, ଢୋଲମରା ଭିଏସ୍‌କେର ଛାତ୍ରୀ ହରପ୍ରୀୟା ଜେନା ଓ ବଳରାମପ୍ରସାଦ କେଜିଏମ୍ ସ୍କୁଲର ଛାତ୍ର ଅମିତ କୁମାର ମୁଦୁଲି ବିବେଚିତ ହୋଇଥିବା ଖଣ୍ଡପଡ଼ା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି ।

# ପୁରୁଣା ରାଜବାଟୀରେ ଭାଜପାର ମହିଳା ସମାବେଶ

## ନୟାଗଡ଼ରେ ଭାଜପା ଜିତିଲେ ଚିନିକଳ ଖୋଲିବ

ନୟାଗଡ଼,୨୯।୧୧(ଲୋକନାଥ ମିଶ୍ର)

ନୟାଗଡ଼ ପୁରୁଣା ରାଜବାଟୀରେ ବୁଧବାର ଭାଜପା ପକ୍ଷରୁ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। କନ୍ଧମାଳର ପୂର୍ବତନ ଏମ୍‌ପି ତଥା ଭାଜପାର ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କ ନେତୃତ୍ୱରେ କେନ୍ଦ୍ର ରେଳବାଇ ଓ ବୟନଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଦର୍ଶନା ଜର୍ଦୋଷ ମୁଖ୍ୟଅତିଥି, ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ନୟାଗଡ଼ରେ ନାରୀ ସଶକ୍ତିକରଣ ନାମରେ ଯେଭଳି ଭୁଆଁ ବୁଲାଯାଉଛି ତା ବିରୋଧରେ ଲଢେଇକୁ ଜୋରଦାର କରି ପ୍ରକୃତ ନାରୀ ସଶକ୍ତିକରଣ କରିବା ପାଇଁ ପ୍ରତ୍ୟୁଷା ରାଜେଶ୍ୱରୀ ଆହ୍ୱାନ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ମହିଳା ସଶକ୍ତିକରଣ ନିମନ୍ତେ କରାଯାଇଥିବା ସମସ୍ତ ଯୋଜନା କିଭଳି ରାଜ୍ୟ ସରକାର ନିଜ ଯୋଜନା କହି ଲୋକଙ୍କ ନିକଟରେ ମିଥ୍ୟା ପ୍ରଚାର କରୁଛନ୍ତି ସେ ବିଷୟରେ ମଧ୍ୟ ସେ ନିଜ ବକ୍ତବ୍ୟରେ କହିଥିଲେ। କେନ୍ଦ୍ରମନ୍ତ୍ରୀ ଦର୍ଶନା ଜର୍ଦୋଷ ନିଜ ଭାଷଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ମହିଳା ସଶକ୍ତିକରଣ ନିମନ୍ତେ ହୋଇଥିବା ବିଭିନ୍ନ ଯୋଜନା ଉପରେ ଟିପ୍ପଣୀ ପ୍ରଦାନ କରିଥିଲେ। ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର କହିଲେ, ନୟାଗଡ଼ରେ ଭାଜପାର ବିଜୟ ପରେ ଚିନିକଳ ନିଶ୍ଚିତ ଭାବେ ଖୋଲିବ। ରାଜ୍ୟ ପଞ୍ଚାୟତିରାଜ ରାଜ୍ୟ ପ୍ରଭାରୀ ଶଙ୍କର୍ଷଣ ପରିଡ଼ା, ଜିଲା ସଭାପତି ତାପସ ରଞ୍ଜନ ମାର୍ଥା, ନାରୀନେତ୍ରୀ ଆରତୀ ଗୌଡ଼, ଗମ୍ଭାରୀଡ଼ିହି ସରପଞ୍ଚ ଉଷାରଣୀ ପଟ୍ଟନାୟକ, ବରିଷ୍ଠ ଭାଜପା ନେତା ନସିର ଅହମ୍ମଦ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରହ୍ଲାଦ ବରାଡ଼, ସନ୍ତୋଷ ପ୍ରଧାନ, ରଞ୍ଜନ କୁମାର ପଣ୍ଡା, ସୌମ୍ୟ ରଞ୍ଜନ ପ୍ରଧାନ , ଦିଲ୍ଲୀପ ବେହେରା, ଅକ୍ଷୟ ବେହେରା, ହରଷ ଚନ୍ଦ୍ର ପଣ୍ଡା, ରଜନୀକାନ୍ତ ନନ୍ଦ, ପ୍ରମୋଦ କୁମାର ବେହେରା ସମେତ ନିଜର ବକ୍ତବ୍ୟ ରଖିଥିଲେ। ୨୦୦୦ରୁ ଊର୍ଦ୍ଧ୍ୱ ମହିଳା ଏହି ସମାବେଶରେ ଯୋଗ ଦେଇଥିଲେ।




ମହିଳା ସମାବେଶରେ କେନ୍ଦ୍ରମନ୍ତ୍ରୀ ଓ ଅନ୍ୟମାନେ।

## ସଂକ୍ଷେପରେ

### ତହସିଲ କାର୍ଯ୍ୟାଳୟ ନିର୍ଦ୍ଦେଶ ସତ୍ତ୍ୱେ ହଟୁନି ତୋରଣ

ବରୀ,୨୯।୧୧(ମହେନ୍ଦ୍ର ସ୍ୱାଇଁ): ଦୁର୍ଗାପୂଜା ଉପଲକ୍ଷେ ବିଭିନ୍ନ ରାଜନୈତିକ ଦଳ, ନେତା, କର୍ମୀ ଓ ବିଭିନ୍ନ ଅନୁଷ୍ଠାନ ତରଫରୁ ବରୀ-ବରୁଆଁ ରାସ୍ତାରେ ଲଗାଯାଇଥିବା ତୋରଣକୁ ହଟାଇବା ପାଇଁ ତହସିଲ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ହୋଇଥିଲେ ମଧ୍ୟ ଏହାର ପ୍ରଭାବ ପଡୁନାହିଁ। ଦୁର୍ଗା ପୂଜାକୁ ଏକ ମାସରୁ ଉର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ କରିଥିଲେ ମଧ୍ୟ ତୋରଣଗୁଡ଼ିକ ଖୋଲା ଯାଇନାହିଁ। ଏହି ରାସ୍ତାଟି ଗମନା ଗମନ ପାଇଁ ମୁଖ୍ୟ ମାଧ୍ୟମ। ହେଲେ ତୋରଣଗୁଡ଼ିକୁ ହଟା ନ ଯିବା ଯୋଗୁ ଯାନବାହନ ଯାତାୟତରେ ବାଧା ସୃଷ୍ଟି ହେଉଛି। ଏନେଇ ଲୋକେ ବରୀ ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଲୋକଙ୍କ ଅଭିଯୋଗକୁ ଭିତ୍ତିକରି ତହସିଲ କାର୍ଯ୍ୟାଳୟ ପକ୍ଷରୁ ତୁରନ୍ତ ତୋରଣଗୁଡ଼ିକୁ ହଟାଇବାକୁ ସର୍ବସାଧାରଣ ଇସ୍ତାହାର ମାଧ୍ୟମରେ ବିଭିନ୍ନ ରାଜନୈତିକ ଦଳ, ସେମାନଙ୍କ ଶୁଭେଚ୍ଛୁ ଏବଂ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକୁ ୨୧।୧୧।୨୦୨୩ରେ ଅନୁରୋଧ କରାଯାଇଛି। ହେଲେ ଇସ୍ତାହାର ପ୍ରକାଶନର ଏକ ସପ୍ତାହରୁ ଅଧିକ ସମୟ ଅତିକ୍ରାନ୍ତ କରିଥିଲେ ମଧ୍ୟ ତୋରଣ ହଟା ନ ଯିବା ଘଟଣାକୁ ସାଧାରଣରେ ନାପସନ୍ଦ କରାଯାଇଛି। ତେଣୁ ତୋରଣ ହଟାଇବା କ୍ଷେତ୍ରରେ ଯାଜପୁର ଜିଲାପାଳ ସ୍ୱତନ୍ତ୍ରଭାବେ ନିର୍ଦ୍ଦେଶ ଦେବାକୁ ଦାବି ହୋଇଛି।

### ଚୋରା ମାଙ୍କଡ଼ା ବୋଝେଇ ଟ୍ରକ୍ ଜବତ

ଛତିଆ,୨୯।୧୧(ସୌମ୍ୟ ରଞ୍ଜନ ସାହୁ): କଟକ ବନଖଣ୍ଡ ଅନ୍ତର୍ଗତ ବୈରୀଠାରେ ଥିବା ଡାଳିଯୋଡ଼ା ବନାଞ୍ଚଳର ଯାଜପୁର ଓ କଟକ ଜିଲାର ସୀମାବର୍ତ୍ତୀ ଅଞ୍ଚଳ ଭାଲୁ ଖାଇରେ ଚୋରା ମାଙ୍କଡ଼ା କଟାଯାଉଥିବା ଖବର ପାଇ ବୈରୀ ଫରେଷ୍ଟର ମାଣିକ ମୁଣ୍ଡା ବୁଧବାର ଭୋର ସମୟରେ ଚଢ଼ାଉ କରିଛନ୍ତି। ଚଢ଼ାଉବେଳେ ଏକ ଚୋରା ମାଙ୍କଡ଼ା ପଥ ବୋଝେଇ ଟ୍ରକ(ନଂ.ଓଆର୍-୦୪-ଏ-୩୯୫୮) ଜବତ କରିଛନ୍ତି। ଅନ୍ୟ କେତେକ ଟ୍ରକ୍ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଜବତ ଟ୍ରକ୍‌କୁ ବୈରୀ ବନ ବିଭାଗ କାର୍ଯ୍ୟାଳୟରେ ରଖାଯାଇଛି। ଏନେଇ ଜଙ୍ଗଲ ବିଭାଗ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୈରୀ ରେଞ୍ଜର ହିମାଂଶୁ ଶେଖର ପୃଷ୍ଟି ପ୍ରକାଶ କରିଛନ୍ତି।

### ସାମାଜିକ କର୍ମୀଙ୍କ ପରଲୋକ

ବ୍ରହ୍ମବରଦା,୨୯।୧୧(ଯଯାତି କେଶରୀ ବେହେରା):



ରସୁଲପୁର ବ୍ଲକ୍ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତ ଛେନାଖିଆ ପାଟଣା ଗ୍ରାମର ସାମାଜିକ କର୍ମୀ ବିରେନ ଗିରି(ବେଲ)ଙ୍କ ୬୮ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ହେବ ଅସୁସ୍ଥ ହୋଇ ଘରେ ଚିକିତ୍ସିତ ହେଉଥିଲେ। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଗତ ସୋମବାର ତାଙ୍କର ମୃତ୍ୟୁ ହୋଇଥିଲା। ଗିରି ଜଣେ ପରୋପକାରୀ ବ୍ୟକ୍ତି ଥିଲେ। ବହୁ ଅନୁଷ୍ଠାନର ସ୍ରଷ୍ଟା ଥିଲେ। ଛେନାଖିଆପାଟଣା ଗ୍ରାମର ପୂର୍ବତନ ମୁଖିଆ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ବ୍ରହ୍ମବରଦା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମରଶରୀରକୁ ବାସଭବନକୁ ଅଣାଯିବା ପରେ ବନ୍ଧୁ, ପରିଜନ ଏବଂ ସ୍ଥାନୀୟ ଜନପ୍ରତିନିଧି ଶେଷ ଦର୍ଶନ କରିଥିଲେ। ପରେ ଏକ ପଟୁଆରରେ ଗାଁ ପରିଭ୍ରମଣ କରା ଯିବାପରେ ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ଚିତ୍ତରଞ୍ଜନ ମୁଖାଗ୍ନି ଦେଇଥିଲେ।

# ବିପଦସଙ୍କୁଳ ବିଦ୍ୟୁତ୍ ଟ୍ରାନ୍ସଫର୍ମର

## ଓହଳି ପଡ଼ିଛି ତାର

କାଏମା,୨୯।୧୧(ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ବିଦ୍ୟୁତ୍ ସବଡିଭିଜନର କୁଣ୍ଡପାଟଣା ସେକ୍ସନ ଅଧୀନ ବିଭିନ୍ନ ସ୍ଥାନରେ ବିପଦସଙ୍କୁଳ ଅବସ୍ଥାରେ ଅନେକ ଟ୍ରାନ୍ସଫର୍ମର ରହିଥିବାବେଳେ ୧୧ କେଭି ତାରଗୁଡ଼ିକ ଝୁଲି ରହିଥିବା ଦେଖିବାକୁ ମିଳିଛି। ଉକ୍ତ ସେକ୍ସନ ଅନ୍ତର୍ଗତ ନୀଳକଣ୍ଠପୁର ଗ୍ରାମ ମଧ୍ୟ ଭାଗର ଏକ ଚାନ୍ଦିନୀ ଉପରେ ବିପଦପୂର୍ଣ୍ଣ ଅବସ୍ଥାରେ ୨ ଟ୍ରାନ୍ସଫର୍ମର ରହିଛି। ଏହାସହ ୧୧ କେଭି ଲାଇନ ମଧ୍ୟ ସଂଯୋଗ ରହିଛି। ହେଲେ ସେଠାରେ କୌଣସି ବ୍ୟାରିକେଡ୍ ନାହିଁ କି ବିପଦସୂଚକ ଫଳକ ଲଗାଯାଇନାହିଁ। ଏହାର ଦୁଇ ପାର୍ଶ୍ୱରେ ଥିବା ଲୁହାଖୁଣ୍ଟ ଦୁଇଟି ମଧ୍ୟ ଢଳି ରହିଛି। କେତେବେଳେ ଯେ, ଏହା ଭାଙ୍ଗିପଡ଼ିବ ତା'ର କୌଣସି ଭରଷା ନାହିଁ। ଏହି ସମସ୍ୟା ଦୀର୍ଘ ବର୍ଷ



ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୁରୁଣା ହୋଇପଡ଼ିଛି ।

ହେବ ଲାଗି ରହିଥିବା ଗ୍ରାମବାସୀ କହିଛନ୍ତି। ଏହି ରାସ୍ତା ଦେଇ ସ୍କୁଲ୍ ପିଲା ଓ ଗ୍ରାମବାସୀ ଯିବା ଆସିବା କରନ୍ତି। ଏହାର ପାଞ୍ଚ ଶହ ମିଟର ଦୂରରେ କୁଣ୍ଡପାଟଣା ସେକ୍ସନର ନରସିଂହପୁର ଫ୍ୟୁଜ ସେଣ୍ଟର୍। ତେଣୁ ଏଠାକୁ ପ୍ରତ୍ୟେକ ଦିନ ଯନ୍ତ୍ରୀମାନେ ଆସୁଥିଲେ ବି କିପରି ଏଘଟଣା ସେମାନଙ୍କ ନଜରକୁ ଆସୁନି ତାହା ସନ୍ଦେହ ସୃଷ୍ଟି କରିଛି। ସେହିପରି ଜଳେଶ୍ୱରପୁର, ନରସିଂହପୁର ଓ କୁଣ୍ଡପଟଣା ଆଦି ବିଭିନ୍ନ ସ୍ଥାନରେ ଏଭଳି ସମସ୍ୟା ରହିଥିବା ଦେଖିବାକୁ ମିଳିଛି। ଚାଷ ଜମିରେ ୧୧ କେଭି ବିଦ୍ୟୁତ୍ ତାର ଝୁଲି ରହିଥିବାରୁ କିଛିଦିନ ତଳେ ଏହା ସଂସ୍ପର୍ଶରେ ଆସି ଜଣେ ଚାଷୀଙ୍କ ମୃତ୍ୟୁ ହୋଇଥିଲା। ଏଭଳି ଅନେକ ଘଟଣା ଘଟୁଥିଲେ ମଧ୍ୟ ବିଦ୍ୟୁତ୍ ବିଭାଗ ଏସବକୁ ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ଏବେବି ବହୁତ ସ୍ଥାନରେ ୧୧ କେଭି ବିଦ୍ୟୁତ୍ ତାର ରାସ୍ତା ଓ ଚାଷ ଜମିରେ ଝୁଲି ରହିଛି। ହାତ ପାହାନ୍ତାରେ ଟ୍ରାନ୍ସଫର୍ମରଗୁଡ଼ିକ ଥୁଆ ହୋଇରହିଛି। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଦିଗରେ ଦୃଷ୍ଟିଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ଚିତ୍ତରଞ୍ଜନ ଭୂୟାଁଙ୍କୁ ପଚାରିବାରେ ସେ କହିଛନ୍ତି, ନୀଳକଣ୍ଠପୁର ଗ୍ରାମରେ ଥିବା ଟ୍ରାନ୍ସଫର୍ମରଟି ଘରୋଇ ଜାଗାରେ ରହିଛି। ତେଣୁ ଆଗାମୀ ଦିନରେ ଏହା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଅନ୍ୟଗୁଡ଼ିକର ବ୍ୟାରିକେଡ୍ ଲଗାଇବା ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଜଣାଯାଇଛି। ଧୀରେଧୀରେ ସେ ସବୁ କାର୍ଯ୍ୟ କରାଯିବ।

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ



କ୍ରୀଡ଼ା ପ୍ରତିଯୋଗିତାକୁ ଅତିଥି ଉଦ୍‌ଘାଟନ କରୁଛନ୍ତି ।

ବରୀ,୨୯।୧୧(ମହେନ୍ଦ୍ର ସ୍ୱାଇଁ):

ବରୀ ବ୍ଲକ୍ ଅଧୀନ ବାଲିଆ ଅଭିମନ୍ୟୁ ସାମନ୍ତସିଂହାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବୁଧବାର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ସକାଳେ ଛାତ୍ରମାନଙ୍କ ଦ୍ୱାରା ସ୍ଥାନୀୟ ମା' ଜାଗୁଲାଇଙ୍କପୀଠରୁ ମଶାଲ ଶୋଭାଯାତ୍ରା ଆସି ମହାବିଦ୍ୟାଳୟ ଖେଳ ପଡ଼ିଆରେ ପହଞ୍ଚିଥିଲା। ବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧାପକ ମଳୟ କୁମାର ଜେନାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥିଭାବେ ୨୧ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବାଲିଆ ସରପଞ୍ଚ ରେବତୀ ଜେନା, ସମିତିସଭ୍ୟା ମାନସୀ ଦାସ, ସ୍ୱାଇଁଖଣ୍ଡ ସରପଞ୍ଚ ଶର୍ଙ୍କର୍ଷଣ ସ୍ୱାଇଁ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଏଭଳି ମହତାକାଂକ୍ଷୀ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ପରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ପ୍ରଫୁଲ୍ଲ କୁମାର ସାମଲ ପରିଚାଳନା କରିଥିଲେ। ଅଧ୍ୟାପିକା ପ୍ରଗତି ଦାଶ, ଅଧ୍ୟାପକ ପ୍ରମୋଦ କୁମାର ଦାସ, ଡ. ଜିତେନ୍ଦ୍ର କୁମାର ଦାଶ, ଶୁଭ୍ରାଂଶୁ ଶେଖର ଷଡ଼ଙ୍ଗୀ, ପବିତ୍ର କୁମାର ସାମନ୍ତରାୟ, ନିମାଇଁ ଚରଣ ଲେଙ୍କା, ପ୍ରଦୀପ ମୁଦୁଲି, ସୁଧାଂଶୁ ଶେଖର ବାଗ, ଗୁଣନିଧି ଜେନା, ପ୍ରଭାତ କୁମାର ଜେନା, ସରୋଜକାନ୍ତ ଜେନା, ଶରତ କୁମାର ଜେନା, ରଞ୍ଜନ କୁମାର ମହାନ୍ତି, ପ୍ରମୋଦ କୁମାର ଜେନା, ସୁକାନ୍ତ କୁମାର ଜେନା, ମନୋରଞ୍ଜନ ଜେନା, ମାଧବାନନ୍ଦ ସାହୁ ଓ ଅନିତା ଦଳାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଟାଟାଷ୍ଟିଲ୍ ଫାଉଣ୍ଡେଶନ ପକ୍ଷରୁ ୱାକାଥନ କାର୍ଯ୍ୟକ୍ରମ




ୱାକାଥନ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଦିବ୍ୟାଙ୍ଗମାନେ ।

କାଳିଆପାଣି,୨୯।୧୧(ଅସିତ ମହାନ୍ତ):

ଟାଟାଷ୍ଟିଲ୍ ଫାଉଣ୍ଡେଶନ ପକ୍ଷରୁ ସବଳ କେନ୍ଦ୍ରରେ କାର୍ଯ୍ୟ କରୁଥିବା ଦିବ୍ୟାଙ୍ଗମାନଙ୍କୁ ନେଇ ଏକ ୱାକାଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେଶନର ସୁକିନ୍ଦା ୟୁନିଟ ମୁଖ୍ୟ ଦେବଞ୍ଜନ ମୁଖାର୍ଜୀଙ୍କ ନିର୍ଦ୍ଦେଶନା ଓ ସବଳ ମୁଖ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଲୋନୀ ପରିସର ଥିବା 'ସବଳ' କେନ୍ଦ୍ରରୁ ଦିବ୍ୟାଙ୍ଗମାନେ ଏକ ରାଲିରେ ବାହାରି ୩ କିମି ଦୂରରେ ଥିବା କଲରଙ୍ଗି ପୁରିଆଝର ଫୁଟବଲ ପଡ଼ିଆରେ ପହଞ୍ଚିଥିଲେ। ସେଠାରେ ଦିବ୍ୟାଙ୍ଗମାନଙ୍କୁ କମ୍ପାନୀ ସୁରକ୍ଷା କର୍ମୀ ମୁଖ୍ୟ ଅଞ୍ଜନା ତିୱାରୀ ସ୍ୱାଗତ କରିବା ସହ ଉତ୍ସାହିତ କରିଥିଲେ। ଚଳିତ ମାସ ୨୭ରୁ ଡିସେମ୍ବର ୩ ପର୍ଯ୍ୟନ୍ତ ଦିବ୍ୟାଙ୍ଗ ଦିବସ ପାଳିତ ହେଉଥିବାବେଳେ ସବଳ କେନ୍ଦ୍ରରେ ବିଭିନ୍ନ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହେଉଥିବା ସୂଚନା ମିଳିଛି।

### ସାମାଜିକ କର୍ମୀଙ୍କ ପ୍ରତିମୂର୍ତ୍ତି ଅନାବରଣ

ଧର୍ମଶାଳା,୨୯।୧୧(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଚୋରମୁହାଁ ଗ୍ରାମର ସାମାଜିକ କର୍ମୀ ପ୍ରାଣକୃଷ୍ଣ ବେହେରାଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ତାଙ୍କ ବାସଭବନ ନିକଟରେ ଅନୁଷ୍ଠିତ ହୋଇଯାଇଛି । ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ସ୍ୱର୍ଗତ ବେହେରାଙ୍କ ପ୍ରତିମୂର୍ତ୍ତିକୁ ଅନାବରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ରସୁଲପୁର ବ୍ଲକ ଅଧ୍ୟକ୍ଷ ଅରୁଣ କୁମାର ରାଉତ,ଧର୍ମଶାଳା ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ କିଶାନ ପଣ୍ଡା, ଚୋରମୁହାଁ ସରପଞ୍ଚ ପ୍ରଦ୍ୟୁମ୍ନ କେଶରୀ ମହାନ୍ତି, ଜାରକା ସରପଞ୍ଚ ସୁଦାମ ଚରଣ ବେହେରା, କୋଟପୁର ସରପଞ୍ଚ ସୁନାକର ବେହେରା, ସରପଞ୍ଚ ଜିତେନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ବେହେରାଙ୍କ ସ୍ମୃତିଚାରଣ କରିଥିଲେ। ଗଣେଶ ଭଜନ ସନ୍ଧ୍ୟା ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା।

### ଆମେ ବିପଦର ସାଥୀ ପକ୍ଷରୁ ବଳକା ଖାଦ୍ୟ ବଣ୍ଟନ

ପାଣିକୋଇଲି,୨୯।୧୧(ବିକାଶ ମଲ୍ଲିକ): ପାଣିକୋଇଲିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆମେ ବିପଦରେ ସାଥି ପକ୍ଷରୁ ବଳକା ଖାଦ୍ୟ ବଣ୍ଟନ କରାଯାଇଛି। ପାଣିକୋଇଲି ଓଡ଼ିଦା ରୋଡର ନୀଳମଣି ନାୟକଙ୍କ କାର୍ତ୍ତିକେଶ୍ୱର ପୂଜା ଭୋଜିରେ ଖାଦ୍ୟ ବଳକା ହୋଇଥିବା ସୂଚନା ପାଇ ଆମେ ବିପଦର ସାଥି ସଦସ୍ୟମାନେ ସେଠାରେ ପହଞ୍ଚିଥିଲେ। ଉକ୍ତ ବଳକା ଖାଦ୍ୟକୁ ଆଣି କଲେଜ ପଛ ପଟ ଆଦିବାସୀ ସାହି ସମେତ ବିଭିନ୍ନ ସ୍ଥାନରେ ଅସହାୟମାନଙ୍କୁ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ସୁବାସ ଧଳ, ସୁଧାଶଙ୍କର ବିଶ୍ୱାଳ, ବାଦଲ ନାୟକ, ସୌମ୍ୟ ରଞ୍ଜନ ମହାପାତ୍ର, କାଳନ୍ଦୀ ସାହୁ ଓ ଶୁଭମ କୁମାର ପୁରୀ ପ୍ରମୁଖ ସହଯୋଗ କରିଥିଲେ।

### ରାମ ଚରିତ ମାନସ ପାରାୟଣ ଉଦ୍‌ଯାପିତ

ପାଣିକୋଇଲି,୨୯।୧୧(ବିକାଶ ମଲ୍ଲିକ): ପାଣିକୋଇଲି ମା' ତାରିଣୀଙ୍କ ମନ୍ଦିରରେ ରାମଚରିତ ମାନସ ପାରାୟଣ ଓ ଅଷ୍ଟପ୍ରହର ନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୧୭ ତାରିଖଠାରୁ ରାମ ଚରିତ ମାନସ କାର୍ଯ୍ୟକ୍ରମ ବ୍ୟାସ ରବି ନାରାୟଣ ମିଶ୍ର ଓ ପୂଜକ ସୂର୍ଯ୍ୟମଣି ପଣ୍ଡାଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ପଣ୍ଡିତ ସୂର୍ଯ୍ୟମଣି ଖୁଣ୍ଟିଆ, ଅନୁପମା ବିଶ୍ୱାଳ, ତପସ୍ୱିନୀ ପାଢ଼ୀ, ରୀନାରାଣୀ ନାୟକ ଓ ପ୍ରଫୁଲ୍ଲ ମିଶ୍ରଙ୍କ ଦ୍ୱାରା ପ୍ରବଚନ କାର୍ଯକ୍ରମ ଚାଲୁରହିଥିଲା। କାର୍ଯ୍ୟକ୍ରମକୁ ମନ୍ଦିର ପରିଚାଳନା କମିଟି ସଦସ୍ୟ ପରିଚାଳନା କରିଥିଲେ।

# ଭିସିଆଇ କେମିକାଲର ପରିବେଶ ସମ୍ବନ୍ଧୀୟ ଜନଶୁଣାଣି

କଳିଙ୍ଗନଗର,୨୯।୧୧ (ଶୁଭାଶିଷ ରାଉତ):

ଭିସିଆଇ କେମିକାଲର କୋଇଲା ପ୍ରକ୍ରିୟାକରଣ କାରଖାନା ପାଇଁ ବୁଧବାର ପୂର୍ବାହ୍ନରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଦାନଗଦି ଭବନଠାରେ ପରିବେଶ ସମ୍ବନ୍ଧୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।

ବାର୍ଷିକ ୧ ଲକ୍ଷ ଟନ କ୍ଷମତା ବିଶିଷ୍ଟ ଏହି କୋଇଲା-ଟାର ପ୍ରକ୍ରିୟାକରଣ କାରଖାନା ପାଇଁ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ମୋଟ୍ ୧୭ଜଣ ସ୍ଥାନୀୟ ଲୋକେ କାରଖାନା ସପକ୍ଷରେ ମତ ରଖିଥିଲେ। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରା ଏବଂ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଏସ୍ ଟପୋ ପ୍ରମୁଖ ଉପସ୍ଥିତ ରହିଥିଲେ। କମ୍ପାନୀର ପ୍ରଶାସନିକ ଅଧିକାରୀ ଅର୍ଘ୍ୟଜିତ ରାୟ ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ବିବରଣୀ ରଖିଥିଲେ। ଜଖପୁରା ମୌଜା କଚେରି ଗାଁଠାରେ ୨୨ ଏକର ଜମିରେ ୨୧୦ କୋଟି ଟଙ୍କା ବ୍ୟୟରେ ଭିସିଆଇ କେମିକାଲ ପ୍ରାଇଭେଟ ଲିମିଟେଡ କୋଇଲା ପ୍ରକ୍ରିୟାକରଣ କାରଖାନା ସ୍ଥାପନ କରିବ। ଏଥିପାଇଁ କମ୍ପାନୀ ଇଡ୍‌କୋଠାରୁ ଜମି ନେଇଛି ବୋଲି ସୂଚନା ଦିଆଯାଇଥିଲା।



ଜନଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀ ।

# ନିଖିଳ ଉତ୍କଳ ଶିଶୁ ମେଳା ସମିତିର ବାର୍ଷିକ ଉତ୍ସବ

ବଡ଼ଚଣା,୨୯।୧୧(ଦିଲୀପ କୁମାର ମହାନ୍ତି):

ଚଣ୍ଡିଖୋଲ ଗାନ୍ଧୀ ଛକସ୍ଥିତ ମା' ଯଶୋଦା ଉଚ୍ଚ ବିଦ୍ୟାଳୟ ପରିସରରେ ନିଖିଳ ଉତ୍କଳ ଶିଶୁମେଳା ସମିତିର ୪୪ତମ ବାର୍ଷିକ ଉତ୍ସବ, ପୁରସ୍କାର ବିତରଣ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ଡ. ପ୍ରିୟନାଥ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ, ମୁଖ୍ୟବକ୍ତା ଆନନ୍ଦପୁର ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ଡ. ରମାକାନ୍ତ ନାୟକ, ସମ୍ମାନିତ ଅତିଥି ରାଜଧାନୀ ପୁସ୍ତକ ମେଳାର ସଭାପତି ଡ. ଉପେନ୍ଦ୍ର କୁମାର ଜେନା, ଅଧ୍ୟାପକ ବିଜୟ କେତନ ସାମଲ ଓ ପ୍ରଧାନଶିକ୍ଷୟିତ୍ରୀ ଭାରତୀ ପ୍ରସନ୍ନ ନାୟକ ଯୋଗଦେଇ ନିଖିଳ ଉତ୍କଳ ଶିଶୁମେଳା ସମିତି ଉଦ୍ୟମକୁ ପ୍ରଶଂସା କରିଥିଲେ। ଅଧ୍ୟାପକ ଅରୁଣ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମିତି ସମ୍ପାଦକ ଶରତ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ।

ଏହି ଅବସରରେ ଚଳିତ ବର୍ଷ ପାଇଁ ଡ. ଉପେନ୍ଦ୍ର କୁମାର ଜେନାଙ୍କୁ ମା' ଯଶୋଦା ଶିଶୁମେଳା ପୁରସ୍କାର, ଡ. ରମାକାନ୍ତ ନାୟକଙ୍କୁ ବୈକୁଣ୍ଠନାଥ ସ୍ମୃତି ସମ୍ମାନ, ଆଦର୍ଶ ଶିକ୍ଷକଭାବେ ମନୋଜ କୁମାର ରଣା, ଦଶରଥ ମହାପାତ୍ର, ନଳିନିକାନ୍ତ ମୁଦୁଲି, ପ୍ରଶାନ୍ତ ମୋହନ ଦାଶ ଓ ଆଦର୍ଶ ଶିକ୍ଷୟିତ୍ରୀ ଭାବେ ଅରୁଣା ଦ୍ୱିବେଦୀ, ସତ୍ୟଭାମା ଜେନା, ସେକ୍ ୟାସିନ୍ ଅଲ୍ଲୀ, ମୌସୁମୀ ଦାସ, ସାଇନାଜ୍ ପର୍ବିନ୍ ଓ ବିମଳା ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗତ ହାଇସ୍କୁଲ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ନୀତିଶ କୁମାର ସାହୁଙ୍କୁ କ୍ଷୀରୋଦଚନ୍ଦ୍ର ନାୟକ, ସକୁନ୍ତଳା ନାୟକ ସ୍ମୃତି ପୁରସ୍କାର ଓ ଧର୍ମଶାଳା ବ୍ଲକ ବଳରାମପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ସ୍ମୃତିରଞ୍ଜନ ମିଶ୍ରଙ୍କୁ ପ୍ରତିଭାମଞ୍ଜରୀ ଦାଶ ପ୍ରଦତ୍ତ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହିତ ନୃତ୍ୟ, ସଂଗୀତ, ବକ୍ତୃତା, ସାଧାରଣଜ୍ଞାନ, ଚିତ୍ରାଙ୍କନ ଓ ଚକ୍‌ଲେଟ୍ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସହସମ୍ପାଦକ ଶରତଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି ।

# ଶ୍ରୀମଦ୍ ଭାଗବତ ଜ୍ଞାନଯଜ୍ଞ ସପ୍ତାହ ଉଦ୍‌ଯାପିତ



ଜେନାପୁର,୨୯।୧୧(ଅଶୋକ ଦାସ): ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁର ପଞ୍ଚାୟତ ପଥରଢ଼ିହ ଗ୍ରାମରେ ୭ଦିନଧରି ଚାଲିଥିବା ଶ୍ରୀମଦ୍ ଭାଗବତ ଜ୍ଞାନଯଜ୍ଞ ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। କର୍ତ୍ତା ଭାବେ ବିଜୟ କୁମାର ଦାସ, ପଣ୍ଡିତ ଦେବପ୍ରସାଦ ଶତପଥୀ, ରଞ୍ଜନ କୁମାର ଶତପଥୀ ଓ ଲାଲ ମୋହନ ଶତପଥୀ ପ୍ରମୁଖ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। ଅତିଥିଭାବେ ସିଦ୍ଧଗିରି ଆଶ୍ରମର ମଠାଧିଶ ବିଶ୍ୱନାଥ ଦାସ, ପ୍ରଶାନ୍ତ ମିଶ୍ର ଯୋଗଦେଇ ଶ୍ରୀମଦ୍ ଭାଗବତ ଗୀତା ପାଠ କରିଥିଲେ। ଯଜ୍ଞର ବିଭିନ୍ନ ଦିବସରେ ଗ୍ରାମବାସୀଙ୍କ ଦ୍ୱାରା ନାମ ସଙ୍କୀର୍ତ୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଗୋକର୍ଣ୍ଣିକା ପକ୍ଷରୁ ଶାରଳା ଦାସ ଜୟନ୍ତୀ



ଶାରଳା ଦାସଙ୍କ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ।

ଧର୍ମଶାଳା,୨୯।୧୧(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ କୁମାରୀସ୍ଥିତ ଶାରଳା ମନ୍ଦିର ପରିସରରେ ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ବୁଧବାର ଶାରଳା ଦାସଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସାହିତ୍ୟିକ ପଣ୍ଡିତ ଡ. ସୂର୍ଯ୍ୟମଣି ଖୁଣ୍ଟିଆ, ମୁଖ୍ୟବକ୍ତା ବ୍ୟାସନଗର କଲେଜ ପୂର୍ବତନ ଅଧ୍ୟକ୍ଷ ଶିବଚରଣ ମାଝି ଓ ସମ୍ମାନିତ ଅତିଥି ଭାବେ ଜିଲା ଲେଖକ ସମ୍ମେଳନ ଉପସଭାପତି ଦୟାନିଧି ନାୟକ ଯୋଗଦେଇ ଶାରଳା ଦାସ ତାଙ୍କ ଲେଖନୀରେ ନାରୀଙ୍କ ସ୍ୱାଧୀନତା, ଜାତିଭେଦ ଦୂର ପାଇଁ ଉଦ୍ୟମ ଜାରି ରଖିଥିଲେ। ତାଙ୍କ ଯୋଗୁ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଥିଲା ବୋଲି କହିଥିଲେ। କାର୍ଯ୍ୟକାରୀ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି ସ୍ୱାଗତ ଭାଷଣ ଓ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧର୍ମଶାଳା ମହିଳା ଡିଗ୍ରୀ କଲେଜ ଅଧକ୍ଷା ଡ. ଇନ୍ଦୁପ୍ରଭା ସାମଲ, ପ୍ରତାପରୁଦ୍ର ପଣ୍ଡା, କବି ପ୍ରଦୀପ ସାମଲ, ବ୍ରଜକିଶୋର ଦାଶ, ବ୍ରଜବନ୍ଧୁ ଶତପଥୀ, ଡ. ସସ୍ମିତା ଦାଶ ଓ ରାଧାକାନ୍ତ ବେହୁରିଆ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ସମ୍ପାଦକ ହୃଷୀକେଶ ସାମଲ ଧନ୍ୟବାଦ ଦେଇଥିଲେ।

ଜିଲ୍ଲା ପରିଷଦ, ଗଞ୍ଜାମ, ଛତ୍ରପୁର
ZILLA PARISHAD, GANJAM, CHATRAPUR
Phone:06811-263965, Fax:06811-263552
E-mail:ori-dganjam@nic.in

L.No.13507/Estt. **ADVERTISEMENT** Date:12.10.2023

**No.CAD-3053:** Applications are invited from interested retired Govt. employees (Engineering personnels such as JEs/ AEs) for posting as OSDs (Officer on Special Duty) on contractual basis for a period of one year, to work under different developmental schemes including MGNREGS, PMAY and other Govt. flagship programmes executed at block levels in Ganjam District. A consolidated remuneration fixed to Rs. 20,000/- per month shall be paid to the OSD. The final selection of the OSDs shall be made through a walk-in-interview at Zilla Parishad Level on the recommendation of the Selection Committee constituted as per Resolution No.23750/Gen dt-27.08.2014 of GA & PG Deptt., Odisha. The detailed Advertisement along-with Guidelines vide Letter No.23123/PR&DW dt- 07.10.2023 of Govt. in Panchayati Raj and Drinking Water Deptt may be downloaded from the District website: www.ganjam.nic.in.

**Sd./- Collector-cum-CEO, Zilla Parishad, Ganjam**

ଜିଲ୍ଲା ପରିଷଦ, ଗଞ୍ଜାମ, ଛତ୍ରପୁର
ZILLA PARISHAD, GANJAM, CHATRAPUR
Phone:06811-263965, Fax:06811-263552
E-mail:ori-dganjam@nic.in

L.No.15328/Estt. **OFFICE ORDER** Date:23.11.23

The last date of submission of application for the post of OSD (Engineering personnel) invited vide this Office Advertisement No.13507/Estt. Dt.12.10.2023 of Zilla Parishad, Ganjam is further extended upto 15.12.2023 instead of 17.11.2023 and the tentative date of Walk-in-Interview is extended to 20.12.2023 instead of 30.11.2023. All other contents of the Advertisement remain unaltered.

**Sd./- Chief Development Officer-cum-EO, Zilla Parishad, Ganjam**

OIPR-19372/11/0005/2324

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
No.CAD-3050

**OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR**

Tender Call Notice No. File No.:IDCO/HO-P&C/O-3775/04/2023/V-1 37533
Dated 24.11.2023

**Bid Identification No.:P&C/EST/E-150/2023-24**

**NOTICE INVITING TENDER THROUGH e-Procurement**

**Name of the Work:** Repairing and Replacement of Switchgears of ASLS and APFC Panel at IDCO, Fortune Tower,Bhubaneswar

**Tender Value:** Rs.69,75,000.00

| Procurement Officer | Bid Identification No. | Period of Completion | Availability of Tender Online for Bidding | |
|---|---|---|---|---|
| | | | From | To |
| 1 | 2 | 3 | 4 | 5 |
| Chief General Manager (P&C), IDCO, IDCO Tower, Bhubaneswar | Bid Identification No:- P&C/ EST/E-150/ 2023-24 | 02 (Two) Calendar Months | 17.00 Hours of dt.29.11.2023 | 17.00 Hours on dt.22.12.2023 |

Further details can be seen from the e-Procurement Portal www.Tendersodisha.gov.in. and Corrigendum if any will be published in newspapers and can only be seen in the e-Procurement portal as well as in IDCO website.

**Sd./-Chief General Manager (P&C) IDCO, Bhubaneswar**

OIPR-14003/11/0291/2324

## ଅନ୍ତେଇ ପଞ୍ଚାୟତରେ ମୋ ବ୍ୟାଙ୍କ ସେବା

ମାର୍ଶାଘାଇ,୨୯।୧୧ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ବ୍ୟାଙ୍କ ବିହୀନ ପଞ୍ଚାୟତରେ ବ୍ୟାଙ୍କିଙ୍ଗ ସେବା ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଏହି ସେବାକୁ ଉଦ୍‌ଘାଟିତ କରିଛନ୍ତି । ଏହି ପରିପେକ୍ଷୀରେ ଅପରାହ୍ନରେ ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଅନ୍ତେଇ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବ୍ଲକରେ ପ୍ରଥମ କରି ମୋ ବ୍ୟାଙ୍କ ସେବା ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ ଏହାକୁ ଫିତା କାଟି ଉଦ୍‌ଘାଟନ କରିଥିଲେ। ସରପଞ୍ଚ ସଞ୍ଜୟ କୁମାର ସେଠୀ, ଜିଲା ପରିଷଦ ସଭ୍ୟ ପ୍ରତାପ ମଲ୍ଲିକ, ସମବାୟବିତ ପ୍ରଫୁଲ୍ଲ ଚନ୍ଦ୍ର ଦାସ, ସାମାଜିକ କର୍ମୀ ଗଙ୍ଗାଧର ପରିଡା, ସମିତି ସଭ୍ୟ ଅଜୟ ଜେନା ଉପସ୍ଥିତ ଥିଲେ। ଆମ ବ୍ୟାଙ୍କ ସେବା କେନ୍ଦ୍ରରେ ସଞ୍ଚୟ ଜମା ଖାତା ଖୋଲା ଯିବା, ନଗଦ କାରବାର, ଟଙ୍କା ପଠାଇବା ସୁବିଧା ସମେତ ୧୪ଟି ସେବା ଲୋକମାନେ ପାଇ ପାରିବେ।

# ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳରେ ବାର୍‌ହା ଉପଦ୍ରବ

■ ଉଜୁଡ଼ିଯାଉଛି ବର୍ଷକର ଫସଲ
■ ମୁଣ୍ଡରେ ହାତ ଦେଇ ବସିଛନ୍ତି ଚାଷୀ

ପଟ୍ଟାମୁଣ୍ଡାଇ,୨୯।୧୧ (କଳ୍ପତରୁ ନାୟକ/ଅକ୍ଷୟ ବିଶ୍ୱାଳ)

କେନ୍ଦ୍ରାପଡ଼ା ଜିଲା ରାଜନଗର ବନଖଣ୍ଡ ଅଧୀନ ଜଙ୍ଗଲରେ ବାର୍‌ହାଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଛି। ସେମାନେ ଜଙ୍ଗଲ ନିକଟବର୍ତ୍ତୀ ପଟ୍ଟାମୁଣ୍ଡାଇର ବିଭିନ୍ନ ଗ୍ରାମରେ ପ୍ରବେଶ କରି ଫସଲ ନଷ୍ଟ କରୁଛନ୍ତି । ଜଙ୍ଗଲ ଭିତରେ ଆବଶ୍ୟକ ଖାଦ୍ୟ ଅଭାବ ଯୋଗୁ ସେମାନେ ବିଭିନ୍ନ ଗ୍ରାମରେ ପ୍ରବେଶ କରି ଚାଷୀମାନଙ୍କ ନିଦ ହଜେଇ ଦେଇଛନ୍ତି। ଧୋୟାଞ୍ଚଳରେ ଥିବା ବେଣା ଜଙ୍ଗଲରେ ଲୁଚିରହି ଫସଲ ନଷ୍ଟ କରୁଛନ୍ତି । ଏହାକୁ ନେଇ ପଶୁ ମଣିଷର ଲଢ଼େଇ ସୃଷ୍ଟି ହେଉଛି। ଏପରି ପରିସ୍ଥିତିରେ ବନ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ଅଭିଯୋଗ ହୋଇଛି।

ତଳବାଲିପଡ଼ା ଗ୍ରାମର ସର୍ବେଶ୍ୱର ବିଶ୍ୱାଳ, ଭାଗବତ ବିଶ୍ୱାଳ, କଷଣଅଣ୍ଡା ଗ୍ରାମର ସନାତନ ରାଉତ, ବୃନ୍ଦାବନ ପ୍ରଧାନ ପ୍ରମୁଖ ଚାଷୀ କୁହନ୍ତି, କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧୀନ ଧୋୟାଞ୍ଚଳ କଷଣଅଣ୍ଟ, ବଳଦେବନଗର, ବାଲିପଡା, ତଳବାଲିପଡା, ସିଦ୍ଧପାଟଣା, କାକୁଡିପଲ୍ଲୀ, ନୂଆଗାଁ, ଅଳଭା, ତନୁପୁର, ନନ୍ଦିନୀନଗର ଆଦି ଅଞ୍ଚଳରେ ଜଙ୍ଗଲି ବାରହାଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ବ୍ରାହ୍ମଣୀ ଅବବାହିକା ଧୋୟାଞ୍ଚଳ ଚାଷଜମିରେ ବେଣା ଜଙ୍ଗଲ ମାଡି ଯିବାରୁ ଜଙ୍ଗଲି ବାରହା ତା'ମଧ୍ୟରେ ଆସ୍ଥାନ ଜମାଇ ସାରିଲେଣି । ପାଳ ଜମିରେ ହେଉଥିବା ଫସଲ ଚିନାବାଦାମ, ମୂଳା, ତରଭୂଜ, କଖାରୁ, କାକୁଡି, ସାରୁ, ଯଅ, ଧଣିଆ, ମୁଗ, ବରି, କୋଳଥ, ଆଳୁ,



ବିଟ୍, ଗାଜର, ଓଲ୍ ଆଦି ଫସଲକୁ ଖାଇଯିବା ସହିତ ବ୍ୟାପକ ଭାବେ କ୍ଷତି ପହଞ୍ଚାଉଛନ୍ତି । ଚଢା ଦରରେ ଚାରା ବିହନ ଓ ସାର ପାଇଁ ଅର୍ଥ ଖର୍ଚ୍ଚ କରି ଧୋୟାଞ୍ଚଳର ଚାଷୀମାନେ ଯେଉଁ ଫସଲ ଅମଳ କରୁଛନ୍ତି ତାହା ବାର୍‌ହାଙ୍କ ମୁହଁରେ ଯାଉଛି । ବାର୍‌ହାମାନେ ପ୍ରାୟତଃ ରାତ୍ର ସମୟରେ ଦଳବାନ୍ଧି ଜମିରେ ପଶି ଫସଲ ନଷ୍ଟ କରୁଛନ୍ତି।

ବାଲିପାଟଣା ଗ୍ରମର ଭୁପତି ନାୟକ କୁହନ୍ତି, ବାଛରା, ମଣ୍ଡପଡା, ବାଲିପାଟଣା ଆଦିପଞ୍ଚାୟତରେ ମଧ ବାର୍‌ହା ପଶି ଫସଲ ନଷ୍ଟ କରୁଥିବା ଖବର ମିଳିଛି। ବାଲିପାଟଣା ଅଞ୍ଚଳ ଝୁଙ୍କୁନା ଜେନାଙ୍କ ଫାର୍ମରେ ପଶି ବାର୍‌ହାମାନେ ଲଗାଯାଇଥିବା ଛୋଟ ଛୋଟ କଲମୀ ଆମ୍ବଗଛଗୁଡ଼ିକୁ ତାଡ଼ି ନଷ୍ଟ କରି ଦେଇଥିବା ଅଭିଯୋଗ ହୋଇଛି। ଏହି ବାର୍‌ହା ପଲ ରାତିରେ କଟକ-ଚାନ୍ଦବାଲି ରାସ୍ତା ପତ୍ରପୁରଠାରୁ ବେଲତଳ ମଧ୍ୟରେ ଯାତାୟତ କରୁଥିବା ଦେଖିବାକୁ ମିଳୁଛି। ସାଧାରଣତଃ ବାର୍‌ହା ହିଂସ୍ର ପ୍ରକୃତିର ହୋଇଥିବାରୁ ତାଙ୍କୁ ଘଉଡାଇବା ପାଇଁ ଲୋକମାନେ ସାହାସ କରି ପାରୁନାହାନ୍ତି । ବାର୍‌ହାଙ୍କ ଉପଦ୍ରବ ପାଇଁ ଧୋୟାଞ୍ଚଳର ଚାଷୀମାନେ ପାଳଜମିରେ ଆଉ ଫସଲ କରିବାକୁ ସାହସ ଜୁଟାଇ ପାରୁନାହାନ୍ତି।

ସେହିପରି ଦୁହୁଡିପୁର ଗ୍ରାମର ରାଜେନ୍ଦ୍ର ରଥ,ପରମେଶ୍ୱର ବେଜ କୁହନ୍ତି, ବାର୍‌ହା ଧାନ ଜମିରେ ପଶି ଏକର ଏକର ଫସଲ ନଷ୍ଟ କରୁଛନ୍ତି । ପାଚିଲା ଧାନ କିଆରି ଅମଳ ବେଳେ ବାର୍‌ହା ସାଧିଛି ଦାଉ । ବାର୍‌ହା ଧାନ କ୍ଷେତ ନଷ୍ଟ କରିଦେଉଥିବା ବେଳେ ନିଜର ପରିଶ୍ରମର ଫଳକୁ ଘରକୁ ଆଣିବା ପାଇଁ ଚାଷୀ ହେଉଛି ରାତି ଅନିଦ୍ରା । ହାତରେ ବାଡ଼ି ଓ ଟର୍ଚ୍ଚ ଧରି ସୁନାର ଫସଲକୁ ଜଗି ରହୁଛନ୍ତି । ବାର୍‌ହା କବଳରୁ ବର୍ଷକର ଆହାର ରକ୍ଷା କରିବାକୁ ଧାନ ବିଲ ପାଖରେ ଟିଣ ବାଡାଉଛନ୍ତି । ସମ୍ଭବତଃ ଏହି ବାର୍‌ହା ପଲ ମହାକାଳପଡ଼ା ରେଞ୍ଜ ଅଧୀନ ଜଙ୍ଗଲ ପରିସୀମା ମଧ୍ୟରୁ ଏହି ଅଞ୍ଚଳକୁ ଚାଲି ଆସିଥିବା ଲୋକମାନେ ସନ୍ଦେହ କରୁଛନ୍ତି । ରାଜନଗର ବନାଞ୍ଚଳ ପକ୍ଷରୁ ବାର୍‌ହାପଲକୁ କାବୁ କରି ଭିତରକନିକା ଅଭୟାରଣ୍ୟରେ ଛାଡି ଦେବାକୁ ସାଧାରଣରେ ଦାବି ହେଉଛି । ଏବାବଦରେ ମହାକାଳପଡ଼ା ରେଞ୍ଜର କାର୍ତ୍ତିକେଶ୍ୱର ଖଣ୍ଡାଇଙ୍କୁ ଯୋଗାଯୋଗ କରାଯାଇଥିଲା । ଏହି ଅଭିଯୋଗ ସଂକ୍ରାନ୍ତରେ ଆମେ ଅନୁଧ୍ୟାନ କରି ଆବଶ୍ୟକ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବୁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ପ୍ରତିଶ୍ରୁତି ଅପେକ୍ଷା କାମକୁ ଗୁରୁତ୍ୱ ଦିଏ ଏଏପି

କେନ୍ଦ୍ରାପଡା, ୨୯।୧୧ (ଜଗନ୍ନାଥ ଧଳ)

ଶିକ୍ଷା, ସ୍ୱାସ୍ଥ୍ୟ, କର୍ମ ଯୋଗାଣ ହେଉ କି ବିଦ୍ୟୁତ୍ ସଂସ୍କାର କ୍ଷେତ୍ରରେ ଏବେ ବିଭିନ୍ନ ରାଜନୈତିକ ଦଳଙ୍କଠାରୁ କେବଳ ପ୍ରତିଶ୍ରୁତି ମିଳୁଛି। ଏହି କ୍ଷେତ୍ରରେ ଏଏପି ଅଧ୍ୟକ୍ଷ ଅରବିନ୍ଦ କେଜରିୱାଲ ଦିଲ୍ଲୀ ଓ ପଞ୍ଜାବ ରାଜ୍ୟରେ ଶାସନାଧୀନ ହୋଇ ଲୋକଙ୍କ ସମସ୍ୟାର ସମାଧାନ କରୁଛନ୍ତି। ଓଡ଼ିଶାରେ ମଧ୍ୟ ଏଏପି ଶାସନ ଗାଦିକୁ ଆସି ଲୋକଙ୍କ ସମସ୍ୟାର ସମାଧାନ କରିବ ବୋଲି ନବନିଯୁକ୍ତ ରାଜ୍ୟ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ କହିଛନ୍ତି। କେନ୍ଦ୍ରାପଡ଼ା ସହରର ଏକ କଲ୍ୟାଣ ମଣ୍ଡପରେ ଏଏପି ପକ୍ଷରୁ ଖବରଦାତା ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସମ୍ପାଦକ ତ୍ରିପାଠୀ ଯୋଗଦେଇ କହିଥିଲେ, କେନ୍ଦ୍ରାପଡ଼ା ଜିଲାରେ ସମସ୍ୟା ଅଧିକ। ଏଠାରେ ଖଣି କି ଶିଳ୍ପ ନାହିଁ। ଶାସକ ଦଳ ଶିଳ୍ପ ଓ ବନ୍ଦର ପ୍ରତିଷ୍ଠା କରିବା ପାଇଁ ନିର୍ବାଚନୀ ପ୍ରତିଶ୍ରୁତି ଦେଇ ଚାଲିଛନ୍ତି। କୃଷିଭିତ୍ତିକ ଜିଲା ହୋଇଥିଲେ ମଧ୍ୟ ଜଳ ପରିଚାଳନା ଏକ ବୃହତ ସମସ୍ୟା ହୋଇଛି। ଏଥିପାଇଁ ଜିଲାବାସୀ କର୍ମ ଅନ୍ୱେଷଣରେ ଦାଦନ ଶ୍ରମିକ ସାଜିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ ପରି ମୌଳିକ ଆବଶ୍ୟକତା ପୂରଣ ପାଇଁ ଜିଲାବାସୀ ଅହରହ ସଂଘର୍ଷ କରୁଛନ୍ତି। ଏଏପି ସରକାରକୁ ଆସିଲେ ଏହି ସମସ୍ୟାର ସମାଧାନକୁ ତ୍ୱରାନ୍ୱିତ କରାଯିବ। ଏଥିପାଇଁ ଏହି ଜାତୀୟ ଦଳ ପକ୍ଷରୁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ ହୋଇଛି। ବିଶେଷକରି ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀକୁ ଦୀଘବର୍ଷ ହେବ ରାଜ୍ୟ ସରକାର ପ୍ରତାରିତ କରିଛନ୍ତି। ଏହି ନିର୍ବାଚନ ମଣ୍ଡଳୀର ଉନ୍ନତି ପାଇଁ ନିଜେ ଦାୟିତ୍ୱ ନେବେ ବୋଲି ରାଜ୍ୟ ସମ୍ପାଦକ ତ୍ରିପାଠୀ ସୂଚନା ଦେଇଛନ୍ତି। ସମ୍ମିଳନୀରେ ଜିଲା ସଭାପତି ସନ୍ଦୀପ୍ତ ଦାସ ଯୋଗଦେଇ କହିଛନ୍ତି, ରାଜ୍ୟ ସମ୍ପାଦକ ତ୍ରିପାଠୀ ଜଣେ ସୁସଙ୍ଗଠକ। ଶ୍ରମିକ ସଙ୍ଗଠନ ମାଧ୍ୟମରେ ପୂର୍ବରୁ ଶ୍ରମିକଙ୍କ ଉନ୍ନତି କରି ଆସିଛନ୍ତି। ଆଗାମୀଦିନରେ ଦଳୀୟ ସଙ୍ଗଠନକୁ ଆହୁରି ଋଦ୍ଧିମନ୍ତ କରିବେ। ଜିଲାର ସମସ୍ୟା ଏଏପି ମାଧ୍ୟମରେ ସମାଧାନ ହୋଇପାରିବ ବୋଲି ଜିଲା ସଭାପତି ଦାସ କହିଛନ୍ତି।



ଏଏପି ରାଜ୍ୟ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ ଓ ଜିଲା ସଭାପତି ସନ୍ଦୀପ୍ତ ଦାସ ।

## ନରସିଂହପୁର ପଞ୍ଚାୟତରେ 'ଆମ ବ୍ୟାଙ୍କ' ଉଦ୍‌ଘାଟିତ

ପଟ୍ଟାମୁଣ୍ଡାଇ,୨୯।୧୧ (କଳ୍ପତରୁ ନାୟକ)

ବ୍ୟାଙ୍କ୍ ସୁବିଧା ନ ଥିବା ଗ୍ରାମାଞ୍ଚଳରୁ ଲୋକମାନଙ୍କୁ ନିଜ ଗାଁରେ ବ୍ୟାଙ୍କ ସୁବିଧା ଯୋଗାଇ ଗାଁକୁ ସଶକ୍ତ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଓଡ଼ିଶାର ବିଭିନ୍ନ ପଞ୍ଚାୟତରେ ଆମ ବ୍ୟାଙ୍କ ପ୍ରତିଷ୍ଠା ଦିଗରେ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ପରିପେକ୍ଷୀରେ ମଙ୍ଗଳବାର ପଟ୍ଟାମୁଣ୍ଡାଇ ବ୍ଲକ ନରସିଂହପୁର ପଞ୍ଚାୟତରେ ଆମ ବ୍ୟାଙ୍କକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ଯୋଗେ ଉଦ୍‌ଘାଟନ କରିଛନ୍ତି । ଏହି ଉଦ୍‌ଘାଟନ ଉତ୍ସବରେ ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ରୋଜାଲିନ ମହାଲିକ, ନରସିଂହପୁର ସରପଞ୍ଚ ଦିପ୍ତିମୟୀ ପରିଡ଼ା, ପିଇଓ ଶ୍ରୀଚରଣ ବାରିକ, ବ୍ୟାଙ୍କ କାର୍ଯ୍ୟନିର୍ବାହୀ ମନୋଜ ସାମଲ ସତ୍ୟବ୍ରତ ସାହୁ, ସୁଶୀଲ ପରିଡ଼ା, ବନୋଜ ପଣ୍ଡା, ସୁନୀଲ ପରିଡ଼ା, ତପ ରଞ୍ଜନ ବେହେରା, ଗୁନା ସାମଲଙ୍କ ସମେତ ୱାର୍ଡ ମେମ୍ବର,ସିଏଚ୍‌ଓ ଏମ୍‌ବିକେ ଆଶା ଓ ଅଙ୍ଗନୱାଡ଼ି କର୍ମୀ ଯୋଗ ଦେଇଥିଲେ।

# ଶିଶୁ ବୈଜ୍ଞାନିକ ଆଧୁନିକ ବିଜ୍ଞାନ ଯୁଗର ନିର୍ମାତା

ଏରସମା,୨୯।୧୧ (ଦୀପ୍ତି ରଞ୍ଜନ ଖଣ୍ଡୁଆଳ)

ମଣ୍ଡଳସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

ଏରସମା ବ୍ଲକ ପଲ୍ଲୀକଣ୍ଠା ପଞ୍ଚାୟତସ୍ଥିତ ହାଡିବନ୍ଧୁ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ଉଦ୍‌ଘାଟନ ଉତ୍ସବରେ ମଣ୍ଡଳ ଶିକ୍ଷା ଅଧିକାରୀ ଭାବଗ୍ରାହୀ ଭୋଳ ଉପସ୍ଥିତ ହୋଇ ଶିଶୁ ବୈଜ୍ଞାନିକ ହିଁ ଆଧୁନିକ ବିଜ୍ଞାନ ଯୁଗର ନିର୍ମାତା ବୋଲି କହିଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା କୁନି ବୈଜ୍ଞାନିକମାନେ ୬୦ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ମଣ୍ଡଳ ଶିକ୍ଷା ଅଧିକାରୀ ଭୋଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନ ସଭାରେ ଜିଲା ପରିଷଦ ସଭ୍ୟ ପୀତବାସ ଗଛାୟତ, ଏରସମା ପଞ୍ଚାୟତ ସମିତି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ବିଡିଓ ଲମ୍ବୋଦର ଖୁଣ୍ଟିଆ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ରାଉତ, ଅତିରିକ୍ତ ତହସିଲଦାର ଦେବେନ୍ଦ୍ର କୁମାର ପଲ, ସହକାରୀ ମଣ୍ଡଳ ଶିକ୍ଷା ଅଧିକାରୀ ଗୋପବନ୍ଧୁ ନାୟକ, ଏମ.ଲିଆକତ ଅଲ୍ଲୀ ଖାଁ, ରଶ୍ମିତା ସ୍ୱାଇଁ, ସମିତି ସଭ୍ୟ ସନ୍ଧ୍ୟାରାଣି କୁଅଁର, ଅଜୟ କୁମାର ସାହୁ, ବିଜ୍ଞାନ କମିଟିର କୋଷାଧ୍ୟକ୍ଷ ଅନିଲ କୁମାର ଜେନା, ପ୍ରଧାନ ଶିକ୍ଷକ ଅଜିତ କୁମାର ଲେଙ୍କା ପ୍ରମୁଖ ଉପସ୍ଥିତ ହୋଇ କୁନି ବୈଜ୍ଞାନିକମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ଶିକ୍ଷକ ଲୋକନାଥ ମହାନ୍ତି ଅତିଥି ପରିଚୟ ଓ ସିଆର୍‌ସିସି ନିବେଦିତା ଜେନା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଶିକ୍ଷକ ସାରଦା ପ୍ରସନ୍ନ ଖଟୁଆ, ବିକାଶ ସ୍ୱାଇଁ, ପ୍ରସନ୍ନ କୁମାର କୁଅଁର, ସଂଶୟ କୁମାର ସ୍ୱାଇଁ, ପ୍ରକାଶ ସ୍ୱାଇଁ, ତପନ ମଲ୍ଲିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।


ଜଣେ ଛାତ୍ର ତାଙ୍କର ବିଜ୍ଞାନ ପ୍ରକଳ୍ପ ସମ୍ପର୍କରେ ପ୍ରଦର୍ଶନ ବୁଝାଉଛନ୍ତି।

# ସାହିତ୍ୟ ତ୍ୟାଗର ବାର୍ତ୍ତା ଦିଏ, ଭୋଗର ବାର୍ତ୍ତା ଦିଏନି


ଅତିଥିମାନେ ମୁଖପତ୍ର 'କୃଷ୍ଣାୟନ'କୁ ଉନ୍ମୋଚନ କରୁଛନ୍ତି।

ଆଳି,୨୯।୧୧ (ବନମାଳୀ ସେନାପତି)

ସାହିତ୍ୟ ତା'ର ପାଠକମାନଙ୍କୁ ତ୍ୟାଗର ବାର୍ତ୍ତା ଦିଏ। ସାହିତ୍ୟ କେବେ ଭୋଗର ବାର୍ତ୍ତା ଦିଏ ନାହିଁ ବୋଲି ମାନପୁର ପୂଜ୍ୟପୂଜା ପରିଷଦ ପକ୍ଷରୁ ଆୟୋଜିତ ଏହାର ଦ୍ୱାଦଶ ବାର୍ଷିକ ଉତ୍ସବରେ ଅତିଥିମାନେ ଏହା ପ୍ରକାଶ କରିଛନ୍ତି। ମଙ୍ଗଳବାର ମାନପୁର ଗୋପବନ୍ଧୁ ମନ୍ଦିର ପରିସରରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ପରିଷଦର ସଭାପତି ବିଜୟ କୁମାର ମହାକୁଡ଼ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବୈଜ୍ଞାନିକ ସାହିତ୍ୟିକ ଡ. ଶଶଧର ମେଦିନ ସିଂ ମହାପାତ୍ର, ମୁଖ୍ୟବକ୍ତା ଭାବେ ଧର୍ମଶାଳା ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ଡ. ମନୋରଞ୍ଜନ ମହାନ୍ତି ଓ ସମ୍ମାନୀତ ଅତିଥି ଭାବେ ଜ୍ଞାନରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସେମାନେ କହିଥିଲେ, ସାହିତ୍ୟର ସୃଷ୍ଟି ମଣିଷର ମଙ୍ଗଳ ପାଇଁ। ଏହାକୁ ସମାଜର ଦର୍ପଣ ବୋଲି କୁହାଯାଏ। ସାହିତ୍ୟ ପୃଷ୍ଠାରେ ସ୍ରଷ୍ଟା ତାଙ୍କର ମାନସକୁ ଆମମାନଙ୍କ ସମ୍ମୁଖରେ ଛାଡି ଦିଅନ୍ତି ସମାଜର କିଛି ମଙ୍ଗଳ କାର୍ଯ୍ୟ କରିବା ପାଇଁ। ଯୁଗେ ଯୁଗେ ସାହିତ୍ୟ ଆମକୁ ଠିକ୍ ବାଟରେ ଚାଲିବା ଶିକ୍ଷା ଦେଇଛି। ଆମେ କେତେ ଦୁର ଏହାକୁ ପାଳନ କରୁଛନ୍ତି, ତାହା ଆମ ଉପରେ ନିର୍ଭର କରେ। ସାହିତ୍ୟ ସଦାସର୍ବଦା ତ୍ୟାଗର ଶିକ୍ଷା ଦିଏ, ଏହା କେବେ ଭୋଗର ଶିକ୍ଷା ଦେଇନାହିଁ। ଭାରତୀୟ ସଂସ୍କୃତି ଏହା ହିଁ କୁହେ। ଏହି ଅବସରରେ ଅତିଥିମାନେ ଅନୁଷ୍ଠାନର ମୁଖପତ୍ର କୃଷ୍ଣାୟନକୁ ଉନ୍ମୋଚନ କରିଥିଲେ। ଚଳିତ ବର୍ଷ ପଦାର୍ଥ ବିଜ୍ଞାନୀ ଡ. ଶଶଧର ମେଦିନ ସିଂ ମହାପାତ୍ର, କାବ୍ୟା ପ୍ରିୟଦର୍ଶିନୀ, ସାମାଜିକ କର୍ମୀ ଶ୍ରୀନିବାସ ପ୍ରଧାନ, ପୂର୍ବତନ ସରପଞ୍ଚ ଅନୁପମା ଜେନା, ସାହିତ୍ୟ ସଙ୍ଗଠକ ସରୋଜ ମହାନ୍ତି, ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ପଞ୍ଚାନନ ଦାସ ପ୍ରମୁଖଙ୍କୁ ଅତିଥିମାନେ ମାନପତ୍ର ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଶୈଳେନ୍ଦ୍ରନାଥ ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଆକାଂକ୍ଷା ବୋଇତି ଅତିଥି ପରିଚୟ ପ୍ରଦାନ କରିଥିଲେ। ସାହିତ୍ୟିକ ଅମୂଲ୍ୟ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

# କେନ୍ଦ୍ରୀୟ ବିଦ୍ୟାଳୟକୁ ରାସ୍ତା ନାହିଁ

■ ଦୁର୍ଦ୍ଦଶା ଭୋଗୁଛନ୍ତି ଛାତ୍ରୀଛାତ୍ର
■ ଅଧବାଟରୁ ଅଟକୁଛି ଯାନବାହନ

ଡେରାବିଶ,୨୯।୧୧ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା କେନ୍ଦ୍ରୀୟ ବିଦ୍ୟାଳୟକୁ ରାସ୍ତା ନାହିଁ। ଦୁର୍ଦ୍ଦଶା ଭୋଗୁଛନ୍ତି ଛାତ୍ରୀଛାତ୍ର। ଶିକ୍ଷାର ସମୃଦ୍ଧି ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକ ବାରିମୂଳଠାରେ ୨୦୧୦ରେ ପ୍ରତିଷ୍ଠା ହୋଇଛି କେନ୍ଦ୍ରୀୟ ବିଦ୍ୟାଳୟ । ୫ ଏକର ପରିମିତ ଏହି ବିଦ୍ୟାଳୟରେ ବାଲବାଟିକା-୩ଠାରୁ ଦ୍ୱାଦଶ ଶ୍ରେଣୀ ଯାଏ ରହିଥିବା ବେଳେ ବର୍ତ୍ତମାନ ଛାତ୍ରୀଛାତ୍ରଙ୍କ ସଂଖ୍ୟା୯୯୬। ବିଦ୍ୟାଳୟ ପାଇଁ ସରକାରଙ୍କ ପକ୍ଷରୁ ଆବଶ୍ୟକ ଭିତ୍ତିଭୂମି ଥିବା ବେଳେ ରାସ୍ତାଟିଏ ନ ଥିବାରୁ ଛାତ୍ରୀଛାତ୍ରମାନେ ଦୈନିକ ଆସୁଥିବା ଯାନବାହାନରୁ ଓହ୍ଲାଇ ଅଧ କି.ମି. ଚାଲିବାକୁ ପଡ଼ୁଛି।

କେନ୍ଦ୍ରାପଡ଼ା -ଇନ୍ଦପୁର ରାସ୍ତାର ପାର୍ଶ୍ୱରେ ଅବସ୍ଥିତ ଏହି ବିଦ୍ୟାଳୟ ଦେଇ ବାରିମୂଳ ଜେଲ୍‌କୁ ଯାଇଥିବା ଏକ ଅଣଓସାରିଆ ପୁରୁଣା ରାସ୍ତାକୁ ବ୍ୟବହାର କରୁଛନ୍ତି ବିଦ୍ୟାଳୟ କର୍ତ୍ତୃପକ୍ଷ। ଏହି ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନଙ୍କୁ ନେଇ ଆସୁଥିବା ବିଭିନ୍ନ ଯାନବାହାନ ବିଦ୍ୟାଳୟ ନିକଟକୁ ଯାଇ ନ ପାରି କେନ୍ଦ୍ରାପଡ଼ା-ଇନ୍ଦୁପର ରାସ୍ତାର ବାରିମୂଳ ଛକଠାରେ ଉଭୟ ପାର୍ଶ୍ୱରେ ରହିବାକୁ ପଡ଼ୁଛି । ଫଳରେ ଏହି ରାସ୍ତା ଦେଇ ଯାଉଥିବା ଯାନବାହାନ ପାଇଁ ଟ୍ରାଫିକ ସମସ୍ୟା ଉତ୍କଟ ହେବାରେ ଲାଗିଛି । ଅନ୍ୟପକ୍ଷେ ବିଦ୍ୟାଳୟ ଦେଇ ଯାଇଥିବା ବାରିମୂଳ ଜେଲ୍ ରାସ୍ତାରେ ଜେଲକୁ ଯାଉଥିବା ବିଭିନ୍ନ ଯାନବାହାନ ପିଲାଙ୍କ ପାଇଁ ଘୋର ସମସ୍ୟା ସୃଷ୍ଟି କରିଛି। ଏପରି କି ଜେଲ୍ ରାସ୍ତାରେ ବଡ଼ବଡ଼ ଚାଖୁଣ୍ଡା ଗଛ ଥିବାରୁ ଛାତ୍ରୀଛାତ୍ରଙ୍କୁ ନେଇ ଆସୁଥିବା ବିଦ୍ୟାଳୟ ବସ୍ ଇନ୍ଦୁପୁର ରାସ୍ତାରେ ଅଟକିବାକୁ ପଡୁଛି । ଗାଡ଼ିରୁ ଓହ୍ଲାଇ ପିଲାମାନେ ଚାଲିଚାଲି ଆସୁଛନ୍ତି ।

କେବଳ ସେତିକି ନୁହେଁ କେନ୍ଦ୍ର ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ଛାତ୍ରୀଛାତ୍ରଙ୍କ ପାଇଁ ଦିଲ୍ଲୀ ଓ ଭୁବନେଶ୍ୱରରୁ ଆସୁଥିବା ପ୍ରଦର୍ଶନୀ ବସ୍ ମଧ୍ୟରେ ବିଜ୍ଞାନ, ଓ ବୈଷୟିକ ଜ୍ଞାନକୌଶଳ ବିଦ୍ୟାଳୟ ପରିସର ମଧ୍ୟକୁ ଯାଇ ନ ପାରି ଇନ୍ଦୁପୁର ରାସ୍ତା ଉପରେ ପ୍ରଦର୍ଶିତ ହେଉଛି । ଏହି ପ୍ରଦର୍ଶନୀ ଦେଖିଇବା ପାଇଁ ବିଦ୍ୟାଳୟର ଶିକ୍ଷକମାନେ ଛାତ୍ରୀଛାତ୍ରମାନଙ୍କୁ ଇନ୍ଦୁପୁର ରାସ୍ତା ନିକଟକୁ ଆଣିଥାନ୍ତି । ଫଳରେ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ଏ ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି। ତେବେ ଏହି ବିଦ୍ୟାଳୟକୁ ବାରିମୂଳ ପଞ୍ଚାୟତ କାର୍ଯ୍ୟାଳୟଠାରୁ ମାତ୍ର ୫୦୦ ମିଟର ରାସ୍ତା ନିର୍ମାଣ କରାଗଲେ ସମସ୍ୟା ସମାଧାନ ହୋଇପାରନ୍ତା ବୋଲି ବରିଷ୍ଠ କଂଗ୍ରେସ ନେତା ଜୟନ୍ତ ମୁଖାର୍ଜୀ କହିଛନ୍ତି। ମୁଖାର୍ଜୀଙ୍କ ସୂଚନା ଅନୁଯାୟୀ, ଏହି ୫୦୦ ମିଟର ରାସ୍ତା ଆଗରୁ ମଧ୍ୟ ରହିଛି । ମାତ୍ର ନିର୍ମାଣ ଓ ରକ୍ଷଣାବେକ୍ଷଣ ଅଭାବରୁ ରାସ୍ତାଟି ଅନାବନା ଜଙ୍ଗଲରେ ଭର୍ତ୍ତି ହୋଇଯାଇଛି। କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ଶଶିକୌଶଳଙ୍କୁ ପଚାରିବାରୁ ସେ କହିଲେ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ ବ୍ୟବସ୍ଥା ପ୍ରତି ଏହି ବିଦ୍ୟାଳୟ ଗୁରୁତ୍ୱ ଦେଇଆସିଛି । ଶିକ୍ଷା ବ୍ୟବସ୍ଥା କିପରି ସମୃଦ୍ଧ ହେବ ସେନେଇ ସେ ଓ ଅନ୍ୟଶିକ୍ଷକମାନେ ନିଷ୍ଠାପର ଉଦ୍ୟମ ଜାରି ରଖିଛନ୍ତି । ହେଲେ ରାସ୍ତା ସମସ୍ୟା ଚିନ୍ତାର କାରଣ ହୋଇଛି । ଏ ବିଷୟରେ ବାରିମୂଳ ସରପଞ୍ଚ କଳ୍ପନା ବେହେରାଙ୍କୁ ପଚାରିବାରୁ ସେ କହିଲେ ଏହି ରାସ୍ତା ନିର୍ମାଣ ପାଇଁ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ଡେରାବିଶ ବିଡ଼ିଓ ଓ ପିଡ଼ିଙ୍କୁ ପଞ୍ଚାୟତ ପକ୍ଷରୁ ବାରମ୍ବାର ଅନୁରୋଧ କରାଯାଇଛି । ଅର୍ଥ ମଞ୍ଜୁର ହେଲେ ଏହି ରାସ୍ତା ନିର୍ମାଣ ହେବ ବୋଲି ସରପଞ୍ଚ ବେହେରା କହିଥିଲେ । ଏ ବିଷୟରେ ବିଡ଼ିଓ ଦାଶରଥି ଜେନାଙ୍କୁ ଯୋଗାଯୋଗ କରାଯାଇଥିଲା । ସେ କହିଲେ ଏହି ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନିଆଯାଉଛି।



କେନ୍ଦ୍ରୀୟ ବିଦ୍ୟାଳୟ ପରିସର ।

# ମୃତକଙ୍କ ପରିବାରକୁ ଭେଟିଲେ ଡବ୍ଲ୍ୟୁଟିଆଇ କର୍ମକର୍ତ୍ତା

## କୁମ୍ଭୀର ଆକ୍ରମଣ ଘଟଣା

ପଟ୍ଟାମୁଣ୍ଡାଇ,୨୯।୧୧ (କଳ୍ପତରୁ ନାୟକ)

ୱାଇଲ୍ଡ୍ ଲାଇଫ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ (ଡ଼ବ୍ଲ୍ୟୁଟିଆଇ) ପକ୍ଷରୁ ଗତ କିଛିଦିନ ହେବ ପଟ୍ଟାମୁଣ୍ଡାଇ ବ୍ଲକରେ କୁମ୍ଭୀର ଆକ୍ରମଣରେ ମୃତ ଓ ଆହତ ସମ୍ପର୍କରେ ସର୍ଭେ ହୋଇଛି । ଏ ଦିଗରେ ସୁରକ୍ଷିତ ରହିବା ପାଇଁ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ବୁଧବାର ଡ. ବିଶ୍ୱଜିତ ପଣ୍ଡାଙ୍କ ମାର୍ଗଦର୍ଶନ ଓ ଡ଼ବ୍ଲ୍ୟୁଟିଆଇ ପ୍ରକଳ୍ପ ମୁଖ୍ୟ ରତିକା ନାଥଙ୍କ ନେତୃତ୍ୱରେ ରାଜେଶ ମହାରଣା,କାହ୍ନା ନାୟକ ପ୍ରମୁଖ ପଟ୍ଟାମୁଣ୍ଡାଇ ବ୍ଲକର ପେଣ୍ଠପାଳ ପଞ୍ଚାୟତ କୂଳସାହି ଗ୍ରାମର ଅମୂଲ୍ୟ ଦାସ, ଟିଙ୍କିଲି ବାବା ଓ ତରଡ଼ିପାଳ-ଘାଗରାଡିଆ ଗ୍ରାମର ଗଙ୍ଗାଧର ତରାଇଙ୍କ ପରିବାରକୁ ଭେଟି ସବିଶେଷ ତଥ୍ୟ ହାସଲ କରିଥିଲେ। କୁମ୍ଭୀର ଆକ୍ରମଣ ନେଇ ସର୍ଭେ କରି ଏହାର ସୁରକ୍ଷା, ନିରାକରଣ ଉପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ପ୍ରସ୍ତାବ ଦେବାର କାର୍ଯ୍ୟକ୍ରମ ରହିଛି। ଆଗାମୀ ଦିନରେ ପଟ୍ଟାମୁଣ୍ଡାଇ, ରାଜନଗର, ଆଳି, ରାଜକନିକା ଆଦି ଜିଲାର ବିଭିନ୍ନ ବ୍ଲକରେ ସର୍ଭେ ଓ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ପ୍ରକଳ୍ପ ମୁଖ୍ୟ ରତିକା ନାଥ ସୂଚନା ଦେଇଛନ୍ତି।



ଜିଲ୍ଲା ପରିଷଦ, ଗଞ୍ଜାମ, ଛତ୍ରପୁର
ZILLA PARISHAD, GANJAM, CHATRAPUR
Phone:06811-263965,
Fax:06811-263552
E-mail:ori-dganjam@nic.in

L.No.13507/Estt. **ADVERTISEMENT** Date:12.10.2023

No.CAD-3053:Applications are invited from interested retired Govt. employees (Engineering personnels such as JEs/ AEs) for posting as OSDs (Officer on Special Duty) on contractual basis for a period of one year, to work under different developmental schemes including MGNREGS, PMAY and other Govt. flagship programmes executed at block levels in Ganjam District. A consolidated remuneration fixed to Rs. 20.000/- per month shall be paid to the OSD. The final selection of the OSDs shall be made through a walk-in-interview at Zilla Parishad Level on the recommendation of the Selection Committee constituted as per Resolution No.23750/Gen dt-27.08.2014 of GA & PG Deptt., Odisha. The detailed Advertisement along-with Guidelines vide Letter No.23123/PR&DW dt- 07.10.2023 of Govt. in Panchayati Raj and Drinking Water Deptt may be downloaded from the District website: www.ganjam.nic.in.

Sd./- Collector-cum-CEO, Zilla Parishad, Ganjam

ଜିଲ୍ଲା ପରିଷଦ, ଗଞ୍ଜାମ, ଛତ୍ରପୁର
ZILLA PARISHAD, GANJAM, CHATRAPUR
Phone:06811-263965,
Fax:06811-263552
E-mail:ori-dganjam@nic.in

L.No.15328/Estt. **OFFICE ORDER** Date:23.11.23

The last date of submission of application for the post of OSD (Engineering personnel) invited vide this Office Advertisement No.13507/Estt. Dt.12.10.2023 of Zilla Parishad, Ganjam is further extended upto 15.12.2023 instead of 17.11.2023 and the tentative date of Walk-in-Interview is extended to 20.12.2023 instead of 30.11.2023. All other contents of the Advertisement remain unaltered.

Sd./- Chief Development Officer-cum-EO, Zilla Parishad, Ganjam
OIPR-19372/11/0005/2324

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
No.CAD-3050

**OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR**

Tender Call Notice No. File No.:IDCO/HO-P&C/O-3775/04/2023/V-1 37533
Dated 24.11.2023

Bid Identification No.:P&C/EST/E-150/2023-24

NOTICE INVITING TENDER THROUGH e-Procurement

**Name of the Work:** Repairing and Replacement of Switchgears of ASLS and APFC Panel at IDCO, Fortune Tower,Bhubaneswar
**Tender Value:** Rs.69,75,000.00

| Procurement Officer | Bid Identification No. | Period of Completion | Availability of Tender Online for Bidding | |
|---|---|---|---|---|
| | | | From | To |
| 1 | 2 | 3 | 4 | 5 |
| Chief General Manager (P&C), IDCO, IDCO Tower, Bhubaneswar | Bid Identification No:- P&C/EST/E-150/2023-24 | 02 (Two) Calendar Months | 17.00 Hours of dt.29.11.2023 | 17.00 Hours on dt.22.12.2023 |

Further details can be seen from the e-Procurement Portal www.Tendersodisha.gov.in. and Corrigendum if any will be published in newspapers and can only be seen in the e-Procurement portal as well as in IDCO website.

Sd./-Chief General Manager (P&C)
IDCO, Bhubaneswar
OIPR-14003/11/0291/2324

## ସଂକ୍ଷେପରେ

### ଜି.ଉଦୟଗିରି ଏନ୍ଏସି ଉପ-ନିର୍ବାଚନ, ୫୫.୪୧% ମତଦାନ

ଜି.ଉଦୟଗିରି,୨୯।୧୧(ଶିଶିର ପଟ୍ଟନାୟକ)

ବୁଧବାର ହୋଇଥିବା ଜି.ଉଦୟଗିରି ଏନଏସି ଅଧ୍ୟକ୍ଷ ଉପ ନିର୍ବାଚନରେ ଚଳିତ ନିର୍ବାଚନରେ ଭୋଟ ହାର କମିଛି। ମାତ୍ର ୫୫.୪୧ ମତଦାତା ଅପରାହ୍ନ ୫ଟା ସୁଦ୍ଧା ମତଦାନ କରିଛନ୍ତି ବୋଲି ନିର୍ବାଚନ ଅଧିକାରୀ କହିଛନ୍ତି। ସମୁଦାୟ ୮୧୫୫ ମତଦାତାଙ୍କ ମଧ୍ୟରୁ ୪୫୧୯ ମତଦାତା ମତଦାନ କରିଛନ୍ତି। ସମୁଦାୟ ୪୩୪୧ ମହିଳା ମତଦାତାଙ୍କ ମଧ୍ୟରୁ ୨୩୩୩ ଜଣ ମହିଳା ମତଦାନ କରିଥିବା ବେଳେ ୩୮୧୧ ପୁରୁଷ ମତଦାତାଙ୍କ ମଧ୍ୟରୁ ୨୧୮୪ ଜଣ ମତଦାତା ମତଦାନ କରିଛନ୍ତି। ସେହିପରି ୩ ଜଣ ତୃତୀୟ ଲିଙ୍ଗ ମତଦାତାଙ୍କ ମଧ୍ୟରୁ ୨ ଜଣ ମତଦାନ କରିଛନ୍ତି। ଗୁରୁବାର ଭୋଟ ଗଣତି କରାଯାଇ ଫଳାଫଳ ପ୍ରକାଶ ପାଇବ। ବିଜୁ ଜନତା ଦଳରୁ ଦେବସ୍ମିତା ଶତପଥୀ, କଂଗ୍ରେସରୁ ମଧୁଲିନା ଦିଗାଲ ଓ ଭାଜପାରୁ ରଞ୍ଜିତା ନାୟକ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ସବୁଦଳର ପ୍ରାର୍ଥୀମାନେ ଆଶା ଆଶଙ୍କା ଭିତରେ ଅଛନ୍ତି।

### ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ପୋଲସରା,୨୯।୧୧(ସୁବ୍ରତ ବେହେରା)

ପୋଲସରା ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦିପ କୁମାର ପରମଗୁରୁଙ୍କ ଅଧ୍ୟକ୍ଷତାରେ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ଶ୍ରୀକାନ୍ତ ସାହୁ, ସମ୍ମାନିତ ଅତିଥି ଭାବେ ପୂର୍ବତନ ନଗରପାଳ ପ୍ରଫୁଲ୍ଲ କୁମାର ପ୍ରଧାନ, ନଗରପାଳିକା ସଙ୍ଗୀତା ବେହେରା, ଏନ୍ଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ବେହେରା, ରାଜନୀତିକ ବିଜ୍ଞାନ ଅଧ୍ୟକ୍ଷ ଶିଶିରକାନ୍ତ ବିଷୋୟୀ, ସୁକାନ୍ତି ସାହୁ, ବିଜେଡି ମହିଳା ମୋର୍ଚ୍ଚା ନଗର ସଭାନେତ୍ରୀ କନକ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମହିଳା ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟକ୍ଷା ଡ. ରଞ୍ଜିତା କୁମାରୀ ମିଶ୍ର, ଇକୋନୋମିକ ଅଧ୍ୟକ୍ଷ ମନୋଜ କୁମାର ପାଢ଼ୀ, ଶିକ୍ଷା ଅଧ୍ୟକ୍ଷ ଡ. ଆଶିଷ କୁମାର ପ୍ରଧାନ, ଇଂରାଜୀ ଅଧ୍ୟକ୍ଷ ଧନିତ୍ରୀ ନାୟକ, ଭାସ୍କର ସାହୁ, ଜଗନ୍ନାଥ ସୁଆର, ମକର ଧ୍ୱଜ ବରାଡ, ମିନାକ୍ଷୀ ସାହୁ, ସନ୍ଧ୍ୟା ମହାପାତ୍ର ଓ ସମସ୍ତ ଅଧ୍ୟକ୍ଷ, ଅଧ୍ୟାପିକା, ଏବଂ କର୍ମଚାରୀ ସହଯୋଗ କରିଥିଲେ।

### ଅଟୋ ଓଲଟି ନାବାଳକ ମୃତ, ୭ ଆହତ

ଦିଗପହଣ୍ଡି,୨୯।୧୧(ଅଶେଷନାଥ ମିଶ୍ର)

ଦିଗପହଣ୍ଡି-ବ୍ରହ୍ମପୁର ମୁଖ୍ୟ ରାସ୍ତା ଗଣିଆନାଳ ଛକ ନିକଟରେ ବୁଧବାର ଏକ ଯାତ୍ରୀବାହୀ ଅଟୋ ଓଲଟି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୭ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ଜିଉରା ଗ୍ରାମର ଝିଅନି ସାହୁଙ୍କ ପୁଅ ସୁନୀଲ(୧୪)। ଗୁରୁତର ମାନଙ୍କ ମଧ୍ୟରେ ନାବାଳକଙ୍କ ମା' ଝିଅନି ସାହୁ, ଭାଇ ଅନୀଲଙ୍କ ସମେତ ଚେରୁ ସାହୁ, ମନୁ ସାହୁ, କୁମାରୀ ସାହୁ, ହାଡ଼ିଆଣୀ ସାହୁ ଏବଂ ଚାଳକ ନିବାସ ସାହୁ। ଜିଉରା ଗ୍ରାମର ଟୁନା ସାହୁଙ୍କ ନାତୁଣିଙ୍କ ଜନ୍ମଦିନ ଭୋଜି କାର୍ଯ୍ୟରେ ଯୋଗଦେବା ପାଇଁ ୪ ପରିବାରର ୭ ଜଣ ସଦସ୍ୟ ଏକ ଅଟୋ ଯୋଗେ ବ୍ରହ୍ମପୁର ଯାଉଥିଲେ।

### ସାପ ଧରାଳିଙ୍କ ପରଲୋକ

**ଖଣ୍ଡପଡ଼ା,୨୯।୧୧(ଅଜୟ କୁମାର ମହାରଣା):** ଖଣ୍ଡପଡ଼ା ବ୍ଲକ୍ ଅଧୀନ ଖଳିସାହି ଗ୍ରାମ ଗଉଡ଼ସାହିର ସାପ ଧରାଳି କହ୍ନେଇ ସାହୁ(୩୫)ଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି । ୧୫ ବର୍ଷ ବୟସରୁ ବିଷଧର ସାପଙ୍କୁ ଧରି ଜନବସତିଠାରୁ ଦୂରରେ ନଡୁବା ଜଙ୍ଗଲରେ ଛାଡିବା କହ୍ନେଇଙ୍କ ପାଇଁ ସତେ ଯେମିତି ନିଶା ପାଲଟିଥିଲା । ଦିନ,ରାତି ଯିଏ ଯେତେବେଳେ ଡାକନ୍ତି ତତ୍କ୍ଷଣାତ ସେଠାରେ ପହଞ୍ଚି ସାପକୁ ଧରିବାରେ ସିଦ୍ଧହସ୍ତ ଥିଲେ କହ୍ନେଇ । ଖଳିସାହି ଓ ଆଖପାଖ ଅଞ୍ଚଳରେ ସ୍ନେକ ହେଲ୍ପ ଲାଇନର ଭାବେ ସେ ବିନା ପାରିଶ୍ରମିକରେ କାର୍ଯ୍ୟ କରୁଥିଲେ । ବିଭିନ୍ନ ସମୟରେ କହ୍ନେଇଙ୍କ ଦୁଃସାହସିକ ପଦକ୍ଷେପକୁ ଏବେ ବି ଖଣ୍ଡପଡ଼ା ସହରବାସୀ ଏବଂ ଖଳିସାହି ପଞ୍ଚାୟତ ଲୋକେ ମନେ ପକାଉଛନ୍ତି । ତାଙ୍କର ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

# ୧୫ ହଜାର ହେକ୍ଟରରେ ଡାଲି ଜାତୀୟ ଫସଲ ଲକ୍ଷ୍ୟଧାର୍ଯ୍ୟ

## ଜିଲ୍ଲାରେ ରବି ଋତୁ ପାଇଁ କୃଷି ବିଭାଗର ପଦକ୍ଷେପ

ବ୍ରହ୍ମପୁର,୨୯।୧୧ (ଅଶୋକ କୁମାର ସାହୁ)

ଖରିଫ ଋତୁ ସରି ଆସୁଛି। ରବି ଋତୁ ପାଇଁ କୃଷି ବିଭାଗ ପକ୍ଷରୁ ପଦକ୍ଷେପ ନେବା ଆରମ୍ଭ ହୋଇଛି। ଧାନ କାଟିବା ପରେ ସନ୍ତସନ୍ତିଆ ପଡିଆ ଜମିରେ ମୁଗ ଏବଂ ବିରି ଫସଲ ପାଇଁ ରାଇସ ଫଲୋ ମ୍ୟାନେଜମେଣ୍ଟ ସ୍କିମରେ ଏକ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ଏହି ସ୍କିମ୍‌ରେ ଚଳିତ ରବି ଋତୁରେ ଡାଲି ଜାତୀୟ ଫସଲ ଜିଲାରେ ୧୫ ହଜାର ହେକ୍ଟର କରାଯିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ରଖାଯାଇଛି। ଏହି ଫସଲରେ କେବଳ ମୁଗ ଓ ବିରିକୁ ଅନ୍ତର୍ଭୁକ୍ତ କରାଯାଇଛି। ଏଥିରୁ ୧୪ ହଜାର ହେକ୍ଟରରେ ମୁଗ ଓ ୧୦୦୦ ହେକ୍ଟରରେ ବିରି କରାଯିବା ପାଇଁ ସ୍ଥିର କରାଯାଇଛି।

ଏହି ଯୋଜନାରେ ଚାଷୀଙ୍କୁ ମାଗଣା ବିହନ ଦେବା ପାଇଁ ନିଷ୍ପତ୍ତି ନିଆଯାଇଛି। ହେକ୍ଟର ପିଛା ୨୦ କେଜି ବିହନ ଯୋଗାଣ କରାଯିବ। ଯାହା ସାର ଦରକାର ତାହା ଚାଷୀମାନେ କ୍ରୟ କରିବେ। ସରକାରୀ ସ୍ତରରେ ମାଇକ୍ରୋ ନ୍ୟୁଟ୍ରାଣ୍ଟ ଔଷଧ ମିଳିବ। ଏଥି ସହିତ ଫସଲରେ ରୋଗପୋକ


ମୁଗ ଫସଲ

ଲାଗିଲେ ଔଷଧ, ଘାସମରା ଔଷଧ କୃଷି ବିଭାଗ ପକ୍ଷରୁ ଯୋଗାଣ କରାଯିବ ବୋଲି ଉକ୍ତ ଯୋଜନାରେ ଉଲ୍ଲେଖ ରହିଛି। କୃଷି ବିଭାଗ ପକ୍ଷରୁ ଜିଲାର ୨୨ ବ୍ଲକରେ ଥିବା ପଞ୍ଚାୟତଗୁଡିକର ଲୋକ ପ୍ରତିନିଧିଙ୍କୁ ନେଇ ଏକ ଅନୁସନ୍ଧାନ କରାଯିବ। ସେମାନେ କେଉଁଠି କେଉଁଠି ଚାଷ ହେବ ଏବଂ କେଉଁ କୃଷକମାନେ ଚାଷ କରିବେ ସେଥିନେଇ ଏକ ତାଲିକା ପ୍ରସ୍ତୁତ କରିବେ। ସେହି ଅନୁସାରେ ସର୍ବେକ୍ଷଣ କରାଯାଇ ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ବର୍ଷାଭାବରୁ ଧାନ ଫସଲରେ ଜିଲାର ଅନେକ ବ୍ଲକରେ ପ୍ରାୟତଃ କ୍ଷତି ହୋଇଛ। ତାହାକୁ ଭରଣା କରିବା ପାଇଁ ଚଳିତବର୍ଷ ନୂଆରେ ସରକାରଙ୍କ ପକ୍ଷରୁ ଏହି ଯୋଜନା କରାଯାଇଛି। ଯଦି ଭଲ ଅମଳ ହେବ ଚାଷୀମାନେ ତାଙ୍କ ଅମଳକ୍ଷମ ଫସଲକୁ ମଣ୍ଡି ମାଧ୍ୟମରେ ବିକ୍ରି କରିବା ବି ବ୍ୟବସ୍ଥା ରହିଛି।

ଏ ସମ୍ପର୍କରେ ଜିଲା ମୁଖ୍ୟ କୃଷି ଅଧିକାରୀ ସୁବ୍ରତ କୁମାର ସାହୁଙ୍କୁ ପଚାରିବାରୁ ସେ କହିଲେ ଯେ, ଏହି ଯୋଜନାରେ କେବଳ ମୁଗ ଓ ବିରି ଚାଷ ପାଇଁ ଚାଷୀଙ୍କୁ ସମ୍ପୃକ୍ତ କରାଯିବ। ଜମି ସନ୍ତସନ୍ତିଆ ହେବା ଦରକାର। ଚାଷୀମାନେ କୌଣସି ଉପାୟରେ ଜଳସେଚନର ସୁବିଧା କରି ଏହି ଯୋଜନାର ସୁବିଧା ନେଇପାରିବେ। କୃଷି ବିଭାଗ ପକ୍ଷରୁ ସେମାନଙ୍କୁ ଏନେଇ ସଚେତନ କରାଯିବ। ମୁଗ ଓ ବିରି ଫସଲ ପାଇଁ ସେଭଳି ଅଧିକ ପାଣି ଦରକାର ନାହିଁ। କେବଳ ଜମି ସନ୍ତସନ୍ତିଆ ହେଲେ ବିହନ ଗଜା ହୋଇଯିବ। ତେଣୁ ଏହାର ସୁଯୋଗ ନେବା ପାଇଁ ବିଭାଗ ପକ୍ଷରୁ ଚାଷୀମାନଙ୍କୁ ସହାୟତା କରାଯିବ ବୋଲି ଶ୍ରୀ ସାହୁ କହିଛନ୍ତି।

# ସୁନାମୁହିଁ ଜଳଭଣ୍ଡାରର ଉନ୍ନତୀକରଣ ପାଇଁ ୨.୮ କୋଟି ମଞ୍ଜୁର


ସୁନାମୁହିଁ ଜଳ ଭଣ୍ଡାର।

ଖଣ୍ଡପଡ଼ା,୨୯।୧୧
(ଅଜୟ କୁମାର ମହାରଣା)

ସମୟାନୁକ୍ରମେ ଖଣ୍ଡପଡ଼ା ସୁନାମୁହିଁ ଜଳ ଭଣ୍ଡାର ପୋତି ହୋଇପଡୁଥିବାରୁ ଜଳ ଧାରଣ କ୍ଷମତା ବେଳକୁ ବେଳ ହ୍ରାସ ପାଇବାରେ ଲାଗିଛି। ଉକ୍ତ ଜଳଭଣ୍ଡାରରୁ କେନାଲ ଦ୍ୱାରା ପାର୍ଶ୍ୱବର୍ତ୍ତୀ ଚାଷଜମିକୁ ଜଳସେଚନର ବ୍ୟବସ୍ଥା ହୋଇପାରୁନାହିଁ। ଚଳିତ ବର୍ଷ କମ୍ ବୃଷ୍ଟିପାତ ଯୋଗୁ ସୁନାମୁହିଁ ଜଳ ଭଣ୍ଡାରୁ ପାଣି ଉଛୁଳି ତଳକୁ ପଡି ନାହିଁ । ଫଳରେ ଖଣ୍ଡପଡ଼ା କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ଥିବା ସୁନାମୁହିଁ ଜଳଭଣ୍ଡାର ଓ ତତ୍‌ସଂଲଗ୍ନ କେନାଲଗୁଡ଼ିକର ଉନ୍ନତିକରଣ ନିମନ୍ତେ ରାଜ୍ୟସରକାର ୨.୮ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଚଳିତ ବର୍ଷ ଗ୍ରୀଷ୍ମ ଋତୁରେ ଉକ୍ତ ଜଳ ଭଣ୍ଡାରଟି ସମ୍ପୂର୍ଣ୍ଣ ରୂପେ ଶୁଖି ଯିବାର ଆଶଙ୍କା ଥିବାରୁ ଏ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି।

# ସୌନ୍ଦର୍ଯ୍ୟ ହରାଉଛି ଜାଗାମିଶନ ଗୃହ,ପାର୍କ


ଅବହେଳିତ ହୋଇ ପଡ଼ିଥିବା ଶିଶୁ ପାର୍କ।

ଖଣ୍ଡପଡ଼ା,୨୯।୧୧
(ଅଜୟ କୁମାର ମହାରଣା)

ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ଖଣ୍ଡପଡ଼ା ସହରାଞ୍ଚଳ ପାରିପାର୍ଶ୍ୱିକ ଉନ୍ନତିକରଣ ନିମନ୍ତେ ବିଭିନ୍ନ ଯୋଜନାରେ ଅନେକ କୋଟି ଟଙ୍କା ବ୍ୟୟ କରାଯାଉଛି । ତେବେ ଅନୁଦାନ ଅର୍ଥରେ ନିର୍ମିତ ପ୍ରକଳ୍ପଗୁଡ଼ିକର ସୁରକ୍ଷା ଓ ରକ୍ଷଣାବେକ୍ଷଣ ପ୍ରତି ଏନ୍ଏସି କର୍ତ୍ତୃପକ୍ଷ ଧ୍ୟାନ ଦେଉ ନ ଥିବାରୁ ନୂତନ ପ୍ରକଳ୍ପଗୁଡିକ ୨ରୁ ୩ବର୍ଷ ମଧ୍ୟରେ ସୌନ୍ଦର୍ଯ୍ୟ ହରାଥିବା ପରିଲକ୍ଷିତ ହେଉଛି । ଏ ସମ୍ପର୍କରେ ଏନ୍ଏସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ମଧ କୌଣସି ସୁଫଳ ମିଳୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ୧ନଂ.ୱାର୍ଡର କରଡାବଣି ବସ୍ତିରେ ଏନ୍ଏସି କର୍ତ୍ତୃପକ୍ଷ ଜାଗା ମିଶନ ଜରିଆରେ ଏକ ପାର୍କ ଓ ବସ୍ତି ବାସିନ୍ଦାଙ୍କ ସାମୁହିକ କାର୍ଯ୍ୟ ନିମନ୍ତେ ଏକ ଗୃହ ନିର୍ମାଣ କରିଥିଲେ । ଏ ବାବଦରେ ଏନ୍ଏସି କର୍ତ୍ତୃପକ୍ଷ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରିଥିଲେ ହେଁ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ପାର୍କ ପରିସର ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇ ପଡିରହିଛି । ସେହିପରି ପାର୍କ ପରିସରରେ ବିଭିନ୍ନ ସମୟରେ ଅସାମାଜିକ ବ୍ୟକ୍ତି ମାନେ ଆଡ୍ଡା ଜମାଇ ସୌନ୍ଦର୍ଯ୍ୟକରଣ ସାମଗ୍ରୀଗୁଡିକୁ ଭଙ୍ଗାରୁଜା କରୁଥିବା ବେଳେ ଏଥିପ୍ରତି ପ୍ରଶାସନର ନିଘା ନ ଥିବା ପରି ମନେ ହେଉଛି । ଉଜ୍ୱଳ ଆଲୋକୀକରଣର ବ୍ୟବସ୍ଥା ନ ଥିବାରୁ ସଞ୍ଜ ନଇଁଲେ ଉକ୍ତ ସ୍ଥାନ ଅନ୍ଧାର ହୋଇପଡୁଛି । ଏଥିପ୍ରତି ଖଣ୍ଡପଡ଼ା ଏନଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ କରଡାବଣି ଗ୍ରାମବାସୀ ଦାବି କରିଛନ୍ତି ।

# ମହାମାୟୀ ମହିଳା କଲେଜରେ ସଡ଼କ ସୁରକ୍ଷା ସଚେତନତା

ବ୍ରହ୍ମପୁର,୨୯।୧୧(ତନୁଶ୍ରୀ ନାହାକ)

ବ୍ରହ୍ମପୁର ମହାମାୟୀ ମହିଳା କଲେଜରେ ଓଡ଼ିଶା ଯୁବ ବିକାଶ ସମନ୍ୱିତ କାର୍ଯ୍ୟକ୍ରମରେ ବୁଧବାର ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା ହୋଇଛି। କଲେଜ ଅଧ୍ୟକ୍ଷା କବିତା ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ମହିଳା ଯୁବ ବିଜେଡ଼ି ଜୋନାଲ ସଭାପତି ମମତା ବିଷୋୟୀ, ସମ୍ମାନନୀୟ ଅତିଥି ଭାବେ ୩୨ ନମ୍ବର ୱାର୍ଡ଼ କର୍ପୋରେଟର ସୁରେନ୍ଦ୍ର ମହାରଣା ଯୋଗଦେଇଥିଲେ। ଅତିଥିମାନେ ସଚେତନତା ରାଲି ଶୁଭାରମ୍ଭ କରିଥିଲେ। ପରେ ଛାତ୍ରୀମାନଙ୍କ ମଧ୍ୟରେ ସଡ଼କ ସୁରକ୍ଷା ଥିମ ଉପରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ଡ.ଜୟନ୍ତୀ ପଣ୍ଡା, ନୋଡ଼ାଲ ଅଧିକାରୀ ସ୍ୱର୍ଣ୍ଣଲତା ପଟ୍ଟନାୟକ କ୍ରୀଡ଼ା ଅଧିକାରୀ ଡ.ବାଣୀ ପଟ୍ଟନାୟକ ଓ କଲେଜ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜେଲ ଗଲେ ଗଞ୍ଜେଇ ବ୍ୟବସାୟୀ

ନୟାଗଡ଼,୨୯।୧୧(ଲୋକନାଥ ମିଶ୍ର)

- କାର୍ ସହ ୧୫ କେଜି ଗଞ୍ଜେଇ ଜବତ
- ବ୍ରାଉନସୁଗାର ପରେ ଗଞ୍ଜେଇ ବ୍ୟବସାୟ କରୁଥିଲେ

ନୟାଗଡ଼ ଟାଉନ ଥାନା ପୋଲିସ ଜଣେ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ରଣପୁର ଥାନା ସୁନାଖଳା ଗାଁର ପ୍ରଣବ କୁମାର ଚିନାରା(୩୩)ଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ପ୍ରଣବଙ୍କଠାରୁ ୧୫ କେଜି ଗଞ୍ଜେଇ ଓ ଏକ କାର ଜବତ କରାଯାଇଛି। ପ୍ରଣବ ପୂର୍ବରୁ ବ୍ରାଉନସୁଗାର ବ୍ୟବସାୟ କରି ଗିରଫ ହୋଇଥିଲେ। ଏ ନେଇ ରଣପୁର ଥାନାରେ ଏକ ମାମଲା(ନଂ.୨୪/୨୦୨୧) ରହିଛି। ସେ ନିଜ ବ୍ୟବସାୟକୁ ପରିବର୍ତ୍ତନ କରି ଗଞ୍ଜେଇ ବ୍ୟବସାୟ କରୁଛନ୍ତି । ଓଡି୦୨ଏଏଫ ୫୯୯୫ ନମ୍ବରର କାର ଯୋଗେ ଗଞ୍ଜେଇ ଧରି କନ୍ଧମାଳରୁ ମଙ୍ଗଳବାର ଗାଁକୁ ଫେରୁଥିଲେ। ଖବର ପାଇଁ ନୟାଗଡ଼ ଟାଉନ ଥାନା ପୋଲିସ ଘଡୁଆଳଠାରେ ପ୍ରଣବଙ୍କ କାରକୁ ଯାଞ୍ଚ କରିଥିଲା । କାରରୁ ୧୫ କେଜି ଗଞ୍ଜେଇ ବାହାରିବା ପରେ ପ୍ରଣବଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଏନେଇ ଏକ ମାମଲା(ନଂ.୩୧୩/୨୩) ରୁଜୁ ହୋଇଛି।

# ମାନସିକ ଅନଗ୍ରସରଙ୍କ ସ୍ୱାସ୍ଥ୍ୟ ଶିବିର



ସ୍ୱାସ୍ଥ୍ୟ ଶିବିରରେ ମାନସିକ ଅନଗ୍ରସରଙ୍କ ଚିକିତ୍ସା କରାଯାଉଛି।

ଓଡ଼ଗାଁ,୩୦।୧
(ଆଦର୍ଶ କୁମାର ପଟ୍ଟନାୟକ )

## ୬୩ ପଞ୍ଜୀକୃତ, ରୋଗୀଙ୍କୁ ମାଗଣା ଔଷଧ ବଣ୍ଟନ

ନୟାଗଡ଼ ଜିଲା ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବୁଧବାର ୬୩ ଜଣ ମାନସିକ ଅନଗ୍ରସରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସେମାନଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା । ଆବଶ୍ୟକ ପଡିଲେ ଅଧିକ ପରୀକ୍ଷାନିରୀକ୍ଷା ପାଇଁ ନୟାଗଡ଼ ସରକାରୀ ଜିଲା ଚିକିତ୍ସାଳୟକୁ ଯିବା ପାଇଁ ସଙ୍ଗରେ ଆସିଥିବା ଆତ୍ମୀୟସ୍ୱଜନଙ୍କୁ ପରାମର୍ଶ ଦିଆଯାଇଥିଲା । ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଦୀପକ କୁମାର ବଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ମନସ୍ତତ୍ତ୍ୱ ବିଶେଷଜ୍ଞ ଡାକ୍ତର ସବିତା କୁମାରୀ ବରାଡ, ସାଇକୋ ଥେରାପିଷ୍ଟ ସନ୍ତୋଷ କୁମାର ନାୟକ, ଶରଣକୁଳ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ପ୍ରଶାନ୍ତ କୁମାର ସାହୁ, କବିତାଓ୍ୱାଣୀ ଜେନା, ଓଡ଼ଗାଁରୁ ଫାର୍ମାସିଷ୍ଟ ଜ୍ୟୋତିର୍ବର୍ଦ୍ଧନ ପଣ୍ଡା, ଶ୍ରୀଧର ଦାସ ପ୍ରମୁଖ ଶିବିର ପରିଚାଳନା କରିଥିବା ବେଳେ ଆଶାକର୍ମୀମାନେ ସହଯୋଗ କରିଥିଲେ ।

# ସ୍ୱାମୀଙ୍କୁ ସାଢ଼େ ୧୩ ବର୍ଷ ଜେଲ

ବ୍ରହ୍ମପୁର,୨୯।୧୧(ସୁବାସ ଚନ୍ଦ୍ର ପାଢ଼ୀ)

## ସ୍ତ୍ରୀ ଦେହରେ କିରୋସିନ ଢାଳି ହତ୍ୟା ମାମଲା

୨୦୧୫ରେ ଅଧିକ ଯୌତୁକ ପାଇଁ ନିଜ ସ୍ତ୍ରୀ'ଙ୍କ ଦେହରେ କିରୋସିନି ଢାଳି ପୋଡ଼ି ହତ୍ୟା କରିଥିବା ମାମଲାର ବୁଧବାର ରାୟ ପ୍ରକାଶ ପାଇଛି। ବ୍ରହ୍ମପୁର ଅତିରିକ୍ତ ଜିଲା ଦୌରା ଜଜ୍ (ଏଡିଜେ)-୩ ରାଜକୁମାର ଦାଶ ମାମଲାର ବିଚାର କରି ଅଭିଯୁକ୍ତ ସ୍ୱାମୀ ଜରଡ଼ା ଥାନା ନନ୍ଦୀଗାଁର ବୈରାଗୀ ନାଇକଙ୍କୁ ଦୋଷୀ ସାବ୍ୟସ୍ତ କରି ସାଢେ ୧୩ ବର୍ଷ ଜେଲ ଦଣ୍ଡ ଶୁଣାଇବା ସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୩ ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି।

ବୈରାଗୀ ୨୦୧୨ରେ ଜରଡ଼ା ଥାନା ତଣ୍ଡିପୁର ଗ୍ରାମର ସ୍ୱପ୍ନା ନାଇକଙ୍କୁ ବିବାହ କରିଥିଲେ। କିଛି ଦିନ ପରେ ଅଧିକ ଯୌତୁକ ଦାବି କରି ନିଜ ସ୍ତ୍ରୀ ସ୍ୱପ୍ନାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେବା


ଅଭିଯୁକ୍ତ ବୈରାଗୀ।

ସହ ମାରପିଟ କରୁଥିଲେ। ୨୦୧୫ ଅଗଷ୍ଟ ୨୪ରେ ବୈରାଗୀ ନିଜ ସ୍ୱପ୍ନାଙ୍କ ମୁଣ୍ଡକୁ ଆକ୍ରମଣ କରି ତାଙ୍କୁ ଚେତାଶୂନ୍ୟ କରିଦେଇଥିଲେ। ପରେ ଘର ଭିତରେ ତାଙ୍କ ଶରୀରରେ କିରୋସିନି ଢାଳି ନିଆଁ ଲଗାଇ ଦେଇଥିଲେ। ସ୍ତ୍ରୀ ନିଆଁରେ ପୋଡ଼ି ହୋଇଗଲା ବୋଲି ଅଭିନୟ କରିବା ସହ ତାଙ୍କୁ ଉଦ୍ଧାର କରିବା ବେଳେ ସେ ମଧ ଆହତ ହୋଇଥିଲେ। ଏଥିରେ ସ୍ୱପ୍ନା ଗୁରୁତର ହେବା ସହ ତାଙ୍କ ଶରୀରର ଶତକଡା ୭୦ ଭାଗ ପୋଡି ଯାଇଥିଲା। ତାଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଏପଟେ ବୈରାଗୀଙ୍କ ଚିକିତ୍ସା ଡାକ୍ତରଖାନାରେ ଚାଲୁଥିଲା। ଘଟଣାକୁ ନେଇ ସ୍ୱପ୍ନାଙ୍କ ମା' ଏସ୍. ରାଧା ଜରଡା ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରିଥିଲା। ଅଭିଯୁକ୍ତ ବୈରାଗୀ ସୁସ୍ଥ ହେବା ପରେ ପୋଲିସ ଅକ୍ଟୋବର ୪ରେ ଗିରଫ କରିଥିଲା। କୋର୍ଟରେ ମାମଲାର ବିଚାର ବେଳେ ୨୩ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ ହୋଇଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ମିଳିଥିବାରୁ ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ କ୍ୟାଡର ଅତିରିକ୍ତ ପିପି ବିକ୍ରମ କୁମାର କୁଣ୍ଡ ମକଦ୍ଦମା ପରିଚାଳନା କରୁଥିଲେ।

# ଋଷିକୁଲ୍ୟା ମୁହାଣରୁ ଟ୍ରଲର ଜବତ

ଗଞ୍ଜାମ,୨୯।୧୧(ବିଦ୍ୟାଧର ସାହୁ)

ଗଞ୍ଜାମ ଜିଲାର ଋଷିକୁଲ୍ୟା ମୁହାଣରେ ବୁଧବାର ଏକ ପାରାଦୀପ ଟ୍ରଲର ମାଛ ମାରୁଥିବା ବେଳେ ବନ ବିଭାଗ ଚଢ଼ାଉ କରି ଟ୍ରଲରକୁ ଜବତ କରିଛି। ୬ ଜଣ ମତ୍ସ୍ୟଜୀବୀ ରମାକାନ୍ତ ସ୍ୱାଇଁ, ଭୁଦେବ ମଣ୍ଡଳ, ଶରତ ମଲ୍ଲିକ, କମଳକାନ୍ତ ମଲ୍ଲିକ, ନିମାଇଁ ଚରଣ ରାଉତ ଓ ସବନ୍ତ ପ୍ରଧାନଙ୍କୁ ମତ୍ସ୍ୟ ବିଭାଗକୁ ହସ୍ତାନ୍ତର କରାଯାଇଛି। ୩ ଟି ଚିଙ୍ଗୁଡ଼ି ଜାଲ ଓ ୭ଟି ବଡ଼ ଜାଲ ଏପରିକି ମୋଟ ୧୦ଟି ଜାଲ ଜବତ କରାଯାଇଛି। ମତ୍ସ୍ୟ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଟ୍ରଲରରେ ରହିଥିବା ୪୬୫ କିଲୋ ମାଛକୁ ନିଲାମ କରାଯାଇ ସ୍ଥାନୀୟ ମତ୍ସ୍ୟଜୀବୀଙ୍କୁ ପ୍ରଦାନ କରାଯାଇଛି। ଚଢ଼ାଉ ବେଳେ ଖଲ୍ଲିକୋଟ ରେଞ୍ଜର ସିଦ୍ଧାର୍ଥ ଶଙ୍କର ସାହୁ, ରମ୍ଭା ଫରେଷ୍ଟର ରତ୍ନା କୁମାର ବେହେରା, ଫରେଷ୍ଟ ଗାର୍ଡ ଶିବ ଚରଣ ଟୁଡୁ ପ୍ରମୁଖଙ୍କ ସମେତ ବନ ବିଭାଗ ପାଟ୍ରୋଲିଂ ସ୍କ୍ୱାର୍ଡ ଓ ଏପିଆର ପୋଲିସ ସାମିଲ ଥିଲେ।

# ଜାତିର ପିତାଙ୍କୁ ଅସମ୍ମାନ

ଭାପୁର,୨୯।୧୧
(ଭରତ କୁମାର ବେହେରା )

ଜାତିରଜନକ ମହାତ୍ମା ଗାନ୍ଧୀଙ୍କୁ ଅସମ୍ମାନ କରାଯିବା ଘଟଣା ଏଠାରେ ଅସନ୍ତୋଷ ସୃଷ୍ଟି କରିଛି । ବୁଧବାର ଭାପୁର ବ୍ଲକ ଶାଳପଡ଼ା ପଞ୍ଚାୟତରେ ବ୍ୟାଙ୍କ୍ ସେବାର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଏହି ଘଟଣା ଘଟିଛି । ପଞ୍ଚାୟତ ପରିସରରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଖୁଣ୍ଟରେ ବାଉଁଶ ବନ୍ଧା ହୋଇଥିବା ବେଳେ ପ୍ରତିମୂର୍ତ୍ତି ଆଗରେ ବଡ଼ ପୋଷ୍ଟର ଓ ହୋର୍ଡିଂ ଲଗାଯାଇ ଗାନ୍ଧିଜୀଙ୍କୁ ଆଢୁଆଳ ରଖାଯାଇଥିଲା । ଏହାକୁ ନେଇ ବୁଦ୍ଧିଜୀବିମାନେ ନିନ୍ଦା କରିଛନ୍ତି।

# ବିଏମ୍‌ସି ଘେରାଉ କଲା ଭାଜପା

ବ୍ରହ୍ମପୁର,୨୯।୧୧(ନରସିଂହ ସାହୁ)

ଭାଜପା ପକ୍ଷରୁ ବୁଧବାର ବ୍ରହ୍ମପୁରରେ ବିଶାଳ ପଟୁଆର ସହ ମହାନଗର ନିଗମ (ବିଏମସି) ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମହାନଗରବାସୀଙ୍କୁ ନିଗମ ମୌଳିକ ସୁବିଧା ଯୋଗାଉନଥିବା ଏବଂ ଦୁର୍ନୀତି ଓ ଭ୍ରଷ୍ଟାଚାର ସୀମା ଟପିଥିବା ଅଭିଯୋଗ କରି ଏହାର ପ୍ରତିବାଦରେ ଆନ୍ଦୋଳନ କରାଯାଇଥିଲା। ଗତ ନିର୍ବାଚନର ବିଧାୟକ ପ୍ରାର୍ଥୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତିଙ୍କ ନେତୃତ୍ୱରେ ଗାନ୍ଧୀନଗର ଛକସ୍ଥ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥଳରୁ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ରାସ୍ତା ପରିକ୍ରମା ବେଳେ ସରକାର ଓ ନିଗମ ବିରୋଧରେ ନାରାବାଜି କରିଥିଲେ। ଅଫିସ ଆଗରେ ଫାଟକ ଠେଲି ଭିତରକୁ ପ୍ରବେଶ ଉଦ୍ୟମ ବେଳେ ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତାଧିନ କରିଥିଲା।

ଆନ୍ଦୋଳନ ସ୍ଥଳରେ ପତି କହିଛନ୍ତି, ନିଗମ ଦ୍ୱାରା ନିର୍ମିତ ଆବାସ ଯୋଜନା ଘରଗୁଡ଼ିକ ଅତି ନିମ୍ନମାନର ହୋଇଥିବାରୁ ସାମାନ୍ୟ ବର୍ଷା ହେଲେ ଛାତରୁ ପାଣି ଗଳୁଛି। ୧୦ ରୁ ୧୫ ବର୍ଷ ଧରି ରହିଥିବା ଇଞ୍ଜିନିୟରମାନଙ୍କ ଦୁର୍ନୀତି ସୀମା ଟପିଛି। ଆବଶ୍ୟକ କର୍ମଚାରୀ ଅଭାବରୁ ସମସ୍ୟା ଦେଖାଦେଇଛି। ମଶା ଉପଦ୍ରବ ଭୟଙ୍କର ହୋଇଛି ଏବଂ ଟିଫା ମେଶିନ ଦ୍ୱାରା ଧୂଆଁ ଛଡ଼ାଯାଉନଥିବାରୁ ଦିନରେ ମଧ୍ୟ ମଶା କାମୁଡ଼ାରେ ଲୋକେ କଲବଲ ହେଉଛନ୍ତି। ସର୍ବନିମ୍ନ ମୌଳିକ ସମସ୍ୟା ସମାଧାନରେ ବିଫଳ ବିଏମ୍‌ସିକୁ ସରକାର ବରଖାସ୍ତ କରିବା ପାଇଁ ପଦ୍ମ ଦଳ ଦାବି କରିଛି।

ଜିଲ୍ଲା ପରିଷଦ, ଗଞ୍ଜାମ, ଛତ୍ରପୁର
ZILLA PARISHAD, GANJAM, CHATRAPUR
Phone:06811-263965, Fax:06811-263552
E-mail:ori-dganjam@nic.in
L.No.13507/Estt. **ADVERTISEMENT** Date:12.10.2023
**No.CAD-3053:** Applications are invited from interested retired Govt. employees (Engineering personnels such as JEs/ AEs) for posting as OSDs (Officer on Special Duty) on contractual basis for a period of one year, to work under different developmental schemes including MGNREGS, PMAY and other Govt. flagship programmes executed at block levels in Ganjam District. A consolidated remuneration fixed to Rs. 20.000/- per month shall be paid to the OSD. The final selection of the OSDs shall be made through a walk-in-interview at Zilla Parishad Level on the recommendation of the Selection Committee constituted as per Resolution No.23750/Gen dt-27.08.2014 of GA & PG Deptt., Odisha. The detailed Advertisement along-with Guidelines vide Letter No.23123/PR&DW dt- 07.10.2023 of Govt. in Panchayati Raj and Drinking Water Deptt may be downloaded from the District website: www.ganjam.nic.in.
**Sd./- Collector-cum-CEO, Zilla Parishad, Ganjam**

ଜିଲ୍ଲା ପରିଷଦ, ଗଞ୍ଜାମ, ଛତ୍ରପୁର
ZILLA PARISHAD, GANJAM, CHATRAPUR
Phone:06811-263965, Fax:06811-263552
E-mail:ori-dganjam@nic.in
L.No.15328/Estt. **OFFICE ORDER** Date:23.11.23
The last date of submission of application for the post of OSD (Engineering personnel) invited vide this Office Advertisement No.13507/Estt. Dt.12.10.2023 of Zilla Parishad, Ganjam is further extended upto 15.12.2023 instead of 17.11.2023 and the tentative date of Walk-in-Interview is extended to 20.12.2023 instead of 30.11.2023. All other contents of the Advertisement remain unaltered.
**Sd./- Chief Development Officer-cum-EO, Zilla Parishad, Ganjam**
OIPR-19372/11/0005/2324

No.CAD-3050
idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
**OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR**
Tender Call Notice No. File No.:IDCO/HO-P&C/O-3775/04/2023/V-1 37533
Dated 24.11.2023
**Bid Identification No.:P&C/EST/E-150/2023-24**
**NOTICE INVITING TENDER THROUGH e-Procurement**
**Name of the Work:** Repairing and Replacement of Switchgears of ASLS and APFC Panel at IDCO, Fortune Tower,Bhubaneswar
**Tender Value:** Rs.69,75,000.00

| Procurement Officer | Bid Identification No. | Period of Completion | Availability of Tender Online for Bidding | |
|---|---|---|---|---|
| | | | From | To |
| 1 | 2 | 3 | 4 | 5 |
| Chief General Manager (P&C), IDCO, IDCO Tower, Bhubaneswar | Bid Identification No:- P&C/ EST/E-150/ 2023-24 | 02 (Two) Calendar Months | 17.00 Hours of dt.29.11.2023 | 17.00 Hours on dt.22.12.2023 |

Further details can be seen from the e-Procurement Portal www.Tendersodisha.gov.in. and Corrigendum if any will be published in newspapers and can only be seen in the e-Procurement portal as well as in IDCO website.
**Sd./-Chief General Manager (P&C) IDCO, Bhubaneswar**
OIPR-14003/11/0291/2324

ଶାନ୍ତି ପଥେ ଉଗ୍ରପନ୍ଥୀ

ମଣିପୁରର ସବୁଠୁ ପୁରୁଣା ସଶସ୍ତ୍ର ଉଗ୍ରପନ୍ଥୀ ଗୋଷ୍ଠୀ ୟୁନାଇଟେଡ୍ ନ୍ୟାଶନାଲ ଲିବରେଶନ୍ ଫ୍ରଣ୍ଟ (ୟୁଏନ୍‌ଏଲ୍‌ଏଫ୍) କେନ୍ଦ୍ର ସରକାରଙ୍କ ସହ ଏକ ଶାନ୍ତି ଚୁକ୍ତିରେ ସ୍ୱାକ୍ଷର କରିଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ବୁଧବାର ଏହି ସୂଚନା ଦେଇଛନ୍ତି। ଇମ୍ଫାଲ ଉପତ୍ୟକାରେ ସକ୍ରିୟ ରହି ଭାରତୀୟ ବଳ ସହିତ ୭ ଦଶନ୍ଧି ଧରି ଲଢ଼େଇ କରିଆସିଥିବା ୟୁଏନ୍‌ଏଲ୍‌ଏଫ୍ ସହ ଆଲୋଚନା ଚାଲିଥିବା ବିଷୟ ଏହା ପୂର୍ବରୁ ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ପ୍ରକାଶ କରିଥିଲେ।



# ଭାରତମୁହାଁ ୱାଲ୍‌ମାର୍ଟ

## ଚାଇନା ଛାଡ଼ି ଭାରତରୁ ଆମଦାନୀ କରୁଛି ଶସ୍ତା ସାମଗ୍ରୀ




➤ୱାଲ୍‌ମାର୍ଟ ଚାଇନା ଉପରେ ନିର୍ଭରଶୀଳତା କମାଇ ଭାରତରୁ ଅଧିକ ଆମଦାନୀ କରୁଛି।

➤୨୦୧୮ରେ ଚାଇନାରୁ ୱାଲ୍‌ମାର୍ଟର ଆମଦାନୀ ୮୦% ଥିବାବେଳେ ୨୦୨୩ ଜାନୁୟାରୀରୁ ଅଗଷ୍ଟ ମଧ୍ୟରେ ଏହା ୬୦%କୁ ଖସିଛି।

➤କମ୍ପାନୀର ଯୋଗାଣ ଶୃଙ୍ଖଳରେ ଭାରତ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ୱାଲ୍‌ମାର୍ଟ କହିଛି।

ଲଣ୍ଡନ/ନ୍ୟୁୟର୍କ,୨୯।୧୧

ବିଶ୍ୱର ସର୍ବବୃହତ୍ ରିଟେଲର ୱାଲ୍‌ମାର୍ଟ ଚାଇନା ଉପରେ ନିଜ ନିର୍ଭରଶୀଳତା ହ୍ରାସ କରି ଆମେରିକାକୁ ଭାରତରୁ ଅଧିକ ସାମଗ୍ରୀ ଆମଦାନୀ କରୁଛି। ଖର୍ଚ୍ଚକାଟ ସହ ନିଜ ଯୋଗାଣ ଶୃଙ୍ଖଳରେ ବିବିଧତା ଆଣିବା ପାଇଁ କମ୍ପାନୀ ଏପରି ପଦକ୍ଷେପ ନେଇଥିବା କେତେକ ରିପୋର୍ଟରୁ ଜଣାପଡ଼ିଛି।

ୱାଲ୍‌ମାର୍ଟ ଆମେରିକାକୁ ନେଉଥିବା ସାମଗ୍ରୀର ଏକ-ଚତୁର୍ଥାଂଶ ଗତ ଜାନୁୟାରୀରୁ ଅଗଷ୍ଟ ମଧ୍ୟରେ ଭାରତରୁ ଆମଦାନୀ କରିଥିଲା, ଯାହାକି ୨୦୧୮ରେ ମାତ୍ର ୨% ରହିଥିଲା। ଏହି ସମୟରେ ନିଜ ଶିପ୍‌ମେଣ୍ଟ ମଧ୍ୟରୁ ୬୦% ଚାଇନାରୁ ଯାଇଥିଲା, ଯାହାକି ୨୦୧୮ରେ ୮୦% ଥିଲା। ଏହା ସତ୍ତ୍ୱେ ୱାଲ୍‌ମାର୍ଟର ସର୍ବବୃହତ୍ ରପ୍ତାନିକାରୀ ରାଷ୍ଟ୍ର ହେଉଛି ଚାଇନା। ଚାଇନାରୁ ଆମଦାନୀ କରାଯାଉଥିବା ସାମଗ୍ରୀଗୁଡ଼ିକର ଦର ବୃଦ୍ଧି ଏବଂ ୱାଶିଂଟନ୍ ଓ ବେଜିଂ ମଧ୍ୟରେ ଉତ୍ତେଜନାକୁ ଏଥିପାଇଁ ଦାୟୀ କରାଯାଉଛି। ଆମେରିକୀୟ କମ୍ପାନୀଗୁଡ଼ିକ ଏବେ ଭାରତ, ଥାଇଲାଣ୍ଡ ଓ ଭିଏତ୍‌ନାମ ସମେତ ଅନ୍ୟ ଦେଶଗୁଡ଼ିକରୁ ଆମଦାନୀ କରିବାକୁ ପସନ୍ଦ କରୁଛନ୍ତି।

ୱାଲ୍‌ମାର୍ଟ ଏକ୍‌ଜିକ୍ୟୁଟିଭ୍ ଭାଇସ୍ ପ୍ରେସିଡେଣ୍ଟ ଆଣ୍ଡ୍ରେଆ ଅଲ୍‌ବ୍ରାଇଟ୍ କହିଛନ୍ତି, ଆମକୁ ସର୍ବୋତ୍ତମ ମୂଲ୍ୟରେ ସାମଗ୍ରୀ ଦରକାର। ଅର୍ଥାତ୍ ଯୋଗାଣ ଶୃଙ୍ଖଳରେ ଆମେ ନମନୀୟତା ଚାହୁଁ। ଆମେ ଲଗାତର ଭାବେ ଝଡ଼ ଓ ଭୂକମ୍ପରୁ ନେଇ କଞ୍ଚାମାଲ ଅଭାବ ପର୍ଯ୍ୟନ୍ତ ସମସ୍ୟା ଭିତରେ ଏସବୁର ପରିଚାଳନା କରୁଥିବାରୁ କୌଣସି ଗୋଟିଏ ଯୋଗାଣକାରୀ ରାଷ୍ଟ୍ର ଉପରେ ନିର୍ଭରଶୀଳ ହୋଇ ବ୍ୟବସାୟ କରିହେବ ନାହିଁ। ଇତିମଧ୍ୟରେ ୱାଲ୍‌ମାର୍ଟର ଉତ୍ପାଦନ ଦକ୍ଷତା ବୃଦ୍ଧି ଉଦ୍ୟମରେ ଭାରତ ପ୍ରମୁଖ ଭୂମିକା ନେଇଛି। କମ୍ପାନୀ ୨୦୧୮ରୁ ଲଗାତର ଭାବେ ଭାରତରେ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିଛି। ୱାଲ୍‌ମାର୍ଟ ସେହିବର୍ଷ ଭାରତୀୟ ଇ-କମର୍ସ ଫାର୍ମ ଫ୍ଲିପ୍‌କାର୍ଟର ୭୭% ଅଂଶଧନ କିଣିଥିଲା। ୨୦୨୭ ସୁଦ୍ଧା ଭାରତରୁ ୧୦ ବିଲିୟନ୍ ଡଲାର ମୂଲ୍ୟର ସାମଗ୍ରୀ କିଣିବା ପାଇଁ ୨୦୨୦ରେ ଚୁକ୍ତିବଦ୍ଧ ହୋଇଥିଲା। ସେହି ଲକ୍ଷ୍ୟ ହାସଲ ଦିଗରେ ୱାଲ୍‌ମାର୍ଟ ଅଗ୍ରସର ହେଉଛି। ବର୍ତ୍ତମାନ ଭାରତରୁ ବାର୍ଷିକ ୩ ବିଲିୟନ୍ ଡଲାର ମୂଲ୍ୟର ସାମଗ୍ରୀ ଆମଦାନୀ କରାଯାଉଥିବା ଅଲ୍‌ବ୍ରାଇଟ୍ ସୂଚନା ଦେଇଛନ୍ତି।

## ଷୋଡ଼ଶ ଅର୍ଥ କମିଶନ ଗଠନକୁ ମଞ୍ଜୁରୀ

### ୨୦୨୫ ଅକ୍ଟୋବର ସୁଦ୍ଧା ରିପୋର୍ଟ ଦେବେ

ନୂଆଦିଲ୍ଲୀ,୨୯।୧୧

ଷୋଡ଼ଶ ଅର୍ଥ କମିଶନର ଟର୍ମ୍ସ ଅଫ୍ ରେଫରେନ୍ସ(ଟିଓଆର୍)କୁ କେନ୍ଦ୍ର ସରକାରଙ୍କ ମଞ୍ଜୁରୀ ମିଳିଛି। ଆୟୋଗ ଅବଧି ୨୦୨୬ ଏପ୍ରିଲ ୧ରୁ ୫ ବର୍ଷ ପର୍ଯ୍ୟନ୍ତ ରହିବ। ୧୬ତମ ଅର୍ଥ କମିଶନଙ୍କ ଜରୁରୀ ସର୍ତ୍ତକୁ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍‌ର ଅନୁମୋଦନ ମିଳିଥିବା ବିଷୟ ବୁଧବାର କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ସୂଚନା ଦେଇଛନ୍ତି। ଏହି କମିଶନ କେନ୍ଦ୍ର ଓ ରାଜ୍ୟଗୁଡ଼ିକ ମଧ୍ୟରେ ଟିକସ ଭାଗବଣ୍ଟା ସମ୍ପର୍କିତ ନିଷ୍ପତ୍ତି ନେବେ। କମିଶନ ନିଜ ପଞ୍ଚବାର୍ଷିକୀ (୨୦୨୬-୨୭ରୁ ୨୦୩୦-୩୧ ପର୍ଯ୍ୟନ୍ତ) ରିପୋର୍ଟ ୨୦୨୫ ଅକ୍ଟୋବର ୩୧ ସୁଦ୍ଧା ରାଷ୍ଟ୍ରପତିଙ୍କୁ ପ୍ରଦାନ କରିବେ। ଟିକସ ଓ ରାଜ୍ୟଗୁଡ଼ିକର ରାଜସ୍ୱ ବୃଦ୍ଧି ପଦକ୍ଷେପ ସହ କମିଶନ ବିପର୍ଯ୍ୟୟ ପରିଚାଳନା ଆଇନ, ୨୦୦୫ ବଳରେ ଗଠିତ ବିପର୍ଯ୍ୟୟ ମୁକାବିଲା ପଦକ୍ଷେପ ନିମନ୍ତେ ପାଣ୍ଠିଯୋଗାଣ ପାଇଁ ରହିଥିବା ବର୍ତ୍ତମାନ ବ୍ୟବସ୍ଥାର ମଧ୍ୟ ସମୀକ୍ଷା କରିବେ। ଷୋଡ଼ଶ ଅର୍ଥ କମିଶନ ଅଧ୍ୟକ୍ଷ ଓ ସଦସ୍ୟମାନଙ୍କ ନାମ ଶୀଘ୍ର ଚୂଡ଼ାନ୍ତ କରାଯିବ। କମିଶନଙ୍କ ଟିଓଆର୍ ସମ୍ପର୍କରେ ଉଚିତ ସମୟରେ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଏକ ସରକାରୀ ବିବୃତିରେ କୁହାଯାଇଛି।

## ଫାଷ୍ଟ ଟ୍ରାକ୍ ସ୍ୱତନ୍ତ୍ର କୋର୍ଟ ଅବଧି ୩ ବର୍ଷ ବୃଦ୍ଧି



କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର

ଦେଶରେ ଯୌନ ଅପରାଧ ସମ୍ପର୍କିତ ମାମଲାଗୁଡ଼ିକର ତ୍ୱରିତ ଫଇସଲା ପାଇଁ ଗଠିତ ଫାଷ୍ଟ ଟ୍ରାକ୍ ସ୍ୱତନ୍ତ୍ର ଅଦାଲତଗୁଡ଼ିକର ଅବଧିକୁ ଆଉ ୩ ବର୍ଷ ପାଇଁ ବୃଦ୍ଧି ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନ ମିଳିଛି। ୨୦୧୮ରେ ଆପରାଧିକ ଆଇନ ସଂଶୋଧନ ଆଇନ ଗୃହୀତ ହେବା ଏବଂ ଦିଲ୍ଲୀର ନିର୍ଭୟା ଗଣବଳାତ୍କାର ମାମଲାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୩୧ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ୧,୦୨୩ ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟ ଗଠନ କରିଥିଲେ। ସେଥିରୁ ୩୮୯ କୋର୍ଟରେ ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ପୋକ୍ସୋ ଆଇନ ବଳରେ ବିଚାର ହୋଇଥାଏ। ୨୦୧୯ ଗାନ୍ଧୀ ଜୟନ୍ତୀରେ ଏହି କୋର୍ଟଗୁଡ଼ିକ ପ୍ରତିଷ୍ଠା କରାଯାଇଥିଲା। ପ୍ରଥମେ ବର୍ଷେ ଓ ପରେ ଆଉ ୨ ବର୍ଷ ଅବଧି ବଢ଼ାଯାଇଥିଲା। ବର୍ତ୍ତମାନ ଆଉ ୩ ବର୍ଷ ଅବଧି ବୃଦ୍ଧି ଫଳରେ ସରକାରୀ ରାଜକୋଷକୁ ୧୯୫୨.୨୩ କୋଟି ଟଙ୍କାର ବୋଝ ସହିବାକୁ ପଡ଼ିବ। ଏଥିରୁ କେନ୍ଦ୍ର ୧୨୦୭.୨୪ କୋଟି ଓ ରାଜ୍ୟଗୁଡ଼ିକ ୭୪୪.୯୯ କୋଟି ଟଙ୍କା ପ୍ରଦାନ କରିବେ। କେନ୍ଦ୍ରୀୟ ଅର୍ଥ ନିର୍ଭୟା ପାଣ୍ଠିରୁ ଦିଆଯିବ।

## ଆଦାନୀ ବିଶ୍ୱର ୧୯ତମ ଧନୀ

ୱାଶିଂଟନ୍,୨୯।୧୧



ଭାରତର ବିଶିଷ୍ଟ ଶିଳ୍ପପତି ଗୌତମ ଆଦାନୀଙ୍କ ବ୍ୟବସାୟିକ ସାମାଜ୍ୟ ପୁଣିଥରେ ଅଣ୍ଟା ସଳଖିବାକୁ ବସିଲାଣି। ଶୁକ୍ରବାର ହିଣ୍ଡେନବର୍ଗ ରିପୋର୍ଟ ସମ୍ପର୍କିତ ରାୟକୁ ସୁପ୍ରିମକୋର୍ଟ ସଂରକ୍ଷିତ ରଖିବା ପରେ ମାର୍କେଟ ରାଲି ଯୋଗୁ ଆଦାନୀ ଗ୍ରୁପ୍‌ର କମ୍ପାନୀଗୁଡ଼ିକର ମୋଟ ସମ୍ପତ୍ତି ମୂଲ୍ୟ ପ୍ରାୟ ୧.୩୩ ଲକ୍ଷ କୋଟିକୁ ବଢ଼ିଛି। ୬.୫ ବିଲିୟନ ଆମେରିକୀୟ ଡଲାର ବୃଦ୍ଧି ସହ ବ୍ଲୁମ୍‌ବର୍ଗ ବିଲିୟନେୟାର ଇଣ୍ଡେକ୍ସର ୨୦ ଜଣିଆ ତାଲିକାରେ ୧୯ତମ ସ୍ଥାନ ଅଧିକାର କରିଛନ୍ତି। ତେବେ ଗତବର୍ଷ ତୁଳନାରେ ତାଙ୍କ ସମ୍ପତ୍ତିର ପରିମାଣ ୫୩.୮ ବିଲିୟନ୍ ଡଲାର କମ୍ ରହିଛି। ବୁଧବାର ଟ୍ରେଡିଂ ସେସନ୍‌ରେ ଆଦାନୀ ଗ୍ରୁପ୍ ଷ୍ଟକ୍ସ ୩୩,୦୦୦ କୋଟି ଟଙ୍କାରୁ ଅଧିକ ଉପରକୁ ଉଠିଛି। ଆଦାନୀ ହେଉଛନ୍ତି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ମୁଖ୍ୟ ମୁକେଶ ଅମ୍ବାନୀ(୮୯.୫ ବିଲିୟନ୍ ଡଲାର)ଙ୍କ ପରେ ଦ୍ୱିତୀୟ ଧନୀ ଭାରତୀୟ। ଚଳିତବର୍ଷ ଆରମ୍ଭରେ ହିଣ୍ଡେନ୍‌ବର୍ଗ ରିପୋର୍ଟ ପ୍ରଘଟ ହେବା ପରେ ଅଦାନୀ ଧନୀ ତାଲିକାର ୨୫ତମ ସ୍ଥାନରୁ ଆହୁରି ତଳକୁ ଖସିଯାଇଥିଲେ।

## ଶାନ୍ତି ପଥେ ଉଗ୍ରପନ୍ଥୀ

### କେନ୍ଦ୍ର ସହିତ ଚୁକ୍ତି ସ୍ୱାକ୍ଷର କଲା ମଣିପୁରର ୟୁଏନଏଲ୍‌ଏଫ୍

ଇମ୍ଫାଲ/ନୂଆଦିଲ୍ଲୀ,୨୯।୧୧

ମଣିପୁରର ସବୁଠୁ ପୁରୁଣା ସଶସ୍ତ୍ର ଉଗ୍ରପନ୍ଥୀ ଗୋଷ୍ଠୀ ୟୁନାଇଟେଡ୍ ନ୍ୟାଶନାଲ ଲିବରେଶନ୍ ଫ୍ରଣ୍ଟ (ୟୁଏନ୍‌ଏଲ୍‌ଏଫ୍) କେନ୍ଦ୍ର ସରକାରଙ୍କ ସହ ଏକ ଶାନ୍ତି ଚୁକ୍ତିରେ ସ୍ୱାକ୍ଷର କରିଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ବୁଧବାର ଏହି ସୂଚନା ଦେଇଛନ୍ତି। ଇମ୍ଫାଲ ଉପତ୍ୟକାରେ ସକ୍ରିୟ ରହି ଭାରତୀୟ ବଳ ସହିତ ୭ ଦଶନ୍ଧି ଧରି ଲଢ଼େଇ କରିଆସିଥିବା ୟୁଏନ୍‌ଏଲ୍‌ଏଫ୍ ସହ ଆଲୋଚନା ଚାଲିଥିବା ବିଷୟ ଏହା ପୂର୍ବରୁ ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ପ୍ରକାଶ କରିଥିଲେ।

## ଇସ୍ରୋ ବୈଜ୍ଞାନିକଙ୍କୁ ଫ୍ରାନ୍ସର ସର୍ବୋଚ୍ଚ ବେସାମରିକ ସମ୍ମାନ

ବେଙ୍ଗାଲୁରୁ,୨୯।୧୧



ଭି.ଆର୍. ଲଲିଥାମ୍ବିକା

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ସ୍ଥିତ ହ୍ୟୁମାନ୍ ସ୍ପେସ୍‌ଫ୍ଲାଇଟ୍ ପ୍ରୋଗ୍ରାମ୍ ଡିରେକ୍ଟୋରେଟ୍‌ର ପୂର୍ବତନ ନିର୍ଦ୍ଦେଶିକା ଭି.ଆର୍. ଲଲିଥାମ୍ବିକାଙ୍କୁ ଫ୍ରାନ୍ସର ସର୍ବୋଚ୍ଚ ବେସାମରିକ ସମ୍ମାନ ଦି ଲେଜିଅନ୍ ଅଫ୍ ଅନର ପ୍ରଦାନ କରାଯାଇଛି। ୨୦୧୮ରେ ଭାରତ ଓ ଫ୍ରାନ୍ସ ମଧ୍ୟରେ ମହାକାଶ ସହଯୋଗ କ୍ଷେତ୍ରରେ ଅବଦାନ ପାଇଁ ତାଙ୍କୁ ଏହି ମର୍ଯ୍ୟାଦାଜନକ ସମ୍ମାନ ଦିଆଯାଇଛି। ଫ୍ରାନ୍ସ ସରକାରଙ୍କ ତରଫରୁ ଭାରତରେ ଅବସ୍ଥାପିତ ଫ୍ରାନ୍ସ ରାଷ୍ଟ୍ରଦୂତ ଥିଏରି ମାଥୋଉ ବୈଜ୍ଞାନିକ ଲଲିଥାମ୍ବିକାଙ୍କୁ ମଙ୍ଗଳବାର ବେଙ୍ଗାଲୁରୁରେ ସମ୍ବର୍ଦ୍ଧିତ କରିଥିଲେ। ୧୮୦୨ରେ ଫରାସୀ ସମ୍ରାଟ ନେପୋଲିଅନ୍ ବୋନାପାର୍ଟ ଦି ଲେଜିଅନ୍ ଅଫ୍ ଅନର ପ୍ରତିଷ୍ଠା କରିଥିଲେ।

## ପିଏମ୍ ଜନମନକୁ କ୍ୟାବିନେଟ୍ ମଞ୍ଜୁରୀ

କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ (ପିଏମ୍-ଜନମନ)କୁ ମଙ୍ଗଳବାର ରାତିରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟର ମଞ୍ଜୁରୀ ମିଳିଛି। ଏଥିରେ ୧୧ଟି ନିର୍ଦ୍ଦିଷ୍ଟ ଦୁର୍ବଳ ଆଦିବାସୀ ଗୋଷ୍ଠୀକୁ ଫୋକସ୍ କରାଯାଇଛି ବୋଲି ବୁଧବାର କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ସୂଚନା ଦେଇଛନ୍ତି। ଝାଡ଼ଖଣ୍ଡର ଖୁଣ୍ଟିରେ ଜନଜାତୀୟ ଗୌରବ ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଯୋଜନା ଘୋଷଣା କରିଥିଲେ। ଉକ୍ତ ଯୋଜନା ଅଧୀନରେ ଉପରୋକ୍ତ ବର୍ଗର ଲୋକଙ୍କ ପାଇଁ ପକ୍କାଘର, ପାଇପ୍ ଯୋଗେ ଜଳଯୋଗାଣ ଓ ସଡ଼କ ନିର୍ମାଣ ବ୍ୟବସ୍ଥା ରହିଛି। ଏଥିପାଇଁ ମୋଟ ୨୪,୧୦୪ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ କେନ୍ଦ୍ର ୧୫,୩୩୬ କୋଟି ଓ ରାଜ୍ୟଗୁଡ଼ିକ ନିଜ ଅଂଶଧନ ବାବଦକୁ ୮,୭୬୮ କୋଟି ଟଙ୍କା ବହନ କରିବେ। ୧୮ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳ ଅଧୀନ ୨୨୦ ଜିଲାର ୨୮,୧୬,୦୦୦ (୨୮.୧୬ ଲକ୍ଷ)ରୁ ଊର୍ଦ୍ଧ୍ୱ ଆଦିବାସୀ ଏହି ଯୋଜନାରୁ ଉପକୃତ ହେବେ। ଯେଉଁ ଆଦିବାସୀମାନେ ଭାରତ ସରକାରଙ୍କ ଯୋଜନାଗୁଡ଼ିକରୁ ଅଦ୍ୟାବଧି ସୁବିଧା ପାଇପାରି ନାହାନ୍ତି, ସେମାନେ ପିଏମ୍-ଜନମନର ହିତାଧିକାରୀ ହେବେ ବୋଲି ଠାକୁର କହିଛନ୍ତି।

## ଫୁର୍‌ସତ୍

## ଅଳିଆ ଉଠା ବିଶ୍ୱକପ୍‌ରେ ବ୍ରିଟେନ ବିଜେତା

ଟୋକିଓ



ବିଶ୍ୱରେ ହକି, କ୍ରିକେଟ, ଫୁଟ୍‌ବଲ, ଚେସ୍‌ଠାରୁ ଆରମ୍ଭ କରି ଅନେକ ଟୁର୍ଣ୍ଣାମେଣ୍ଟ କରାଯାଇଥାଏ। ସେଥିମଧ୍ୟରୁ କ୍ରିକେଟ ଭଳି ଅନେକ ଖେଳର ବିଶ୍ୱକପ୍ ଚାମ୍ପିୟନଶିପ ମଧ୍ୟ କରାଯାଏ। ହେଲେ ନିକଟରେ ଏକ ଅଜବ ପ୍ରକାର ବିଶ୍ୱକପ୍ ଚାମ୍ପିୟନଶିପ ଆୟୋଜିତ ହୋଇଯାଇଛି। ରିପୋର୍ଟ ମୁତାବକ, ଜାପାନରେ ସ୍ପୋଜୋମି ବିଶ୍ୱକପ୍ ଅନୁଷ୍ଠିତ ହେଉଛି। ଏପରି ନାମ 'ସ୍ପୋର୍ଟ' ଏବଂ 'ଗୋମି' ଶବ୍ଦକୁ ମିଶାଇ ତିଆରି ହୋଇଛି, ଯାହା ଅଳିଆର ଜାପାନୀ ଶବ୍ଦ ଅଟେ। ଏହି ବିଶ୍ୱକପ୍‌ରେ ୨୧ ଦେଶର ୩ଟି ଟିମ୍ ଟୋକିଏ ସହରର ରାସ୍ତାରୁ ଘଣ୍ଟାଏ ମଧ୍ୟରେ ଅଳିଆ ଉଠାଇବାର କାର୍ଯ୍ୟ କରିବେ। ଏହି ଚାମ୍ପିୟନଶିପ୍‌ରେ ବ୍ରିଟେନ ୧୨୬.୨ ପାଉଣ୍ଡ ଅଳିଆ ଉଠାଇ ୯୦୪୬.୧ ପଏଣ୍ଟ କରି ପ୍ରଥମ ବିଜେତା ଭାବେ ଇତିହାସ ରଚିଛି। ବ୍ରିଟେନର ଅଧିନାୟକ ସାରା ପେରି ବୁଧବାର ଟ୍ରଫି ନେବା ସମୟରେ କହିଛନ୍ତି, ଆମକୁ ମହାସାଗରକୁ ସଫା କରିବା ଏବଂ ଅଳିଆକୁ କମ କରିବା ବହୁତ ଜରୁରୀ। ଏଥିପାଇଁ ଆମକୁ ଅଧିକ ସଚେତନ ହେବା ଆବଶ୍ୟକ। ମୋଟରେ ସମସ୍ତ ଟିମ୍ ମିଳିମିଶି ୧,୨୦୮ ପାଉଣ୍ଡ ଅଳିଆ ଉଠାଇଥିଲେ। ସେମାନେ କେଉଁ ପ୍ରକାରର ଅଳିଆ ଉଠାଇଛନ୍ତି, ତାହାକୁ ନେଇ ଟିମ୍‌କୁ ପଏଣ୍ଟ ଦିଆଯାଇଥିଲା। ଅଳିଆ ଉଠାଇବା ପରେ ତାକୁ ଅଲଗା ଅଲଗା ସ୍ଥାନରେ ରଖିବା ପାଇଁ ୨୦ ମିନିଟ୍ ସମୟ ମିଳିଥିଲା। ଯେଉଁଥିରେ ପ୍ଲାଷ୍ଟିକ ବୋତଲ, ସିଗାରେଟ୍, ମେଟାଲ କେନ ଭଳି ଅନେକ ପ୍ରକାରର ପଦାର୍ଥ ସାମିଲ ଥିଲା। ଏହାର ଦ୍ୱିତୀୟ ବିଶ୍ୱକପ୍ ୨୦୨୫ରେ ଟୋକିଓରେ ହେବ ବୋଲି ଜଣାପଡ଼ିଛି।

## ୨୦୨୫ ଅଗଷ୍ଟ ୧୪ରେ ହ୍ରିତିକ୍‌ଙ୍କ 'ୱାର-୨'

ମୁମ୍ବାଇ



ଅଭିନେତା ହ୍ରିତିକ ରୋଶନ ଏବଂ ଟାଇଗର ଶ୍ରଫଙ୍କ ଅଭିନୀତ ଫିଲ୍ମ 'ୱାର' ବକ୍ସ ଅଫିସରେ ହିଟ୍ ହୋଇଥିଲା। ଏବେ ତାହାର ଦ୍ୱିତୀୟ ଭାଗ 'ୱାର-୨' ଆସିବାକୁ ଥିବାବେଳେ ଦର୍ଶକ ଏହାର ଅପେକ୍ଷାରେ ଅଛନ୍ତି। ନିର୍ମାତା 'ୱାର-୨'ର ରିଲିଜ୍ ତାରିଖ ଘୋଷଣା ହୋଇଛି। ଚଳଚ୍ଚିତ୍ର ସମାଲୋଚକ ତରନ ଆଦର୍ଶ ଏକ୍ସ'ରେ ଫିଲ୍ମ ଅଫିସିଆଲ ତାରିଖ ଜଣାଇଛନ୍ତି। ଅୟାନ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ର ୨୦୨୫ ଅଗଷ୍ଟ ୧୪ରେ ପ୍ରେକ୍ଷାଳୟକୁ ଆସିବ। ସିନେମାରେ ହ୍ରିତିକ୍‌ଙ୍କ ବ୍ୟତୀତ ଜୁନିୟର ଏନ୍‌ଟିଆର୍, ଜନ୍ ଆବ୍ରାହମ୍, ଅଭିନେତ୍ରୀ କିଆରି ଆଡ୍‌ଭାନି ମୁଖ୍ୟ ଚରିତ୍ରରେ ନଜରକୁ ଆସିବେ। 'ୱାର-୨' ବ୍ୟତୀତ ହ୍ରିତିକ୍‌ଙ୍କ ପାଖରେ ଆଉ ଏକ ସିନେମା 'ଫାଇଟର' ରହିଛି, ଯାହା ଆସନ୍ତା ଜାନୁୟାରୀ ୨୫ରେ ମୁକ୍ତିଲାଭ କରିବ। ୧୯୮୦ରେ ହ୍ରିତିକ୍ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ସେବେଠାରୁ ସେ ତାଙ୍କର ଅନେକ ହିଟ୍ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଛନ୍ତି। ଶେଷଥର ପାଇଁ ତାଙ୍କୁ 'ଟାଇଗର-୩'ରେ ଦେଖିବାକୁ ମିଳିଥିଲା।

## ସବୁଠୁ ମହଙ୍ଗା ବିବାହ



**ପ୍ୟାରିସ:** ଫ୍ରାନ୍ସ ରାଜଧାନୀ ପ୍ୟାରିସରେ ଏକ ବାହାଘର ହୋଇଛି; ଯାହା ଏବେ ବେଶ୍ ଚର୍ଚ୍ଚାରେ ରହିଛି। ଏହି ବିବାହ ପାଇଁ ୧୦ ଲକ୍ଷ କି ୫୦ ଲକ୍ଷ ନୁହେଁ ୫୦୦ କୋଟି ଖର୍ଚ୍ଚ ହୋଇଥିବା ଜଣାପଡ଼ିଛି। ଗତ ୧୮ ତାରିଖରେ ହୋଇଥିବା ଏହି ବାହାଘର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଯାହାକୁ ସବୁଠୁ ବଡ଼ ବିବାହ ବୋଲି କୁହାଯାଉଛି। ଆମେରିକାର ଟେକ୍ସାସରେ ରହୁଥିବା ୨୬ ବର୍ଷୀୟା ମାଡେଲାଇନ ବ୍ରୋକ୍‌ୱେ ଫ୍ଲୋରିଡାର ଅଟୋମୋବାଇଲ ଗ୍ରୁପର ମୁଖ୍ୟ କାର୍ଯ୍ୟକାରୀ ଅଧ୍ୟକ୍ଷ ବାବ ବ୍ରୋକ୍‌ୱେଙ୍କ ଝିଅ। ତାଙ୍କ ମା' ପାଉଲା ବ୍ରୋକ୍‌ୱେ ଫ୍ଲୋରିଡାରେ ମର୍ସିଡିଜ୍ ବେଞ୍ଜର ଏକ ଶାଖାର ଭାଇସ ପ୍ରେସିଡେଣ୍ଟ।

ମାଡେଲାଇନ ଲମ୍ବା ସମୟ ଧରି ଜାକୋବ ଲାଗ୍ରୋନିଙ୍କୁ ଡେଟ୍ କରୁଥିଲେ। ଏବେ ସେମାନେ ବିବାହ କରିଛନ୍ତି। ବିବାହ ଉତ୍ସବ ୫ ଦିନ ଧରି ଚାଲିଥିଲା। ଏହି ୫ ଦିନିଆ ବିବାହରେ ୫୯ ମିଲିଅନ ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାରେ ୪୯୧ କୋଟି ୭୪ ଲକ୍ଷ ୭୫ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ବିବାହରେ ଏପରି ଖର୍ଚ୍ଚ ବାବଦରେ ଶୁଣି ବର-କନ୍ୟାଙ୍କ ସମ୍ପର୍କୀୟମାନେ ଆଶ୍ଚର୍ଯ୍ୟ ହୋଇଛନ୍ତି। ଯେଉଁ ପ୍ୟାଲେସରେ ସମ୍ପର୍କୀୟଙ୍କ ରହିବା ପାଇଁ ବନ୍ଦୋବସ୍ତ ହୋଇଥିଲା, ସେଠାକାର ଗୋଟେ ରାତିର ରହଣି ଖର୍ଚ୍ଚ ୨ ଲକ୍ଷରୁ ୧୧ ଲକ୍ଷ ପର୍ଯ୍ୟନ୍ତ। ମାଡେଲାଇନ ଟିକ୍‌ଟକ୍‌ରେ ତାଙ୍କ ଭବ୍ୟ ବିବାହର ସମସ୍ତ ତଥ୍ୟ ଶେୟାର କରିଛନ୍ତି।

## ୭ ମି.ମି.ର ଚେସ୍ ବୋର୍ଡ



**ଜୟପୁର:** ରାଷ୍ଟ୍ରୀୟ, ଅନ୍ତଃରାଷ୍ଟ୍ରୀୟ ସ୍ତରରେ ନିଜ କଳାର ଅଦ୍ଭୁତ କୌଶଳ ଦେଖାଇ କାଠ କଳାକାର ରାଜସ୍ଥାନର ମାଲଚନ୍ଦ୍ର ଜନଜିଡ଼୍ ବିଶ୍ୱସ୍ତରରେ ବେଶ୍ ପରିଚିତ। ତାଙ୍କ ପିଢ଼ି ପର ପିଢ଼ି ମଧ୍ୟ କାଠ କାରୁକାର୍ଯ୍ୟରେ ନିଜକୁ ନିୟୋଜିତ କରିଛନ୍ତି। ଜନଜିଡ଼୍ ପରିବାରର ୪ର୍ଥ ପିଢ଼ି ମଧ୍ୟ ଏହି କଳାକୁ ବଜାଇ ରଖିଛନ୍ତି। ନବମ ଶ୍ରେଣୀରେ ପଢୁଥିବା ୧୫ ବର୍ଷୀୟ ଶୁଭମ୍ ଏବେ ତାଙ୍କ ପରାକାଷ୍ଠା ଦେଖାଇଛନ୍ତି। ସେ ନଖ ଆକୃତିର ଏକ ଛୋଟ ଚେସ୍ ବୋର୍ଡ ଏବଂ ଗୋଟି ତିଆରି କରି ତାଙ୍କ ପିଢ଼ିକୁ ପଛରେ ପକାଇ ଦେଇଛନ୍ତି। ସେ ତାଙ୍କର ଏହି ଚେସ୍ ବୋର୍ଡ ଏବଂ ଗୋଟିକୁ ବିଶ୍ୱର ସବୁଠୁ ଛୋଟ ଆକାର ଭାବେ ଗିନିଜ୍ ବୁକ୍ ଅଫ୍ ରେକର୍ଡ୍ସରେ ଆବେଦନ କରିଛନ୍ତି। ଶୁଭମ୍‌ଙ୍କ ବାପା ପବନ ଜନଜିଡ଼୍ କହିଛନ୍ତି, ତାଙ୍କ ପୁଅ କିଛି ଭିନ୍ନ କରିବା ଉଦ୍ଦେଶ୍ୟରେ ୭ ମି.ମି.ର ଚେସ୍ ବୋର୍ଡ ଏବଂ ୩୨ ଗୋଟି ପ୍ରସ୍ତୁତ କରିଛନ୍ତି। ଶୁଭମ୍‌ଙ୍କ ପାଇଁ ଏପରି ସବୁଠୁ ଛୋଟ ଚେସ୍ ବୋର୍ଡ ତିଆରି କରିବା ସହଜ ନ ଥିଲା। ସର୍ବପ୍ରଥମେ ସେ ୨ ଇଞ୍ଚର ଚେସ୍, ପରେ ଦେଢ଼ ଇଞ୍ଚ, ୧ ଇଞ୍ଚ, ଏହା ପରେ ସେ ୭ ମି.ମି.ର ଚେସ୍ ବୋର୍ଡ ତିଆରି କରିଥିଲେ। ଚେସ୍‌ର ୩୨ଟି ଗୋଟିର ଆକୃତି ଆଙ୍ଗୁଠିର ନଖଠାରୁ ବି ଛୋଟ। ଶୁଭମ୍‌ଙ୍କୁ ଏହି ଛୋଟ ଚେସ୍ ତିଆରି ପାଇଁ ୧ ମାସ ସମୟ ଲାଗିଥିବା କହିଛନ୍ତି।

# ବିଜେଡିରେ ୫ କର୍ମକର୍ତ୍ତା ନିଯୁକ୍ତ

## ଆର୍ତ୍ତ ବିଶ୍ୱାଳ ସାଧାରଣ ସମ୍ପାଦକ

ଭୁବନେଶ୍ୱର,୨୯।୧୧
(ଅନିଲ ଦାସ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ବିଜୁ ଜନତା ଦଳର ଜଣେ ସାଧାରଣ ସମ୍ପାଦକ ଓ ୪ ଜଣ ସମ୍ପାଦକ ନିଯୁକ୍ତ କରିଛନ୍ତି। ଏ ନେଇ ବିଜେଡି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଆର୍ତ୍ତ ରଞ୍ଜନ ବିଶ୍ୱାଳଙ୍କୁ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଚିରଞ୍ଜୟ ସାହୁ, ବିଜୟ କୁମାର ବେହେରା, ସୋମିତ ମିତ୍ର ଏବଂ ଜନସନ ମହାପାତ୍ରଙ୍କୁ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି।

# ମହୀଧର ରଣାଙ୍କ ଗଡ଼ରେ ପରିବର୍ତ୍ତନ ସମାବେଶ

- ସମାବେଶରେ କନ୍ଧମାଳ ବଞ୍ଚାଅ ନାରା
- ବହୁଦଳୀୟ ନେତା ସାମିଲ

ବୌଦ୍ଧ/ଘଣ୍ଟାପଡା, ୨୯।୧୧
(ଅଜିତ କୁମାର ବାରିକ / ପ୍ରଭାତ ସାହୁ)

ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ବୌଦ୍ଧ ଜିଲାରେ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ତତ୍ପରତା ଦେଖାଦେଇଛି। ଜିଲାରେ ଦୁଇଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀ ରହିଛି। କିନ୍ତୁ କନ୍ଧମାଳ ନିର୍ବାଚନମଣ୍ଡଳୀରେ ଗତ କିଛି ଦିନ ହେବ ରାଜନୀତି ଉଷ୍ମ ହୋଇପଡିଛି। ଏହି ନିର୍ବାଚନମଣ୍ଡଳୀରେ ପରିବର୍ତ୍ତନ ସମାବେଶ ନାଁରେ ମହୀଧର ହଟାଅ ଅଭିଯାନ ଜୋର୍‌ଦାର ଆରମ୍ଭ ହୋଇଛି। ବୁଧବାର କନ୍ଧମାଳ ବିଧାନସଭା ମଣ୍ଡଳୀର ନାରାୟଣପ୍ରସାଦ ପଞ୍ଚାୟତ ରିଙ୍ଗାପଡା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ପରିବର୍ତ୍ତନ ସମାବେଶକୁ ଦେଖିଲେ ଶାସକ ଦଳରେ ଥିବା ଗୋଷ୍ଠୀ କନ୍ଦଳ ବାରି ହୋଇପଡୁଛି। ନାରାୟଣପ୍ରସାଦ ପଞ୍ଚାୟତର ବରିଷ୍ଠ ବିଜେଡି ନେତା ସତ୍ୟ ନାରାୟଣ ମାଝୀଙ୍କ ଅଧ୍ୟକ୍ଷତାରେ ଏହି ସମାବେଶ ମହୀଧରଙ୍କ ଗଡ଼ରେ କରାଯିବା ନେଇ ରାଜନୀତି ପୂରା ସରଗରମ ହୋଇପଡିଛି। ବିଜେଡିର ପୁରୁଖା ନେତା ତଥା ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ (ବବି) ରଥ ଉକ୍ତ ପରିବର୍ତ୍ତନ ସମାବେଶରେ ଯୋଗଦେଇ ମହୀଧର ହଟାଅ ଓ କନ୍ଧମାଳ ବଞ୍ଚାଅ ନାରା ଦେଇଥିଲେ। ଶାସକ ଦଳର କେତେଜଣ ପୁରୁଖା ନେତା ମହୀଧରଙ୍କୁ ମଧ୍ୟ ଖୋଲାଖୋଲି ବିରୋଧ କରିଥିଲେ। ନେତାମାନେ ଆଗାମୀ ସାଧାରଣ ନିର୍ବାଚନରେ ନିର୍ବାଚନମଣ୍ଡଳୀ ପାଇଁ ଜଣେ ଶିକ୍ଷିତ ପ୍ରାର୍ଥୀଙ୍କୁ ଚୟନ କରିବାକୁ ଆହ୍ୱାନ କରିଥିଲେ। ସମାବେଶରେ କନ୍ଧମାଳ ନିର୍ବାଚନମଣ୍ଡଳୀ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳସେଚନ ଆଦି କ୍ଷେତ୍ରରେ ପଛରେ ରହିଥିବା ନେତାମାନେ ଅଭିଯୋଗ କରିଥିଲେ। ସେହିପରି ବିଦ୍ୟାଳୟଗୁଡିକରେ ଶିକ୍ଷକ ଅଭାବ, ଯେଉଁଠି ବ୍ରିଜ ଦରକାର ନାହିଁ ସେଠାରେ ବ୍ରିଜ ନିର୍ମାଣ କରାଯିବା, ଚେକ୍ ଡ୍ୟାମ୍‌ଗୁଡିକରେ ଦୁର୍ନୀତି ହେବା ନେଇ ଅଭିଯୋଗ କରିଥିଲେ। ତେଣୁ ଦଳରେ ନେତୃତ୍ୱ ପରିବର୍ତ୍ତନ ଜରୁରୀ ବୋଲି ଯୋଗ ଦେଇଥିବା ସରପଞ୍ଚ, ସମିତି ସଭ୍ୟ, ପୂର୍ବତନ ଜନପ୍ରତିନିଧିମାନେ ମତପ୍ରକାଶ କରିଥିଲେ। ଉକ୍ତ ନିର୍ବାଚନମଣ୍ଡଳୀର ବିକାଶ ପାଇଁ ରାଜ୍ୟ ସରକାର ପର୍ଯ୍ୟାପ୍ତ ପରିମାଣର ଅର୍ଥ ଯୋଗାଇ ଦେଉଥିଲେ ମଧ୍ୟ ବିଧାୟକ ମହୀଧରଙ୍କ ଛତ୍ରଛାୟା ତଳେ ରହି ଅନେକ ଦୁର୍ନୀତିଗ୍ରସ୍ତ ବ୍ୟକ୍ତି ସେସବୁ ବାଟମାରଣା କରିବାରେ ଲାଗିଛନ୍ତି ବୋଲି ବୌଦ୍ଧ ବ୍ଲକ ଅଧ୍ୟକ୍ଷ ରଥ ଅଭିଯୋଗ କରିଥିଲେ। ପରିବର୍ତ୍ତନ ସମାବେଶରେ ବରପଦର ଗ୍ରାମର ବରିଷ୍ଠ ବିଜେଡି ନେତା ପ୍ରମୋଦ ରଣା, ତପନାର ଲିଙ୍ଗରାଜ ରଣା, ବିଜୟ କୁମାର ସାହୁ, ଖଲିଆପାଲି ପଞ୍ଚାୟତର ସମିତିସଭ୍ୟ କେଦାର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପୟଧର ମହାକୁଡ, ଲିକି ଦେହୁରୀ, ଗୁନ୍ଦୁଲିଆ ସରପଞ୍ଚ ଧବଳେଶ୍ୱର ସିଂ, ବହିରା ସରପଞ୍ଚ ଯଯାତି କେଶରୀ ମହଲିକ, ବାଉଁଶୁଣୀ ସମିତିସଭ୍ୟ ପ୍ରମୋଦ କୁମାର ଦେହୁରୀ, ଗୁନ୍ଦୁଲିଆ ସମିତିସଭ୍ୟ ବଳଦେବ କର୍ମୀ, ପୂର୍ଣ୍ଣଚନ୍ଦ୍ର ପୋଡଙ୍କ ସମେତ ବହୁ ସଂଖ୍ୟାରେ ନେତା ଓ ୧ ହଜାରରୁ ଉର୍ଦ୍ଧ୍ୱ କର୍ମୀ ସାମିଲ ହୋଇଥିଲେ। ପରିବର୍ତ୍ତନ ସମାବେଶ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ସୂଚନାଯୋଗ୍ୟ, ଗତ ୧୪ ତାରିଖରେ ବହିରାରେଠାରେ ମଧ୍ୟ ପରିବର୍ତ୍ତନ ସମାବେଶ ଅନୁଷ୍ଠିତ ହୋଇଥିଲା। ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ରଥଙ୍କ ନେତୃତ୍ୱରେ ଚାଲିଥିବା ପରିବର୍ତ୍ତନ ସମାବେଶରେ ମହୀଧରଙ୍କ ନେତୃତ୍ୱକୁ ବିରୋଧ କରାଯାଉଛି।

# ଦଳୀୟ ସଙ୍ଗଠନ ଆହୁରି ଦୃଢ଼ ହେବ: ଧର୍ମେନ୍ଦ୍ର



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଭାଜପାରେ ସାମିଲ ନେତା ଓ କର୍ମୀ।

## ନୂଆଦିଲ୍ଲୀରେ ଭାଜପାର ମିଶ୍ରଣ ପର୍ବ

ଅନୁଗୋଳ,୨୯।୧୧
(ଅମିତ କୁମାର ସାମଲ)

ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀ ୨ ନମ୍ବର ଜୋନ୍ ପୋକତୁଙ୍ଗା ପଞ୍ଚାୟତର ବରିଷ୍ଠ କଂଗ୍ରେସ ନେତା ଫକୀର ମୋହନ ପ୍ରଧାନଙ୍କ ସମେତ କଂଗ୍ରେସ ଓ ବିଜେଡିର କେତେଜଣ ସଦସ୍ୟ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ତାଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନରେ ଭାଜପାରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବ ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ସମସ୍ତଙ୍କୁ ଦଳରେ ସ୍ୱାଗତ କରିବା ସହ କହିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି, ଆଦର୍ଶ ଓ ଜନକଲ୍ୟାଣକାରୀ ଯୋଜନାରେ ଅନୁପ୍ରାଣିତ ହୋଇ ଦଳରେ ସାମିଲ ହୋଇଥିବାରୁ ଧନ୍ୟବାଦ। ସମସ୍ତଙ୍କ ଯୋଗଦାନ ଅନୁଗୋଳ ସମେତ ଓଡ଼ିଶାରେ ଭାଜପା ସଙ୍ଗଠନକୁ ଅଧିକ ସୁଦୃଢ଼ କରିବ। ରାଜ୍ୟରେ ପ୍ରଧାନମନ୍ତ୍ରୀଙ୍କ ହାତମୁଠା ଟାଣ କରିବା ପାଇଁ କାର୍ଯ୍ୟକର୍ତ୍ତାମାନଙ୍କୁ ପରିଶ୍ରମ କରିବା ଏବଂ ବିକାଶର ନାରା ଓ କଲ୍ୟାଣକାରୀ ଯୋଜନାକୁ ଘରେ ଘରେ ପହଞ୍ଚାଇବା ପାଇଁ ସେ ପରାମର୍ଶ ଦେଇଥିଲେ। ଏହି ମିଶ୍ରଣ ପର୍ବରେ ପୋକତୁଙ୍ଗା ସେବା ସମବାୟ ସମିତି ସଭାପତି ମାମିଲତା ପ୍ରଧାନ, କଂଗ୍ରେସ ନେତା ରଞ୍ଜନ ସାହୁ, ବିଜେଡି ନେତା ଦେବାଞ୍ଜନ ଦେହୁରୀ, ଅଜୟ ପ୍ରଧାନ, ଅମର ବେହେରା, ସୁଶାନ୍ତ ସାହୁ, ଦୁଷ୍ମନ୍ତ ପ୍ରଧାନ, ଅରୁଣ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଭାଜପାରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ।

# ଓଡ଼ିଶାରେ ଆଞ୍ଚଳିକ ବୈଷମ୍ୟ କମିଟି ଗଠନର ଆବଶ୍ୟକତା ରହିଛି: କଂଗ୍ରେସ

ଭୁବନେଶ୍ୱର, ୨୯।୧୧(ସୁନିତ୍ ମିଶ୍ର)

ଓଡ଼ିଶାରେ ଆଞ୍ଚଳିକ ବୈଷମ୍ୟ କମିଟି ଗଠନର ଆବଶ୍ୟକତା ରହିଛି। ରାଜ୍ୟରେ ମାଗଣା ଚାଉଳ ବଣ୍ଟନ ବ୍ୟବସ୍ଥା ଯୋଗୁ କ୍ଷୁଧା ନିବାରଣ କିଛି ମାତ୍ରାରେ ହୋଇଛି ସତ, କିନ୍ତୁ ଏହା ଦାରିଦ୍ର୍ୟ ଦୂରୀକରଣ କରିପାରିବ ନାହିଁ। ଓଡ଼ିଶା ସରକାରଙ୍କ ଦ୍ୱାରା କରାଯାଉଥିବା ପ୍ରଚାର ଓ ପ୍ରସାର ସମ୍ପୂର୍ଣ୍ଣ ଭ୍ରମାତ୍ମକ ଏବଂ ଓଡ଼ିଶାରେ ଦାରିଦ୍ର୍ୟର ବାସ୍ତବ ଚିତ୍ରକୁ ଘୋଡ଼ାଇଦେବା ଲାଗି ଏକମାତ୍ର ପ୍ରୟାସ। ନୀତି ଆୟୋଗଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ତଥ୍ୟକୁ ଯଦି ଆମେ ଦେଖିବା ସେଥିରୁ ଓଡ଼ିଶାର ଦାରିଦ୍ର୍ୟ ସମ୍ବନ୍ଧରେ ଏକ ବିକଳ ଚିତ୍ର ସାମ୍ନାକୁ ଆସେ ବୋଲି କଂଗ୍ରେସ ନେତା ପଞ୍ଚାନନ କାନୁନ୍‌ଗୋ କହିଛନ୍ତି। କଂଗ୍ରେସ ଭବନଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପଞ୍ଚାନନ କହିଛନ୍ତି, ବର୍ତ୍ତମାନ ସମୟରେ ରାଜ୍ୟରେ ରକ୍ତହୀନତା ରୋଗର ଶିକାର ହୋଇଥିବା ମହିଳାଙ୍କ ସଂଖ୍ୟା ୬୪.୩ ପ୍ରତିଶତ ଥିବାବେଳେ ୬ରୁ ୫୯ ମାସ ଶିଶୁମାନଙ୍କ କ୍ଷେତ୍ରରେ ରକ୍ତହୀନତା ରୋଗର ପରିମାଣ ୬୪.୨ ପ୍ରତିଶତ ହେବ। ଅତ୍ୟଧିକ କୁପୋଷଣର ଶିକାର ହୋଇଥିବା ଶିଶୁଙ୍କ ସଂଖ୍ୟା ୮ ପ୍ରତିଶତ। ରାଜ୍ୟରେ ଶିଶୁ ମୃତ୍ୟୁହାର ସଂଖ୍ୟା ୩୬.୩ ପ୍ରତିଶତ ହୋଇଥିବା ବେଳେ ମାତୃ ମୃତ୍ୟୁହାର କଥା ନ କହିବା ଭଲ। କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା ରାଜ୍ୟର ୧୦ଟି ଆକାଂକ୍ଷୀ ଜିଲାର ଅବସ୍ଥା ନ କହିଲେ ଭଲ। ୨୦୦୨–୦୮ ମଧ୍ୟରେ ତତ୍କାଳୀନ ଆଞ୍ଚଳିକ ବୈଷମ୍ୟ କମିଟି ଯେଉଁ ରିପୋର୍ଟ ପ୍ରଦାନ କରିଥିଲେ ତାକୁ ସାର୍ବଜନୀନ କରିବା ସହ ବର୍ତ୍ତମାନ ଆଉ ଗୋଟିଏ କମିଟି ଗଠନ କରି ଓଡ଼ିଶାର ଜିଲା ଗୁଡିକ ମଧ୍ୟରେ ଥିବା ବୈଷ୍ୟମତାକୁ ରିପୋର୍ଟ ଆଧାରରେ ରାଜ୍ୟବାସୀଙ୍କ ସାମ୍ନାରେ ରଖନ୍ତୁ। ଏହାଦ୍ୱାରା ଓଡ଼ିଶାରେ ଗରିବି ଏବଂ ଦାରିଦ୍ର୍ୟର ତାଡ଼ନାରେ ଅହରହ ସଂଗ୍ରାମ କରୁଥିବା ସାଧାରଣ ଲୋକଙ୍କ ପ୍ରକୃତ ଚିତ୍ର ସାମ୍ନାକୁ ଆସିବ ଏବଂ ରାଜ୍ୟ ସରକାରଙ୍କ ମିଛି ଦାବି ସମ୍ପର୍କରେ ମଧ୍ୟ ଜଣାପଡ଼ିବ ବୋଲି ସେ କହିଛନ୍ତି।

# ଗିରଫ ଆଇଆଇସି ସୁଶାନ୍ତଙ୍କର ବିଜେଡି ଲିଙ୍କ୍ ରହିଛି: ଭାଜପା

ଭୁବନେଶ୍ୱର, ୨୯।୧୧
(ସୁନିତ୍ ମିଶ୍ର)

୩୭ ଲକ୍ଷ ଟଙ୍କାର ନଗଦ କଳା ଟଙ୍କା ଜବତ ଘଟଣାରେ ଗିରଫ ହୋଇଥିବା ବୈପାରିଗୁଡ଼ା ଥାନା ଆଇଆଇସି ସୁଶାନ୍ତ ଶତପଥୀଙ୍କ ବିଜେଡି ଲିଙ୍କ୍ ରହିଛି। ଜବତ ହୋଇଥିବା ଏତେ ପରିମାଣର ଟଙ୍କା ସହ ଗଞ୍ଜେଇ ଚୋରାଚାଲାଣ ବେପାରର ସମ୍ପର୍କ ରହିଥିବା ଭାଜପା ମୁଖପାତ୍ର ଅନିଲ ବିଶ୍ୱାଳ ଅଭିଯୋଗ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅନିଲ କହିଛନ୍ତି, ସେହି ଗଞ୍ଜେଇ ଚୋରା ଚାଲାଣରେ ୨ଜଣ ନେତାଙ୍କ ସମ୍ପୃକ୍ତି ରହିଛି। କେବଳ ସେତିକି ନୁହେଁ, ସରକାରୀ ନିଯୁକ୍ତି ଦୁର୍ନୀତି ଘଟଣାରେ ଗିରଫ ହୋଇଥିବା ଓଏସ୍‌ଏସ୍‌ସିର ପୂର୍ବତନ କର୍ମଚାରୀ ବିରଞ୍ଚି ସାହୁଙ୍କ ସହିତ ସୁଶାନ୍ତଙ୍କ ଘନିଷ୍ଠ ସମ୍ପର୍କ ମଧ୍ୟ ରହିଥିଲା। ସରକାରୀ ନିଯୁକ୍ତି ଦୁର୍ନୀତି ଘଟଣାରେ ଅନେକ ବଡବଡିଆଙ୍କ ସମ୍ପୃକ୍ତି ଥିଲା। ବିଜେଡିର ଜଣେ ଏମ୍‌ପିଙ୍କ ଅଭିନୀତ ଏକ ଚଳଚ୍ଚିତ୍ରରେ ସୁଶାନ୍ତ ଅଭିନୟ କରିବା ସହ ଅର୍ଥ ବିନିଯୋଗ ମଧ୍ୟ କରିଛନ୍ତି ବୋଲି ଅଭିଯୋଗ ଉଠୁଥିବା ଅନିଲ କହିଛନ୍ତି।


## ଦ.ପୂ. ରେଳପଥ - ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡିଭିଜନାଲ ରେଲୱେ ମ୍ୟାନେଜର (ଇଏନ୍‌ଜିକି.), ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି। ଉକ୍ତ ଟେଣ୍ଡର ପାଇଁ ମାନୁଆଲ୍ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। କ୍ର.ସଂ. ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ କାର୍ଯ୍ୟର ନାମ ନିମ୍ନ ଅନୁଯାୟୀ ଅଟେ: (୧) ସିକେପି-ସିଇଏନ୍-୨୩-୨୪-୩୪। ଚକ୍ରଧରପୁର ସେଟଲମେଣ୍ଟ ଅଧୀନରେ ଷ୍ଟାଫ୍ କ୍ୱାର୍ଟର୍ସ (ଅଫିସର୍ସ କ୍ୱାର୍ଟର୍ସକୁ ଛାଡ଼ି)ର ସାମୟିକ କଲର୍ ୱାଶିଂ ଡିସ୍‌ଟେମ୍ପେରିଂ ଏବଂ କବାଟ/ଝରକା ରଙ୍ଗ କରିବା। ଟେଣ୍ଡର ମୂଲ୍ୟ: ₹୧,୭୪,୫୮,୮୬୫.୫୬। ଇଏମ୍‌ଡି: ₹୨,୩୭,୩୦୦/-। (୨) ସିକେପି-ସିଇଏନ୍-୨୩-୨୪-୩୫। ପୁରୁଣା ଏବଂ ନୂଆ ରେଲୱେ ଡିଭିଜନାଲ ହସ୍ପିଟାଲ/ଚକ୍ରଧରପୁରଠାରେ ମେଡିକାଲ ଷ୍ଟୋର୍ ରୁମ୍, ଆଇସିୟୁ ରୁମ୍, ପାଟେରି, କିଚେନ୍ ରୁମ୍, ଚଲାପଥ, ଶୌଚାଳୟର ମରାମତି କାମ ଓ ଅନ୍ୟାନ୍ୟ ବିବିଧ କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ₹୭୩,୮୬,୧୩୯.୬୧। ଇଏମ୍‌ଡି: ₹୧,୪୭,୭୦୦/-। (୩) ସିକେପି-ସେଣ୍ଟ୍ରାଲ-୨୩-୨୪-୩୬। ଏସ୍‌ଇଆର୍ (ଜିଏସ୍‌ଡି/ସିକେପି)ର ବିଭିନ୍ନ ନୂଆ ଷ୍ଟୋର୍ସ ଡିପୋଠାରେ ଭିତ୍ତିଭୂମିର ଉନ୍ନତୀକରଣ। ଟେଣ୍ଡର ମୂଲ୍ୟ: ₹୮୧,୧୪,୮୧୫.୪୪। ଇଏମ୍‌ଡି: ₹୧,୬୨,୩୦୦/-। ଟେଣ୍ଡର ଫର୍ମ ମୂଲ୍ୟ: ପ୍ରତ୍ୟେକ ପାଇଁ ₹୦। ଖୋଲାଯିବା ତାରିଖ: ପ୍ରତ୍ୟେକ ପାଇଁ ତା୨୬।୧୨।୨୦୨୩ରିଖ। ଠିକାର ପ୍ରକାର: ପ୍ରତ୍ୟେକ ପାଇଁ କାର୍ଯ୍ୟ ଠିକା। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବ ଓ ସେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ। (PR-864)



## NOTIFIED AREA COUNCIL, CHATRAPUR
ଛତ୍ରପୁର, ଗଞ୍ଜାମ ଜିଲ୍ଲା – ୭୬୧୦୨୦
E-mail: nacchatrapur@rediffmail.com/chatrapur@gmail.com
Web: www.chatrapurnac.in, Contact No.: (06811) 263975
Letter No. 4477/NAC Date: 29.11.2023

### QUOTATION CALL NOTICE

Sealed quotation/tenders are invited from interested/reputed Electrical Contractor/Service Provider for construction of 11KV Line and Installation of 1 × 100 KVA, 11/0.4 KV S/S (Hand over to TPSODL) for Power Supply to the Smart Park Load (41 KW/46 KVA), Ward No. 14, NAC, Chatrapur. Details of Project in Quotation Paper. Hence interested party can obtain their quotation paper from the Office of N.A.C., Chatrapur, from 11.00 A.M. of 29.11.2023 to 01.00 P.M. of 08.12.2023 during office hours of working day by depositing paper cost as Cash Receipt.

The last date & time of submission of quotation paper is 08.12.2023 upto 03.00 P.M. The documents like PAN Card, GST, Farm Reg./Work Licence/Experience etc. in photo copy in this regard should be produced along with quotation paper. The same will be opened at 4.00 P.M. dated 08.12.2023 in the presence of the quotationer or their authorized representative in the Chamber of the Executive Officer, NAC, Chatrapur.

Sd./- Executive Officer
N.A.C., Chatrapur



## कार्यपालक अभियंता का कार्यालय
### ग्रामीण कार्य विभाग, कार्य प्रमण्डल, धनबाद।

**शुद्धि पत्र**

सर्वसाधारण को सूचित किया जाता है कि इस कार्यालय के ई–अति अल्पकालीन निविदा आमंत्रण सूचना संख्या RWD/DHANBAD/20/23-24 दिनांक 19.10.2023 जिसका पी0आर0 311727 Rural Works Department (23-24) के निविदा आमंत्रण सूचना में अपरिहार्य कारणवश तिथि में सुधार की जाती है।

1. वेबसाईट में निविदा प्रकाशन की तिथिः– 04.12.2023
2. ई–निविदा प्राप्ति की अंतिम तिथि एवं समयः– 11.12.2023 अपराह्न 5.00 बजे तक।
4. निविदा खोलने की तिथि एवं समयः– 12.12.2023 अपराह्न 3.30 बजे।

शेष सभी शर्तें यथावत रहेंगी।

कार्यपालक अभियंता
ग्रामीण कार्य विभाग, कार्य प्रमण्डल,
धनबाद।

PR 312238 (Rural Work Department) 23-24 (D)



## कार्यपालक अभियंता का कार्यालय
### ग्रामीण कार्य विभाग, कार्य प्रमण्डल,खूँटी

**शुद्धि पत्र**

एतत् द्वारा सर्वसाधारण को सूचित किया जाता है कि ग्रामीण कार्य विभाग, कार्य प्रमण्डल, खूँटी के अंतर्गत निकाली गई ई०–निविदा आमंत्रण सं०– 13/2023-24/RWD/KHUNTI, दिनांक– 23.11.2023, जिसका पी० आर० संख्या– 311920 Rural Work Department (2023-24)D द्वारा प्रकाशित है, जिसमें निम्न प्रकार से आंशिक संशोधन किया जाता है :–

| क्र० सं० | विवरण | पूर्व प्रकाशित विवरणी (आईडेन्टीफिकेशन सख्या / पैकेज संख्या) | संशोधित विवरणी (आईडेन्टीफिकेशन सख्या / पैकेज संख्या) |
|---|---|---|---|
| 1 | आईडेन्टीफिकेशन सख्या / पैकेज संख्या। | RWD/KHUNTI/ STPKG/07/2023-24 | RWD-KHU-STPKG-02/2023-24 |

निविदा सूचना की शेष शर्तें पूर्ववत रहेगी।
विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

विश्वासभाजन
कार्यपालक अभियंता
ग्रामीण कार्य विभाग, कार्य प्रमण्डल,खूँटी

PR 312276 Rural Work Department(23-24).D



## ପୂର୍ବ ତଟ ରେଳପଥ
### ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ଖାଦ୍ୟ ସରବରାହ ୟୁନିଟ୍ ନିମନ୍ତେ ଇ-ନିଲାମ

ସଂ. G.129/Catg/E-auction/5492, ତା. 20.11.2023 ରିଖ

| କ୍ର.ସଂ. | ଷ୍ଟେସନର ନାମ | ଷ୍ଟଲର ବର୍ଗ | ଲଟ୍ ନଂ. |
|---|---|---|---|
| 1 | ମଣ୍ଟସା ରୋଡ଼ | ଜେନେରାଲ ମାଇନର ୟୁନିଟ୍ (ସ୍ୱାଧୀନତା ସଂଗ୍ରାମୀ, ଯୁଦ୍ଧ ବିଧବା, ରେଳବାଇ କର୍ମଚାରୀଙ୍କ ବିଧବା ପତ୍ନୀ) | Catg-KUR-MMS-GMU-100-23-1 |
| 2 | ବାଣୀବିହାର | ଜେନେରାଲ ମାଇନର ୟୁନିଟ୍ (ସମସ୍ତଙ୍କ ପାଇଁ) | Catg-KUR-BNBH-GMU-62-23-1 |
| 3 | କାଠଯୋଡ଼ି | ଜେନେରାଲ ମାଇନର ୟୁନିଟ୍ (ସମସ୍ତଙ୍କ ପାଇଁ) | Catg-KUR-KTJI-GMU-77-23-1 |
| 4 | ଭୁବନେଶ୍ୱର | (ସ୍ୱାଧୀନତା ସଂଗ୍ରାମୀ, ଯୁଦ୍ଧ ବିଧବା, ରେଳବାଇ କର୍ମଚାରୀଙ୍କ ବିଧବା ପତ୍ନୀ) | Catg-KUR-BBS-SMU-8-22-1 |
| 5 | ଢେଙ୍କାନାଳ | ଜେନେରାଲ ମାଇନର ୟୁନିଟ୍ (ଅନୁସୂଚିତ ଜନଜାତି) | Catg-KUR-DNKL-SMU-73-23-1 |

ଷ୍ଟେସନର ବର୍ଗ : E (NSG-6)(କ୍ରମ ସଂ.1 ପାଇଁ), F (HG-2)(କ୍ରମ ସଂ.2 ଏବଂ 3 ପାଇଁ), A-1 (NSG-2)(କ୍ରମ ସଂ.4 ପାଇଁ) ଏବଂ A (NSG-4)(କ୍ରମ ସଂ.5 ପାଇଁ), ୟୁନିଟ୍ ର ପ୍ରକାର: ଖାଦ୍ୟ ସରବରାହ ଷ୍ଟଲ (ସମସ୍ତ କ୍ରମ ସଂଖ୍ୟା ନିମନ୍ତେ), ୟୁନିଟ୍ ର ଆକାର: 8"x6" (ସମସ୍ତ କ୍ରମ ସଂଖ୍ୟା ନିମନ୍ତେ), ୟୁନିଟ୍ ର ସ୍ଥାନ: ପ୍ଲାଟଫର୍ମ ନଂ.1 ଠାରେ (କ୍ରମ ସଂ.1,2 ଏବଂ 3 ପାଇଁ), ପ୍ଲାଟଫର୍ମ ନଂ.6 (କଟକ ସୀମା)ଠାରେ (କ୍ରମ ସଂ.4 ପାଇଁ) ଏବଂ ପ୍ଲାଟଫର୍ମ ନଂ.2 (ଫୁଟ୍‌ଓଭର ବ୍ରିଜ)ଠାରେ (କ୍ରମ ସଂ. 5 ପାଇଁ)।
ନିଲାମର ତାରିଖ ଓ ସମୟ: ତା.05.12.2023ରିଖ 1200-1310 ଘଟିକା (ସମସ୍ତ କ୍ରମ ସଂଖ୍ୟା ନିମନ୍ତେ)।
ଦ୍ରଷ୍ଟବ୍ୟ: ଉପରୋକ୍ତ ଇ-ନିଲାମର ସମସ୍ତ ବିବରଣୀ ଇ-ନିଲାମ ନଥିପତ୍ର ସହିତ ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
PR-815/O/23-24 ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ଖୋର୍ଦ୍ଧା ରୋଡ଼



## ନିୟନ୍ତ୍ରିତ ବଜାର କମିଟି, ହିଞ୍ଜିଳିକାଟୁ, ଗଞ୍ଜାମ

ଦୈନିକ ଖବର କାଗଜ ''ଧରିତ୍ରୀ''ର ୫୦ତମ ବାର୍ଷିକ ପାଳନ ଅବସରରେ ନିୟନ୍ତ୍ରିତ ବଜାର କମିଟି, ହିଞ୍ଜିଳିକାଟୁ ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।

### ନିୟନ୍ତ୍ରିତ ବଜାର କମିଟିର ଆଭିମୁଖ୍ୟ

୧. କୃଷିଜାତ ଦ୍ରବ୍ୟ ସଠିକ୍ ବିପଣନ ନିମନ୍ତେ ବଜାର ପ୍ରାଙ୍ଗଣ, କୃଷକ ବଜାର ଓ ବିପଣନ ସୌଧମାନ ସ୍ଥାପନ କରି ଚାଷୀ, ବ୍ୟବସାୟୀ ଓ ସାଧାରଣ ଖାଉଟିମାନଙ୍କ ଉପଯୋଗୀ ନିମନ୍ତେ ଆନୁଷଙ୍ଗିକ ସୁବିଧା ଯୋଗାଇ ଦେବା।
୨. କୃଷିଜାତ ଦ୍ରବ୍ୟର ସଠିକ୍ ସଂରକ୍ଷଣ ନିମନ୍ତେ ଗୋଦାମ ଗୃହ ନିର୍ମାଣ ସହିତ ଓ ମୁଖ୍ୟ ବଜାର ପ୍ରାଙ୍ଗଣ ହିଞ୍ଜିଳିକାଟୁଠାରେ ଦୁଇ ଗୋଟି, ଛତ୍ରପୁର ଉପ-ବଜାର ପ୍ରାଙ୍ଗଣରେ ୪ଗୋଟି ଓ ହିରପୁର ବୁରୁଡ଼ି ଉପ-ବଜାର ପ୍ରାଙ୍ଗଣରେ ୨ ଗୋଟି ସୌର ଚାଳିତ ଶୀତଳୀକରଣ ପ୍ରକୋଷ୍ଠ ସ୍ଥାପନ କରାଯାଇଅଛି।
୩. କୃଷିଜାତ ଦ୍ରବ୍ୟର ସଠିକ୍ ଓଜନ ଓ ଉଚିତ୍ ମୂଲ୍ୟ ପ୍ରାପ୍ୟରେ କୃଷକ ଭାଇମାନଙ୍କୁ ସହଯୋଗ କରିବା।
୪. ଚାଷୀଙ୍କଠାରୁ ବଜାର ପ୍ରାଙ୍ଗଣ ଓ ଧାନ କ୍ରୟ କେନ୍ଦ୍ରମାନଙ୍କରେ ସରକାରୀ ଦରରେ ସିଧାସଳଖ ଧାନ କ୍ରୟ କରିବା ପାଇଁ ସମସ୍ତ ପ୍ରକାର ଭିତ୍ତିଭୂମିର ସୁବ୍ୟବସ୍ଥା କରିବା।
୫. ଉତ୍ପାଦିତ କୃଷିଜାତ ଦ୍ରବ୍ୟର ସଠିକ୍‌ମାନ ନିରୂପଣ କରିବା ନିମନ୍ତେ ଚାଷୀ ଓ ବ୍ୟବସାୟୀମାନଙ୍କୁ ବିଭିନ୍ନ ସମୟରେ ତାଲିମ ଓ ସଚେତନତା ଶିବିରରେ ଆୟୋଜନ ଦ୍ୱାରା କୁଶଳୀ କରାଇବା।
୬. ମଣ୍ଡିସ୍ତରରେ ଇ-ନାମ (e-NAM) ଦ୍ୱାରା ଉତ୍ପାଦିତ କୃଷିଜାତ ଦ୍ରବ୍ୟର ସଠିକ୍ ବିପଣନ ଓ ଉପଯୁକ୍ତ ମୂଲ୍ୟ ପ୍ରଦାନ ନିମନ୍ତେ ସୁବ୍ୟବସ୍ଥା କରିବା।
୭. ମାଇକ ପ୍ରଚାର ମାଧ୍ୟମରେ ପ୍ରତ୍ୟେକ ଖରିଫ୍ ଋତୁରେ ଧାନ ସଂଗ୍ରହ ପ୍ରକ୍ରିୟାରେ ଭାଗ ନେବାକୁ ଇଚ୍ଛୁକ ଥିବା ଚାଷୀ ଭାଇମାନେ ସେମାନଙ୍କ ନାମକୁ ନିକଟସ୍ଥ ସେବା ସମବାୟ ସମିତିରେ ପଞ୍ଜୀକରଣ କରିବା ସହ ଧାନର ଦର ଓ F.A.Q. ମାନ ଚାଷୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା।

ସ୍ୱା./– ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି, ହିଞ୍ଜିଳିକାଟୁ

ସ୍ୱା./– ଉପ-ଜିଲ୍ଲାପାଳ
ଛତ୍ରପୁର ତଥା ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, ହିଞ୍ଜିଳିକାଟୁ



## यूनियन बैंक ऑफ़ इंडिया Union Bank of India
भारत सरकार का उपक्रम / A Government of India Undertaking

### କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ମଧ୍ୟ ସେମାନେ ଋଣ ପରିଶୋଧ କରୁନାହାଁନ୍ତି। ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୨୨.୧୨.୨୦୨୩ରିଖ ଅପରାହ୍ନ ୧୨.୩୦ ଘଟିକା ସମୟରେ** ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡିକୁ ନିଲାମ କରାଯିବ। ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେବ। ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡିକ ନେଇପାରିବେ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା/ ସୁନା ଋଣ ଆକାଉଣ୍ଟ ନଂ. | ନେଟ୍ ଓଜନ (ଗ୍ରାମ୍‌ରେ) | ମୋଟ ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ହଳଦିଆପଦର ଶାଖା, ରାଜଭ ରୋଡ, ହଳଦିଆପଦର ସ୍କୋୟାର, ହଳଦିଆପଦର, ବ୍ରହ୍ମପୁର, ଗଞ୍ଜାମ-୭୬୦୦୦୩, ମୋ.: ୭୩୭୯୧୬୬୦୦୧** | | |
| ୧. | କୃଷ୍ଣ ଚନ୍ଦ୍ର ସାହୁ, ପିତା: ୪ କନ୍ଧ ସାହୁ, ସା: ଭାବନଗର-୨ଲେନ୍, ଆପୋଲୋ ହସ୍ପିଟାଲ ନିକଟ, ଗଞ୍ଜାମ / ୧୯୮୮୧୬୫୩୦୦୦୦୪୯୪ | ୧୩୬.୦୦ | ୧୫୨.୬୫ |
| ୨. | କୃଷ୍ଣ ଚନ୍ଦ୍ର ସାହୁ, ପିତା: ୪ କନ୍ଧ ସାହୁ, ସା: ଭାବନଗର-୨ଲେନ୍, ଆପୋଲୋ ହସ୍ପିଟାଲ ନିକଟ, ଗଞ୍ଜାମ / ୧୯୮୮୧୬୫୩୦୦୦୦୪୯୫ | ୨୨୦.୦୦ | ୨୩୪.୬୫ |
| | **ରମ୍ଭା ଶାଖା, ମେନ୍ ରୋଡ, ରମ୍ଭା, ଗଞ୍ଜାମ-୭୬୧୦୨୮, ମୋ.: ୯୩୨୧୭୦୪୭୯୧** | | |
| ୧. | ମନୋଜ କୁମାର ସେଠୀ, ପିତା: ଭିକାରୀ ସେଠୀ, ପୋ: ବାରସର, ଗଞ୍ଜାମ, ଓଡିଶା / ୦୪୭୯୧୬୬୩୦୦୦୦୦୦୩ | ୬୫.୦୦ | ୭୨.୦୦ |
| ୨. | ମନୋଜ କୁମାର ସେଠୀ, ପିତା: ଭିକାରୀ ସେଠୀ, ପୋ: ବାରସର, ଗଞ୍ଜାମ, ଓଡିଶା / ୦୪୭୯୧୬୬୩୦୦୦୦୦୦୪ | ୬୫.୦୦ | ୭୦.୦୦ |
| ୩. | ସ୍ୱପ୍ନା ଦାଶ, ସ୍ୱାମୀ: ରଶ୍ମୀ ରଞ୍ଜନ ଦାଶ, ସା/ପୋ: ରମ୍ଭା, ଗଞ୍ଜାମ / ୦୪୭୯୩୦୧୦୦୦୭୯୨୩୮ | ୨୪.୦୦ | ୨୭.୧୦ |
| ୪. | ସ୍ୱପ୍ନା ଦାଶ, ସ୍ୱାମୀ: ରଶ୍ମୀ ରଞ୍ଜନ ଦାଶ, ସା/ପୋ: ରମ୍ଭା, ଗଞ୍ଜାମ / ୦୪୭୯୩୦୧୦୦୦୭୪୭୫୬ | ୩୫.୦୦ | ୩୮.୩୦ |
| ୫. | ସ୍ୱପ୍ନା ଦାଶ, ସ୍ୱାମୀ: ରଶ୍ମୀ ରଞ୍ଜନ ଦାଶ, ସା/ପୋ: ରମ୍ଭା, ଗଞ୍ଜାମ / ୦୪୭୯୩୦୧୦୦୦୭୯୬୬୩ | ୯୮.୦୦ | ୧୦୫.୧୦ |
| | **ବି କରଡାବାଡି ଶାଖା, ଭାୟା: କରଚୁଲି, ଥାନା: ବୁଗୁଡା, ଜିଲ୍ଲା: ଗଞ୍ଜାମ-୭୬୧୧୪୩, ମୋ.: ୭୭୧୦୦୩୧୧୩୬** | | |
| ୧. | ଗାୟତ୍ରୀ ନାଏକ, ସ୍ୱାମୀ: ଗଙ୍ଗାଧର ନାଏକ, ସା/ପୋ: ଡାକରଡା, ବୁଗୁଡା, ଓଡିଶା-୭୬୧୧୪୩ / ୧୦୧୧୧୬୫୩୦୦୦୦୫୯୫ | ୨୯.୦୦ | ୩୨.୯୦ |
| | **କୋର୍ଟପେଟା ଶାଖା, ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ମୋ.: ୭୮୯୪୬୨୫୫୧୧** | | |
| ୧. | ଦିବ୍ୟଲୋଚନ ବେହେରା, ସା: ହୁଣ୍ଡତ, ପୋ: ହତାପୁର, ଭାୟା: ପୁରୁଷୋତ୍ତମପୁର, ଜିଲ୍ଲା: ଗଞ୍ଜାମ, ବ୍ରହ୍ମପୁର, ଓଡ଼ିଶା-୭୬୦୦୧୦ /୦୦୮୫୩୦୧୦୦୦୦୭୦୩୩୪ | ୩୪.୦୦ | ୩୮.୫୦ |
| ୨. | ପଦ୍ମଲୋଚନ ଦଳବେହେରା, ପିତା: ପ୍ରମୋଦ ଚନ୍ଦ୍ର ଦଳବେହେରା, ସା: ହିଲ୍ ପାଟଣା, ବାଦଲ ଗ୍ୟାସ ନିକଟ, ବ୍ରହ୍ମପୁର, ଓଡ଼ିଶା -୭୬୦୦୦୫ /୦୦୮୫୩୦୧୦୦୦୦୭୦୩୯୮ | ୩୫.୦୦ | ୪୫.୬୦ |

ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ:
୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ ଟ.୫,୦୦୦/- ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC)ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡିକୁ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ। ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ। ନଚେତ୍ ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତି ହେବ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି କରିପାରିବ।

ସ୍ଥାନ: ବ୍ରହ୍ମପୁର, ତାରିଖ: ୨୯.୧୧.୨୦୨୩ — ଶାଖା ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



## ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI
### ବ୍ୟାଙ୍କ ଅଫ୍ ଇଣ୍ଡିଆ
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଡିମାଣ୍ଡ ନୋଟିସ୍**

**ସିକ୍ୟୁରିଟି ଇଣ୍ଟରେଷ୍ଟର ଏନ୍‌ଫୋର୍ସମେଣ୍ଟ ନିମନ୍ତେ ସରଫେଶୀ ଆକ୍ଟ, ୨୦୦୨ ର ଧାରା ୧୩(୨) ଅନୁଯାୟୀ ନୋଟିସ୍**

ବ୍ୟାଙ୍କ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ବିଭିନ୍ନ ସମୟରେ ନିମ୍ନସାରଣୀରେ ଦର୍ଶିତ ଋଣ ପ୍ରଦାନ କରିଥିଲା ଏବଂ ଉକ୍ତ ଋଣ ରାଶିର ବକେୟା ପରିମାଣ ଯଥା ସମୟରେ ପୈଠ ନକରିବାରୁ **ବ୍ୟାଙ୍କ ଅଫ୍ ଇଣ୍ଡିଆର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଶହୀଦ ନଗର ଶାଖାର** ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ତେଣୁ ସେଗୁଡିକର ବିଷୟବସ୍ତୁ ସହିତ ବକେୟା ଦେୟ, ଋଣ ପରିମାଣ ଏବଂ ସୁରକ୍ଷିତ ସମ୍ପତ୍ତିଗୁଡ଼ିକର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

| ଶହୀଦ ନଗର ଶାଖା /ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ପ୍ରକାର / ଋଣ ପରିମାଣ | ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ | ସରଫେଶୀ ଆକ୍ଟ ଅନୁଯାୟୀ ନୋଟିସ୍ ପ୍ରଦତ୍ତ ରାଶିର ପରିମାଣ | ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|---|
| **ଋଣଗ୍ରହୀତା:** ମେସର୍ସ ଅନୁରାଧା ହାଚେରୀ, **ସ୍ୱତ୍ତ୍ୱାଧିକାରୀ:** ଶ୍ରୀମତୀ ମମତା ପଟ୍ଟନାଏକ, **ଠିକଣା-୧:** ସେଡ୍ ନଂ.: ୭, ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଖୋର୍ଦ୍ଧା, ଓଡ଼ିଶା-୭୫୨୦୫୭, **ଠିକଣା-୨:** ସା: ମୁକୁନ୍ଦ ପ୍ରସାଦ ବଉଳ ସାହି, ପିଏନ୍ କଲେଜ, ଖୋର୍ଦ୍ଧା, ଓଡ଼ିଶା-୭୫୨୦୫୭ / **ଗ୍ୟାରେଣ୍ଟିଦାତା:** ଶ୍ରୀ ମିତେଶ କୁମାର ରାଉତରାୟ, ସା: ମୁକୁନ୍ଦ ପ୍ରସାଦ ବଉଳ ସାହି, ପିଏନ୍ କଲେଜ, ଖୋର୍ଦ୍ଧା, ଓଡ଼ିଶା-୭୫୨୦୫୭ | କ୍ୟାଶ କ୍ରେଡ଼ିଟ୍ / ଟ.୨୫,୦୦,୦୦୦/- ମିଆଦୀ ଋଣ / ଟ.୮,୪୫,୦୦୦/- ମିଆଦୀ ଋଣ / ଟ.୧୦,୦୦,୦୦୦/- ଜିଇସିଏଲ / ଟ.୮,୨୦,୦୦୦/- ସମୁଦାୟ: ଟ.୫୧,୬୫,୦୦୦/- | ୧୭.୧୧.୨୦୨୩ / ୧୮.୧୧.୨୦୨୩ | ଟ.୩୬,୧୧,୬୫୯.୫୬ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୧) ବନ୍ଧକ ଥିବା ଷ୍ଟକ୍, ଯନ୍ତ୍ରପାତି, ଇକ୍ୟୁପମେଣ୍ଟ, ଇନ୍‌କ୍ୟୁବେଟର ଏବଂ ହ୍ୟାଚର୍ସ ଇତ୍ୟାଦି, ୨) ଶ୍ରୀମତୀ ମମତା ପଟ୍ଟନାଏକଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ସେଥିରେ ନିର୍ମିତ ଗୃହ ଯାହାର ଖାତା ନଂ.: ୫୨୬/୨୨୨୪, ପ୍ଲଟ୍ ନଂ.: ୧୮୮୬, କ୍ଷେତ୍ର: ଏକର୦.୧୧୮ଡିସିମିଲି, ସ୍ୱତ୍ୱ: ସ୍ଥିତିବାନ, ଥାନା: ଖୋର୍ଦ୍ଧା ଟାଉନ୍ ପୋଲିସ୍ ଷ୍ଟେସନ, ମୌଜା: ମୁକୁନ୍ଦ ପ୍ରସାଦ, ଏସ୍‌ଆର୍‌ଓ: ଖୋର୍ଦ୍ଧା, ତହସିଲ: ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା। |

ଉପରଦର୍ଶିତ **ଶହୀଦ ନଗର ଶାଖା**ର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ମୂଳଋଣ/କିସ୍ତି ସୁବିଧା/ସୁଧ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି, ତେଣୁ ଭାରତୀୟ ରିଜର୍ଭ ବ୍ୟାଙ୍କର ମାର୍ଗଦର୍ଶିକା ଅନୁସାରେ ଆମ ବ୍ୟାଙ୍କ ଦ୍ୱାରା ସେମାନଙ୍କର ଆକାଉଣ୍ଟକୁ ଅଣକାର୍ଯ୍ୟକାରୀ ସମ୍ପତ୍ତି (**NPA**) ରେ ପରିଣତ କରାଯାଇଛି। ଆମର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣ ଆପଣଙ୍କର ଆକାଉଣ୍ଟରେ ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣ ନିଜକୁ ଦେୟମୁକ୍ତ କରୁନାହାନ୍ତି। ତେଣୁ ଆମେ କଥିତ ଆକ୍ଟର ଧାରା ୧୩(୨) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ଅନୁସାରେ ଡିମାଣ୍ଡ ନୋଟିସ୍ ପ୍ରକାଶନ ନିମନ୍ତେ ବାଧ୍ୟ ହେଉଛୁ। ଏତଦ୍‌ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି ଆପଣ ନୋଟିସ୍ ତାରିଖ ଠାରୁ **୬୦ଦିନ** ମଧ୍ୟରେ ଉପର କଥିତ ବକେୟା ଦେୟ ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ,ଆନୁସଙ୍ଗିକ ଖର୍ଚ୍ଚ, ଦେୟ ଇତ୍ୟାଦି ପ୍ରଦାନ କରିବେ, ଅନ୍ୟଥା ଆମେ କଥିତ ଆକ୍ଟର ଧାରା ୧୩(୪) ଅନୁସାରେ ଆପଣଙ୍କର ସମସ୍ତ କିମ୍ବା ଯେକୌଣସି ଏକ କିମ୍ବା ଅଧିକ ସୁରକ୍ଷିତ ସମ୍ପତ୍ତିକୁ ଦଖଲ କରି ବିକ୍ରୟ କରିବାକୁ ବାଧ୍ୟ ହେବୁ। ଯଦି ସୁରକ୍ଷିତ ସମ୍ପତ୍ତି ଉପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଦ୍ୱାରା ସମ୍ପୂର୍ଣ୍ଣ ବକେୟା ପରିମାଣ ଆଦାୟ ହୋଇନପାରିଲା ତେବେ ବ୍ୟାଙ୍କ ଅଦାଲତ / ଋଣ ଆଦାୟ ପ୍ରାଧିକରଣରେ ଆପଣଙ୍କ ବିରୁଦ୍ଧରେ ମୋକଦ୍ଦମା ଦାଏର କରି ଉପରୋକ୍ତ ବକେୟା ରାଶି ଆଦାୟ କରିବାର ଅଧିକାର ସଂରକ୍ଷିତ ରଖିଅଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ କଥିତ ସରଫେଶୀ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ସମ୍ପତ୍ତିର ବିକ୍ରୟ କିମ୍ବା ସର୍ବସାଧାରଣରେ ନିଲାମ ନିମନ୍ତେ ସର୍ବସାଧାରଣଙ୍କ ଠାରୁ କୋଟେସନ୍ କିମ୍ବା ଟେଣ୍ଡର ଆହ୍ୱାନ କିମ୍ବା ଘରୋଇ ଚୁକ୍ତି ମାଧ୍ୟମରେ ଲିଜ୍, ଆସାଇନମେଣ୍ଟ ଦ୍ୱାରା ସମ୍ପତ୍ତି ହସ୍ତାନ୍ତରିତ ନିମନ୍ତେ ସର୍ବସାଧାରଣ ବିଜ୍ଞପ୍ତି ପ୍ରକାଶନ ତାରିଖ ପର୍ଯ୍ୟନ୍ତ ଯେକୌଣସି ସମୟରେ ବ୍ୟାଙ୍କର ସମସ୍ତ ଦେୟ ସହିତ ଆଇନଗତ ଖର୍ଚ୍ଚ ଓ ଆନୁସଙ୍ଗିକ ଖର୍ଚ୍ଚ ପ୍ରଦାନ କରି ଋଣମୁକ୍ତ ହେବାର ଅଧିକାର ଆପଣଙ୍କ ପାଇଁ ଉପଲବ୍ଧ ରହିଛି। ଅବଗତ କରାଗଲା କି କଥିତ ଆକ୍ଟର ଉପଧାରା (୧୩) ଅନୁଯାୟୀ ଏହି ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ଆପଣ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରୟ, ଲିଜ୍, ଲାଇସେନ୍ସ, ଦାନ, ବନ୍ଧକ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତର କିମ୍ବା ଏନ୍‌କମ୍ବ୍ରାନ୍ସ ସୃଷ୍ଟି କରିବାକୁ ନିଷେଧ କରାଯାଉଛି। **ଏହି ବିଜ୍ଞପ୍ତି କୌଣସି ଆଇନ ବଳରେ ବ୍ୟାଙ୍କ ଅଧିକାର କ୍ଷୁର୍ଣ୍ଣ ନକରି ଜାରି କରାଯାଉଛି।**

ସ୍ଥାନ : ଭୁବନେଶ୍ୱର, ତାରିଖ : ୩୦.୧୧.୨୦୨୩ — ମୁଖ୍ୟ ପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ


'ଆନିମଲ' ଫିଲ୍ମରେ ରଶ୍ମିକା-ରଣବୀର କପୁର

ପରଦାରେ

# ଆନିମଲ

ଗ୍ୟାଙ୍ଗଷ୍ଟର ଉପରେ ଆଧାରିତ କାହାଣୀକୁ ନେଇ ନିର୍ମିତ ହୋଇଛି ହିନ୍ଦୀ ସିନେମା 'ଆନିମଲ'। ଏହି ଫିଲ୍ମଟି ଆସନ୍ତାକାଲି ଅର୍ଥାତ୍ ଡିସେମ୍ବର ୧ରେ ପରଦା ଉପରକୁ ଆସୁଛି। ଏଥିରେ ରୋମାଣ୍ଟିକ୍ ନାୟକ ରଣବୀର କପୁରଙ୍କୁ ଏକ ଭିନ୍ନ ଭୂମିକାରେ ଦର୍ଶକ ଦେଖିବାକୁ ପାଇବେ। ଏ ନେଇ ସେ କୁହନ୍ତି, 'ଏହାର କାହାଣୀରେ ଟ୍ୱିଷ୍ଟ ରହିଛି। ଏଥିରେ ମୋତେ ମିଳିଥିବା ଭୂମିକା ମୋ କ୍ୟାରିୟରକୁ ଆହୁରି ମାଇଲେଜ୍ ଦେବ ବୋଲି ଆଶା ରଖିଛି। ଏହି ରୋଲ୍‌କୁ ସକ୍‌ସେସ୍ କରିବାକୁ ବେଶ୍ ପରିଶ୍ରମ କରିବାକୁ ପଡ଼ିଛି। ଆଶା ରଖିଛି ଦର୍ଶକେ ମୋ ପରିଶ୍ରମର ମୂଲ୍ୟ ବୁଝିବେ।' କେବଳ ହିନ୍ଦୀ ନୁହେଁ, ତାମିଲ, ତେଲୁଗୁ, ମାଲୟାଲମ ଏବଂ କନ୍ନଡ ଭାଷାରେ ମଧ୍ୟ ପ୍ରସ୍ତୁତ କରାଯାଇଛି। ଏହାର କାହାଣୀରେ ଆକ୍ସନ, କ୍ରାଇମ୍ ଏବଂ ଡ୍ରାମା ଭରିରହିଛି। ଫିଲ୍ମଟିର ଅବଧି ରହିଛି ୨ ଘଣ୍ଟା ୨୬ ମିନିଟ୍। 'ଏ' ସାର୍ଟିଫିକେଟ୍ ମିଳିଥିବା ଏହି ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ସନ୍ଦୀପ ରେଡ୍ଡି ଭାଙ୍ଗା। ରଣବୀର କପୁରଙ୍କ ବ୍ୟତୀତ ଏଥିରେ ରଶ୍ମିକା ମନ୍ଦାନା, ଅନିଲ କପୁର, ବବି ଦେଓଲ ଏବଂ ତ୍ରିପ୍ତି ଡିମ୍ରି ଅଭିନୟ କରିଛନ୍ତି।

# ଭୁଲନ୍ତି ନାହିଁ ରଣବୀର

ରଣବୀର ସିଂ ଗୋଟିଏ କଥାକୁ ଆଦୌ ଭୁଲି ନ ଥାନ୍ତି। ତାହା କ'ଣ ଜାଣନ୍ତି? ସିନେମା ଦେଖିବା। ହେଲେ ଇଏ ତ ସାଧାରଣ କଥା। ଯେହେତୁ ସେ ଅଭିନୟ ସହ ଜଡ଼ିତ ତେଣୁ ଫିଲ୍ମ ଦେଖିବା ତାଙ୍କ ପାଇଁ ନୂଆକଥା ନୁହେଁ। ହେଲେ ସେ ଜଣଙ୍କର ସିନେମା ଦେଖିବାକୁ ଅଧିକ ଆଗ୍ରହ ରଖନ୍ତି ଏବଂ ସେହି ଷ୍ଟାରଙ୍କ ଅଭିନୀତ ସମସ୍ତ ଫିଲ୍ମ ସେ ଦେଖିସାରିଛନ୍ତି। ସେହି ଅଭିନେତା ଜଣକ ହେଉଛନ୍ତି ଗୋବିନ୍ଦା। ଅନ୍ୟପକ୍ଷରେ ରଣବୀର ନିକଟରେ ଏକ ଆକ୍ସନ୍‌ଭିତ୍ତିକ ତଥା ଟାଇଟଲ ଫାଇନାଲ ହୋଇ ନ ଥିବା ଫିଲ୍ମ ସାଇନ୍ କରିଛନ୍ତି। ଏପରି ସୁଯୋଗ ବିଷୟରେ ରଣବୀର କୁହନ୍ତି, 'ଏଭଳି କାହାଣୀକୁ ନେଇ ଯେଉଁ ଚଳଚ୍ଚିତ୍ରଟି ପ୍ରସ୍ତୁତ ହେଉଛି ତାହାର ଟାଇଟଲ ଫାଇନାଲ ହେବାକୁ ଆଉ ପ୍ରାୟ ଦୁଇ ସପ୍ତାହ ଲାଗିବ। ହେଲେ ଏଥିରେ ମୋତେ କେତୋଟି ଷ୍ଟଣ୍ଟ ଶଟ୍ ଦେବାକୁ ପଡ଼ିବ। ତେଣୁ ଏ ନେଇ ଏବେଠାରୁ ପ୍ରସ୍ତୁତ ହେଉଛି।'

# ଅପେକ୍ଷା ଶୁଭବେଳାକୁ

ଏକ ଐତିହାସିକ ପୃଷ୍ଠଭୂମିକୁ ନେଇ ନିର୍ମିତ ଓଡ଼ିଆ ସିନେମା 'ଜୟୀ ରାଜଗୁରୁ' ଖୁବ୍ ଶୀଘ୍ର ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ମାତୃଭୂମିର ସୁରକ୍ଷା ଲାଗି ଦେଶପ୍ରେମୀମାନଙ୍କୁ ବର୍ଷ ବର୍ଷ ଧରି ଇଂରେଜଙ୍କ ବିରୋଧରେ ସଂଗ୍ରାମ କରିବାକୁ ପଡ଼ିଥିଲା। ସଂଗ୍ରାମୀମାନଙ୍କ ବଳିଦାନ ଓ ତ୍ୟାଗରେ ଦେଶ ସ୍ୱାଧୀନ ହେଲା। ତେବେ ଓଡ଼ିଆ ବୀର ପାଇକମାନଙ୍କ ସଂଗ୍ରାମ ଥିଲା ସ୍ୱତନ୍ତ୍ର। ଇଂରେଜ ଶାସକଙ୍କ ବିରୋଧରେ ମହାନ୍ ସଂଗ୍ରାମ କାହାଣୀକୁ ନେଇ ଜୟଭାରତ ଏଣ୍ଟରଟେନ୍‌ମେଣ୍ଟ ତରଫରୁ ଏହି ଫିଲ୍ମଟିକୁ ପ୍ରସ୍ତୁତ କରାଯାଇଛି। ଉକ୍ତ ଚିତ୍ରଟି ନିର୍ମାଣ କରିବା ପୂର୍ବରୁ ଏହାର ନିର୍ଦ୍ଦେଶକ ଜୟ ସେନ୍ ଦୀର୍ଘ ୬ ବର୍ଷର ଅକ୍ଳାନ୍ତ ପରିଶ୍ରମ କରି କାହାଣୀଟିକୁ ରୂପରେଖ ଦେଇଥିଲେ। ଓଡ଼ିଶାର ବିଭିନ୍ନ ବଣଜଙ୍ଗଲ, ପାହାଡ଼, ପଡ଼ିଆ ଆଦି ସ୍ଥାନରେ ଏହି ଚଳଚ୍ଚିତ୍ରଟିର ଶୁଟିଂ କରାଯାଇଛି। ପାଇକ କଳାକାରଙ୍କ ସଂଯୋଜକ ଭାବେ ସୁବାସ ଜେନା, ଦେବପ୍ରସାଦ ମିଶ୍ର ଓ ବନବିହାରୀ


'ଜୟୀ ରାଜଗୁରୁ' ଫିଲ୍ମରେ ବିଶ୍ୱରୂପ

ପାଇକ ଯୋଦ୍ଧା ଜୟକୃଷ୍ଣ ମହାପାତ୍ର ରାଜଗୁରୁ ଜାଳିଥିଲେ ପାଇକ ସଂଗ୍ରାମର ଆଦ୍ୟ ଅଗ୍ନିସ୍ଫୁଲିଙ୍ଗ। ଏଥିପାଇଁ ଜୟୀ ରାଜଗୁରୁଙ୍କ ବୀରତ୍ୱ ଓ ଦେଶପ୍ରୀତି ଓଡ଼ିଶା ପୁରପଲ୍ଲୀର ପାଇକମାନଙ୍କୁ ଜାଗ୍ରତ କରିଥିଲା। ଏହାର ପ୍ରଭାବ ପଡ଼ିଥିଲା ବ୍ରିଟିଶ୍ ଶାସକଙ୍କ ଉପରେ। ଏଥିଯୋଗୁ ସାରା ଦେଶ ବିଦେଶରେ ଜୟୀ ରାଜଗୁରୁଙ୍କ ପ୍ରଚଣ୍ଡ ଦେଶଭକ୍ତିକୁ ନେଇ ଖୁବ୍ ଚର୍ଚ୍ଚା ହୋଇଥିଲା। ଏହି ବୀର ସନ୍ତାନଙ୍କ ସଂଘର୍ଷମୟ ପାଇକ ବେହେରା ଦାୟିତ୍ୱ ତୁଲାଇଛନ୍ତି। ସହଯୋଗୀ ନିର୍ଦ୍ଦେଶକ ଭାବେ ଲିଟନ ପଟ୍ଟନାୟକ, ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି କ୍ରିଷ୍ଣା ସରୋଜ। କାହାଣୀ ଓ ଚିତ୍ରନାଟ୍ୟ ରଚନା କରିଛନ୍ତି ଜୟ ସେନ୍। ବିଭିନ୍ନ ଭୂମିକାରେ ଅଶ୍ରୁମୋଚନ ମହାନ୍ତି, ମିତା ଚକ୍ରବର୍ତ୍ତୀ ଏବଂ ଶିଶୁ କଳାକାର ଭାବେ ସୃଜନୀ ପ୍ରିୟଦର୍ଶନୀ, ଶ୍ରୁତିଯା, ଅଭିନୟ କରିଛନ୍ତି। ଏଥିରେ ଓଡ଼ିଶାର ବହୁ ନବାଗତ କଳାକାରଙ୍କୁ ଦେଖିବାକୁ ମିଳିବ।

# ଶ୍ରୀମାନ୍ ଶ୍ରୀଯୁକ୍ତ

ଏକ ଭିନ୍ନ ଧରଣର ତଥା ଲଭ୍, ଇମୋଶନ, କମେଡି, ଆକ୍ସନ ଭରିରହିଥିବା କାହାଣୀକୁ ନେଇ ନିର୍ମିତ ହେଉଛି ନୂଆ ଓଡ଼ିଆ ସିନେମା 'ଶ୍ରୀମାନ୍ ଶ୍ରୀଯୁକ୍ତ'। ଏହାର ନାୟକ ସାଜୁଛନ୍ତି ବବି ମିଶ୍ର। ତାଙ୍କ ସହ ନାୟିକା ଭୂମିକାରେ ଅବତୀର୍ଣ୍ଣ ହେଉଛନ୍ତି ବୁଲ୍‌ବୁଲି ଲିପ୍‌ସା ମହାରଣା। ଅନେକ ଓଡ଼ିଆ ସିନେମାର ପ୍ରଚାର ପ୍ରସାର ଦାୟିତ୍ୱ ତୁଲାଇବା ପରେ 'ସିନ୍ଦୂର' ଫିଲ୍ମରୁ ପ୍ରଯୋଜକ ସାଜିଥିବା ପ୍ରଣୟ ଜେଠୀ ଏହାର ପ୍ରଯୋଜନା କରିଛନ୍ତି। ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବେ 'ଯୋଗୀ' ଫେମ୍ ନିରଞ୍ଜନ ବେହେରା। କେବଳ ସେତିକି ନୁହେଁ, ନିରଞ୍ଜନ ଚିତ୍ରଟିର କାହାଣୀ ଏବଂ ସଂଳାପ ମଧ୍ୟ ରଚନା କରିଛନ୍ତି। ବସନ୍ତରାଜ ସାମଲଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡ଼ିର ସ୍ୱର ସଂଯୋଜକ ପ୍ରେମ୍ ଆନନ୍ଦ। ଶିରିଡ଼ି ସାଇବାବା ମୁଭିଜ୍ ବ୍ୟାନରରେ ପ୍ରସ୍ତୁତ ହେଉଥିବା ଏହି ସିନେମାର ଅନ୍ୟାନ୍ୟ ଭୂମିକାରେ ସାନୁ ଓ ଅଭିନେତ୍ରୀ ସସ୍ମିତା, ପ୍ରଦ୍ୟୁମ୍ନ ଲେଙ୍କା, ଚୌଧୁରୀ ଜୟ ପ୍ରକାଶ ଦାସ, ରବି ମିଶ୍ର, ଲିପ୍ସା ମହାରଣା, ଛନ୍ଦିତା, ରାଜୀବ ମହାନ୍ତି ପ୍ରମୁଖ ଅଭିନୟ କରୁଛନ୍ତି । ସମାଜରେ ପ୍ରତ୍ୟେକ ଦିନ ଘଟୁଥିବା କଥାକୁ କାହାଣୀର ରୂପ ଦେଇ କମେଡି ଧାରାରେ ଚଳଚ୍ଚିତ୍ର ନିର୍ମାଣ କଲେ ବେଶ୍ ଲୋକାଦୃତ ହେବ ବୋଲି କୁହନ୍ତି ପ୍ରଯୋଜକ ପ୍ରଣୟ।


'ଶ୍ରୀମାନ୍ ଶ୍ରୀଯୁକ୍ତ' ଫିଲ୍ମର ଏକ ଦୃଶ୍ୟ

# ଦୋ'ଛକିରେ କିଆରା

କଥାରେ ଅଛି-ଏଣୁ ମାରିଲେ ଗୋ ହତ୍ୟା ତେଣୁ ମାରିଲେ ବ୍ରହ୍ମ ହତ୍ୟା। ଆଉ ସେଥିରୁ ବା କିଆରା ଆଡ୍‌ୱାନି ବାଦ୍ ପଡ଼ନ୍ତେ କିପରି? କଥା କ'ଣ କି, ନିକଟରେ ଜଣେ ନୂଆ ପ୍ରଯୋଜକ ତାଙ୍କୁ ସାଇନ୍ କରିବାକୁ ଯାଇଥିଲେ। ଏହି ପ୍ରୋଜେକ୍ଟର କାହାଣୀ ଏବଂ ସେଥିରେ ନିଜ ଭୂମିକା ସମ୍ପର୍କରେ ବେଶ୍ ଭଲ ଭାବେ ଅବଗତ ହୋଇଥିଲେ। ହେଲେ ଗୋଟିଏ କାରଣ ଲାଗି ପ୍ରୋଜେକ୍ଟଟି ଅଧାରେ ଲଟକି ରହିଛି। ଶୁଣିବାକୁ ମିଳୁଛି ଯେ ଏହି ଭୂମିକା ପାଇଁ କିଆରା କୁଆଡ଼େ ଡବଲ ପାରିଶ୍ରମିକ ଡିମାଣ୍ଡ କରୁଛନ୍ତି। କାରଣ ଏଥିରେ ତାଙ୍କୁ ବେଶ୍ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡ଼ିବ। ଏ ନେଇ ସେ କହନ୍ତି, 'ନୂଆ ସିନେମାର କାହାଣୀ ମୋ ମନକୁ ଛୁଇଁଛି। ଏଥିରେ ମୋତେ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡ଼ିବ। ସେଥିପାଇଁ ମୋତେ ଅଧିକ ପାରିଶ୍ରମିକ ଦେବାକୁ ପ୍ରଯୋଜକ ନିଜପଟୁ ସୂଚନା ଦେଇଛନ୍ତି। ହେଲେ ଆଲୋଚନା ହେଉଛି ଯେ, ଏହି ଫିଲ୍ମ ପାଇଁ ମୁଁ ମୋ ପାରିଶ୍ରମିକ ବଢ଼ାଇ ଦେଇଛି। କେହି ମୋତେ ବଦନାମ୍ କରିବାକୁ ଏଭଳି ଅପପ୍ରଚାର ଚଳାଇଛି।'



# ସାମାନ୍ୟ ଭୁଲ୍ ପାଇଁ...

ମଣିଷ ଜୀବନରେ ଭୁଲ୍ ହେବା କିଛି ନୂଆକଥା ନୁହେଁ। ସାମାନ୍ୟ ତ୍ରୁଟି ପାଇଁ କିପରି ଦୁଇଟି ପରିବାର ଅଯଥାରେ ଟେନ୍‌ସନର ବଶବର୍ତ୍ତୀ ହେଉଛନ୍ତି ଏବଂ ପରବର୍ତ୍ତୀ ସମୟରେ ତାହାର ପରିଣାମ କ'ଣ ହେଉଛି, ତାହାକୁ ନେଇ


ଜ୍ୟୋତି

ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ବେସାହାରା'। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ପ୍ରଦୀପ୍ତ ପ୍ରକାଶ ଆଚାର୍ଯ୍ୟ। କାହାଣୀ, ଚିତ୍ରନାଟ୍ୟ, ସଂଳାପ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ନିରଞ୍ଜନ ବେହେରା। ଉକ୍ତ ସିନେମାର ବିଭିନ୍ନ ଭୂମିକାରେ ଜ୍ୟୋତି ନାୟକ, ସୁପ୍ରିୟା, ପିଣ୍ଟୁ ନନ୍ଦ, ପ୍ରଦ୍ୟୁମ୍ନ ଲେଙ୍କା, ଦେବୁ ବ୍ରହ୍ମା, ପ୍ରତିଭା ପଣ୍ଡା, ବିଜୁ ବଡ଼ଜେନା ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ।

# କେବଳ ଅବସୋସ

ଚଙ୍କି ତନୟା ଅନନ୍ୟା ପାଣ୍ଡେ। ଏହି ଷ୍ଟାର କିଡ୍ ବଲିଉଡ୍‌ରେ ଏଣ୍ଟ୍ରି କରିବାର ଇତି ମଧ୍ୟରେ ପାଞ୍ଚବର୍ଷ ହୋଇଗଲାଣି। ନାମୀ ପ୍ରଯୋଜକ କରନ୍ ଜୋହର ତାଙ୍କ 'ଷ୍ଟୁଡେଣ୍ଟ ଅଫ୍ ଦ ଇୟର-୨'ରେ ଅନନ୍ୟାଙ୍କୁ ବ୍ରେକ୍ ଦେଇଥିଲେ। କିନ୍ତୁ ଏପର୍ଯ୍ୟନ୍ତ ସେ ମାତ୍ର ପାଞ୍ଚୋଟି ସିନେମା(ଷ୍ଟୁଡେଣ୍ଟ ଅଫ୍ ଦ ଇୟର-୨, ପତି ପତ୍ନୀ ଔର ଓ, ଖାଲି ପିଲି, ଗେହେରିୟାଁ ଏବଂ ଲାଇଗର)ରେ ଅଭିନୟ କରିଛନ୍ତି। ସେପଟେ ସେ ଆକ୍ଟିଂ କରିଥିବା 'ଖୋ ଗୟେ ହମ୍ କାହାଁ'ର ଶୁଟିଂ ନିକଟରେ ଶେଷହୋଇଛି। ଏବେ ନିଜ ବଲିଉଡ୍ କ୍ୟାରିୟରକୁ ନେଇ ଅବସୋସ କରୁଛନ୍ତି ଏହି ଅଭିନେତ୍ରୀ। ନିଜ ସମ୍ପର୍କରେ ଅନନ୍ୟା କୁହନ୍ତି, 'ଯେତେବେଳେ ମୁଁ ବଲିଉଡ୍‌ରେ ଏଣ୍ଟ୍ରି କଲି ସେତେବେଳେ ମୋ କ୍ୟାରିୟରକୁ ନେଇ କାହିଁ କେତେ ସ୍ୱପ୍ନ ଦେଖିଥିଲି। କରନ୍‌ଜୀଙ୍କ ପରି ନାମୀ ପ୍ରଯୋଜକ ମୋତେ ବ୍ରେକ୍ ଦେଇଥିଲେ। ହେଲେ ତା'ପରେ ମୋତେ ଆଶାନୁରୂପ ଅଫର ମିଳିଲା ନାହିଁ। ଗତ ପାଞ୍ଚବର୍ଷ ଭିତରେ ମୁଁ ମାତ୍ର ପାଞ୍ଚଟି ଫିଲ୍ମରେ ଅଭିନୟ କରିଛି। ହୁଏତ ଆଗକୁ ପ୍ରଯୋଜକଙ୍କର ଶୁଭଦୃଷ୍ଟି ମୋ ଉପରେ ପଡ଼ିପାରେ। ସେପର୍ଯ୍ୟନ୍ତ ମୋତେ ଅପେକ୍ଷା କରିବାକୁ ପଡ଼ିବ।' ତେବେ ଅନନ୍ୟାଙ୍କର ଏହି ଆଶା କେବେ ପୂରଣ ହେଉଛି ତାହା ଦେଖିବାକୁ ବାକି ରହିଲା।


ଅନନ୍ୟା

# ଅନୁଶୋଚନାର ସମୟ ଆସିଛି

"ଓଡ଼ିଆ ଚଳଚ୍ଚିତ୍ରରେ ଆବଶ୍ୟକ ଜ୍ଞାନ ନ ଥିବା କିଛି ନିର୍ଦ୍ଦେଶକ ଚଳଚ୍ଚିତ୍ର ନିର୍ମାଣ ବେଳେ ପ୍ରଯୋଜକମାନଙ୍କୁ ନିର୍ଦ୍ଦିଷ୍ଟ ବଜେଟ୍ ମଧ୍ୟରେ ଚଳଚ୍ଚିତ୍ର ସମ୍ପୂର୍ଣ୍ଣ କରିବାକୁ ପ୍ରତିଶ୍ରୁତି ଦେଇଥାଆନ୍ତି। ପରେ ସ୍ଥିରୀକୃତ ଅର୍ଥର ଅଯଥା ଅପବ୍ୟୟ ଯୋଗୁ ନିର୍ମାଣାଧୀନ ଚଳଚ୍ଚିତ୍ରଟି ପଙ୍ଗୁ ହୋଇ କୋଲ୍ଡ ରୁମ୍‌ରେ ପଡ଼ିରହେ। ଏହି ଅଯଥା ଖର୍ଚ୍ଚ କାହା ଦ୍ୱାରା ହେଉଛି ତାହା ଜଳ ଜଳ କରି ଦେଖାଯାଉଥିଲେ ମଧ୍ୟ ପ୍ରଯୋଜକ ନାଚାର।"

ଓଡ଼ିଆ ଚଳଚ୍ଚିତ୍ର ଚଳଚଞ୍ଚଳ ହେଉଛି ସତ; ମାତ୍ର ସପ୍ତାହେ ପ୍ରେକ୍ଷାଳୟରେ ଚାଲିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବର୍ଷ ଶେଷକୁ ୩୦/୪୦ଟି ଚଳଚ୍ଚିତ୍ର ସମୀକ୍ଷା କରି ଆମେ ଆମର ସମୟ କେବଳ ଗଡ଼ାଉଛୁ। ପ୍ରକୃତପକ୍ଷେ ଭଲ ଓଡ଼ିଆ ସିନେମା ଖୋଜିବା ବିରଳ ହୋଇଯାଇଛି। ଅଭିଜ୍ଞ ନିର୍ଦ୍ଦେଶକ ହାତବାନ୍ଧି ବସିଛନ୍ତି। ବର୍ତ୍ତମାନ ପିଢ଼ିର କତିପୟ ନିର୍ଦ୍ଦେଶକଙ୍କ ହାତରେ ଓଡ଼ିଆ ସିନେମାର ବାକ୍‌ଡୋର ରହିଛି। ଓଡ଼ିଶାରେ ଥିବା ଏକମାତ୍ର କଳିଙ୍ଗ ଷ୍ଟୁଡିଓ ଏବେ ଅବ୍ୟବସ୍ଥାଘେରରେ। ଏହାର ପୁନରୁଦ୍ଧାର ନେଇ ଉଦ୍ୟମ ବାଞ୍ଛନୀୟ। ପ୍ରଯୋଜକମାନଙ୍କ ସ୍ୱାର୍ଥରକ୍ଷା ପାଇଁ ରାଜ୍ୟ ସରକାର ୨୦୦୪ ମସିହାରୁ ଓଡ଼ିଆ ଚଳଚ୍ଚିତ୍ରକୁ ଟିକସମୁକ୍ତ କରିଦେଇଛନ୍ତି। ହେଲେ ଏହାର ସୁଫଳ କିଏ ପାଉଛି ତା'ର ସମୀକ୍ଷା ନାହିଁ। ପ୍ରଯୋଜକ-ବିତରକ ମଧ୍ୟରେ ସମନ୍ୱୟ ଅଭାବ ହେତୁ ଚଳଚ୍ଚିତ୍ର ଶିଳ୍ପରେ ବ୍ୟାପକ କ୍ଷତି ହେଉଛି।

ଓଡ଼ିଆ ଚଳଚ୍ଚିତ୍ର ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ହେଲେ ତା' ବ୍ୟବସାୟିକ ସଫଳତା ପାଇଁ ପ୍ରତି ଜିଲାରେ ପ୍ରେକ୍ଷାଳୟର ଅଧିକ ଆବଶ୍ୟକତା ରହିଛି। ପ୍ରେକ୍ଷାଳୟ କମ୍ ସାଙ୍ଗକୁ ବ୍ୟୟବୃଦ୍ଧି ଚଳଚ୍ଚିତ୍ରକୁ ନେଇ ଓଡ଼ିଆ ଚଳଚ୍ଚିତ୍ର କେବେ ବି ସମୃଦ୍ଧ ହେବ ନାହିଁ। ସରକାରଙ୍କ ଶିଳ୍ପ ବିଭାଗ ଯଦି ସବୁକ୍ଷେତ୍ରରେ ଗୁରୁତର ସହ ବିଚାରବିମର୍ଶ କରି ଆନୁଷ୍ଠାନିକ ପଦକ୍ଷେପ ନ ନେବେ, ତେବେ ଓଡ଼ିଆ ଚଳଚ୍ଚିତ୍ରର ବିକୃତ ନାମକରଣରେ ଅଣଓଡ଼ିଆ ଛାପା ଚଳଚ୍ଚିତ୍ରର ଶ୍ରୀବୃଦ୍ଧି ହେବ। ଓଡ଼ିଆ ଚଳଚ୍ଚିତ୍ରରେ ଆବଶ୍ୟକ ଜ୍ଞାନ ନ ଥିବା କିଛି ନିର୍ଦ୍ଦେଶକ ଚଳଚ୍ଚିତ୍ର ନିର୍ମାଣ ବେଳେ ପ୍ରଯୋଜକମାନଙ୍କୁ ନିର୍ଦ୍ଦିଷ୍ଟ ବଜେଟ୍ ମଧ୍ୟରେ ଚଳଚ୍ଚିତ୍ର ସମ୍ପୂର୍ଣ୍ଣ କରିବାକୁ ପ୍ରତିଶ୍ରୁତି ଦେଇଥାଆନ୍ତି। ପରେ ସ୍ଥିରୀକୃତ ଅର୍ଥର ଅଯଥା ଅପବ୍ୟୟ ଯୋଗୁ ନିର୍ମାଣାଧୀନ ଚଳଚ୍ଚିତ୍ରଟି ପଙ୍ଗୁ ହୋଇ କୋଲ୍ଡ ରୁମ୍‌ରେ ପଡ଼ିରହେ। ଏହି ଅଯଥା ଖର୍ଚ୍ଚ କାହା ଦ୍ୱାରା ହେଉଛି ତାହା ଜଳ ଜଳ କରି ଦେଖାଯାଉଥିଲେ ମଧ୍ୟ ପ୍ରଯୋଜକ ନାଚାର।

'ଆମ ଫିଲ୍ମ ହିଟ୍ ହୋଇଗଲା' ବୋଲି ଡିଣ୍ଡିମ ପିଟିବା ଅପେକ୍ଷା ଏଭଳି ସିନେମାଟିଏ ନିର୍ମାଣ କରନ୍ତୁ, ଯାହାକୁ ଦେଖିବା ପରେ ଦର୍ଶକ ତାହାକୁ ପ୍ରଶଂସା କରିବା ସହ ପ୍ରଚାର ପ୍ରସାର ମଧ୍ୟ କରିବେ। ସିନେମା ପାଇଁ ସ୍ଥିରୀକୃତ ବଜେଟରେ ଯଦି ଭଲ ସିନେମାଟିଏ ନିର୍ମାଣ ହେଲା ତେବେ ଭଲ କଥା। ହେଲେ ଅଯଥା ଅର୍ଥ ଶ୍ରାଦ୍ଧକରି କଥାଟିକୁ 'ପୋଖରୀରେ ହଜେଇ କୂଅରେ ଖୋଜିଲା' ପରି କରନ୍ତୁ ନାହିଁ। ନବାଗତ ପ୍ରଯୋଜକ ଏବଂ ନିର୍ଦ୍ଦେଶକ ପ୍ରେକ୍ଷାଳୟ ସମସ୍ୟା, ବିତରଣ ବ୍ୟବସ୍ଥା ବିଷୟରେ ଭଲଭାବେ ଅବଗତ ହୁଅନ୍ତୁ। ବିଗ୍ ବଜେଟ୍‌ର ସିନେମା କରି ଦର୍ଶକଙ୍କ ଦ୍ୱାରା ଗ୍ରହଣୀୟ ନ ହେବା ଅପେକ୍ଷା ଆଶାନୁରୂପ ବଜେଟରେ ସେମାନଙ୍କ ମନକୁ ଛୁଇଁଲା ଭଳି ଫିଲ୍ମ ତିଆରି କରନ୍ତୁ। ଆମ ରାଜ୍ୟରେ ଯେତିକି ପ୍ରେକ୍ଷାଳୟ ରହିଛି ଯଦି ଏକ ସୁନ୍ଦର ଓଡ଼ିଆ ଚଳଚ୍ଚିତ୍ରଟିଏ ନିର୍ମାଣ କରାଯାଏ, ତେବେ ଦର୍ଶକ ନିଶ୍ଚୟ ତାହାକୁ ଦେଖିବାକୁ ଆଗ୍ରହ ପ୍ରକାଶ କରିବେ। ବର୍ତ୍ତମାନ ଅନୁଶୋଚନାର ସମୟ ଆସିଛି।

**-ଦିଲୀପ ହାଲି,** ବଡ଼ଗଡ଼,
ଭୁବନେଶ୍ୱର- ୧୮
ମୋ: ୯୮୬୧୦୦୯୨୫୧

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ: ....................................
ଜନ୍ମ ତାରିଖ: ..............................


ଆରିୟନ୍ ପରିବାରବର୍ଗ | ସଂକଳ୍ପ ପରିବାରବର୍ଗ | ସୁନୀଲ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଏୟାର ଇଣ୍ଡିଆ ସହ ଆକ୍ସିସ୍ ବ୍ୟାଙ୍କର ସହଭାଗିତା

**ଭୁବନେଶ୍ୱର, ୨୯।୧୧**

ଆକ୍ସିସ୍ ବ୍ୟାଙ୍କ ଓ ଏୟାର ଇଣ୍ଡିଆ ମଧ୍ୟରେ ଏକ ସହଭାଗିତା ସ୍ଥାପନ କରାଯାଇଛି। ବିଶେଷକରି ଆକ୍ସିସ୍ ବ୍ୟାଙ୍କ କ୍ରେଡିଟ୍‌କାର୍ଡ ଗ୍ରାହକମାନଙ୍କୁ ସେମାନଙ୍କର ଆକ୍ସିସ୍ ଏଜ୍ ରିୱାର୍ଡ ପଏଣ୍ଟ ବା ଏଜ୍ ମାଇଲ ଏୟାର ଇଣ୍ଡିଆ ଫ୍ଲାଇଂ ରିଟର୍ନ ପଏଣ୍ଟକୁ ସ୍ଥାନାନ୍ତର କରିବା ସୁବିଧା ପ୍ରଦାନ କରିଛି। ଏପରିକି ୫ଟି ମହାଦେଶରେ ବ୍ୟାପିଥିବା ଏୟାର ଇଣ୍ଡିଆର ନେଟ୍‌ୱର୍କରେ କେବିନ ଅପ୍‌ଗ୍ରେଡ୍ କିମ୍ବା ଆୱାର୍ଡ ଫ୍ଲାଇଟ ପାଇଁ ଆକ୍ସିସ୍ ଏଜ୍ ରିୱାର୍ଡ ପଏଣ୍ଟ ବା ଏଜ୍ ମାଇଲକୁ ଏୟାର ଇଣ୍ଡିଆ ଫ୍ଲାଇଂ ରିଟର୍ନ ପଏଣ୍ଟରେ ରୂପାନ୍ତରିତ କରାଯାଇପାରିବ। ଅପରପକ୍ଷରେ ଗ୍ରାହକମାନେ ଏୟାର ଇଣ୍ଡିଆ ସହିତ ଫ୍ଲାଇଂ ରିଟର୍ନର ଅନ୍ୟ ୨୫ଟି ପାର୍ଟନର ଏୟାରଲାଇନ୍ସରେ ମଧ୍ୟ ଆୱାର୍ଡ ଫ୍ଲାଇଟ୍ ରିଡିମ କରିପାରିବେ। ସେହିଭଳି ଆକ୍ସିସ୍ ବ୍ୟାଙ୍କ କ୍ରେଡିଟ କାର୍ଡର ରୂପାନ୍ତରଣ ହାର ଯଥାକ୍ରମେ ଆକ୍ସିସ୍ ବ୍ୟାଙ୍କ କ୍ରେଡିଟ କାର୍ଡ ଟାଇପ୍ ମଧ୍ୟରୁ ବରଗଣ୍ଡି ପ୍ରାଇଭେଟ୍ ଓ ମ୍ୟାଗ୍‌ନସ୍ ଫର୍ ବରଗଣ୍ଡି କ୍ରେଡିଟ କାର୍ଡର ଏଜଡ୍ ରିୱାର୍ଡ ପଏଣ୍ଟରୁ ଫ୍ଲାଇଂ ରିଟର୍ନ ପଏଣ୍ଟ ରୂପାନ୍ତରଣ ହାର ୫ ଅନୁପାତ ୪ ରହିଛି। ସେହିପରି ମ୍ୟାଗ୍‌ନସ୍ ଓ ରିଜର୍ଭ କ୍ରେଡିଟ କାର୍ଡର ରୂପାନ୍ତରଣ ହାର ୫ ଅନୁପାତ ୨ ରହିଛି, ଆଟଲାସ କ୍ରେଡିଟ କାର୍ଡର ରୂପାନ୍ତରଣ ହାର ୧ ଅନୁପାତ ୨ ଏବଂ ସିଲେକ୍ଟ,ପ୍ରିଭିଲେଜ ଏଣ୍ଡ ରିୱାର୍ଡସ୍ କ୍ରେଡିଟ କାର୍ଡର ରୂପାନ୍ତରଣ ହାର ୧୦ଅନୁପାତ ୧ ରହିଥିବାବେଳେ ଅନ୍ୟ ସ୍ୱୀକୃତିପ୍ରାପ୍ତ କାର୍ଡସ୍ ଗୁଡ଼ିକର ରୂପାନ୍ତରଣ ହାର ୨୦ ଅନୁପାତ ୧ ରହିଛି।

# ସୋନି ଇଣ୍ଡିଆର ନୂତନ ଉତ୍ପାଦ ଉନ୍ମୋଚିତ

**ଭୁବନେଶ୍ୱର,୨୯।୧୧**

ସୋନି ଇଣ୍ଡିଆର ନୂତନ ଉତ୍ପାଦ 'ଇନ୍‌ଜୋନ୍ ଏଚ୍୫ ୱାୟାରଲେସ୍ ହେଡ୍‌ସେଟ୍'କୁ ନିକଟରେ ସର୍ବଭାରତୀୟସ୍ତରରେ ଉନ୍ମୋଚନ କରାଯାଇଛି। ବିଶେଷ କରି ଉକ୍ତ ହେଡ୍‌ସେଟ୍ ନିରବଚ୍ଛିନ୍ନ ଭାବେ ୨୮ ଘଣ୍ଟା ଗେମ୍ ଖେଳିବାର ସୁବିଧା ପ୍ରଦାନ କରିବା ସହ ପିସିରେ ମଧ୍ୟ ବହୁ ସମୟ ଗେମ୍ ଖେଳିବା ବେଳେ ଆରାମକୁ ସୁନିଶ୍ଚିତ କରିବ। ଏପରିକି ଇସ୍ପୋର୍ଟସ୍ ଟିମ୍ ଫନାଟିକ୍ ସହଯୋଗିତାରେ ପ୍ରସ୍ତୁତ ଇନ୍‌ଜୋନ୍ ଏଚ୍୫କୁ ଗେମ୍‌ରେ ଆଗ ରହିବା ଲାଗି ପ୍ରସ୍ତୁତ କରାଯାଇଛି। ସେହିଭଳି ୩୬୦ସ୍ପାଟିଆଲ୍ ସାଉଣ୍ଡ ଯାହା ୩ଡି ସାଉଣ୍ଡ ସ୍ପଷ୍ଟ ଓ ତୀକ୍ଷ୍ଣ ସାଉଣ୍ଡର ଅନୁଭୂତି ପ୍ରଦାନ କରିବ। ଏହାର ଓଜନ ୨୬୦ଗ୍ରାମ ରହିଛି। ଏଥିରେ ଥିବା କୋମଳ ଇୟର ପ୍ୟାଡ୍ ଏବଂ ଲୋ ପ୍ରେସର ଡିଜାଇନ୍ ବହୁ ସମୟ ଗେମ୍ ଖେଳିବା ବେଳେ ଆରାମକୁ ସୁନିଶ୍ଚିତ କରିବ ଏବଂ ହାଲୁକା ଗଠନ, ଆରାମ ଓ ଦୀର୍ଘସ୍ଥାୟିତ୍ୱର ଏହା ଏକ ଚମତ୍କାର ସମ୍ମିଶ୍ରଣ ହୋଇଥିବାରୁ ଏହାକୁ ପିସିରେ ଲମ୍ବା ସମୟ ପର୍ଯ୍ୟନ୍ତ ଗେମ୍ ଖେଳିବା ଲାଗି ବ୍ୟବହାର କରାଯାଇପାରିବ। ସେହିପରି ଏଆଇଭିତ୍ତିକ କୋଳାହଳ ହ୍ରାସ କରୁଥିବା ସୁବିଧା ଏବଂ ବାଇ-ଡିରେକ୍ସନାଲ୍ ମାଇକ୍ରୋଫୋନ୍‌ରେ ଅତି ସ୍ପଷ୍ଟ ସ୍ୱରକୁ ଅନୁଭବ କରନ୍ତୁ। ଆପଣଙ୍କ କଥା ସେଭଳି ଭଲ ଭାବେ ଶୁଭିବ ତାହାକୁ ଏହା ଅଗ୍ରାଧିକାର ଦେବ, ଫଳରେ ଗେମ୍ ରଣନୀତିକୁ ଆପଣ ଉପଯୁକ୍ତ ଢଙ୍ଗରେ କାର୍ଯ୍ୟକାରୀ କରିପାରିବେ।



ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ନୂତନ ଉତ୍ପାଦ (ନ୍ୟୁ ପ୍ଲାନ୍) 'ଏଲ୍‌ଆଇସି ଜୀବନ ଉତ୍ସବ (ପ୍ଲାନ୍ ନଂ.୮୭୧)'କୁ ବୁଧବାର ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଏଲ୍‌ଆଇସିର ଚେୟାରମ୍ୟାନ (ଚେୟାରପର୍ସନ) ସିଦ୍ଧାର୍ଥ ମହାନ୍ତିଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନ ଉପସ୍ଥିତ ଅଛନ୍ତି।

# ବଜାରରେ ସ୍କୋଡା କୁଶାକର ଏଲିଗାନ୍ସ ଏଡିଶନ




**ଭୁବନେଶ୍ୱର,୨୯।୧୧ (ଅଭୟ ଦାଶ)**

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ସ୍କୋଡା ଅଟୋ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ସ୍କୋଡା କୁଶାକର ଏଲିଗାନ୍ସ ଏଡିଶନ'କୁ ନିକଟରେ ସର୍ବଭାରତୀୟସ୍ତରରେ ଉନ୍ମୋଚନ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି କମ୍ପାନୀର ଅଗ୍ରଣୀ ମଡେଲ କୁଶାକ ଓ ସ୍ଲାଭିଆର ସଫଳତା ପରେ ବ୍ରାଣ୍ଡ୍ ନୂତନ ଏଡିଶନକୁ ଉନ୍ମୋଚନ କରିଛି। ଏପରିକି ସ୍କୋଡା କୁଶାକର ଏଲିଗାନ୍ସ ଏଡିଶନକୁ ସୀମିତ ପରିମାଣରେ ଉତ୍ପାଦନ କରାଯିବ ଏବଂ ବିଶେଷ ଭାବେ ୧.୫ ଟିଏସ୍‌ଆଇ ଇଞ୍ଜିନ ସହିତ ଉପଲବ୍ଧ ହେବ।

ଏ ସମ୍ପର୍କରେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ୍ ନିର୍ଦ୍ଦେଶକ ପିଟର ସୋଲ୍‌କ କହିଥିଲେ, କୁଶାକ ଓ ସ୍ଲାଭିଆର ନୂତନ ସଂସ୍କରଣକୁ ଏକ ସୀମିତ ଉତ୍ପାଦ ମଧ୍ୟରେ ବଜାର ପ୍ରବେଶ କରାଯିବ। ବିଶେଷକରି କୁଶାକ ଓ ସ୍ଲାଭିଆକୁ ଆକର୍ଷଣୀୟ କ୍ଲାସିକ କଳା ରଙ୍ଗରେ ଉପଲବ୍ଧ କରାଇବା ସହିତ ଆଧୁନିକ ବୈଶିଷ୍ଟ୍ୟ ଓ ସୁବିଧା ଗ୍ରାହକଙ୍କୁ ପ୍ରଦାନ କରାଯିବ। ସେହିଭଳି ଏକ ବିକଶିତ ଗ୍ରାହକ ଧାରା, ଆମର ଗ୍ରାହକ-କୈନ୍ଦ୍ରିକ ଆଭିମୁଖ୍ୟ ଅନୁରୂପ ଆମର ସମସ୍ତ ଉତ୍ପାଦ କାର୍ଯ୍ୟାନୁଷ୍ଠାନ ଆଧାରିତ ହୋଇଥାଏ।

# ଶେୟାର ବଜାର କାରବାରରେ ଉତ୍ସାହ

**ଭୁବନେଶ୍ୱର,୨୯।୧୧**

କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷ କରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୭୨୮ (୭୨୭.୭୧) ପଏଣ୍ଟ ବଢ଼ି ୬୬,୯୦୨ (୬୬,୯୦୧.୯୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୨୦୭ (୨୦୬.୯୦) ପଏଣ୍ଟ ବୃଦ୍ଧି ଘଟି ୨୦,୦୯୭ (୨୦,୦୯୬.୬୦) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲ୍‌କ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲ୍ କ୍ୟାପ୍ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।


## ୧୧ତମ ଜନ୍ମଦିନର ଶୁଭେଚ୍ଛା



**ଆରିୟନ୍ ପ୍ରିୟଦର୍ଶନ ପଟ୍ଟନାୟକ (ଢୁଗ୍ଗୁ)**

ବାଙ୍କୁଆଳ, ଭୁବନେଶ୍ୱର

ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଜୀବନ ସୁଖମୟ ହେଉ।

ଶୁଭେଚ୍ଛା ସହ: ଜେଜେମା, ଅଜା, ଆଈ, ବାବା, ମାମା, ଦାଦା, ମିନିଅପା, ଅଜୁ ପିଇସା, ମାମିଅପା, ଟୁଟୁ ପିଇସା, ମାନୁଅପା, ନବ ପିଇସା, ରାନୁଅପା, ଟିଲୁ ପିଇସା, ଲିପୁଭାଇ, ନବ୍ୟା, ଋତ୍ୱିଭି, ଲିନା, ବନ୍ଧୁ ଓ ପରିବାରବର୍ଗ।

ଧ-୧୯୦୮

## ସୁନୀଲଙ୍କୁ ଜନ୍ମଦିନର ଶୁଭେଚ୍ଛା



ସନ୍ତାନ ଜଳନ୍ତ ପ୍ରଦୀପର ପ୍ରତୀକ। ଏହାର ଜୀବନରକ୍ଷାକାରୀ ଗୁଣ ବ୍ୟକ୍ତିର ଜୀବନଚର୍ଯ୍ୟାରେ ରୂପାନ୍ତରିତ ହୁଏ କର୍ମନିଷ୍ଠା, ଶ୍ରଦ୍ଧା, ସହଯୋଗ, ସୁଚିନ୍ତା, ପରୋପକାର ଓ ଉତ୍ତମ ଅଭ୍ୟାସ ରୂପରେ। ତୁମ ବ୍ୟକ୍ତିତ୍ୱରେ ଏସବୁ ଗୁଣ ସଂଚଳିତ ରହିଛି। ତୁମକୁ ଦୀର୍ଘାୟୁକରି ଗୁଣଗୁଡ଼ିକୁ ଚିରନ୍ତନ କରିବାକୁ ବାପା, ବୋଉ ଓ ପରିବାରବର୍ଗ ପରମେଶ୍ୱରଙ୍କୁ ପ୍ରାର୍ଥନା କରୁଛୁ।

ଧ-୧୯୦୬

# Classified Everyday
0674-2580101, 2549949




## SALE

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.-300/-, ଛତାବର-500/-, ନଖରା SC/Gen plot- 300/-. 7978663279. D-75268

ଭୁବନେଶ୍ୱର ଏୟାରପୋର୍ଟରୁ ୧୪କିମି, ଜଟଣୀ-ପିପିଲି ମେନ୍‌ରୋଡ଼ ପାଖରେ ୩୦ ଫୁଟ ରୋଡଥାଇ ଘରବାଡି ପ୍ଲଟ୍ ବର୍ଗଫୁଟକୁ- 850/-,1100/- କିଣି ଘର କରନ୍ତୁ। 9853150290. D-75274

2634sqft. stitibangharabadi plot W/ Boundary, front road for sale at Senapati Bagicha, Puri @ 75 Lakhs: negotiable. Contact No- 9437281290, 8895729136. D-1835

**Commercial plot: 3 sides road, facing to NH Nakhara to Niali road. Frontage 60 foot facing to South 10000 Sft. 8 Km. from Nakhara, 13 Km. from BBSR. 8249851363, 7809525452.** D-75067




2BHK for rent, at prime location, Cuttack Road 450 sqft. Contract: 9937672073, 8984621729. D-75309




**Relax, Refresh your body, Mind at Saikrupa Spa with best therapies. 8984068077.** D-1873

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75066

## AFFIDAVIT

I, Navneet Kaur Arora, W/o- Jaspal Singh Arora, resident of Plot No.24, Forest Park, Bhubaneswar-751009 (ODISHA), declare by this affidavit No.2023 dt.23.11.2023 that now onwards I shall be known as NAVNEET ARORA for all future purposes. D-1904

I, Sujata Mahapatra, W/o Arun Kumar Mahapatra, resident of Jaunliapati, Choudhury Bazar, P.O.- Telenga Bazar, Dist.- Cuttack, Odisha declare by this affidavit No. 11543 Dt.24.11.2023 before the Executive Magistrate, Sadar Cuttack that now onwards I shall be known as Sujata Mohapatra for all future purposes. D-1910

**ପାଠକଙ୍କ ପାଇଁ ସୂଚନା–** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଇଂରାଜୀରେ ଡକ୍ଟରେଟ୍



ଗବେଷକ **ମନବୋଧ ଲୁହୁରା** ମେଟ୍ସ ବିଶ୍ୱବିଦ୍ୟାଳୟ, ରାୟପୁରରୁ ଇଂରାଜୀରେ ପିଏଚ୍.ଡି. ଉପାଧି ପାଇବା ନିମିତ୍ତ ବିବେଚିତ ହୋଇଛନ୍ତି। ତାଙ୍କର ଗବେଷଣାତ୍ମକ ନିବନ୍ଧର ବିଷୟବସ୍ତୁ ଥିଲା "Evaluating the Religious and Mythological Elements in Jayanta Mahapatra's Poetry Collection 'A Rain of Rites' ". ଡକ୍ଟର ମନବୋଧ ମେଟ୍ସ (MATS) ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗର ପ୍ରଫେସର ରଂଜନା ଦାସ ସରଖେଲଙ୍କର ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କର ସନ୍ଦର୍ଭଟି ସୋନପୁର ମହାବିଦ୍ୟାଳୟର ଅଧ୍ୟାପକ ଡ. ରାଜେନ୍ଦ୍ର ରଣା ଏବଂ ଛତିଶଗଡ଼ ସ୍ୱାମୀ ବିବେକାନନ୍ଦ ଟେକ୍ନିକାଲ ବିଶ୍ୱବିଦ୍ୟାଳୟ, ଭିଲାଇର ପ୍ରଫେସର ଚନ୍ଦ୍ରଶେଖର ଶର୍ମାଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଅଛି। ଡ. ମନବୋଧ ଟୁଙ୍ଗିବନ୍ଧଲୀ ଗ୍ରାମର ଶ୍ରୀ ସୁରେନ୍ଦ୍ର ଲୁହୁରା ଏବଂ ଶ୍ରୀମତୀ ଟେଭାବତୀ ଲୁହୁରାଙ୍କ ତୃତୀୟ ପୁତ୍ର ଅଟନ୍ତି। ଏହି ସଫଳତା ପାଇଁ ସେ ତାଙ୍କ ସ୍ତ୍ରୀ ତଥା ପରିବାରର ସମସ୍ତ ସଦସ୍ୟ, ବନ୍ଧୁବାନ୍ଧବ, ଶୁଭେଚ୍ଛୁମାନଙ୍କୁ ଓ ସର୍ବୋପରି ପରମପିତା ପରମାତ୍ମାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

ଧ-୧୯୦୯

## ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ**



**✓ ପଣ୍ଡିତ ଧ୍ରୁବ ଚରଣ ମିଶ୍ର**

ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ
ଜନ୍ମସ୍ଥାନ- ଗଡାନଇ, ନଳଦିଆ ଶାସନ, କେନ୍ଦ୍ରାପଡ଼ା,
ବାସସ୍ଥାନ- ପୂର୍ଣ୍ଣେଶ୍ୱରୀସାହି, ନିମାପଡ଼ା, ପୁରୀ
ଆବିର୍ଭାବ- ୧୯୩୮ ମସିହା କାର୍ତ୍ତିକ ଶୁକ୍ଳ ଏକବାର
ତିରୋଧାନ- କାର୍ତ୍ତିକ ଅଁଳାନବମୀ ୨୧।୧୧।୨୦୨୩

ଜୀବନ ମିଛ, ମୃତ୍ୟୁ ଧ୍ରୁବସତ୍ୟ। ସତ୍ୟପଥରେ ଚାଲିଗଲ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ତୁମର ଆତ୍ମା ତାଙ୍କ ପାଦପଦ୍ମରେ ଲୀନ ହୋଇଯାଉ।

ଶୋକସନ୍ତପ୍ତ: ପତ୍ନୀ ସରୋଜିନୀ, ପୁତ୍ର- ନାରାୟଣ, ନୃସିଂହ, ପୁତ୍ରବଧୂ- ସସ୍ମିତା, ଶୁଭଶ୍ରୀ, କନ୍ୟା- ଛବି, କବି, ରୁବି, ଜାମାତା- ଜୀବନ, ସୁଧାଂଶୁ, ମନୋରଞ୍ଜନ, ନାତି ଓ ନାତୁଣୀ- ରାଜା, ସୁମା, ମାମା, ସେସୁ, ପିଙ୍କୁ, ପରିବାର ତଥା ଆତ୍ମୀୟସ୍ୱଜନ।

ଧ-୧୯୦୫


# ବିଏଏଫ୍‌ର ଶୁଭାରମ୍ଭ

**ଭୁବନେଶ୍ୱର, ୨୯।୧୧**

ବଜାଜ୍ ଫିନ୍‌ସର୍ଭ ଆସେଟ ମ୍ୟାନେଜମେଣ୍ଟର ନୂତନ ଉତ୍ପାଦ 'ବାଲାନ୍ସଡ ଆଡଭାଣ୍ଟେଜ ଫଣ୍ଡ ବା ବିଏଏଫ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଡେରିଭେଟିଭ ଏବଂ ଫିକ୍ସଡ୍ ଇନ୍‌କମ୍ ଇନ୍‌ଷ୍ଟ୍ରୁମେଣ୍ଟ ସମେତ ଇକ୍ୱିଟି ଓ ଇକ୍ୱିଟି ସମ୍ପର୍କିତ ନିବେଶ କରିବାକୁ ଇଚ୍ଛା କରୁଥିବା ନିବେଶକଙ୍କ ନିମନ୍ତେ ଉପଯୋଗୀ ଏକ ଓପନ-ଏଣ୍ଡେ ଡାଇନାମିକ ଆସେଟ ଆଲୋକେସନ ଫଣ୍ଡ ଭାବେ ପରିଗଣିତ ହେବ। ସେହିଭଳି ବଜାଜ ଫିନ୍‌ସର୍ଭ ବିଏଏଫ୍ ଏକ ଅନନ୍ୟ ନିବେଶ ମଡେଲକୁ ଉପଯୋଗ କରୁଛି,ଯେଉଁଥିରେ ବିହେଭିୟରାଲ ସାଇନ୍ସ ଏବଂ ଫାଇନାନ୍ସିଲ ଇନ୍‌ସାଇଟ୍ସର ସମ୍ମିଶ୍ରଣ ରହିଛି। ଏ ସମ୍ପର୍କରେ ବଜାଜ ଫିନ୍‌ସର୍ଭ ଆସେଟ ମ୍ୟାନେଜମେଣ୍ଟର ସିଇଓ ଗଣେଶ ମୋହନ କହିଥିଲେ, ଆମେ ଏକ ନୂତନ ପ୍ରବେଶକାରୀ ହୋଇଥିବା ଦୃଷ୍ଟିରୁ ସବୁକିଛିକୁ ତାଜା ଭାବେ ଦେଖିବା ସୁଯୋଗ ଆମ ପାଇଁ ରହିଛି। ଆମର ବିଏଏଫ୍ ସେହି ଆଭିମୁଖ୍ୟରେ ଆଉ ଏକ ଉଦାହରଣ ହୋଇଛି। ଏ କ୍ଷେତ୍ରରେ ଉଭୟ ବିହେଭିୟରାଲ ସାଇନ୍ସ ଏବଂ ଫାଇନାନ୍ସିଆଲ ଇନ୍‌ସାଇଟ (ଆର୍ଥିକ ଅନ୍ତର୍ଦୃଷ୍ଟି) ସମତୁଲ (ବାଲାନ୍ସଡ୍) ହୋଇ ରହିଛି, ଯାହା ଆମର ନିବେଶ ନିଷ୍ପତ୍ତିଗୁଡ଼ିକ ନେବାରେ ଆମକୁ ସହାୟକ ହେବ। ଆମର ଅନନ୍ୟ ନିବେଶ ଚିନ୍ତାଧାରା ସୂଚନାତ୍ମକ, ପରିମାଣାତ୍ମକ ଏବଂ ଆଚରଣଗତ ଦିଗକୁ ସମ୍ମିଶ୍ରିତ କରି ଆଲ୍‌ଫା ସୃଷ୍ଟି କରିବାକୁ ଚାହୁଁଛି।

# ନିରବଚ୍ଛିନ୍ନ ବିଜୁଳି ଯୋଗାଣକୁ ଗୁରୁତ୍ୱ

**ଭୁବନେଶ୍ୱର, ୨୯।୧୧**

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍)ପକ୍ଷରୁ କଟକର ବହୁ ପ୍ରତୀକ୍ଷିତ ବାଲିଯାତ୍ରା-୨୦୨୩କୁ ନିରବଚ୍ଛିନ୍ନ ଓ ନିରାପଦ ବିଜୁଳି ଯୋଗାଣକୁ ଗୁରୁତ୍ୱ ପ୍ରଦାନ କରିଛି। ଏପରିକି ନିରାପତ୍ତା ବ୍ୟବସ୍ଥାରେ ଉଲ୍ଲେଖନୀୟ ଉନ୍ନତି ସ୍ୱରୂପ ୧୧ କେଭି ଅଣ୍ଡରଗ୍ରାଉଣ୍ଡ୍ ତାର ବିଛାଇବା, ୧୧କେଭି ଓଭରହେଡ୍ ନେଟ୍‌ୱର୍କକୁ ସୁରକ୍ଷିତ କରିବା, ସମଗ୍ର ଏଲ୍‌ଟି ନେଟ୍‌ୱର୍କ ପାଇଁ ଇନ୍‌ସୁଲେଟେଡ୍ କେବୁଲ ବ୍ୟବହାର କରିବା, ସବ୍‌ଷ୍ଟେଶନଗୁଡ଼ିକୁ ଆବଦ୍ଧ କରିବା ଏବଂ ଦକ୍ଷ ମାନବ ସମ୍ବଳ ସହ ଉପଯୁକ୍ତ ମିଟର ମାଧ୍ୟମରେ ଗ୍ରାହକ ସଂଯୋଗ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। କଟକ ବାଲିଯାତ୍ରା ସମୟରେ ବିଦ୍ୟୁତ୍ ଯୋଗାଣର ସ୍ଥାୟିତ୍ୱରେ ଉନ୍ନତି ଆଣିବା ଲାଗି ତିନିଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଭ୍ରାମ୍ୟମାଣ ଟ୍ରାନ୍ସଫର୍ମର ମୁତୟନ କରାଯାଇଛି। ନିର୍ଭରଯୋଗ୍ୟ ବିଜୁଳି ଯୋଗାଣ ସୁନିଶ୍ଚିତ କରି ଟିପିସିଓଡିଏଲ୍ ପକ୍ଷରୁ ଗ୍ରାହକଙ୍କୁ ବିଦ୍ୟୁତ୍ ସଂଯୋଗ ପ୍ରଦାନ କରିବା ଲାଗି ୧୬୦୦ରୁ ଅଧିକ ମାନବ ଦିବସ ଉତ୍ସର୍ଗ କରାଯାଇଛି। ୨୦୨୩ ନଭେମ୍ବର ୧୩ ପରଠାରୁ କମ୍ପାନୀ ପକ୍ଷରୁ ୧୦ଟି ଫ୍ୟୁଜ୍ କଲ୍ ସେଣ୍ଟର (ଏଫ୍‌ସିସି) ଏବଂ ଗ୍ରାହକ ଶିବିର ପ୍ରତିଷ୍ଠା କରାଯାଇଛି, ଯେଉଁଥିରେ ନୂତନ ସଂଯୋଗ ବିଷୟରେ ପଚରାଉଚରା ଏବଂ ଅନ୍ୟାନ୍ୟ ପ୍ରଶ୍ନର ସମାଧାନ କରାଯାଇଛି। ଯେକୌଣସି ବିଜୁଳି ସମ୍ବନ୍ଧୀୟ ଅଭିଯୋଗ ପାଇଁ ଗ୍ରାହକମାନେ ୦୬୭୧-୨୯୯୦୨୨୭/୧୨୭ କିମ୍ବା ୧୯୧୨/୧୮୦୦-୩୪୫-୭୧୨୨ ନମ୍ବରରେ ଯୋଗାଯୋଗ କରିପାରିବେ। ସେମାନେ କୌଣସି ପ୍ରଶ୍ନ କିମ୍ବା ଅଭିଯୋଗ କରିବା ସମୟରେ କାଉଣ୍ଟର ନମ୍ବର, ଧାଡ଼ି ନମ୍ବର ଏବଂ କ୍ଷେତ୍ର ବିଷୟରେ ସୂଚନା ଦେଇପାରିବେ। ଟିପିସିଓଡିଏଲ୍ ଏହାର ଷ୍ଟଲରେ ବିଭିନ୍ନ ଅଫର ଏବଂ ସମାଧାନ,ଯେପରିକି ବିଭିନ୍ନ ଡିଜିଟାଲ ପେମେଣ୍ଟ ମାଧ୍ୟମ, ନୂତନ ସଂଯୋଗ ଅଫର ଏବଂ ନିରାପତ୍ତା ମାର୍ଗଦର୍ଶିକା ମଧ୍ୟ ପ୍ରଦର୍ଶିତ କରିବ। ଓଡ଼ିଶାର ସାଂସ୍କୃତିକ ଐତିହ୍ୟରେ ଗଭୀର ଭାବେ ଜଡ଼ିତ ବାଲିଯାତ୍ରା ବିଭିନ୍ନ ଖାଦ୍ୟପେୟ ଓ ବାଣିଜ୍ୟ ମେଳାଠାରୁ ଆରମ୍ଭ କରି ଇତିହାସ ଓ ହସ୍ତତନ୍ତ ଉପରେ ଆକର୍ଷଣୀୟ ପ୍ରଦର୍ଶନୀ ସହ ପାରମ୍ପରିକ ରୀତିନୀତି ସହ ବିଭିନ୍ନ ବୟସର ଲକ୍ଷ ଲକ୍ଷ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ।

ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ କହିଛନ୍ତି, ସୁରକ୍ଷା ପ୍ରତି ଆମର ଦୃଢ଼ ପ୍ରତିବଦ୍ଧତା ଏହି ବାଲିଯାତ୍ରାକୁ ସମସ୍ତଙ୍କ ପାଇଁ ଆନନ୍ଦଦାୟକ ଓ ଅତ୍ୟନ୍ତ ସୁରକ୍ଷିତ ରଖିବା ସୁନିଶ୍ଚିତ କରିବ। ଅଧିକୃତ ବିଦ୍ୟୁତ୍ ସଂଯୋଗ ହାସଲ କରିବା ଏବଂ ସୁରକ୍ଷା ନିୟମକୁ ନିଷ୍ଠାର ସହ ପାଳନ କରିବାକୁ ଆମେ ଜନସାଧାରଣଙ୍କୁ ଉତ୍ସାହିତ କରୁଛୁ। ଜରୁରିକାଳୀନ ପରିସ୍ଥିତିରେ ଦୟାକରି ବିନା ଦ୍ୱିଧାରେ ଆମର ଦେୟମୁକ୍ତ ହେଲପ୍‌ଲାଇନ ନମ୍ବରରେ ଯୋଗାଯୋଗ କରନ୍ତୁ।

ଅପରପକ୍ଷରେ ବାଲିଯାତ୍ରା ଚାଲିଥିବା ବେଳେ ଏହି ଉତ୍ସବକୁ ସମସ୍ତଙ୍କ ପାଇଁ ଏକ ସୁରକ୍ଷିତ ଓ ଆନନ୍ଦଦାୟକ ଅନୁଭୂତିରେ ପରିଣତ କରିବା ପାଇଁ ଟିପିସିଓଡିଏଲ୍ ସମର୍ପିତ ରହିଛି।

# ଏଆଇବିଇଏର ତ୍ରୈବାର୍ଷିକ ସମ୍ମିଳନୀ

**ଭୁବନେଶ୍ୱର,୨୯।୧୧(ଅନୁରାଧା ମହାରଣା)**




ବ୍ୟାଙ୍କ ଶିଳ୍ପରେ ୩ ଲକ୍ଷରୁ ଉର୍ଦ୍ଧ୍ୱ ପଦବୀ ପୂରଣ ପାଇଁ ଦାବି କରାଯିବା ସହ ଠିକା ବା ଆଉଟସୋର୍ସିଂରେ ନିଯୁକ୍ତି ପ୍ରଦାନକୁ ନିଖିଳ ଓଡ଼ିଶା ବ୍ୟାଙ୍କ ଅଫ୍ ବରୋଦା ସଂଘ ପକ୍ଷରୁ ବିରୋଧ କରାଯାଇଛି। ସଂଘ ପକ୍ଷରୁ ସ୍ଥାନୀୟ ରୋଟାରି ଆୟୋଜିତ ଦ୍ୱିତୀୟ ତ୍ରୈବାର୍ଷିକ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଏଆଇବିଇଏର ସଭାପତି ରାଜନ ନାଗର କହିଛନ୍ତି। ବ୍ୟାଙ୍କ କର୍ତ୍ତୃପକ୍ଷ ଏବଂ ସରକାର ବ୍ୟାଙ୍କର ଶ୍ରମଶକ୍ତି ଆକଳନ କରି ନିଯୁକ୍ତି ଦେବେ ଓ ଆଉଟସୋର୍ସିଂ ସମ୍ପର୍କରେ ଆଲୋଚନା କରିବେ ବୋଲି କେନ୍ଦ୍ରୀୟ ଶ୍ରମ କମିଶନରଙ୍କ ଉପସ୍ଥିତିରେ ରାଜି ହୋଇଥିବାରୁ ବ୍ୟାଙ୍କ ଧର୍ମଘଟ ଓ ଆନ୍ଦୋଳନ ଏବେ ସ୍ଥଗିତ ରହିଛି। ତେବେ ଜାନୁୟାରୀ ୧୮ ଓ ୧୯ରେ ଧର୍ମଘଟ ଡାକରା ଦିଆଯାଇଛି। ଆୟୋଜିତ ସମ୍ମିଳନୀରେ ରାଜନ କହିଛନ୍ତି, ବ୍ୟାଙ୍କଗୁଡ଼ିକ ପ୍ରଚୁର ଲାଭ କରିଥିଲେ ମଧ୍ୟ ବିପୁଳ ପରିମାଣର କର୍ପୋରେଟ ଅନାଦେୟ ଋଣ ପ୍ରତିବର୍ଷ ଛାଡ କରାଯାଉଥିବାରୁ ବ୍ୟାଙ୍କଗୁଡ଼ିକରେ ଲାଭ ପରିମାଣ ହ୍ରାସ ପାଉଛି। ଗତ ୧୦ ବର୍ଷରେ ଏହି ଋଣ ଛାଡର ପରିମାଣ ୨୧ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ଏହି ଋଣ ଅସାଧୁ ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷ ଓ ଲୋଭୀ କର୍ପୋରେଟ ତଥା ସରକାରୀ କଳର ଅସାଧୁ ମେଣ୍ଟ ଦ୍ୱାରା ପ୍ରଦାନ କରାଯାଇ ପରେ ଛାଡ଼ କରାଯାଉଛି। ଏହା ବିରୋଧରେ ଏଆଇବିଇଏ ଲଗାତର ଆନ୍ଦୋଳନ ଚଳାଇଛି । ଏହି ଆନ୍ଦୋଳନକୁ ଜନ ଆନ୍ଦୋଳନରେ ପରିଣତ କରିବାକୁ ଆହ୍ୱାନ ଦିଆଯାଇଛି। କଟକର ଆଞ୍ଚଳିକ ପ୍ରବନ୍ଧକ ରଣଜିତ କୁମାର ଉଦ୍‌ବୋଧନ ଦେଇଥିଲେ। ବ୍ୟାଙ୍କ ଅଫ୍ ବରୋଦା ସର୍ବଭାରତୀୟ କର୍ମଚାରୀ ସମିତିର ଅଧ୍ୟକ୍ଷ ସମ୍ମିଳନୀର ଉଦ୍‌ଘାଟନ କରିଥିବାବେଳେ ସମ୍ମିଳନୀର ଅଭ୍ୟର୍ଥନା ସମିତିର ଚେୟାରମ୍ୟାନ ସ୍ୱାଗତ ଭାଷଣ ଦେଇଥିଲେ। ଶଶୀକାନ୍ତ ପଣ୍ଡା ଅଧ୍ୟକ୍ଷତା କରିଥିବାବେଳେ ବିଜୟ କୁମାର ନାୟକ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଆଇଟିୟୁସିର ରାଜ୍ୟ ସମ୍ପାଦକ କିଶୋର ଜେନା, ଏଓବିଇଏର ସଭାପତି ସଞ୍ଜୀବ ପତି, ଅଖିଳ ଭାରତ ବ୍ୟାଙ୍କ ଅଫ୍ ବରୋଦା କର୍ମଚାରୀ ସମନ୍ୱୟ ସମିତିର ସମ୍ପାଦକ ଜି.ଏନ୍. ଲାଲ ଓ ବିପିବିଇଏର ଉପସଭାପତି ସଲିଳ ଭଟ୍ଟାଚାର୍ଯ୍ୟ, ବ୍ୟାଙ୍କ ଅଫ୍ ବରୋଦାର ଆଞ୍ଚଳିକ ପ୍ରବନ୍ଧକ ରଣଜିତ କ୍ରିଷ୍ଣା, ମନୋଜ କୁମାର ସାହୁ, ସୂର୍ଯ୍ୟକାନ୍ତ ଦାସ, ପ୍ରବୀର କୁମାର ନାୟକ, ପ୍ରତିମା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଦ୍ରାବିଡଙ୍କ ଚୁକ୍ତି ମିଆଦ ବୃଦ୍ଧି

**ନୂଆଦିଲ୍ଲୀ, ୨୯।୧୧ (ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡଙ୍କ ଚୁକ୍ତି ମିଆଦ ବୃଦ୍ଧି କରିଛି। ଦ୍ରାବିଡଙ୍କ କାର୍ଯ୍ୟକାଳ ନେଇ ସ୍ପଷ୍ଟ ସୂଚନା ରହି ନ ଥିବା ବେଳେ ତାଙ୍କ ସହିତ ଅନ୍ୟାନ୍ୟ ସପୋର୍ଟ ଷ୍ଟାଫ୍‌ଙ୍କ କାର୍ଯ୍ୟକାଳ ମଧ୍ୟ ବୃଦ୍ଧି କରାଯାଇଛି। ବିସିସିଆଇ ପକ୍ଷରୁ ଜାରି କରାଯାଇଥିବା ବିବୃତି ଅନୁସାରେ ଦ୍ରାବିଡ ଓ ଅନ୍ୟ ସମସ୍ତ ସପୋର୍ଟ ଷ୍ଟାଫ୍‌ଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଛି। ତେବେ କେତେଦିନ ଯାଏ ଏହି କାର୍ଯ୍ୟକାଳର ଅବଧି ରହିବ ତାହା ଘୋଷଣା କରାଯାଇନାହିଁ। ଦ୍ରାବିଡଙ୍କ ଚୁକ୍ତିନାମା ବିଶ୍ୱକପ ଯାଏ ରହିଥିଲା। ତେବେ ବିଶ୍ୱକପରେ ଭାରତ ଚମତ୍କାର ପ୍ରଦର୍ଶନ କରିଥିଲା। କ୍ରମାଗତ ୧୦ ବିଜୟ ସହିତ ଦଳ ଫାଇନାଲରେ ପ୍ରବେଶ କରିଥିଲେ ହେଁ ପରାଜିତ ହୋଇଥିଲା। ଏହା ପରେ ଅଷ୍ଟ୍ରେଲିଆ ସିରିଜ ପାଇଁ ଭାରତୀୟ ଦଳର କୋଚ୍ ଦାୟିତ୍ୱ ନିର୍ବାହ କରିଥିଲେ ଏନ୍‌ସିଏ ମୁଖ୍ୟ ଭିଭିଏସ୍ ଲକ୍ଷ୍ମଣ। ତେବେ ବିଶ୍ୱକପରେ ଚମତ୍କାର ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଦ୍ରାବିଡଙ୍କ ସହିତ ଚୁକ୍ତି ନବୀକରଣ କରାଯାଇଛି। ବୋର୍ଡ ଓ ଦ୍ରାବିଡଙ୍କ ମଧ୍ୟରେ ଆଲୋଚନା ହେବା ପରେ ଏହି ନିଷ୍ପତ୍ତି ନିଆଯାଇଥିଲା। ଦ୍ରାବିଡଙ୍କ କାର୍ଯ୍ୟକାଳରେ ଭାରତ କୌଣସି ଆଇସିସି ଟୁର୍ନାମେଣ୍ଟ ଜିତିବାରେ ସକ୍ଷମ ହୋଇ ନାହିଁ। ତେବେ ବିସିସିଆଇର ପୂର୍ଣ୍ଣ ସମର୍ଥନ ଦ୍ରାବିଡଙ୍କ ପ୍ରତି ରହିଛି ବୋଲି କହିଛନ୍ତି ବିସିସିଆଇ ସମ୍ପାଦକ ଜୟ ଶାହା। ବିଶ୍ୱକପରେ କ୍ରମାଗତ ୧୦ ମ୍ୟାଚ୍ ବିଜୟୀ ହେବା ଏକ ଅସାଧାରଣ ଘଟଣା। ଏଥିପାଇଁ ଦ୍ରାବିଡ ସମ୍ମାନର ପାତ୍ର ଓ ସମଗ୍ର ବୋର୍ଡର ସମର୍ଥନ ତାଙ୍କ ପ୍ରତି ରହିଛି ବୋଲି ଶାହା କହିଛନ୍ତି। ବିଗତ ୨ ବର୍ଷ ଧରି ଟିମ୍ ଇଣ୍ଡିଆ ଦ୍ରାବିଡଙ୍କ ଅଧୀନରେ ଚମତ୍କାର ପ୍ରଦର୍ଶନ ଦେବାରେ ସଫଳ ହୋଇଛି। ୨୦୨୧ ଟି୨୦ ବିଶ୍ୱକପ ପରେ ରବି ଶାସ୍ତ୍ରୀଙ୍କ ସ୍ଥାନରେ ଦ୍ରାବିଡ୍ ଟିମ୍ ଇଣ୍ଡିଆର ମଙ୍ଗ ଧରିଥିଲେ। ବିଗତ ଦୁଇ ବର୍ଷ ମଧ୍ୟରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲରେ ଭାରତ ରନର ଅପ୍ ହୋଇଥିବା ବେଳେ ଟି୨୦ ବିଶ୍ୱକପ ସେମି ଫାଇନାଲରେ ପ୍ରବେଶ କରିଥିଲା। ଏହାବ୍ୟତୀତ ଚଳିତ ଦିନିକିଆ ବିଶ୍ୱକପ ଫାଇନାଲ ପ୍ରବେଶରେ ଭାରତ ସଫଳ ହୋଇଥିଲା। ଦ୍ରାବିଡଙ୍କ ବ୍ୟତୀତ ବ୍ୟାଟିଂ କୋଚ୍ ବିକ୍ରମ ରାଠୋଡ, ବୋଲିଂ କୋଚ୍ ପାରସ ମାହମ୍ବ୍ରେ ଓ ଫିଲ୍ଡିଂ କୋଚ୍ ଟି. ଦିଲୀପ ନିଜ ଦାୟିତ୍ୱ ବଜାୟ ରଖିଛନ୍ତି। ଏହା ସହିତ ଏନ୍‌ସିଏ ମୁଖ୍ୟ ଓ କାମଚଳା ମୁଖ୍ୟକୋଚ୍ ଭାବରେ ଲକ୍ଷ୍ମଣ ନିଜ ଦାୟିତ୍ୱ ବଜାୟ ରଖିବେ। ବିସିସିଆଇ ସଭାପତି ରୋଜର ବିନ୍ନି ଉଭୟ ଖେଳାଳିଙ୍କ ପୁନଃନିଯୁକ୍ତିକୁ ସ୍ୱାଗତ କରିଛନ୍ତି।

ଭାରତୀୟ ଦଳର ମୁଖ୍ୟ କୋଚ୍ ଦାୟିତ୍ୱ ଗ୍ରହଣ କରିବା ଅତ୍ୟନ୍ତ ଚାପର ବିଷୟ। ଅଧିକ ସମୟ ପରିବାରଠାରୁ ଦୂରରେ ବିତାଇବାକୁ ପଡିଥାଏ। ତେବେ ଏହି ଚ୍ୟାଲେଞ୍ଜ ପାଇଁ ମୁଁ ପ୍ରସ୍ତୁତ ବୋଲି ଦ୍ରାବିଡ କହିଛନ୍ତି। ବିଶ୍ୱକପ୍ ପରବର୍ତ୍ତୀ ଚ୍ୟାଲେଞ୍ଜ ପାଇଁ ଆମେ ପ୍ରସ୍ତୁତ ବୋଲି ମଧ୍ୟ ସେ କହିଛନ୍ତି।


ରାହୁଲ ଦ୍ରାବିଡ୍

**ବିଜୟ ହଜାରେ ଟ୍ରଫି**

## ସୌରାଷ୍ଟ୍ରଠାରୁ ହାରିଲା ଓଡ଼ିଶା

**ଭୁବନେଶ୍ୱର, ୨୯।୧୧ (ତପନ ସ୍ୱାଇଁ):** ବ୍ୟାଟିଂ ବିଫଳତା କାରଣରୁ ଚଳିତ ବିଜୟ ହଜାରେ ଟ୍ରଫି ଘରୋଇ ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ବୁଧବାର ସୌରାଷ୍ଟ୍ରଠାରୁ ୪ ଉଇକେଟରେ ହାରିଯାଇଛି। ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଓଡ଼ିଶା ୨୯.୧ ଓଭରରେ ମାତ୍ର ୯୯ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ସନ୍ଦୀପ ପଟ୍ଟନାୟକ(୪୨) ଓ ଶୁଭ୍ରାଂଶୁ ସେନାପତି(୨୧)ଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ବିଦର୍ଭ ପକ୍ଷରୁ ଧର୍ମେନ୍ଦ୍ରସିନ୍ ଜାଡେଜା ୫.୧ ଓଭରରେ ମାତ୍ର ୧୬ ରନ ଦେଇ ୫ ଉଇକେଟ ସଫଳତା ପାଇଥିଲେ। ପ୍ରେରକ ମଙ୍କଡ଼ ଓ ଅଙ୍କୁର ପନୱାର ୨ଟି ଲେଖାଏ ଏବଂ ଜୟଦେବ ଉନାଡକଟ୍ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ସୌରାଷ୍ଟ୍ର ୨୪.୪ ଓଭରରେ ୬ ଉଇକେଟ ହରାଇ ୧୦୨ ରନ ସଂଗ୍ରହ କରି ନେଇଥିଲା। ଓଡ଼ିଶା ବୋଲରମାନେ ଭଲ ବୋଲିଂ କରି ୭୪ ରନ ମଧ୍ୟରେ ବିଦର୍ଭର ୬ ଉଇକେଟ ପକାଇ ଦେଇଥିଲେ। ମାତ୍ର ଅର୍ପିତ ବାସବଦା ଦଳ ପକ୍ଷରୁ ସର୍ବାଧିକ ୨୦ ଓ ଚିରାଗ ଜାନି ୧୬ ରନରେ ଅପରାଜିତ ରହି ଦଳକୁ ବିଜୟୀ କରିଥିଲେ। ଓଡ଼ିଶା ପକ୍ଷରୁ ରାଜେଶ ମହାନ୍ତି ଓ ଦେବବ୍ରତ ପ୍ରଧାନ ୩ଟି ଲେଖାଏ ଉଇକେଟ ନେଇଥିଲେ। ଚଳିତ ଟୁର୍ନାମେଣ୍ଟରେ କ୍ରମାଗତ ତୃତୀୟ ମ୍ୟାଚ ହାରି ପରାଜୟରେ ହ୍ୟାଟ୍ରିକ କରିଛି ଓଡ଼ିଶା। ତ୍ରିପୁରା ବିପକ୍ଷରେ ବିଜୟ ସହ ଅଭିଯାନ ଆରମ୍ଭ କରିଥିଲା ଓଡ଼ିଶା।

# ୱିଲିୟମସନଙ୍କ ଶତକ

**ସିଲହଟ୍, ୨୯।୧୧ (ପି.ଟି.)**

କେନ୍ ୱିଲିୟମସନଙ୍କ ୨୯ ତମ ଶତକ ଓ ବାମହାତୀ ସ୍ପିନର ତାଇଜୁଲ୍ ଇସଲାମଙ୍କ ୪ ଉଇକେଟ ସଫଳତାରେ ପ୍ରଥମ ଟେଷ୍ଟରେ ବାଂଲାଦେଶ ଦୃଢ ସ୍ଥିତିରେ ରହିଛି। ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ନ୍ୟୁଜିଲାଣ୍ଡ ୮ ଉଇକେଟ ହରାଇ ୨୬୬ ରନ୍ କରିଥିବା ବେଳେ ଦଳ ୪୪ ରନ୍ ପଛରେ ରହିଛି। ବାଂଲାଦେଶ ପ୍ରଥମ ଇନିଂସ ୩୧୦ ରନ୍‌ରେ ସୀମିତ ରହିଥିଲା।

ପ୍ରଥମ ଦିନର ଅସମାପ୍ତ ସ୍କୋର ୩୧୦/୯ରୁ ଖେଳ ଆରମ୍ଭ କରି ବାଂଲାଦେଶ ଆଉ କୌଣସି ସ୍କୋର ଯୋଡିବା ଆଗରୁ ଅଲଆଉଟ ହୋଇଥିଲା। ନ୍ୟୁଜିଲାଣ୍ଡ ଖେଳ ଆରମ୍ଭ କରିବା ସହିତ ଟମ୍ ଲାଥାମ୍(୨୧) ଓ ଡେଭନ୍ କନ୍‌ୱେ(୧୨) ପ୍ରଥମ ଉଇକେଟରେ ୩୬ ରନ୍ ଯୋଡିଥିଲେ। ପିଚ୍‌ରେ ସ୍ପିନରଙ୍କୁ ସହାୟତା ମିଳୁଥିବା ବେଳେ ନ୍ୟୁଜିଲାଣ୍ଡ ବ୍ୟାଟରଙ୍କ ପାଇଁ ସ୍କୋର କରିବା ସହଜ ନ ଥିଲା। ତେବେ କେନ୍ ୱିଲିୟମସନ୍ ଚମତ୍କାର ବ୍ୟାଟିଂ କରି ଗୋଟିଏ ପାଖରୁ ବ୍ୟାଟିଂ ଭାର ସମ୍ଭାଳିଥିଲେ। ୧୮୯ ବଲରୁ ଟେଷ୍ଟ କ୍ୟାରିୟରର ୨୯ ତମ ଶତକ ହାସଲ କରିଥିଲେ ୱିଲିୟମସନ୍। ୨୦୫ ବଲ୍ ଖେଳି ୧୧ ଚୌକା ମାରିଥିବା ବେଳେ ୧୦୪ ରନ୍ କରି ସପ୍ତମ ବ୍ୟାଟର ଭାବେ ପ୍ୟାଭିଲିୟନ ଫେରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାରିଲ୍ ମିଚେଲ୍ ୪୧ ଓ ଗ୍ଲେନ୍ ଫିଲିପ୍ସ ୪୨ ରନ୍ ସ୍କୋର କରିଥିଲେ। ବାଂଲାଦେଶ ପକ୍ଷରୁ ତାଇଜୁଲ ଇସଲାମ ୪ ଉଇକେଟ ନେଇଥିବା ବେଳେ ଶୋରିଫୁଲ ଇସଲାମ, ମେହିଦୀ ହସନ ମିରାଜ, ନଇମ୍ ହସନ ଓ ମୋମିନୁଲ ହକ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ଶତକ ହାସଲ ପରେ କେନ୍ ୱିଲିୟମ୍‌ସନ୍।

# ଭାରତୀୟ ଦଳରେ ଓଡ଼ିଶାର ୫ କରାଟେକା

**ଭୁବନେଶ୍ୱର, ୨୯।୧୧**
**(ତପନ ସ୍ୱାଇଁ)**

**ଦକ୍ଷିଣ ଏସୀୟ କରାଟେ**

ନେପାଳରେ ଦକ୍ଷିଣ ଏସୀୟ କରାଟେ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏହା ଡିସେମ୍ବର ୩ ପର୍ଯ୍ୟନ୍ତ ଚାଲିବ। ଏଥିରେ ଭାଗ ନେଇଥିବା ଭାରତୀୟ ଦଳରେ ଓଡ଼ିଶାର ୫ କରାଟେକା ସ୍ଥାନ ପାଇଛନ୍ତି। ଗତ ଜାତୀୟ ପ୍ରତିଯୋଗିତାରୁ ପ୍ରଦର୍ଶନ ମନୋନୀତ ହୋଇଥିବା ଏହି ୫ କରାଟେକା ହେଲେ ଭାଲେନା ଭାଲେଣ୍ଟିନା, ସୁରମିତା ସିହ୍ନା, ଶୁଭକାନ୍ତ ବିଶ୍ୱାଳ, ଲୋମା ସ୍ୱାଇଁ ଓ ସୁମନ ଶେଖର ଦାସ। ସୁରମିତା ଓ ଭାଲେନା ଟିମ୍ କାଟା ଓ ବ୍ୟକ୍ତିଗତ କାଟାରେ ଭାଗନେବେ। ସେହିପରି ଶୁଭକାନ୍ତ, ସୁମନ ଓ ଲୋମା ସ୍ୱାଇଁ ବ୍ୟକ୍ତିଗତ ଫାଇଟିଂରେ ଅଂଶଗ୍ରହଣ କରିବେ। ନେପାଳ ଯାତ୍ରା ପୂର୍ବରୁ ଓଡ଼ିଶାର ଏହି କରାଟେକା ମାନଙ୍କୁ ଓଡ଼ିଶା ରାଜ୍ୟ କରାଟେ ସଂଘ ପକ୍ଷରୁ ଏକ ସ୍ୱତନ୍ତ୍ର ଉତ୍ସବରେ ବିଦାୟୀ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଂଘ ସଭାପତି ହରିପ୍ରସାଦ ପଟ୍ଟନାୟକ, ସମ୍ପାଦକ ଗୌରୀ ମହାନ୍ତି, କୋଷାଧ୍ୟକ୍ଷ ଖାରବେଳ ମଲିକ, ସଞ୍ଜୟ ଦାସ, କାଳିପ୍ରସାଦ ନନ୍ଦ, ସନତ ନାୟକ, ଅନୁପମା ସ୍ୱାଇଁ, କ୍ରିଷ୍ଣା ଶିକାରୀ, ଯୋଗେଶ ବରିହା, ସୁସ୍ମିନି ପାଲଟାସିଂ, ନ୍ୟାନା ସୁମାରୀ, ରଜନୀ ବିଶି ଓ ସଞ୍ଜୀବ ପୁଟେଲ ପ୍ରମୁଖ ଉପସ୍ଥିତ ଥିଲେ।



ଭାରତୀୟ ଦଳରେ ସ୍ଥାନ ପାଇଥିବା କରାଟେକାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।

# ଓଡ଼ିଶା ଏଚ୍‌ପିସି-ସେଲ୍ ଫାଇନାଲ

**ଭୁବନେଶ୍ୱର, ୨୯।୧୧**
**(ତପନ ସ୍ୱାଇଁ)**

ତାମିଲନାଡୁର କୋଭିଲପଟ୍ଟିଠାରେ ଚାଲିଥିବା ସର୍ବପ୍ରଥମ ହକି ଇଣ୍ଡିଆ ଏକାଡେମୀ ଚାମ୍ପିୟନଶିପ୍ (ଜୋନ-ବି)ର ଜୁନିୟର ବର୍ଗରେ ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫର୍ମାନ୍ସ ସେଣ୍ଟର (ଓଡ଼ିଶା ଏଚ୍‌ପିସି) ଓ ସେଲ୍ ହକି ଏକାଡେମୀ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ବୁଧବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଓଡ଼ିଶା ଏଚ୍‌ପିସି ୧୨-୦ ଗୋଲରେ ବିଦର୍ଭର ବେରାର ହକି ଏକାଡେମୀକୁ ପରାସ୍ତ କରିଛି। ଦ୍ୱିତୀୟ ସେମିଫାଇନାଲରେ ସେଲ୍ ହକି ଏକାଡେମୀ ୧୦-୧ରେ ହୁବଳି ହକି ଏକାଡେମୀକୁ ହରାଇ ଦେଇଛି। ସେଲ୍ ପକ୍ଷରୁ ଅମିତ ଟପ୍ପୋ ୨, ୧୩ ଓ ୫୭ ଏବଂ ମୋହନ କ୍ରିଷ୍ଣା ୧୮, ୩୮ ଓ ୪୬ତମ ମିନିଟରେ ୩ଟି ଲେଖାଏ ଗୋଲ ଦେଇଥିଲେ। ହୁବଳି ପକ୍ଷରୁ ରାଜୁ ମନୋଜ ଗାଏକ୍ୱାଡ୍ ୩୯ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ।

# ଓଡ଼ିଶାରୁ ଭାଗନେବେ ୧୨ ଖେଳାଳି

**ଭୁବନେଶ୍ୱର, ୨୯।୧୧**
**(ସରୋଜ ଜେନା)**

**ଆମ୍ବେଦକର ନ୍ୟାଶନାଲ ଗେମ୍ସ**

ନୂଆଦିଲ୍ଲୀରେ ହେବାକୁ ଥିବା ଆମ୍ବେଦକର ନ୍ୟାଶନାଲ ଗେମ୍ସରେ ଓଡ଼ିଶାରୁ ୧୨ ଜଣ ଖେଳାଳି ଅଂଶଗ୍ରହଣ କରିବେ। ଭୁବନେଶ୍ୱରର ପ୍ଲାଜମା କରାଟେ ସ୍କୁଲରୁ ବିଭିନ୍ନ ବୟସ ବର୍ଗରେ ୫ ଜଣ ବାଳିକା ଓ ୭ ଜଣ ବାଳକ ଅଂଶଗ୍ରହଣ କରିବେ। ୭-୯ ବର୍ଷ ବୟସ ବର୍ଗରେ ଦିବ୍ୟାଂଶୀ ବିଶ୍ୱଜିତ ମହାନ୍ତି, ମନଜିତ୍ ସେଠୀ ଓ ରାଜଲକ୍ଷ୍ମୀ ପଟ୍ଟନାୟକ ଅଂଶଗ୍ରହଣ କରିବେ। ୧୦-୧୪ ବର୍ଷ ବୟସ ବର୍ଗରେ ଆଶୀର୍ବାଦ ପଟ୍ଟନାୟକ, ରୁଦ୍ରପ୍ରତାପ ରାଉତ, ଆୟୁଷ୍ମାନ ପରିଡା, ବିଶ୍ୱଜିତ ପାଣି, ପ୍ରତିଜ୍ଞା ବେହେରା, ତପସ୍ୟା ସେଠୀ ଅଂଶଗ୍ରହଣ କରୁଥିବା ବେଳେ ୧୫-୧୮ ବର୍ଷ ବୟସ ବର୍ଗରେ ସୁଜୈନ୍ୟ ଇସଲାମ, ସନ୍ତୋଷ ଦାସ ଓ ଅନୁଶ୍ରୀ ଆଶ୍ରିତା ଭାଗ ନେବେ। ନଭେମ୍ବର ୩୦ରୁ ଡିସେମ୍ବର ୪ ପର୍ଯ୍ୟନ୍ତ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ୧୨ ଜଣିଆ ଦଳ ସୁଧାଂଶୁ ଶେଖର ହରିଚନ୍ଦନ, ସ୍ନିଗ୍ଧାରାଣୀ ରାଉତ ଓ ଉଦୟନାଥ ରାଉତଙ୍କ ତତ୍ତ୍ୱାବଧାନରେ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ।


ଆମ୍ବେଦକର ନ୍ୟାଶନାଲ ଗେମ୍ସ ପାଇଁ ଓଡ଼ିଶା ଦଳ।

## ରାଉଣ୍ଡ ଅଫ୍ ୧୬ରେ ଶ୍ୱେତପର୍ଣ୍ଣା-ରତପର୍ଣ୍ଣା

**ଲକ୍ଷ୍ନୌ, ୨୯।୧୧ (ପି.ଟି.):** ବୁଧବାର ଲକ୍ଷ୍ନୌରେ ଆରମ୍ଭ ହୋଇଥିବା ସୟଦ ମୋଦି ଇଣ୍ଟରନ୍ୟାଶନାଲ ସୁପର ୩୦୦ ସିରିଜ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଛନ୍ତି ଓଡ଼ିଶାର ରତପର୍ଣ୍ଣା ପଣ୍ଡା ଓ ଶ୍ୱେତପର୍ଣ୍ଣା ପଣ୍ଡା। ଭାରତୀୟ ଯୋଡି ସୃଷ୍ଟି ଗୁପ୍ତା ଓ ସୌମ୍ୟା ସିଂଙ୍କୁ ସିଧାସଳଖ ୨୧-୬, ୨୧-୧୩ରେ ପରାସ୍ତ କରିଥିଲେ ଓଡ଼ିଶାର ଏହି ଦୁଇ ଭଉଣୀ। ପରବର୍ତ୍ତୀ ରାଉଣ୍ଡରେ ଅଶ୍ୱିନୀ ପୋନାପ୍ପା ଓ ତନିଷା କ୍ରାଷ୍ଟୋଙ୍କ ଯୋଡିକୁ ଭେଟିବେ ରତପର୍ଣ୍ଣା ପଣ୍ଡା ଓ ଶ୍ୱେତପର୍ଣ୍ଣା ପଣ୍ଡା।

**ରାଜ୍ୟ ସିନିୟର ବ୍ୟାଡମିଣ୍ଟନ**

# ପାରସ, ସ୍ମୃତି ସିଙ୍ଗଲ୍ସ ଚାମ୍ପିୟନ

**ବଲାଙ୍ଗୀର, ୨୯।୧୧**
**(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମରେ ୩ ଦିନିଆ ଓଡ଼ିଶା ରାଜ୍ୟ ସିନିୟର ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ବୁଧବାର ଉଦ୍‌ଯାପିତ ହୋଇଛି। ପୁରୁଷ ସିଙ୍ଗଲ୍ସରେ ଭୁବନେଶ୍ୱରର ପାରସ ମାଥୁର ୧୪-୨୧, ୨୧-୧୪ ଓ ୨୧-୧୪ ସେଟ୍‌ରେ ସମ୍ବଲପୁରର ତହସିବ ଖାନଙ୍କୁ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ମହିଳା ସିଙ୍ଗଲ୍ସରେ କଟକର ସ୍ମୃତି ସ୍ୱାଇଁ ୧୯-୨୧, ୨୧-୧୧ ଓ ୨୧-୧୭ ସେଟରେ ଭୁବନେଶ୍ୱରର ହର୍ଷିତା ରାଉତଙ୍କୁ ହରାଇ ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ପୁରୁଷ ଡବଲ୍ସରେ ଅବିନାଶ ମହାନ୍ତି ଓ ଆୟୁଷ ପଟ୍ଟନାୟକଙ୍କ ଯୋଡ଼ି ୨୧-୧୮, ୨୧-୧୫ ପଏଣ୍ଟରେ ଅମ୍ଳାନ କେଶରୀ ଗଡ଼ନାୟକ ଓ ତନ୍ମୟ କୁମାର ସାହୁଙ୍କୁ ପରାସ୍ତ କରିଥିବା ବେଳେ ମହିଳା ଡବଲ୍ସରେ ବିଶାଖା ଟପ୍ପୋ ଓ ପ୍ରଗତି ପରିଡ଼ାଙ୍କ ଯୋଡ଼ି ୨୨-୨୦ ଓ ୨୧-୧୬ରେ ହର୍ଷିତା ରାଉତ ଓ ସ୍ମୃତି ସ୍ୱାଇଁଙ୍କୁ ହରାଇ ଟାଇଟଲ ହାସଲ କରିଛନ୍ତି। ମିକ୍ସଡ ଡବଲ୍ସ ଫାଇନାଲରେ ଅବିନାଶ ମହାନ୍ତି ଓ ଶ୍ରେୟା ବିଶ୍ୱାଳଙ୍କ ଯୋଡ଼ି ୨୧-୬ ଓ ୨୧-୧୯ରେ ଆୟୁଷ ଦାଶ ଓ ପୂର୍ବା ପ୍ରତ୍ୟାଶା ପଣ୍ଡାଙ୍କୁ ହରାଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି। ଉଦଯାପନୀ ସମାରୋହରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ ସାଙ୍ଗଠନିକ ସମ୍ପାଦକ ସୁରୁଲାଲ ମଟାରୀ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ସାରା ରାଜ୍ୟରୁ ୧୬ ଜଣ ରେଫରୀ ଓ ଟେକ୍ନିକାଲ ଅଫିସିଆଲ ଖେଳ ପରିଚାଳନା ପାଇଁ ଯୋଗ ଦେଇଥିଲେ। ଚିଫ୍ ରେଫରୀ ବିଜୟ କୁମାର ବାଗ ସମସ୍ତ ଖେଳ ପରିଚାଳନା କରିଥିଲେ। ପ୍ରତିଯୋଗିତା ଆୟୋଜନରେ ଜିଲା ବ୍ୟାଡ୍‌ମିଣ୍ଟନ ସଂଘ ସଭାପତି ଗୋପାଳ ଚନ୍ଦ୍ର ପଣ୍ଡା, କାର୍ଯ୍ୟକାରୀ ସଭାପତି ପବିତ୍ର ବେହେରା, ଉପଦେଷ୍ଟା ବୀରେନ୍ଦ୍ର ମିଶ୍ର, ସୁଶାନ୍ତ ଚୋପଦାର, ଘନଶ୍ୟାମ ମିଶ୍ର, ବୁଲୁ ବେହେରା, ସୁଶାନ୍ତ ମହାନ୍ତି, ଅଭିଜିତ ମିଶ୍ର, ସରୋଜ ସୁନା, କାସିମ ଇକବାଲ, ସଞ୍ଜୀବ ସାହାଣୀ, ସୁଧୀର ପଣ୍ଡା, ସଂଯୋଜକ ଶୁଭ୍ରାଂଶୁ ପଣ୍ଡା, ଅନନ୍ତ ବେହେରା, ମାନସ ମହାନ୍ତି, କବିରାଜ ଠାକୁର, କାହ୍ନୁ ଲାଲ, ସୁରେନ୍ଦ୍ର ନେପାଳ, ଚନ୍ଦନ ମିଶ୍ର ସହଯୋଗ କରିଥିଲେ।


ଓଡିଶା ରାଜ୍ୟ ସିନିୟର ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଯାପନୀ ସଭାରେ ଅତିଥିଙ୍କ ସହ ଖେଳାଳି, ଆୟୋଜକ।

# ଜାତୀୟ ମାଷ୍ଟର୍ସ ସନ୍ତରଣରେ ଓଡ଼ିଶାର ସଫଳତା

**ସମ୍ବଲପୁର, ୨୯।୧୧**
**(ପ୍ରମୋଦ ବହିଦାର)**

**ଓଡ଼ିଶା ମାଷ୍ଟର୍ସ ସୁଇମର୍ସ କ୍ଲବ ଦ୍ୱାରା କୃତୀ ପ୍ରତିଯୋଗୀ ସମ୍ବର୍ଦ୍ଧିତ**

କର୍ନାଟକର ମାଙ୍ଗାଲୁରୁଠାରେ ଅନୁଷ୍ଠିତ ୧୯ ତମ ଜାତୀୟ ମାଷ୍ଟର୍ସ ସନ୍ତରଣ ପ୍ରତିଯୋଗିତାରେ ଓଡ଼ିଶା ମାଷ୍ଟର୍ସ ସନ୍ତରଣ ପ୍ରତିଯୋଗୀଙ୍କୁ ମିଳିଛି ବିପୁଳ ସଫଳତା। ବିଭିନ୍ନ ପ୍ରତିଯୋଗିତାରେ ଗୋଟିଏ ସ୍ୱର୍ଣ୍ଣ ସହ ୭ ପଦକ ହାସଲ କରିଛି ଓଡ଼ିଶା ଦଳ। ମାଙ୍ଗାଲୁରୁସ୍ଥିତ ୟେମେକେରା ସନ୍ତରଣାଗାରରେ ଭାରତୀୟ ସନ୍ତରଣ ମହାସଂଘ ଆନୁକୂଲ୍ୟରେ ଗତ ୨୬ ତାରିଖରେ ଅନୁଷ୍ଠିତ ମାଷ୍ଟର୍ସ ସନ୍ତରଣ ପ୍ରତିଯୋଗିତାରେ ସମ୍ବଲପୁରର ଜୟନ୍ତ ପାଣ୍ଡେ ବ୍ୟକ୍ତିଗତ ପାଞ୍ଚଟି ପଦକ ହାସଲ କରିଛନ୍ତି। ସେଥିମଧ୍ୟରେ ୬୫ରୁ ଉର୍ଦ୍ଧ୍ୱ ବର୍ଷ ବୟସ୍କ ବର୍ଗର ୧୦୦ ମିଟର ବ୍ୟାକଷ୍ଟ୍ରୋକରେ ସ୍ୱର୍ଣ୍ଣପଦକ, ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍, ୨ଶହ ମିଟର ଫ୍ରିଷ୍ଟାଇଲ୍‌ରେ ରୌପ୍ୟପଦକ ଓ ୫୦ ମିଟର୍ ବଟରଫ୍ଲାଏରେ ବ୍ରୋଞ୍ଜପଦକ ରହିଛି। ସେହିପରି ସମ୍ବଲପୁରର ସୁରେନ୍ଦ୍ର ନାଏକଙ୍କୁ ୬୫ରୁ ଉର୍ଦ୍ଧ୍ୱ ବର୍ଗର ୫୦ ମିଟର୍ ବଟରଫ୍ଲାଏରେ ବ୍ରୋଞ୍ଜପଦକ, ୪ ଗୁଣା ୫୦ ମିଟର ଫ୍ରିଷ୍ଟାଇଲ୍‌ରେ ସୁରେନ୍ଦ୍ର ନାଏକ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିବା ବେଳେ ଜୟନ୍ତ ପାଣ୍ଡେ, ପରମେଶ୍ୱର ବାଗ ଓ ସୁରଜ ବାଗଙ୍କୁ ନେଇ ଗଠିତ ଓଡ଼ଶାଦଳ ବ୍ରୋଞ୍ଜପଦକ ବିଜେତା ହୋଇଛି। ଏଥିରେ ଓଡ଼ିଶା ଦଳ ଗୋଟିଏ ସ୍ୱର୍ଣ୍ଣପଦକ ସହିତ ଦୁଇଟି ରୌପ୍ୟ ଓ ୪ଟି ବ୍ରୋଞ୍ଜ ପଦକ ସବ ମୋଟ ୭ଟି ପଦକ ହାସଲ କରିଛନ୍ତି। ସମସ୍ତ ପ୍ରତିଯୋଗୀ ଓଡ଼ିଶା ମାଷ୍ଟର୍ସ ସୁଇମର୍ସ କ୍ଲବର ସଦସ୍ୟ ଅଟନ୍ତି। ଏହି ସଫଳତା ପାଇଁ ସମସ୍ତ ପ୍ରତିଯୋଗୀଙ୍କୁ ବୁଧବାର ଓଡ଼ିଶା ମାଷ୍ଟର୍ସ ସୁଇମର୍ସ କ୍ଲବର ସଭାପତି ପ୍ରେମ ରଞ୍ଜନ ପ୍ରଧାନ, ସମ୍ପାଦକ ସୁନ୍ଦରମଣୀ ବାରିକ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି।


ମାଙ୍ଗାଲୁରୁ ଜାତୀୟ ମାଷ୍ଟର୍ସ ସନ୍ତରଣରେ ଓଡ଼ିଶା ଦଳର ସଫଳତା।

# ଅର୍ଥ ବିଭାଗ ବିଜେତା

**ଭୁବନେଶ୍ୱର, ୨୯।୧୧ (ତପନ ସ୍ୱାଇଁ):** ପଞ୍ଚାୟତି ରାଜ ଏବଂ ପାନୀୟ ଜଳ ବିଭାଗ ସାଂସ୍କୃତିକ ପରିଷଦ ଦ୍ୱାରା ଆୟୋଜିତ ପିଆର ଆଣ୍ଡ ଡିଡବ୍ଲ୍ୟୁ କପ୍ ଆନ୍ତର୍ବିଭାଗୀୟ ଫୁଟବଲ ପ୍ରତିଯୋଗିତାରେ ଅର୍ଥ ବିଭାଗ ଚାମ୍ପିୟନ ହୋଇଛି। ଫାଇନାଲରେ ଅର୍ଥ ବିଭାଗ ୩-୧ ଗୋଲରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗକୁ ପରାସ୍ତ କରିଥିଲା। ତୃତୀୟ ସ୍ଥାନ ପାଇଁ ଆୟୋଜିତ ମ୍ୟାଚରେ ସମବାୟ ବିଭାଗ ୨-୧ରେ ଉଚ୍ଚଶିକ୍ଷା ବିଭାଗକୁ ହରାଇ ଦେଇଥିଲା। ଅତିରିକ୍ତ ଶାସନ ସଚିବ ସ୍ୱୟଂପ୍ରଭା ମହାନ୍ତି ଓ ଉମାକାନ୍ତ ତ୍ରିପାଠୀ, ଉପ-ଶାସନ ସଚିବ ଶ୍ରୀକାନ୍ତ ନାୟକ, ଅନୁ-ଶାସନ ସଚିବ ଜଳେନ୍ଦ୍ର ନାଏକ, ଜୟକୃଷ୍ଣ ସେଠ୍ ଓ ଭାସ୍କର ରାଉତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।


ପଞ୍ଚାୟତି ରାଜ ଏବଂ ପାନୀୟ ଜଳ ବିଭାଗ ସାଂସ୍କୃତିକ ପରିଷଦ ଦ୍ୱାରା ଆୟୋଜିତ ପିଆର ଆଣ୍ଡ ଡିଡବ୍ଲ୍ୟୁ କପ୍ ଆନ୍ତର୍ବିଭାଗୀୟ ଫୁଟବଲ ପ୍ରତିଯୋଗିତାରେ ଚାମ୍ପିୟନ ଅର୍ଥ ବିଭାଗ ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।

# କେବିସି ଜୁନିୟର ହଟ୍‌ସିଟ୍‌ରେ ଉମରକୋଟ୍‌ର ଶାଶ୍ୱତ

କୌନ୍ ବନେଗା କରୋଡପତି(କେବିସି) ଜୁନିୟରର ହଟ୍‌ସିଟ୍‌ରେ ବସିବାର ସୁଯୋଗ ପାଇଛନ୍ତି ନବରଙ୍ଗପୁର ଜିଲା ଉମରକୋଟ ପୌରାଞ୍ଚଳର ଶାଶ୍ୱତ ପଟ୍ଟନାୟକ। ସେ ଏହି ଶୋ'ରୁ ୧୩ଲକ୍ଷ ୪୦ ହଜାର ଟଙ୍କା ଜିତିଛନ୍ତି। ସେ ବିନା ଲାଇଫ୍ ଲାଇନରେ ୬ ଲକ୍ଷ ୪୦ ହଜାର ଟଙ୍କା ଜିତିପାରିଥିଲେ, ଯାହାକି ସେଠାରେ ଉପସ୍ଥିତ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା। ୧୨ ଲକ୍ଷ ୫୦ ହଜାର ଟଙ୍କାରେ ସେ ପ୍ରଥମ ଲାଇଫ ଲାଇନ ନେବା ପରେ ପରବର୍ତ୍ତୀ ପ୍ରଶ୍ନର ଉତ୍ତର ନ ଜାଣି ପାରି ଦର୍ଶକଙ୍କ ସାହାଯ୍ୟ ମାଗିଥିଲେ। ଯେହେତୁ ପ୍ରଶ୍ନ ବହୁତ କଠିନ ଥିଲା ଦର୍ଶକଙ୍କ ଉତ୍ତରକୁ ବିଶ୍ୱାସ ନ କରି ଖେଳକୁ ଛାଡି ସର୍ବ ମୋଟ ୧୩ ଲକ୍ଷ ୪୦ ହଜାର ଟଙ୍କା ନେଇ ଶୋ' ଛାଡ଼ିଥିଲେ। ଉମରକୋଟ ସହରକୁ ଜାତୀୟସ୍ତରରେ ପରିଚିତ କରାଇବାରେ ସଫଳ ହୋଇଛି। ଏବେ ପୃଥିବୀର ଜଣେ ଶକ୍ତିଶାଳୀ ବ୍ୟକ୍ତି ହେବା ପାଇଁ ଚାହେଁ ବୋଲି ଶାଶ୍ୱତ ଶୋ'ରେ କହିଥିଲେ, ଯାହାକିକି ସମସ୍ତଙ୍କୁ ପ୍ରଭାବିତ କରିଛି। ଅମିତାଭ ବଚ୍ଚନଙ୍କ କଥା ସମଗ୍ର ଭାରତବର୍ଷ ଶୁଣେ ବୋଲି ଶାଶ୍ୱତ କହିବାରୁ ସେ ଭାବବିହ୍ୱଳ ହୋଇପଡିଥିଲେ। ଶାଶ୍ୱତଙ୍କର ୬ଟି ଭାଷା ଉପରେ ଦକ୍ଷତା ଥିବା ଜାଣି ସୁପରଷ୍ଟାର ଅମିତାଭ ବଚ୍ଚନ ଖୁସି ବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶାଶ୍ୱତ, ତାଙ୍କ ମା, ବାପା ଅମିତାଭ ବଚ୍ଚନଙ୍କୁ ନବରଙ୍ଗପୁର ଜିଲ୍ଲାର ପ୍ରସିଦ୍ଧ ଲାଖ ଓଥାରି ମାଛ ଓ ଧାନରେ ନିର୍ମିତ ଗଣେଶ ମୂର୍ତ୍ତି ଉପହାର ଦେଇଥିଲେ। ପୂର୍ବରୁ ଜିଲ୍ଲାରୁ କେହି କେବିସିରେ ଭାଗ ନେଇନାହାନ୍ତି। ୨୯ ତାରିଖ ଦିନ ଶାଶ୍ୱତ ଅମିତାଭ ବଚ୍ଚନଙ୍କ ଆଗରେ ହଟ୍‌ସିଟ୍‌ରେ ବସି ତାଙ୍କ ପ୍ରଶ୍ନର ଉତ୍ତର ଦେଇ ଟଙ୍କା ଜିତୁଥିବା ଦୃଶ୍ୟ ପ୍ରସାରଣ ହେବା ପରେ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଛନ୍ତି। ଏଥିସହ ତାଙ୍କୁ ସ୍ଥାନୀୟ ଲୋକେ ଶୁଭେଚ୍ଛା ଜଣାଇଛନ୍ତି। ଉମରକୋଟର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ର ଶାଶ୍ୱତ ପଟ୍ଟନାୟକ। ପିଲାବେଳରୁ ଜଣେ ମେଧାବୀ ଛାତ୍ର ଭାବେ ପରିଚିତ। ଶାଶ୍ୱତଙ୍କ ବାପା ନରେଶ ଚନ୍ଦ୍ର ପଟ୍ଟନାୟକ ଓ ମା' ତୁଷାରୀ ପଟ୍ଟନାୟକ ଓରିଗାଁ ମହାବିଦ୍ୟାଳୟର ଅଧ୍ୟାପକ। ଚଳଚ୍ଚିତ୍ର ଜଗତର ମହାନାୟକ ଅମିତାଭ ବଚ୍ଚନଙ୍କୁ ଭେଟି ତାଙ୍କ ସହ ଖେଳିବା ଜୀବନର ଏକ ନିଆରା ଅନୁଭୂତି ବୋଲି ଶାଶ୍ୱତ କହିଛନ୍ତି। ତାଙ୍କର ଏହି ସଫଳତାରେ ବିଭିନ୍ନ ମହଲରୁ ପ୍ରଶଂସା ର ସୁଅ ଛୁଟୁ ଥିବାବେଳେ ଜେଜେବାପା ଭରତରାଜ ପଟ୍ଟନାୟକ, ବଡ଼ବାପା ରମେଶ,ସୁରେଶ ଚନ୍ଦ୍ର, ବଡ଼ମା ମମତା,ସ୍ୱାତି, ଅଜା କୋଟେଶ୍ୱର ପଟ୍ଟନାୟକ , ଆଈ ଗୀତାଙ୍କ ସମେତ ଅଞ୍ଚଳବାସୀ ଶାଶ୍ୱତଙ୍କ ଉନ୍ନତି କାମନା କରିଛନ୍ତି।

ରିପୋର୍ଟ- ସନ୍ତୋଷ ଶତପଥୀ,ଉମରକୋଟ




ଜିତିଲେ ୧୩ଲକ୍ଷ ୪୦ ହଜାର ଟଙ୍କା

'ଧରିତ୍ରୀ'ର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ମା'ଶାରଳାଙ୍କ ପାଖରେ ସମସ୍ତଙ୍କର ଶୁଭକାମନା କରୁଛି।
ଦେବ ପ୍ରସାଦ ନାୟକ
ସମିତି ସଭ୍ୟ, ଗୋବିନ୍ଦପୁର, ତିର୍ତ୍ତୋଲ ବ୍ଲକ୍

'ଧରିତ୍ରୀ'ର ସୁବର୍ଣ୍ଣ ଜୟନ୍ତୀ ଅବସରରେ ତିର୍ତ୍ତୋଲ ଅଞ୍ଚଳର ସମସ୍ତ ଜନସାଧାରଣଙ୍କ ସୁଖ, ସମୃଦ୍ଧି କାମନା କରୁଛି।
ମନୋଜ କୁମାର ବେହେରା
ଅଧ୍ୟକ୍ଷ, ତିର୍ତ୍ତୋଲ ପଞ୍ଚାୟତ ସମିତି

ଧରିତ୍ରୀର ୫୦ ବର୍ଷ ପୂର୍ତ୍ତୀ ଅବସରରେ
ଧରିତ୍ରୀ ପରିବାର ଓ ସମସ୍ତ ପାଠିକା ପାଠକମାନଙ୍କୁ
ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା
ସିପ୍ରା ଦାଶ

ଧରିତ୍ରୀ ଖବର କାଗଜର ୫୦ ବର୍ଷ ପୂର୍ତ୍ତୀ ଅବସରରେ ସମସ୍ତ ପାଠକ ପାଠିକାମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ
ରଞ୍ଜିତା ଭଞ୍ଜ

"ଧରିତ୍ରୀ" ଖବର କାଗଜର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ସାଦର ଶୁଭେଚ୍ଛା
ଶ୍ରୀମତୀ ଅନିମା ପରିଡ଼ା
ଜିଲ୍ଲାପରିଷଦ ସଦସ୍ୟା, ଜୋନ୍ ୨
ଆସିକା ବ୍ଲକ୍ (ଗଞ୍ଜାମ)

"ଧରିତ୍ରୀ" ଖବର କାଗଜର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ସାଦର ଶୁଭେଚ୍ଛା
ଶ୍ରୀ ଅଭିମନ୍ୟୁ ନାହାକ
ଜିଲ୍ଲା ସମ୍ପାଦକ
ବିଜୁ ଜନତା ଦଳ, ଗଞ୍ଜାମ

"ଧରିତ୍ରୀ" ଖବର କାଗଜର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ସାଦର ଶୁଭେଚ୍ଛା
ଶ୍ରୀ ସନ୍ତୋଷ କୁମାର ପୋଲାଇ
ରାଜ୍ୟ ଘରୋଇ ବସ୍ ମାଲିକ ସଂଘ
ଜୋନ୍ - ୪ ସଂପାଦକ
ଆସିକା (ଗଞ୍ଜାମ)

"ଧରିତ୍ରୀ" ଖବର କାଗଜର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ସାଦର ଶୁଭେଚ୍ଛା
ଶ୍ରୀମତୀ ସବିତା ସ୍ୱାଇଁ
ସରପଞ୍ଚ, ମୁନିଗାଡି ଗ୍ରାମ ପଞ୍ଚାୟତ
ଆସିକା ବ୍ଲକ୍ (ଗଞ୍ଜାମ)

"ଧରିତ୍ରୀ" ଖବର କାଗଜର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ସାଦର ଶୁଭେଚ୍ଛା ଜଣାଉଛୁ।
ଆସିକା କେନ୍ଦ୍ର ବହୁମୁଖୀ ସମବାୟ ସମିତି ଲି.
ମୁଖ୍ୟ କାର୍ଯ୍ୟାଳୟ, ଆସିକା, ଗଞ୍ଜାମ, ଓଡ଼ିଶା

"ଧରିତ୍ରୀ" ଖବର କାଗଜର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ସାଦର ଶୁଭେଚ୍ଛା
ଶ୍ରୀ ନାଗାର୍ଜୁନ ବିଷୋୟୀ
ଆସିକା ବ୍ଲକ୍ (ଗଞ୍ଜାମ)

"ଧରିତ୍ରୀ" ଖବର କାଗଜର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ସାଦର ଶୁଭେଚ୍ଛା
ଶ୍ରୀମତୀ ନମିତା ଜେନା
ସରପଞ୍ଚ, ଭେଟନଇ ଗ୍ରାମ ପଞ୍ଚାୟତ
ଆସିକା ବ୍ଲକ୍ (ଗଞ୍ଜାମ)

"ଧରିତ୍ରୀ" ଖବର କାଗଜର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ସାଦର ଶୁଭେଚ୍ଛା
ଶ୍ରୀମତୀ ତନ୍ମୟୀ ନାହାକ
ଜିଲ୍ଲାପରିଷଦ ସଦସ୍ୟା, ଜୋନ୍ ୧
ଆସିକା ବ୍ଲକ୍ (ଗଞ୍ଜାମ)

ଶୁଭେଚ୍ଛା
"ଧରିତ୍ରୀ" ଖବର କାଗଜର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ସାଦର ଶୁଭେଚ୍ଛା
ଶ୍ରୀମତୀ ବିନେତା ସାଇଁ
ଆସିକା (ଗଞ୍ଜାମ)

See Career Appointment on every Wednesday & Saturday

'ଧରିତ୍ରୀ' ଖବର କାଗଜର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଆସିକା ବିଧାନସଭା ନିର୍ବାଚନ ମଣ୍ଡଳିର ଜନସାଧାରଣଙ୍କ ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ ଓ ସାଦର ଶୁଭେଚ୍ଛା ଜଣାଉଛୁ।
ଶ୍ରୀମତୀ ମଞ୍ଜୁଳା ସାଇଁ
ବିଧାୟିକା, ଆସିକା (ଗଞ୍ଜାମ)
ଶ୍ରୀ ନଚିକେତା ସାଇଁ

ଶୁଭେଚ୍ଛା
"ଧରିତ୍ରୀ" ଖବର କାଗଜର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଆସିକା ବିଧାନସଭା ନିର୍ବାଚନ ମଣ୍ଡଳିର ମୋର ପ୍ରିୟ ଗୁରୁଜନ ଓ ଭାଇ ଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।
ବଂଶୀଧର ନାହାକ
ବରିଷ୍ଠ ବିଜେଡି ସଂଗଠକ
ଆସିକା (ଗଞ୍ଜାମ)

ଶୁଭେଚ୍ଛା
"ଧରିତ୍ରୀ" ଖବର କାଗଜର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ସାଦର ଶୁଭେଚ୍ଛା
ଶ୍ରୀମତୀ ତ୍ରିବେଣୀ ନାହାକ
ଅଧ୍ୟକ୍ଷା
ଆସିକା ପଞ୍ଚାୟତ ସମିତି, ଆସିକା (ଗଞ୍ଜାମ)

ପ୍ରଗତି ପଥେ...
ଆସିକା ସମବାୟ ଚିନିଶିଳ୍ପ ଲି., ଆସିକା (ଗଞ୍ଜାମ)

ଦୈନିକ ଖବର କାଗଜ 'ଧରିତ୍ରୀ'ର ୫୦ ବର୍ଷ ପୂର୍ତ୍ତୀ ଅବସରରେ ଧରିତ୍ରୀ ପରିବାର ଓ ସମସ୍ତ ପାଠକ ପାଠିକାମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା
ଶ୍ରୀମାନ୍ ଆଦିତ୍ୟ ପ୍ରତାପ ସାଇଁ
ଯୁବ ଆଇନଜୀବି, ସୁପ୍ରିମ୍ କୋର୍ଟ

ଶୁଭେଚ୍ଛା
"ଧରିତ୍ରୀ" ଖବର କାଗଜର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ସାଦର ଶୁଭେଚ୍ଛା
ଶ୍ରୀ ଭବାନୀ ଶଙ୍କର ମଲ୍ଲିକ (ଟୁଟୁ ଭାଇ)

ଶୁଭେଚ୍ଛା
"ଧରିତ୍ରୀ" ଖବର କାଗଜର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ସାଦର ଶୁଭେଚ୍ଛା
ଶ୍ରୀ ଭଗବାନ ସାହୁ
ବରିଷ୍ଠ ବିଜେଡି ନେତା
ଆସିକା (ଗଞ୍ଜାମ)

ଧରିତ୍ରୀ 50 Years
# ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୩୦/୨୦୨୩ Bhubaneswar, Thursday, November 30/ 2023

# ଜାନୁୟାରୀ ୯ରୁ କଳିଙ୍ଗ ସୁପର କପ୍

ନୂଆଦିଲ୍ଲୀ,୨୯।୧୧(ପି.ଟି.)

ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ୍) ପକ୍ଷରୁ ସୁପର କପ୍‌ର ନାମ ପରିବର୍ତ୍ତନ କରାଯାଇଛି। ଓଡ଼ିଶାର ଦୁଇଟି ଭେନ୍ୟୁରେ ଆସନ୍ତା ଜାନୁୟାରୀ ୯ ତାରିଖରେ ଏହି ଟୁର୍ନାମେଣ୍ଟ ଖେଳାଯିବାକୁ ଥିବା ବେଳେ ଏହାର ନାମ କଳିଙ୍ଗ ସୁପର କପ୍ ରଖାଯାଇଛି। ଉଭୟ ଆଇଏସ୍‌ଏଲ ଓ ଆଇ ଲିଗ୍‌ର ଦଳ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ। ଏହାର ଫାଇନାଲ ଜାନୁୟାରୀ ୨୮ ତାରିଖରେ ଅନୁଷ୍ଠିତ ହେବ। ୪ଟି ଲେଖାଏ ଦଳକୁ ନେଇ ଗ୍ରୁପ ପର୍ଯ୍ୟାୟ ଖେଳାଯିବ। ସେହିପରି ୪ ଗ୍ରୁପ୍‌ର ପ୍ରଥମ ସ୍ଥାନରେ ରହିଥିବା ଦଳ ସେମି ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ। ଆଇଏସଏଲ୍‌ର ଦଳ ଗୁଡିକ ଯୋଗ୍ୟତା ପର୍ଯ୍ୟାୟ ଜରିଆରେ ଏହି ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିବେ। ୪ଟି ଆଇ ଲିଗ୍ ଦଳ ଖେଳିବାକୁ ଯୋଗ୍ୟତା ହାସଲ କରିବେ। ଅନ୍ୟ ପକ୍ଷରେ ପ୍ରତି ଗ୍ରୁପ୍‌ରେ ୩ଟି ଲେଖାଏ ଆଇଏସଏଲ୍ ଦଳ ସ୍ଥାନ ପାଇବେ। ଫାଇନାଲରେ ବିଜେତା ଦଳ ଏଏଫ୍‌ସି କପ୍ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିବ। ଏହା ସହ ଏସିଆନ୍ ଚାମ୍ପିୟନ୍ସ ଲିଗ୍‌ର ଦ୍ୱିତୀୟ ଚରଣରେ ମଧ୍ୟ ଏହି ଦଳ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ହାସଲ କରିବ। ପ୍ରତ୍ୟେକ ବର୍ଷ ଅନୁଷ୍ଠିତ ହେଉଥିବା ସୁପର କପ୍‌କୁ ଚଳିତ ବର୍ଷ କଳିଙ୍ଗ ସୁପର କପ୍ ଭାବରେ ନାମିତ କରିବାକୁ ନିଷ୍ପତ୍ତି ନିଆଯାଇଥିବା ଏଆଇଏଫଏଫ୍ ସଭାପତି କଲ୍ୟାଣ ଚୌବେ କହିଛନ୍ତି। ଏହା ସହିତ ପୂର୍ବାପେକ୍ଷା ଏହି ଟୁର୍ନାମେଣ୍ଟର କାୟାକଳ୍ପକୁ ମଧ୍ୟ ବୃଦ୍ଧି କରାଯିବ ବୋଲି ସେ ସୂଚନା ଦେଇଛନ୍ତି। କଳିଙ୍ଗ ସୁପର୍ କପ୍ ଆଗାମୀ ଦିନରେ ଦର୍ଶକୀୟ ଆଦୃତି ଲାଭ କରିବା ସହ ସଫଳ ହେବ ବୋଲି ସେ କହିଛନ୍ତି।

## ‘କ୍ରିକେଟ ପାଇଁ ହିତକର ନୁହେଁ ଅଲ୍ କ୍ୟାଶ ଟ୍ରାନ୍ସଫର’

**ନୂଆଦିଲ୍ଲୀ,୨୯।୧୧:** ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅଲ କ୍ୟାଶ ଡିଲ୍ ଟ୍ରେଡକୁ ସମାଲୋଚନା କରିଛନ୍ତି କୋଲକାତା ନାଇଟ ରାଇଡର୍ସର ପୂର୍ବତନ ନିର୍ଦ୍ଦେଶକ ଜୟ ଭଟ୍ଟାଚାର୍ଯ୍ୟ। ଏଭଳି ନିଷ୍ପତ୍ତି ଲିଗ୍ ପାଇଁ ଭବିଷ୍ୟତରେ କ୍ଷତି କାରକ ବୋଲି ସେ କହିଛନ୍ତି। ପ୍ରଥମେ ଗୁଜରାଟ ଟାଇଟନ୍ସ ଦ୍ୱାରା ରିଟେନ୍ କରାଯିବା ପରେ ପାଣ୍ଡ୍ୟା ମୁମ୍ବାଇକୁ ଯାଇଥିଲେ। ୨୦୧୦ରେ ରବୀନ୍ଦ୍ର ଜାଡେଜା ସମାନ କାରଣ ପାଇଁ ୧ ବର୍ଷ ବାସନ୍ଦ ହୋଇଥିଲେ। ତେବେ ହାର୍ଦ୍ଦିକଙ୍କ କ୍ଷେତ୍ରରେ ଏଭଳି ନ ହେବା ଆଶ୍ଚର୍ଯ୍ୟଜନକ ବୋଲି ସେ କହିଛନ୍ତି। ଜାଡେଜା ବାସନ୍ଦ ହେବା ସମୟରେ ଜଣେ ଛୋଟ କ୍ରିକେଟର ରହିଥିଲେ। ଅନ୍ୟ ପକ୍ଷରେ ହାର୍ଦ୍ଦିକ ବର୍ତ୍ତମାନ ଭାରତୀୟ କ୍ରିକେଟ ଦଳର ଅଧିନାୟକ ରହିଛନ୍ତି। ତେବେ ଦୁଇ ଭିନ୍ନ ଖେଳାଳିଙ୍କ ପାଇଁ ଅଲଗା ଅଲଗା ମାପଦଣ୍ଡ ରହିବା ଅନୁଚିତ। ତେବେ ଭୁଲ ସର୍ବଦା ଭୁଲ। ଏହାକୁ ଅଣ ଦେଖା କରାଯାଇଥିବା ବେଳେ ଏହା ଭବିଷ୍ୟତରେ ନୂତନ ସମସ୍ୟା ସୃଷ୍ଟି କରିବ।


## ଜନ୍ମଦିନ ବିଶେଷାଙ୍କ
# ଧରିତ୍ରୀ 50

ଧରିତ୍ରୀର ୫୦ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ। ଏଥିରେ ଧରିତ୍ରୀର ୫୦ ବର୍ଷର ଯାତ୍ରାପଥରେ ବିଭିନ୍ନ ଉଲ୍ଲେଖନୀୟ ଘଟଣାର ଫଟୋଚିତ୍ର ସମେତ ଦାରୁଦିଅଁଙ୍କ ୫୦ ନୀତି, ୫୦ ମିଠାପିଠା, ଅନୁସରଣୀୟ ୫୦ ବ୍ୟକ୍ତିତ୍ୱ, ଓଡ଼ିଶାର ୫୦ ଜନଜାତି, ପର୍ଯ୍ୟଟନର ୫୦ ଆକର୍ଷଣ, ଓଡ଼ିଆ ସାହିତ୍ୟରେ ଛାପ ଛାଡ଼ିଥିବା ୫୦ ବହି, ୫୦ ଆମ ଖେଳ ଓ ଖେଳାଳି, ୫୦ ଲୋକପ୍ରିୟ ଓଡ଼ିଆ ସିନେମା ଗୀତ ସହ ୧୯୭୪ରୁ ୨୦୨୩ ମସିହା ମଧ୍ୟରେ ଧରିତ୍ରୀର ପୃଷ୍ଠା ମଣ୍ଡନ କରିଥିବା ବହୁ ପ୍ରବୀଣ ଲେଖକଙ୍କ ଗୃହୀତ ଗଳ୍ପ, କବିତା ଓ ପ୍ରବନ୍ଧକୁ ନେଇ ଏହି ସଂଖ୍ୟା ସମୃଦ୍ଧ। ଏଥିସହ ବିଶିଷ୍ଟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ସ୍ୱତନ୍ତ୍ର କଳାକୃତିରେ ପୁଷ୍ଟ ଏହି ବିଶେଷାଙ୍କର ପ୍ରଚ୍ଛଦ।

**ମୂଲ୍ୟ:୧୦୦**

**ଯୋଗାଯୋଗ– ଭୁବନେଶ୍ୱର:** ସମୀର ରଞ୍ଜନ ପରିଡ଼ା- ୯୮୫୩୯୮୯୮୫୬
**(କଟକ ସହର,ଖୋର୍ଦ୍ଧା,ପୁରୀ):**
ଅରବିନ୍ଦ ପାଠୀ –୭୦୦୮୯୫୦୪୨୫
**କଟକ ସଦର:**ପ୍ରମୋଦ ନାୟକ – ୮୨୪୯୨୯୦୩୭୨
**ବାଲେଶ୍ୱର:** ଆଲୋକ କାନୁନ୍‌ଗୋ–୮୨୪୯୫୮୪୦୧୦
**ସମ୍ବଲପୁର:**ନରୋତ୍ତମ ଜେନା– ୯୩୪୮୨୦୯୫୩୪
**ଅନୁଗୋଳ:**ସୌରଭ ତ୍ରିପାଠୀ–୮୮୪୭୮୬୨୦୯୨
**ରାୟଗଡ଼ା:**ବିଶ୍ୱଜିତ୍ ପାଲଟାସିଂ–୭୯୭୮୦୩୮୨୦୩
**ବ୍ରହ୍ମପୁର:**ମଳୟ କୁମାର ସାହୁ–୯୪୩୯୬୮୩୯୯୯




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ।

**ଦୂରଭାଷ: ୦୬୭୪–୨୫୮୦୧୦୧, ୨୫୪୯୩୦୨**


# ଆନ୍ତଃସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଭୁବନେଶ୍ୱର, ୨୯।୧୧ (ତପନ ସ୍ୱାଇଁ)

ଭୁବନେଶ୍ୱର ଭେଟେରାନ ଫୁଟବଲ ପ୍ଲେୟର୍ସ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ–୬ ହାଇସ୍କୁଲ ପଡ଼ିଆରେ ରାଜ୍ୟସ୍ତରୀୟ ଆନ୍ତଃସ୍କୁଲ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ରୂପାଲି ସେନାପତି, କର୍ପୋରେଟର ପୁଷ୍ପା ରାଉତ, ୟୁନିଲାଇଟ୍‌ର ଡେପୁଟି ଜେନେରାଲ ମ୍ୟାନେଜର ଅଂଶୁମାନ ମହାନ୍ତି ଅତିଥିଭାବେ ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚ କଟକର ସୟଦ ସେମିନାରୀ ଓ ଘାଟିକିଆ ହାଇସ୍କୁଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୧–୦ ଗୋଲରେ ବିଜୟୀ ହୋଇ ସେମିନାରୀ ସ୍କୁଲ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ ପୂର୍ବରୁ ମାଷ୍ଟର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ତଥା ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନର ଉପସଭାପତି ସନ୍ତୋଷ କୁମାର ଦାସଙ୍କ ବିୟୋଗରେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରଭାବୀ ପ୍ରଦର୍ଶନ ପାଇଁ ସୟଦ ସେମିନାରୀର ବର୍ଷି ନାୟକ ଓ ଘାଟିକିଆ ହାଇସ୍କୁଲର ସବ୍ୟସାଚୀ ରାଉତ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପୂର୍ବତନ ଖେଳାଳି ତହିଜୁଲ ହୋଦା ପୁରସ୍କାର ପ୍ରଦାନ କରିଥିଲେ। ଆସୋସିଏଶନ ସଭାପତି ନବରଞ୍ଜନ ପଟ୍ଟନାୟକ, ପ୍ରଦୀପ କୁମାର ବଳିୟାରସିଂ, ବିରଞ୍ଚି ମହାନ୍ତି, କାର୍ଯ୍ୟକାରୀ ସମ୍ପାଦକ ଚିନ୍ମୟ ଦାଶ, ମହେଶ୍ୱର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁବାର ୟୁନିଟ–୬ ହାଇସ୍କୁଲ ଓ ବିକାଶ ସ୍କୁଲ ଏବଂ କିସ୍ ଓ ୟୁନିଟ–୧ ହାଇସ୍କୁଲ ମଧ୍ୟରେ ମ୍ୟାଚ ହେବ।












1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ଶତପଥୀ